R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୮୫
ତିଥି : ନବମୀ
୨୯ ଡିସେମ୍ବର ୨୦୨୫, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 85
29 December 2025, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ବୁଡ଼ାଜାହାଜରେ ଯାତ୍ରା କଲେ ରାଷ୍ଟ୍ରପତି

ବେଙ୍ଗାଲୁରୁ,୨୮।୧୨: ଭାରତର ରାଷ୍ଟ୍ରପତି ଏବଂ ସଶସ୍ତ୍ର ବାହିନୀର ସର୍ବୋଚ୍ଚ କମାଣ୍ଡର ଦ୍ରୌପଦୀ ମୁର୍ମୁ ଏବେ କର୍ଣ୍ଣାଟକ ଗସ୍ତରେ ଅଛନ୍ତି । ସେ ଆଜି କରୱାର ନୌସେନା ଘାଟିରୁ ଭାରତୀୟ ନୌସେନାର ସ୍ୱଦେଶୀ ଭାବରେ ବିକଶିତ କଲଭାରୀ-ଶ୍ରେଣୀର ବୁଡ଼ାଜାହାଜ, ଆଇଏନଏସ ଭାଗଶୀରରେ ଯାତ୍ରା କରିଥିଲେ । ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ନୌସେନା ମୁଖ୍ୟ ଆଡମିରାଲ ଦିନେଶ କେ. ତ୍ରିପାଠୀ ରାଷ୍ଟ୍ରପତିଙ୍କ ସହିତ ଥିଲେ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ଅନେକ ଦୃଷ୍ଟିରୁ ଐତିହାସିକ । ସେ କଲଭାରୀ-ଶ୍ରେଣୀ ବୁଡ଼ାଜାହାଜରେ ଯାତ୍ରା କରିଥିବା ପ୍ରଥମ ରାଷ୍ଟ୍ରପତି ହୋଇଛନ୍ତି । ତେବେ ପୂର୍ବତନ ରାଷ୍ଟ୍ରପତି ଡକଟର ଏପିଜେ ଅବଦୁଲ କଲାମ ପୂର୍ବରୁ ଏକ ବୁଡ଼ାଜାହାଜରେ ଯାତ୍ରା କରିଥିଲେ । ଏହା କୌଣସି ରାଷ୍ଟ୍ରପତିଙ୍କ ଦ୍ୱାରା ଦ୍ୱିତୀୟ ବୁଡ଼ାଜାହାଜ ଯାତ୍ରା । ପ୍ରୋଜେକ୍ଟ ୭୫ ଅଧୀନରେ ନିର୍ମିତ କଲଭାରୀ ଶ୍ରେଣୀର ଏକ ଅତ୍ୟାଧୁନିକ, ଡିଜେଲ-ବୈଦ୍ୟୁତିକ ଲଢୁଆ ବୁଡ଼ାଜାହାଜ । ( ୯ ପୃଷ୍ଠାରେ )



## 'ମନ୍ କି ବାତ'ରେ ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ,୨୮।୧୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍ର ୧୨୯ତମ ସଂସ୍କରଣରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଏବଂ ସମାଜସେବାରେ ତାଙ୍କର ଜୀବନବ୍ୟାପୀ ସମର୍ପଣ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏପରି କରି ପ୍ରଧାନମନ୍ତ୍ରୀ ମନ୍ କି ବାତରେ ପୁଣି ଥରେ ଓଡ଼ିଶାକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି । ମନ୍ କି ବାତରେ ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ଆସନ୍ତା ମାସରେ ଏହାର ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବାକୁ ପ୍ରସ୍ତୁତ ହେଉଛି । ଏହି ଦିବସ ସ୍ୱାଧୀନତା ସଂଗ୍ରାମୀ ଏବଂ ସମ୍ବିଧାନର ସ୍ଥପତିଙ୍କ ବଳିଦାନକୁ ମନେ ପକାଇବାର ଏକ ଅବସର । ଦେଶର ପ୍ରତ୍ୟେକ ଅଞ୍ଚଳର ଲୋକମାନେ ସ୍ୱାଧୀନତା ଆନ୍ଦୋଳନରେ ନିଜର ଅବଦାନ ଦେଇଥିଲେ ମଧ୍ୟ ଅନେକ ପରଦା ପଛର ନାୟକଙ୍କୁ ଉପଯୁକ୍ତ ସ୍ୱୀକୃତି ମିଳି ନଥିଲା । ଓଡ଼ିଶାର ପାର୍ବତୀ ଗିରି ଜଣେ ଏପରି ସାହସୀ ନେତା ଥିଲେ ।

ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି, ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ଜାନୁଆରୀ ୨୦୨୬ରେ ପାଳନ କରାଯିବ । ସେ ୧୬ ବର୍ଷ ବୟସରେ ଭାରତ ଛାଡ ଆନ୍ଦୋଳନରେ ( ୯ ପୃଷ୍ଠାରେ)



## ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୧୨,(ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍ କି ବାତରେ ଓଡ଼ିଆ ସ୍ୱାଧୀନତା ସଂଗ୍ରାମୀ ଏବଂ ସାମାଜିକ କର୍ମୀ ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ଏହି କାର୍ଯ୍ୟକୁ ସମଗ୍ର ରାଜ୍ୟ ପାଇଁ ଗର୍ବର ମୁହୂର୍ତ୍ତ ବୋଲି ସେ କହିଛନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଜାନୁଆରୀ ୨୦୨୬ରେ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ପୂର୍ବରୁ ତାଙ୍କୁ ମନେ ପକାଇ ଥିବାରୁ ଧନ୍ୟବାଦ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ପ୍ରାର୍ବତୀ ଗିରିଙ୍କୁ ଓଡ଼ିଶାର ସବୁଠାରୁ ପୂଜ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରୁ ଜଣେ ଭାବରେ ବର୍ଣ୍ଣନା କରିଥିଲେ । ଯିଏ ଗରିବ, ନିଷ୍ପେସିତ ଏବଂ ଆଦିବାସୀ ସମ୍ପ୍ରଦାୟର ସେବା ପାଇଁ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ । ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆରେ କହିଛନ୍ତି, ରବିବାରର ମନ୍ କି ବାତ କାର୍ଯ୍ୟକ୍ରମ ( ୯ ପୃଷ୍ଠାରେ)

### ବାଂଲାଦେଶରେ ହିନ୍ଦୁଙ୍କୁ ହତ୍ୟା

## ଷଡ଼ଯନ୍ତ୍ରର ଖୁଲାସା କଲେ ପ୍ରତ୍ୟକ୍ଷଦର୍ଶୀ

ଢ଼ାକା,୨୮।୧୨: ବାଂଲାଦେଶରେ ଛାତ୍ରନେତା ହତ୍ୟା ଘଟଣାକୁ ବିରୋଧ କରି ଏବେ ଦେଶବ୍ୟାପୀ ହିଂସା ଏବଂ ଉତ୍ତେଜନା ଜାରି ରହିଛି । ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର ବିବାରେ ଲାଗିଛି । ଏପର୍ଯ୍ୟନ୍ତ ୨ ଜଣ ହିନ୍ଦୁ ଦୀପୁଚନ୍ଦ୍ର ଦାସ ଏବଂ ଅମୃତ ମଣ୍ଡଳଙ୍କୁ ପିଟିପିଟି ହତ୍ୟା କରାଯାଇଛି । ଏହି ଘଟଣା ଏବେ ହିନ୍ଦୁମାନଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛିଛ ରଙ୍ଗପୁର, ଚିଟାଗଙ୍ଗ, ଢାକା ଏବଂ ମୟମନସିଂହରେ ରହୁଥିବା ହିନ୍ଦୁମାନେ ଏବେ ଅସହାୟ ହୋଇ ପଡ଼ିଛନ୍ତି । ହିନ୍ଦୁମାନେ ଏବେ ସେମାନଙ୍କୁ ସୁରକ୍ଷା ଦେବାପାଇଁ ଏବଂ ବଞ୍ଚାଇବା ପାଇଁ ସୀମା ଖୋଲିବାକୁ ଅନୁରୋଧ କରିଛନ୍ତି । ଏମଧ୍ୟରେ ଦୀପୁଚନ୍ଦ୍ର ଦାସଙ୍କୁ କେତେ ନିର୍ମମ ଭାବେ ହତ୍ୟା କରାଯାଇଥିଲା ତାହା ଜଣାଇଛନ୍ତି ଜଣେ ପ୍ରତ୍ୟକ୍ଷଦର୍ଶୀ ।

ନିଜ ନାମ ଗୋପନ ରଖି ସେ ଜାତୀୟ ଗଣମାଧ୍ୟମକୁ ସବୁ ଜଣାଇଛନ୍ତି । କିଭଳି ନିଜ ଲୋକ ଦୀପୁଙ୍କ ଶତ୍ରୁ ପାଲଟିଗଲେ ତାହା ସେ ଜଣାଇଛନ୍ତି । ଯେଉଁମାନଙ୍କ ସହ ସେ କାନ୍ଧରେ କାନ୍ଧ ମିଶାଇ କାମ କରୁଥିଲେ, ସେମାନେ କିଭଳି ଷଡ଼ଯନ୍ତ୍ର କରି ତାଙ୍କୁ ଫସାଇ ଦେଲେ ତାହା ସାମ୍ନାକୁ ଆସିଛି । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଦୀପୁ ଚନ୍ଦ୍ର ଦାସ ଜଣେ ପରିଶ୍ରମୀ ଯୁବକ ଥିଲେ । କିନ୍ତୁ ତାଙ୍କର କଠିନ ପରିଶ୍ରମ କିଛି ଲୋକଙ୍କୁ ପସନ୍ଦ ଆସୁନଥିଲା । ଭଲ କାମ କରି ପ୍ରଶଂସା ପାଉଥିବା ଦୀପୁଙ୍କ ଖୁସିକୁ ସହିପାରିନଥିଲେ ତାଙ୍କର କିଛି ସହକର୍ମୀ । ପ୍ରତିଶୋଧ ପରାୟଣ ହୋଇ ସହକର୍ମୀମାନେ ତାଙ୍କ ବିରୋଧରେ ଧାର୍ମିକ ବ୍ୟକ୍ତିଙ୍କୁ ନିନ୍ଦା କରିଥିବା ନେଇ ମିଥ୍ୟା ପ୍ରଚାର କରିଥିଲେ । ଏହି ଗୁଜବ ଜାଣିଶୁଣି ଭିଡ଼କୁ ଉସୁକାଇବା ପାଇଁ ପ୍ରଚାର କରାଯାଇଥିଲା । ଏହି ଅଭିଯୋଗ ପରେ ପ୍ରଥମେ ଦୀପୁ ଦା'ଙ୍କୁ ଏଚ୍ଆର କାର୍ଯ୍ୟାଳୟକୁ ଡକାଯାଇଥିଲା । ସେମାନେ ତାଙ୍କୁ ଇସ୍ତଫା ଦେବାକୁ ବାଧ୍ୟ କରିଥିଲେ । ଏହି ସମୟରେ କାରଖାନା କର୍ମଚାରୀଙ୍କ ସହିତ ବାହାର ଲୋକ ମଧ୍ୟ ଥିଲେ । ଦୀପୁ ଦା' ଇସ୍ତଫା ଦେବା ପରେ ତାଙ୍କୁ ଦଙ୍ଗାକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହା ପରେ ଭିଡ଼ ତାଙ୍କୁ କାରଖାନା ଗେଟ୍ ବାହାରକୁ ନେଇ ପିଟିବା ଆରମ୍ଭ କରିଥିଲାଛ ସେମାନେ ତାଙ୍କ ମୁହଁ ଓ ଛାତିକୁ ମୋଟା ବାଡ଼ିରେ ପିଟିଥିଲେ ଓ ରକ୍ତସ୍ରାବ ହେବାରୁ ତାଙ୍କୁ ପ୍ରାୟ ୧ କିଲୋମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା । ଏତିକିରେ ସେମାନଙ୍କ ( ୯ ପୃଷ୍ଠାରେ )




### ପ୍ରବାସୀ ଶ୍ରମିକ ହତ୍ୟା ଘଟଣା

## ସମ୍ବଲପୁରରେ ପ.ବଙ୍ଗ ପୋଲିସର ତନାଘନା



ସମ୍ବଲପୁର,୨୮ ।୧୨,(ସବ୍ୟୁ) : ପ୍ରବାସୀ ବଙ୍ଗାଳୀ ଶ୍ରମିକକୁ ପିଟିପିଟି ହତ୍ୟା ଘଟଣାକୁ ପଶ୍ଚିମବଙ୍ଗ ସରକାର ସହଜରେ ଗ୍ରହଣ କରିପାରୁନାହାଁ ଏହି ଘଟଣାର ଅଧିକ ତଦନ୍ତ ପାଇଁ ପଶ୍ଚିମବଙ୍ଗ ପୋଲିସ ରବିବାର ସମ୍ବଲପୁରରେ ପହଞ୍ଚିଛି। ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦ ଜାଙ୍ଗିପୁର ଜିଲ୍ଲା ସୁଟି ଥାନାର ୩ଜଣ ଅଧିକାରୀ ହତ୍ୟାକାଣ୍ଡ ପଛର କାରଣ ଜାଣିବାକୁ ଆସିଛନ୍ତି। ସେମାନେ ଜିଲ୍ଲାର ବିଭିନ୍ନ ଉଚ୍ଚପଦସ୍ଥ ପୋଲିସ ଅଧିକାରୀଙ୍କୁ ଭେଟିଥିଲେ। ସନ୍ଧ୍ୟାରେ ଅଇଁଠାପାଲି ଥାନା ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁଙ୍କୁ ସାକ୍ଷାତ କରିଥିଲେ। ହତ୍ୟାକାଣ୍ଡ ସମ୍ପର୍କରେ ଆଲୋଚନା କରିବା ସହ ଘଟଣାସ୍ଥଳ ବୁଲି ଦେଖିବାକୁ କହିଥିଲେ। ତେବେ ସ୍ଥାନୀୟ ପୋଲିସ ସେମାନଙ୍କୁ ସହଯୋଗ କରିନଥିବା କହିଛନ୍ତି। ଏଥିରେ ସୁଟି ଥାନାର ଏସ୍ଆଇ ମହମ୍ମଦ ସାହାଜାହାନ୍, ଏଏସ୍ଆଇ ଗୁଲାମ ଜଫର ( ୯ ପୃଷ୍ଠାରେ)

## ଦିଲ୍ଲୀ ବିସ୍ଫୋରଣ ପଛରେ ପାକିସ୍ତାନ ଲିଙ୍କ୍

ନୂଆଦିଲ୍ଲୀ,୨୮।୧୨: ଦିଲ୍ଲୀ ବିସ୍ଫୋରଣକୁ ନେଇ ବଡ଼ ଖବର । ଦିଲ୍ଲୀ ଆତଙ୍କୀ ଆକ୍ରମଣ ଘଟଣାରେ ନୂଆ ଖୁଲାସା । ମାଷ୍ଟରମାଇଣ୍ଡ ଡାକ୍ତର ମୁଜମ୍ମିଲ୍ ଗିରଫ ହେବା ପରେ ଡାକ୍ତର ଉମର ଓ ବିଲାଲ୍ ଏକ ଟାବଲେଟ୍ ଭାଙ୍ଗି ନଷ୍ଟ କରି ଦେଇଥିଲେ ବୋଲି ଏନଆଇଏ ତଦନ୍ତରୁ ଜଣାପଡ଼ିଛି । ଫରିଦାବାଦର ଆଲ୍-ଫଲାହ୍ ବିଶ୍ୱବିଦ୍ୟାଳୟରେ ଡିସେମ୍ବର ୨୩ ତାରିଖ ସନ୍ଧ୍ୟାରେ ଏନଆଇଏ ତଦନ୍ତ କରି ଡାକ୍ତର ଉମରଙ୍କ ରୁମରୁ ଭଙ୍ଗା ଟାବଲେଟର କିଛି ଯନ୍ତ୍ରାଂଶ ଜବତ କରିଛି । ଏହି ଟାବଲେଟରେ ମୋଡିଫାଇଡ୍ ଡ୍ରୋନ୍, ରକେଟର ସ୍କେଚ୍ ଏବଂ ଆତଙ୍କବାଦୀ ମଡ୍ୟୁଲ୍ ସମ୍ପର୍କୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଥିଲା । ଗିରଫ ଜସିର୍ ବିଲାଲ୍ ୱାନି -ଡାନିଶର ସୂଚନା ପରେ ଏହି ଛାନବିନ୍ ହୋଇଥିଲା । ଦିଲ୍ଲୀ ବିସ୍ଫୋରଣରେ ମୃତ ଡାକ୍ତର ଉମରଙ୍କୁ ଜସିର୍ ଟେକ୍ନିକାଲ୍ ସହାୟତା ଦେଇଥିଲା । ଏହି ବିଶ୍ୱବିଦ୍ୟାଳୟରେ ୨୦୧୯ରୁ ଡାକ୍ତରମାନଙ୍କର ରାଡିକାଲାଇଜେସନ୍ ସୋସିଆଲ୍ ମିଡିଆ ମାଧ୍ୟମରେ ପାକିସ୍ତାନ ଆଧାରିତ ହ୍ୟାଣ୍ଡଲରମାନଙ୍କ ଦ୍ୱାରା ହେଉଥିଲା । ଏହା ଏକ ହ୍ୱାଇଟ୍-କଲର୍ ଆତଙ୍କବାଦୀ ମଡ୍ୟୁଲ୍ । ଘଟଣାର ଏନଆଇଏର ତଦନ୍ତ ଜାରି ରହିଛି ।

ଡାକ୍ତର ମୁଜମ୍ମିଲ୍ ଗିରଫ ପରେ ଉମର ଓ ବିଲାଲ୍ ଟାବଲେଟ୍ ଭାଙ୍ଗିଥିଲେ । ଏନଆଇଏ ଆଲ୍-ଫଲାହ୍ ବିଶ୍ୱବିଦ୍ୟାଳୟରୁ ଭଙ୍ଗା ଟାବଲେଟ୍ ଉଦ୍ଧାର କରିଛି । ଟାବଲେଟରେ ମୋଡିଫାଇଡ୍ ଡ୍ରୋନ୍ ଓ ରକେଟର ସ୍କେଚ୍ ଥିଲା । ଜସିର୍ ବିଲାଲ୍ ୱାନି ଏହା ତିଆରି କରିଥିଲା । ଡାକ୍ତର ଉମରକୁ ଜସିର୍ ଟେକ୍ନିକାଲ୍ ସହାୟତା ଦେଇଥିଲା । ୨୦୧୯ରୁ ସୋସିଆଲ୍ ମିଡିଆ ମାଧ୍ୟମରେ ରାଡିକାଲାଇଜେସନ୍ ଚାଲିଥିଲା । ପାକିସ୍ତାନ ଆଧାରିତ ହ୍ୟାଣ୍ଡଲରମାନଙ୍କ ଯୋଗାଯୋଗ ଥିଲା ।



## ରଘୁରାଜପୁର, ଧଉଳି, ଉଦୟଗିରି, ମୁକ୍ତେଶ୍ୱର ମନ୍ଦିର ପରିଦର୍ଶନ କଲେ ସିଇସି

ଭୁବନେଶ୍ୱର,୨୮।୧୨,(ସବ୍ୟୁ) : ଓଡିଶା ଗସ୍ତରେ ଆସିଥିବା ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ରବିବାର କଳାଗ୍ରାମ ରଘୁରାଜପୁର ପରିଦର୍ଶନ କରି ସେଠାକାର କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ନିଖୁଣ ପଟ୍ଟଚିତ୍ର, ଟସର ଓ କାଠ ଶିଳ୍ପ ଆଦି କଳାକୃତିର ପ୍ରତ୍ୟକ୍ଷ ଅନୁଭୂତି ନେବା ସହିତ କାରିଗରମାନଙ୍କ ସହ ଆଲୋଚନା କରିଥିଲେ । ପରିଦର୍ଶନ ସମୟରେ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା ଶ୍ରୀ ଆର ଆସ ଗୋପାଳନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ରଘୁରାଜପୁରର ଶିଳ୍ପୀମାନେ ଶହଶହ ବର୍ଷର ଭାରତୀୟ ସଂସ୍କୃତି,ପରମ୍ପରା ଓ ଲୋକ କଥାକୁ ପଟ୍ଟଚିତ୍ର ଓ ଅନ୍ୟାନ୍ୟ କଳାକୃତି ମାଧ୍ୟମରେ ଉଜ୍ଜୀବିତ କରି ରଖିଛନ୍ତି ଯାହାର ଯେତେ ପ୍ରଶଂସା କଲେ କମ ହେବ ବୋଲି ନିର୍ବାଚନ କମିଶନର ଶ୍ରୀ କୁମାର ପ୍ରକାଶ କରିଛନ୍ତି । ଭାରତ ନିର୍ବାଚନ ଆୟୋଗ ପକ୍ଷରୁ ଶିଳ୍ପୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ରଘୁରାଜପୁର ( ୯ ପୃଷ୍ଠାରେ)



## ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ଗୁଣର ବିକାଶ ଜରୁରୀ: ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୨୮।୧୨,(ସବ୍ୟୁ): ସମସ୍ତ ପାଖରେ କିଛି ନା କିଛି ଲୁକାୟିତ ଗୁଣ ବା ପ୍ରତିଭା ରହିଛି । ତେଣୁ ପାଠପଢ଼ା ସହିତ ଏହି ଲୁଚି ରହିଥିବା ପ୍ରତିଭାକୁ ଚିହ୍ନି ପାରିଲେ, ଆମେ ଜୀବନରେ ସଫଳ ହୋଇ ପାରିବା ବୋଲି ତେଲକୋଇ ବ୍ଲକର ସିରିଗିଡ଼ାଠାରେ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଭଳି ମତବ୍ୟକ୍ତ କରିଛନ୍ତି ।

ସୁବର୍ଣ୍ଣ ଜୟନ୍ତୀ ସମାରୋହ ମୁଖ୍ୟ ଅତିଥି ଭାବେ ମୁଖ୍ୟ ମନ୍ତ୍ରୀ ଶ୍ରୀ ମାଝୀ ଯୋଗ ଦେଇ କହିଥିଲେ, ଛାତ୍ରଛାତ୍ରୀଙ୍କ ପ୍ରଥମ କାମ ହେଉଛି ମନଦେଇ ପାଠପଢିବା । କେବଳ ପାଠ ପଢିଲେ ହେବ ନାହିଁ। ବର୍ତ୍ତମାନର ଯୁଗ ହେଉଛି ଟେକ୍ନୋଲୋଜିର ଯୁଗ । ଟେକ୍ନୋଲୋଜି ସହ ତାଳ ଦେଇ ଅପଡେଟ୍ ରହିବା କଥା । ପ୍ରତ୍ୟେକଙ୍କ ନିକଟରେ କିଛି ନା କିଛି ଅନ୍ତର୍ନିହିତ ପ୍ରତିଭା ଏବଂ ଦକ୍ଷତା ଲୁଚି ରହିଛି । ସେହି ଅନ୍ତର୍ନିହିତ ପ୍ରତିଭାର ବିକାଶ କଲେ ସଫଳତା ମିଳିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜାତୀୟ ଶିକ୍ଷା ନୀତି ୨୦୨୦ ଆମକୁ ସ୍ପଷ୍ଟ କରିଛି ଯେ, ଶିକ୍ଷାର ଉଦ୍ଦେଶ୍ୟ କେବଳ ଚାକିରି ପାଇବା ନୁହେଁ, ବରଂ ଲାଇଫ୍ ସ୍କିଲ ବା ଜୀବନ କୌଶଳ, ସୃଜନଶୀଳତା ଏବଂ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଗ୍ରହଣ କରିବା । ତେଣୁ ନିଜର ପ୍ରତିଭା ବଳରେ ଆଗକୁ ଯିବା ଉପରେ ଛାତ୍ରଛାତ୍ରୀମାନେ ଗୁରୁତ୍ୱ ଦେବା ଆବଶ୍ୟକ । ସାଧାରଣତଃ ପିଲାମାନେ କୌଣସି ବାହାର ଲୋକଙ୍କ ସହିତ କଥାବାର୍ତ୍ତା କଲାବେଳେ ଅସହଜ ମନେ କରନ୍ତି । ଉପଯୁକ୍ତ କମ୍ୟୁନିକେସନ ସ୍କିଲର ଅଭାବ ଯୋଗୁ ଏହା ହୋଇଥାଏ । ସେହିପରି ତୁରନ୍ତ ନିଷ୍ପତ୍ତି ନେବା ବି ଗୋଟେ ସ୍କିଲ । ବହୁ ପିଲା ନିଷ୍ପତ୍ତି ନେବାରେ ଦୋ ଦୋ ପାଞ୍ଚ ହୁଅନ୍ତି । କିନ୍ତୁ, ଯେଉଁମାନେ ପ୍ରକୃତରେ ସ୍ମାର୍ଟ ପିଲା ସେମାନେ ଶୀଘ୍ର ନିଷ୍ପତ୍ତି ନେଇ କାମ କରିଦିଅନ୍ତି । ଆମର ସବୁ ସମୟରେ ସମସ୍ୟା ସମାଧାନ ବା ପ୍ରୋବ୍ଲେମ୍ ସଲଭିଂ ଆଟିଚ୍ୟୁଡ୍ ରହିବା ଆବଶ୍ୟକ । ସବୁବେଳେ ଅଭିଯୋଗ କରିବା ଭଲ ନୁହେଁ । ଏହିପରି ଅନେକ ଲାଇଫ୍ ସ୍କିଲ ସବୁ ଅଛି । ଯାହା ଛାତ୍ରଛାତ୍ରୀମାନେ ଶିଖିଲେ ବା ଅଭ୍ୟାସ କଲେ, ଆଗାମୀ ଦିନରେ ଏଗୁଡିକ ଖୁବ୍ ସହାୟକ ହେବ । ତେଣୁ ବିଭିନ୍ନ ଲାଇଫ୍ ସ୍କିଲ୍ ବିଷୟରେ ଜାଣିବା, ଶିଖିବା ବହୁ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ରାଜ୍ୟ ସରକାର ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ଅନେକ ପଦକ୍ଷେପ ନେଇଛନ୍ତି । ଯାହା ରାଜ୍ୟରେ ଶିକ୍ଷାର ଗୁଣାତ୍ମକମାନ ( ୯ ପୃଷ୍ଠାରେ)




### ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ସିରିଗିଡାର ସୁବର୍ଣ୍ଣ ଜୟନ୍ତୀ ସମାରୋହ

## ଆରାବଳୀ ମାମଲାର ଶୁଣାଣି ଆଜି

ନୂଆଦିଲ୍ଲୀ,୨୮।୧୨: ଆରାବଳୀ ମାମଲାରେ ନିଜଆଡ୍ରୁ ହସ୍ତକ୍ଷେପ କଲେ ସୁପ୍ରିମକୋର୍ଟ । ଆସନ୍ତାକାଲି ସର୍ବୋଚ୍ଚ ଅଦାଲତରେ ହେବ ଶୁଣାଣି। ଆରାବଳୀ ପର୍ବତମାଳାରେ ଖଣି ଖନନକୁ ନେଇ ନିକଟରେ ହୋଇଥିବା କେତେକ ନୀତିଗତ ପରିବର୍ତ୍ତନକୁ ନେଇ ସୁପ୍ରିମ୍‌କୋର୍ଟ ନିଜ ଆଡ୍ରୁ ହସ୍ତକ୍ଷେପ କରିଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜେକେ ମାହେଶ୍ୱରୀ ଏବଂ ଜଷ୍ଟିସ ଏଜି ମସିହଙ୍କ ଅବସରକାଳୀନ ଖଣ୍ଡପୀଠ ଆଜି ଏହି ମାମଲାକୁ ଶୁଣାଣି ପାଇଁ ବିଚାରକୁ ନେବେ ବୋଲି କହିଛନ୍ତି । ଆରାବଳୀ ପର୍ବତମାଳାର ସଜ୍ଞା ପରିବର୍ତ୍ତନକୁ ବିରୋଧ କରି ଜନସାଧାରଣ କ୍ରୋଧିତ ହୋଇଥିବାରୁ ଏବଂ ପରିବେଶକୁ ନେଇ ଚିନ୍ତା ପ୍ରକଟ ହୋଇଥିବାରୁ ସୁମ୍‌କୋର୍ଟ ଏଥିରେ ହସ୍ତକ୍ଷେପ କରିଛନ୍ତି । ସଜ୍ଞା ପରିବର୍ତ୍ତନ ହେବାଦ୍ୱାରା ପୂର୍ବରୁ ସୁରକ୍ଷିତ ଥିବା ଅଞ୍ଚଳରେ ଖଣି ଏବଂ ନିର୍ମାଣ କାର୍ଯ୍ୟ ବୈଧ ହୋଇପାରିବ ବୋଲି ପରିବେଶବିତ୍ ଗୋଷ୍ଠୀ ଚିନ୍ତା ପ୍ରକଟ କରିଛନ୍ତି । ଉଲ୍ଲେଖଯୋଗ୍ୟ ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଏବଂ ଗୁଜରାଟରେ ଆରାବଳୀ ହିଲ୍ସର ପରିବର୍ତ୍ତିତ ସଜ୍ଞାକୁ ନେଇ ଚିନ୍ତା ପ୍ରକଟ ହୋଇଛି । ଏହି ମାମଲାର ସମାଧାନ ପାଇଁ ସୁପ୍ରିମକୋର୍ଟ ପୂର୍ବରୁ ଏକ ଉଚ୍ଚସ୍ତରୀୟ କମିଟି ମଧ୍ୟ ଗଠନ କରି ସାରିଛନ୍ତି ।





## ହାହାଃ.. ହାହାଃ..

ଭିକାରୀ: ବାବୁ ଟଙ୍କାଟିଏ ଦିଅ, ତିନିଦିନ ହେଲା କିଛି ଖାଇନି...
ପଥଚାରୀ: ତିନିଦିନ ହେଲା ଖାଇନ, ଟଙ୍କାଟିଏ ନେଇ କ'ଣ କରିବ ?
ଭିକାରୀ: ଓଜନ ଦେଖିବି, କେତେ କମିଛି... ।

## ସବୁଠାରୁ ଭଲ ଫଳ ଟମାଟୋ

ଆମେରିକାର ହେଲଥ ଏଜେନ୍ସି ସେଣ୍ଟର୍ସଫର ଡିଜିଜ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ ପକ୍ଷରୁ ଟମାଟୋକୁ ଭଲ ଫଳ ବୋଲି ଆଖ୍ୟା ମିଳିଛି । ଏଠାରେ ଥିବା ବୈଜ୍ଞାନିକମାନେ ପ୍ରଥମେ ଦୁନିଆରୁ ୪୧ଟି ଫଳକୁ ଚୟନ କରିଥିଲେ, ଯେଉଁଥିରେ ଅନେକମାତ୍ରାରେ ପୋଷକ ତତ୍ୱ ଭରପୂର ହୋଇ ରହିଥିଲା । ଏହି ସର୍ଭେରେ ଜଣା ପଡିଥିଲା କି ଟମାଟୋରେ ନ୍ୟୁଟ୍ରିଏଣ୍ଟ ଡେସିଣ୍ଟି ୨୦.୩୭ । ଟମାଟୋ ଏକ ଲୋ କ୍ୟାଲୋରୀ ଫଳ ଅଟେ । ଯେଉଁଥିରେ ଭିଟାମିନ ସି, ଏ ଓ କେ ରହିଛି । ଏହାସହ ଏଥିରେ ପୋଟାସିୟମ, ଫାଇବର ଓ ଆଣ୍ଟିଅକ୍ସିଡାଣ୍ଟ ମଧ୍ୟ ଅଛି । ସମସ୍ତେ ମିଶି ଏହାର ନ୍ୟୁଟ୍ରେଣ୍ଟ ଡେସିଣ୍ଟି ବଢାଇଥାଆନ୍ତି ଏବଂ ଏହାକୁ ସ୍ୱାସ୍ଥ୍ୟପୋଯୋଗୀ କରିଥାଆନ୍ତି । ଟମାଟୋ ଖାଇବା ଫଳରେ ପାଚନ ତନ୍ତ୍ରରେ ସୁଧାର ଆସିଥାଏ । ଏହାଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବଢିଥାଏ, ବିଭିନ୍ନ ପୋଷଣର ଅଭାବ ଦୂର ହୋଇଥାଏ । ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ, ଇନ୍‌ଫ୍ଲାମେସନ ଦୂର ହୋଇଥାଏ , ଆଖିର ସମସ୍ୟା ଦୂର ହୁଏ, ହୃଦୟର ସ୍ୱାସ୍ଥ୍ୟ ଭଲ ରହିଥାଏ । ଶରୀରକୁ ହାଇଡ୍ରେଟ ରଖିବା ସହିତ ଓଜନକୁ ନିୟନ୍ତ୍ରଣରେ ରଖିଥାଏ ।





## ଟାର୍ଗେଟରେ ଦୀପିକା

ନିକଟରେ ୟୁଟ୍ୟୁବର ଧ୍ରୁବ ରାଠି ଅଭିନେତ୍ରୀ ଦୀପିକା ପାଦୁକୋନଙ୍କୁ ଟାର୍ଗେଟ କରିଥିବା ଦେଖିବାକୁ ମିଳିଛି । ଧ୍ରୁବଙ୍କ ମତରେ ଦୀପିକା ସ୍କିନ ଲାଇଟନିଂ ଟ୍ରିଟମେଣ୍ଟ କରାଇଛନ୍ତି । ସୂଚନା ଅନୁସାରେ ସେ ନିଜ ୟୁଟ୍ୟୁବ ଚ୍ୟାନେଲରେ ବଲିଉଡ ସେଲିବ୍ରିଟିଙ୍କର ମିଛ ସୌନ୍ଦର୍ଯ୍ୟ ଉପରେ ଭିଡିଓ ଅପଲୋଡ କରିଛନ୍ତି । ଯେଉଁଥିରେ ସେ ଦୀପିକାଙ୍କର ଟ୍ରିଟମେଣ୍ଟ କଥା ଆଲୋଚନା କରୁଥିବାର ଦେଖିବାକୁ ମିଳୁଛି । ତେବେ ଏଥିରେ ଧ୍ରୁବ କେବଳ ଦୀପିକା ନୁହେଁ କାଜୋଲ, ବିପାଶା ବସୁ, ପ୍ରିୟଙ୍କା ଚୋପ୍ରାଙ୍କ ନାଁ ମଧ୍ୟ ନେଇଛନ୍ତି । ସେ ଦର୍ଶକଙ୍କୁ ଜଣାଇଛନ୍ତି କି ହିରୋଇନଙ୍କର ଯେଉଁ ସୌନ୍ଦର୍ଯ୍ୟକୁ ସେମାନେ ଭଗବାନଙ୍କ ଦାନ ବୋଲି ଭାବୁଛନ୍ତି ଅସଲରେ ସେ ଗୁଡିକ ଡାକ୍ତରଙ୍କର ଦାନ। ଏହି ଭିଡିଓ ଅପଲୋଡ ହେବାପରେ ଖୁବ ଭାଇରାଲ ହେଉଥିବା ଦେଖିବାକୁ ମିଳୁଛି । ପୂର୍ବରୁ ଧ୍ରୁବ ରାଠି ରଣବୀରଙ୍କ ଫିଲ୍ମ ଧୁରନ୍ଧରର ଆଲୋଚନା ମଧ୍ୟ କରିଥିଲେ, ଏହାପରେ ପୁଣି ଦୀପିକାଙ୍କର ଆଲୋଚନାକୁ ଉଭୟ ରଣବୀର ଓ ଦୀପିକାଙ୍କ ଫ୍ୟାନ ଗ୍ରହଣ କରିପାରୁନଥିବା ଦେଖିବାକୁ ମିଳୁଛି । ତେଣୁ ସୋସିଆଲ ମିଡିଆରେ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳୁଛି ।



## ସ୍ୱତନ୍ତ୍ର ପରମ୍ପରା

ଅନେକ ସମୟରେ ବିଭିନ୍ନ ସ୍ଥାନରେ ଆଦିବାସୀମାନଙ୍କର ସ୍ୱତନ୍ତ୍ର ପରମ୍ପରା ସବୁ ଦେଖିବାକୁ ମିଳିଥାଏ । ସେହିଭଳି ଏକ ପରମ୍ପରା ରହିଛି ଚୀନରେ ବାସ କରୁଥିବା ଦାଇ ସମୁଦାୟଙ୍କ ପାଖରେ । ଏଠାରେ ଚିକେନ୍ ଖାଇବାକୁ ଦିଆଯାଇ ବିବାହ ଠିକ କରାଯାଇଥାଏ । ଏଠାରେ ଚିକେନକୁ ମ୍ୟାଚ ମେକର ଭାବେ ବିବେଚନା କରାଯାଇଥାଏ । ସେମାନେ ଏହାକୁ ୟୁଏସାଓ ନାମରେ ସମ୍ବୋଧନ କରନ୍ତି । ଏହି ପ୍ରକ୍ରିୟାରେ ନୂଆବର୍ଷ ଦିନ ଝିଅମାନେ ପାରମ୍ପରିକ ପୋଷାକ ପିନ୍ଧି କୁକୁଡା ମାଂସ ବିକ୍ରି କରିବାକୁ ଯାଇଥାଆନ୍ତି । ଏହାର ଉଦ୍ଦେଶ୍ୟ ନିଜ ପସନ୍ଦର ପୁଅଙ୍କୁ ବାଛିବା । ଏହାପରେ ପୁଅମାନେ କୁକୁଡା ମାଂସ କିଣିବାକୁ ଦୋକାନକୁ ଆସିଥାଆନ୍ତି । ଯଦି ଝିଅକୁ ପୁଅ ପସନ୍ଦ ନଥାଏ ତେବେ ସେ ମାଂସର ଦ୍ୱିଗୁଣ ଦର କହିଥାଏ । ହେଲେ ଯଦି ପୁଅ ପସନ୍ଦ ଆସିଥାଏ ତେବେ ତାକୁ ଚେୟାର ଦେଇ ବସିବାକୁ କହିଥାଏ । ଏହାପରେ ଉଭୟ ମାଂସ ନେଇ ଏକ ଶାନ୍ତ ସ୍ଥାନକୁ ଯାଇ ଖାଇଥାଆନ୍ତି ଏବଂ ମନର କଥା କୁହାକୁହି ହୋଇଥାଆନ୍ତି । ଯାହାପରେ ସେମାନଙ୍କର ବିବାହ ହୋଇଥାଏ ।

## ପାରାକୁ ଖାଇବାକୁ ଦେବାରୁ ଦଣ୍ଡ

ନିକଟରେ ମୁମ୍ବାଇର କୋର୍ଟରେ ଜଣେ ବ୍ୟକ୍ତିଙ୍କୁ ପାରାଙ୍କୁ ଖାଇବା ଦେବାରୁ ଦଣ୍ଡ ପ୍ରଦାନ କରାଯାଇଛି । ସୂଚନା ଅନୁସାରେ ମୁମ୍ବାଇରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ ନଗର ନିଗମ ପାରାଙ୍କୁ ଖାଇବାକୁ ଦେବା ସମୟରେ ଧରିଥିଲେ । ଏହାପରେ ଏ ସମ୍ପର୍କରେ ଅଦାଲତରେ କେସ କରାଯାଇଥିଲା । ଉକ୍ତ ମାମଲାରେ ସେହି ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ୫ହଜାର ଟଙ୍କାର ଜରିମାନା ଲଗାଯାଇଛି । ତେବେ ଏହାପଛରେ ମଧ୍ୟ କାରଣ ରହିଛି । ପାରାଙ୍କର ଶୁଖିଲା ମଳ ମଣିଷଙ୍କ ପାଇଁ ଅନେକ ରୋଗର କାରଣ ହୋଇଥାଏ । ଏହାର ଶୁଖିଲା ଅଂଶ ଶ୍ୱାସକ୍ରିୟା ସାହାଯ୍ୟରେ ମଣିଷଙ୍କ ଶରୀରକୁ ଯିବାପରେ ଅନେକ ସମସ୍ୟା ହୋଇଥାଏ ଏବଂ ଘାତକ ମଧ୍ୟ ହୋଇଥାଏ । ତେଣୁ ମୁମ୍ବାଇର କିଛି ସ୍ଥାନରେ ପାରାଙ୍କୁ ଖାଇବା ଦେବା ଉପରେ ରୋକ ଲଗାଯାଇଛି । ତେଣୁ ଏହି ବ୍ୟକ୍ତି ଜଣଙ୍କ ଉକ୍ତ ନିୟମକୁ ନମାନିବାରୁ ତାଙ୍କ ବିରୋଧରେ ଏହି ଦଣ୍ଡ ବିଧାନ ହୋଇଛି ।



## ସୋସିଆଲ କୋଟ୍ସ



"ଲାଇଫ୍‌ରେ ମୁଁ ଖୁବ ଅଧିକ ଷ୍ଟ୍ରଗଲ କରିଛି । ବାପାଙ୍କ ମୃତ୍ୟୁପରେ ମାଆଙ୍କ ପାଖରେ ଆର୍ଥିକ ସମସ୍ୟା ଦେଖିବାକୁ ମିଳିଥିଲା । ତେଣୁ ମୋତେ ପଇସା ପାଇଁ ଖୁବ ଅଧିକ ଅସୁବିଧା ଭୋଗିବାକୁ ପଡିଛି ।

ରୋହିତ୍ ସେଟ୍ଟି, ଅଭିନେତା



"ମୁଁ ଆଜି ଯାଏଁ ଯେତେ ବି ଫିଲ୍ମ କରିଛି ତାହା ଭିତରେ ସାଲାର ସବୁଠାରୁ ବଡ । ଏହି ଫିଲ୍ମକୁ ମିଳିଥିବା ପବ୍ଲିକ୍ ରେସପନ୍ସ ମୋତେ ଆଶ୍ଚର୍ଯ୍ୟ କରିଥିଲା ।

ପୃଥୀରାଜ ସୁକୁମାରନ୍, ଅଭିନେତା



"ଶାହରୁଖଙ୍କର ମୁଁ ବହୁତ ବଡ ଫ୍ୟାନ୍ । ହେଲେ ତାଙ୍କ ସହିତ କାମ କରିବାବେଳେ ମୁଁ କେବେ ବି ତାଙ୍କୁ ଫୋନ କରିନି, ଏପରି କରିବାକୁ ମୋତେ ଡର ଲାଗୁଥିଲା । ଯେତେବେଳେ ବି କଥା ହୁଏ ତାଙ୍କ ମ୍ୟାନେଜରଙ୍କ ଜରିଆରେ କଥା ହୁଏ ।

ବିକ୍ରମ କୋଚର, ଅଭିନେତା

## ଇତିହାସ

୧୮୪୫ – ଟେକ୍ସାସ ସଂଯୁକ୍ତ ରାଷ୍ଟ୍ର ଆମେରିକାର ରାଜ୍ୟ ଭାବେ ଘୋଷଣା ।
୧୯୧୧ – ସନ ୟାତ ସେନ ଚୀନ ଗଣରାଜ୍ୟର ପ୍ରଥମ ରାଷ୍ଟ୍ରପତି ଭାବେ ନିର୍ବାଚିତ ।
୧୯୩୭ – ଆୟରଲାଣ୍ଡର ସମ୍ବିଧାନ ଲାଗୁ କରାଯାଇଥିଲା ।
୧୯୪୦ – ଲଣ୍ଡନ ଉପରେ ଜର୍ମାନୀର ଆକ୍ରମଣ ।
୧୯୪୨ – ହିନ୍ଦୀ ସିନେମାର ପ୍ରଥମ ସୁପରଷ୍ଟାର ରାଜେଶ ଖାନାଙ୍କର ଜନ୍ମ ।



୧୯୭୨ – ଭାରତର ପ୍ରଥମ ମେଟ୍ରୋ । କୋଲକାତା ମେଟ୍ରୋର ନିର୍ମାଣ ହୋଇଥିଲା ।
୨୦୦୮ – ପ୍ରସିଦ୍ଧ ଚିତ୍ରକର ମଞ୍ଜିତ ବାବାଙ୍କର ପରଲୋକ ।

## ଚପଲ ପାଇଁ ଗିରଫ

ଅନେକ ସମୟରେ ସୋସିଆଲ ମିଡିଆରେ ଏଭଳି ଘଟଣା ଭାଇରାଲ ହୋଇଥାଏ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ଉତ୍ତରପ୍ରଦେଶର ଏକ ଘଟଣା ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଉତ୍ତରପ୍ରଦେଶର ସୀତାପୁରର ଜଣେ ସୋରୁମ ମ୍ୟାନେଜରଙ୍କୁ ଗିରଫ କରାଯାଇଛି । ତେବେ ସେ ଗିରଫ ହେବାର କାରଣ ହେଲା ଚପଲ ଛିଡିବା । ସୂଚନା ଅନୁସାରେ ୨୦୨୨ରେ ଜଣେ ବ୍ୟକ୍ତି ଲିବର୍ଟି ସୋରୁମରୁ ଚପଲ କିଣିଥିଲେ । କିଣିବା ସମୟରେ ଚପଲ ଉପରେ ତାଙ୍କୁ ୬ମାସର ୱାରେଣ୍ଟି ସମୟ ମିଳିଥିଲା । ଚପଲର ଦାମ ଥିଲା ୧୭୦୦ ଟଙ୍କା । ହେଲେ ଚପଲଟି କିଣିବାର ଏକ ମାସ ଭିତରେ ହିଁ ଛିଡିଯାଇଥିଲା । ଏହାପରେ ଚପଲକୁ ବଦଳାଇବା ପାଇଁ ବ୍ୟକ୍ତି ଜଣଙ୍କ ସୋରୁମକୁ ବାରମ୍ବାର ଯାଇଥିଲେ ହେଲେ କୌଣସି ସମାଧାନ ହୋଇନଥିଲା । ଯାହାପରେ ସେ କଞ୍ଜ୍ୟୁମର କୋର୍ଟରେ ନିଜର ଅଭିଯୋଗ କରିଥିଲେ । ଯାହାପରେ ମ୍ୟାନେଜରଙ୍କୁ ବାରମ୍ବାର ନୋଟିସ ଦିଆଯାଇଥିଲା, ହେଲେ ସେ ଉପସ୍ଥିତ ହୋଇ ନଥିଲେ । ଏହି ମାମଲାର ଶୁଣାଣି କରାଯାଇ ଗିରଫଦାରୀର ନିର୍ଦ୍ଦେଶ ଦିଆଯାଇଛି ।






ପୌଷମାସ ଶୁକ୍ଳପକ୍ଷ ନବମୀ (୨୯.୧୨.୨୦୨୫, ସୋମବାର)

**ମେଷ –** ଶାରିରୀକ ପିଡା, ବନ୍ଧୁ ଦର୍ଶନ, ଉଚ୍ଚଆଶାରେ ବାଧା, ଭ୍ରମଣ ଯୋଗ, ଶତ୍ରୁ ସଙ୍କଟ, ବ୍ୟବସାୟରେ ସ୍ୱଳ୍ପ ଲାଭ, କାର୍ଯ୍ୟରେ ବାଧା, ଋଣ ଯୋଗ, ଈଶ୍ୱର ବିଶ୍ୱାସ । ଭରଣୀ ମେଷ ସତର୍କ ରୁହନ୍ତୁ । ଆରଧନା – ଭଗବାନ ଶଙ୍କର, ରଙ୍ଗ – ଧଳା, ସଂଖ୍ୟା ୧ ।

**ବୃଷ –** ଆର୍ଥିକ ଲାଭ, ଅର୍ଥ ସମସ୍ୟାରେ ସମାନ୍ୟା ଉନ୍ନତି, ଅଯଥା କଳହ, ଶତ୍ରୁ ରହିବେ, ଦେବ ଦର୍ଶନ, ସୁସମାଚାର, ଗଣ୍ଡଗୋଳ ସମାଧାନ, ବ୍ୟବସାୟରେ ଲାଭ, ଦୁରଯାତ୍ରା, ବିଦ୍ୟାରେ ଉନ୍ନତି । ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ । ଆରଧନା – ହନୁମାନ, ରଙ୍ଗ – ଆକାଶିଆ, ସଂଖ୍ୟା – ୪ ।

**ମିଥୁନ –** କର୍ମରେ ସଫଳତା, ପଦବୀ ଲାଭ, ପରିବାରରେ ସହଯୋଗ, ବାଣିଜ୍ୟରେ ଉନ୍ନତି, ଗୃହେ ଉତ୍ସବ, ଖୁସି ଖବର, ବିଦ୍ୟା ଲାଭ, ଶତ୍ରୁ ଦେଖାଦେବେ । ଦୂରଯାତ୍ରା ସଫଳ, ନୂତନ କର୍ମ ଯୋଗ, ଶାରିରୀକ ସୁସ୍ଥତା, ଅର୍ଥ ସମସ୍ୟା ସମାଧାନ । ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ । ଆରାଧନା – ମହାଲକ୍ଷ୍ମୀ, ରଙ୍ଗ – ଗୋଲାପି, ସଂଖ୍ୟା – ୬ ।

**କର୍କଟ –** ଭାଗ୍ୟରେ ଉନ୍ନତି, ଦେବ ଦର୍ଶନ, ଶୁଭ କାର୍ଯ୍ୟ, ଅଣ୍ଡା ଜନିତ ରୋଗ, ଶତ୍ରୁ ଦେଖାଦେବେ, କର୍ମରେ ସଫଳତା, ବ୍ୟବସାୟରେ ଲାଭ, ବନ୍ଧୁଗୃହେ ଯାତ୍ରା, ମକଦ୍ଦମା ସମାଧାନ, ନୃତନକର୍ମେ ଖୁସି, ଅର୍ଥ ସଙ୍କଟ ସମାଧାନ । ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ । ଆରଧନା – କୁବେର ଭଗବାନ, ରଙ୍ଗ – ମେରୁନ, ସଂଖ୍ୟା – ୮ ।

**ସିଂହ –** ସ୍ୱାସ୍ଥ୍ୟପ୍ରତି ସାବଧାନ, ଶୁଭକାର୍ଯ୍ୟ, ଧନଖର୍ଚ୍ଚ, ବ୍ୟବସାୟିକ ଶତ୍ରୁତା, ଦୂରସ୍ଥାନକୁ ଯାତ୍ରା, ସୁମିଷ୍ଟ ଭୋଜନ, ମାନସିକ ଅବସାଦ, ବନ୍ଧୁ ସହଯୋଗ, ପରିବାରରେ ସହଯୋଗ, କର୍ମକ୍ଷେତ୍ରେ ସାମାନ୍ୟ ଉନ୍ନତି, ଗାଡି ମଟରରେ ସାବଧାନ । ମଘା ନକ୍ଷତ୍ର ସତର୍କ ରୁହନ୍ତୁ । ଆରାଧନା – ପ୍ରଭୁ ଜଗନ୍ନାଥ, ରଙ୍ଗ – ସୁନେଲୀ, ସଂଖ୍ୟା – ୧୦ ।

**କନ୍ୟା –** ହଠାତ୍ ଲାଭ, ମନରେ ପ୍ରସନ୍ନତା, ଗଣ୍ଡଗୋଳ ସମାଧାନ, ଯାନବାହାନ କ୍ରୟ, ନୂତନ ନିଯୁକ୍ତି, ଅର୍ଥ ସଙ୍କଟ ସମାଧାନ, ଉଚ୍ଚ ଆଶା ସଫଳ, ଦୁର୍ଘଟଣା ଭୟ, ପରିଶ୍ରମ ରହିବ, ବନ୍ଧୁଙ୍କ ସହ ମିତ୍ରତା, ନୂତନ କାର୍ଯ୍ୟ ପ୍ରତି ଆଗ୍ରହ, ବିଦ୍ୟାଲାଭ । ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ । ଆରାଧନା – କୁବେର ଭଗବାନ, ରଙ୍ଗ – ଗୋଲାପି, ସଂଖ୍ୟା – ୩ ।

**ତୁଳା –** ବନ୍ଧୁଲାଭ, ବିବାଦ ସମାଧାନ, ଶାରିରୀକ ସୁସ୍ଥ, ପାରିବାରିକ ସହଯୋଗ, ଅତିଥି ଚର୍ଚ୍ଚା, ଉଚ୍ଚ ବ୍ୟକ୍ତିଙ୍କ ସାନିଧ୍ୟ, ଗୁରୁଜନଙ୍କ ଆଶିର୍ବାଦ, ଭୂସମ୍ପତ୍ତି ଲାଭ, ଅର୍ଥ ସସସ୍ୟାରେ ସ୍ୱଳ୍ପ ଖୁସି, ଶୁଭ ଖବର ପ୍ରାପ୍ତି, କିଣାକିଣିର ଯୋଗ, ବିଦ୍ୟା ଲାଭ । ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ । ଆରାଧନା – ଭଗବାନ ଶଙ୍କର, ସଂଖ୍ୟା ୪, ରଙ୍ଗ – ଧଳା ।

**ବିଛା –** ଅର୍ଥଲାଭ, ସଙ୍କଟ ସମାଧାନ, ଉଚ୍ଚ ବ୍ୟକ୍ତିଙ୍କ ସହିତ ସୁସମ୍ପର୍କ, ଶତ୍ରୁ ସମାଧାନ, ଗୃହେ ଅଶାନ୍ତି, ବିଶିଷ୍ଟ କାର୍ଯ୍ୟେ ଆନନ୍ଦ, ରାଜଦଣ୍ଡରୁ ମୁକ୍ତି, ବ୍ୟବସାୟରେ ଉନ୍ନତି, ଶାରିରୀକ ସୁସ୍ଥ, ବ୍ୟସ୍ତ ରହିବେ, ଶୁଭ ଆଲୋଚନା, ଦୂରସ୍ଥାନକୁ ଯାତ୍ରା । ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ । ଆରାଧନା – ମା ଭଗବତୀ, ରଙ୍ଗ – ଧଳା, ସଂଖ୍ୟା – ୯ ।

**ଧନୁ–** କଳହ ଯୋଗ, ଆର୍ଥିକ ସମସ୍ୟା, କର୍ମକ୍ଷେତ୍ରେ ସ୍ଥାନାନ୍ତର, ସ୍ୱଜନବିରୋଧ, ଧର୍ମକାର୍ଯ୍ୟରେ ଉତ୍ସାହ, ତିର୍ଥାଟନ, ଅନୁଶୋଚନା, ପାରିବାରିକ ସହଯୋଗ, ଉଚ୍ଚ ଆଶାରେ ସ୍ୱଳ୍ପ ଲାଭ, ଜାନବାହାନରେ ଖୁସି, ଭାତୃ ଭଗିନିଙ୍କ ସାନିଧ । ପୂର୍ବାଷାଢା ନକ୍ଷତ୍ର ସତର୍କ ରୁହନ୍ତୁ । ପ୍ରତିକାର – ବୟଜ୍ୟେଷ୍ଠଙ୍କ ସେବା, ରଙ୍ଗ – ଗୋଲାପି, ସଂଖ୍ୟା – ୨ ।

**ମକର –** ରାଜ ସମ୍ମାନ ପ୍ରାପ୍ତି, ଉତ୍ସବରେ ଆଗ୍ରହ, ଦାମ୍ପତ୍ୟ ସୁଖ, ଗଣ୍ଡଗୋଳ ସମାଧାନ, ଲୋକ ସମ୍ପର୍କ ବୃଦ୍ଧି, ଶାରୀରିକ ସୁସ୍ଥ, ବନ୍ଧୁଲାଭ, ଆଶା ସଫଳ, ସମ୍ମାନପ୍ରାପ୍ତି, ଶତ୍ରୁରେ ବିଜୟ, ଭୂସମ୍ପତ୍ତି କ୍ରୟ, ବାକିଥିବା ଅର୍ଥ ଲାଭ, ଗୃହରେ ସହାୟତା, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ । ଆରଧନା – ମାବନ୍ଦରେଇ, ରଙ୍ଗ – ବାଇଗେଣୀ, ସଂଖ୍ୟା ୫ ।

**କୁମ୍ଭ –** ଅଘଟଣ ଭୟ, ଉତ୍ସବରେ ଯୋଗଦାନ, ତୀର୍ଥ ଭ୍ରମଣ, ଶାରିରୀକ ସୁସ୍ଥ, ଅର୍ଥ ଖର୍ଚ୍ଚ, ଲାଭର ପରିମାଣ, ସମସ୍ୟା ସମାଧାନ, ବ୍ୟବସାୟକେ ଶତୃତା, ବନ୍ଧୁ ଲାଭ, ବିଶିଷ୍ଟ ବ୍ୟକ୍ତିଙ୍କ ସହ ମିତ୍ରତା, ନୂତନ କାର୍ଯ୍ୟରେ ସ୍ୱଳ୍ପ ଲାଭ, ପରିଶ୍ରମ ଅଧିକ ହେବ । ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ । ଆରଧନା – ଭଗବାନ ବିଷ୍ଣୁ, ରଙ୍ଗ – ନୀଳ ।

**ମୀନ–** ସୁଖପ୍ରାପ୍ତି, ଆର୍ଥିକ ଖୁସି, ବ୍ୟବସାୟରେ ଖୁସି, ଶତ୍ରୁ ଲାଗିରହିବେ, ପରିବାରରେ ସହଯୋଗ, ତିର୍ଥାଟନ ଯୋଗ, ବିଶିଷ୍ଟ କାର୍ଯ୍ୟେ ଶାନ୍ତି, ମାନସିକ ଅବସାଦ, ବନ୍ଧୁ ଲାଭ, ଭୂସମ୍ପତ୍ତିରେ ଶତୃତା, ରାଜଦଣ୍ଡରୁ ମୁକ୍ତି, ମକଦ୍ଦମା ସମାଧାନ । ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ । ଆରଧନା – ମା ବଗଳା ମୁଖୀ, ରଙ୍ଗ ହଳଦୀ, ସଂଖ୍ୟା – ୮ ।

ପଣ୍ଡିତ– ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



# ପ୍ରଥମ ଥର ପାଇଁ ମା ହେଲା ବାଘୁଣୀ ଜୟଶ୍ରୀ

ବାରଙ୍ଗ , (ସବ୍ୟୁ): ନନ୍ଦନକାନନକୁ ନୂଆ ବର୍ଷ ଭେଟି ଦେଇଛି ବାଘୁଣୀ ଜୟଶ୍ରୀ । ପ୍ରଥମଥର ପାଇଁ ମା ହୋଇଛି ୩ବର୍ଷ ବୟସ୍କା ସାଧାରଣ ରଙ୍ଗର ବାଘୁଣୀ ଜୟଶ୍ରୀ । ପ୍ରାଣୀଉଦ୍ୟାନ ନନ୍ଦନକାନନର ବାଘୁଣୀ ଜୟଶ୍ରୀ ଶନିବାର ୩ଟି ଶାବକକୁ ପର୍ଯ୍ୟାୟକ୍ରମେ ଜନ୍ମ ଦେଇଛି । ସେଥିମଧ୍ୟରୁ ଦୁଇଟି ଶାବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଏକ ଶାବକକୁ ମା ଗ୍ରହଣ କରିନାହିଁ । ଫଳରେ ଜୀବିତ ଅବସ୍ଥାରେ ଶାବକକୁ ମାଆଠାରୁ ଅଲଗା କରାଯାଇ ଶିଶୁ ଲାଳନ ପାଳନ କେନ୍ଦ୍ରର ଆଇସିୟୁ ରେ ପ୍ରାଣୀ ଚିକିତ୍ସକଙ୍କ ନଜରବନ୍ଦିରେ ରଖାଯାଇ ଯନି ନିଆଯିବା ଆରମ୍ଭ ହୋଇଛି । ବାଘ ଅମିତ ସହିତ ମିଳନ ହୋଇ ପ୍ରଥମଥର ମା ହେବାର ସୌଭାଗ୍ୟ ଲାଭ କରିଛି ଜୟଶ୍ରୀ । ଚଳିତବର୍ଷ ସେପେଟମ୍ବର ୧୫ ରୁ ୧୭ ମଧ୍ୟରେ ଅମିତ ସହ ଜୟଶ୍ରୀର ମିଳନ ହୋଇ ଦୀର୍ଘ ୧୦୧ ଦିନର ଗର୍ଭଧାରଣା ପରେ ମା ହେବାର ଷୌଭାଗ୍ୟ ଅର୍ଜ୍ଜନ କରି ୩ସନ୍ତାନଙ୍କୁ ବାଘୁଣୀ ଜୟଶ୍ରୀ ଜନ୍ମ ଦେଇଥିବା ବେଳେ ୨ଟିର ମୃତ୍ୟୁ ପରେ ଏକମାତ୍ର ବଞ୍ଚି ରହିଛି । ବାଘୁଣୀ ଅଙ୍କିତା ଓ ବାଘ ନନ୍ଦନ ଔରସରୁ ୨୦୨୩ ଫେବ୍ରୁଆରୀ ୧୭ ତାରିଖରେ ୪ଟି ଜୟଶ୍ରୀ ସହିତ ଅନ୍ୟ ୩ ଅମିତ, ଶ୍ରୀ ଓ ତୃପ୍ତି ଜନ୍ମ ହୋଇଥିଲେ । ଯେହେତୁ ପ୍ରଥମଥର ପାଇଁ ଜୟଶ୍ରୀ ମାତୃତ୍ୱ ଲାଭ କରିଛି, ତେଣୁ ସେ ସଠିକ ଭାବେ ଶାବକଙ୍କ ଯନି ନେଇପାରିନି । ଏଥିସହ ଶାବକଙ୍କୁ ସ୍ତନ୍ୟପାନ ମଧ୍ୟ କରାଇ ପାରିନାହିଁ । ଗତକାଲି ଦିନ ପ୍ରାୟ ୧୧.୫୫ ମିନିଟରେ ପ୍ରଥମ ଶାବକ ଜନ୍ମ ଦେଇଥିଲା । ହେଲେ ତାକୁ ଗ୍ରହଣ କରିନଥିଲା କି ସ୍ତନ୍ୟପାନ କରାଇନଥିଲା । ଫଳରେ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଶାବକକୁ ମାଠାରୁ ଅଲଗା କରାଯାଇ ଶିଶୁ ଲାଳନପାଳନ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା । ପରବର୍ତ୍ତୀ ସମୟରେ ଅପରାହ୍ନ ୩.୩୪ ସମୟରେ ଅନ୍ୟ ଏକ ଶାବକ ଜନ୍ମ ଦେଇଥିଲା । ଉକ୍ତ ଶାବକଟି ବହୁତ ଦୁର୍ବଳ ରହିଥିଲା । ଏହି ଦ୍ୱିତୀୟ ଶାବକକୁ ଗ୍ରହଣ କରିବା ସମୟରେ ମା ଜୟଶ୍ରୀ ଛୁଆ ଉପରେ ପଡିଯାଇଥିଲା । ଫଳରେ ଶାବକଟି ଗୁରୁତର ଆହତ ହୋଇଥିଲା । ବନ୍ୟପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ତାକୁ ମା ପାଖରୁ ଉଦ୍ଧାର କରାଯାଇଥିଲା ହେଲେ ସେତେବେଳକୁ ଶାବକର ମୃତ୍ୟ ଘଟି ସାରିଥିଲ । ସନ୍ଧ୍ୟା ପ୍ରାୟ ୪.୫୫ ସମୟରେ ଅନ୍ୟ ଏକ ଶାବକକୁ ଜନ୍ମ ଦେଇଥିଲା ଜୟଶ୍ରୀ । ହେଲେ କିଛି ସମୟ ପରେ ନିଜ ଜନ୍ମ କଲା ଛୁଆକୁ ଖାଇ ଦେଇଥିଲା । କେବଳ ପ୍ରଥମ ଜନ୍ମିତ ଶାବକଟି ଜୀବିତ ରହିଛି । ମୃତ ଶାବକର ବ୍ୟବଚ୍ଛେଦ କରାଯାଇ ତାକୁ ମାଟିରେ ପୋତି ଦିଆଯିବ । ଉଭୟ ମା ଓ ଶାବକ ସୁସ୍ଥ ରହିଛନ୍ତି ।



# ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି ନେଇ ଉଚ୍ଚସ୍ତରୀୟ ବୈଠକ

ପୁରୀ, (ସବ୍ୟୁ): ୨୦୨୬ ବର୍ଷ ରଥଯାତ୍ରା ଜଥେଷ୍ଟ ପୂର୍ବରୁ ହୋଇପାରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି । ଶନିବାର ସଂଧ୍ୟାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ଚିଠା ପ୍ରସ୍ତାବ ଆଗତ ହୋଇଛି। ଖୁବ ଶୀଘ୍ର ପରିଚାଳନା କମିଟି ବୈଠକରେ ଚିଠା ପ୍ରସ୍ତାବ ସମ୍ପର୍କରେ ଆଲୋଚନା ହୋଇ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ ।ଗଣତି ମଣତି ସମୟରେ ମହାପ୍ରଭୁଙ୍କ ନୀତି କାନ୍ତି ପ୍ରଭାବିତ ହେବ ନାହିଁ ।ବାହାର କାଠରୁ ଭକ୍ତ ଦର୍ଶନ କରିବେ। ୧୧ ପୃଷ୍ଠାର ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଛି। ୩ ଟି ପର୍ଯ୍ୟାୟରେ ଗଣତି ମଣତି ହେବ । ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ସୁବର୍ଣ୍ଣ ଅଳଙ୍କାରର କରାଯିବ ମେଳକ ଓ ତା ସହ ଗଣତମଣତି ।ସେ ନେଇ ଆଜି ରତ୍ନଭଣ୍ଡାର ତଦାରଖ କମିଟି ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ଗୁରୁତ୍ୱପୁର୍ଣ୍ଣ ବୈଠକରେ ମାର୍ଗଦର୍ଶୀକା ପ୍ରସ୍ତୁତ ହୋଇଛି। ବିଧି ସବ କମିଟିରେ ରତ୍ନଭଣ୍ଡାର ଗଣତି ମଣତି ପାଇଁ ଚିଠା ପ୍ରସ୍ତାବ କରିଥିଲେ ।ସେହି ଚିଠା ପ୍ରସ୍ତାବ ଉପରେ ଉଚ୍ଚସ୍ତରୀୟ ବୈଠକ ରେ ଆଲୋଚନା ହୋଇ ମାର୍ଗଦର୍ଷିକା ପ୍ରସ୍ତୁତ କରିଛି। ଏହା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇ ରାଜ୍ୟ ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀଙ୍କ ସୂଚନା। ମହାପ୍ରଭୁଙ୍କ ନୀତି କାନ୍ତି ପ୍ରଭାବିତ ହେବ ନାହିଁ।ବାହାର କାଠରୁ ଭକ୍ତ ଦର୍ଶନ କରିବେ ।୧୧ ପୃଷ୍ଠାର ମାର୍ଗଦର୍ଶୁକା ପ୍ରସ୍ତୁତ ହୋଇଛି । ୩ ଟି ପର୍ଯ୍ୟାୟରେ ଗଣତି ମଣତି ହେବ । ଆରବିଆଇ ଅଧିକାରୀ, ଏସବିଆଇ ଅଧିକୃତ ବଣିଆ ବା ସ୍ୱର୍ଣକାର ରହିବେ। ଆଜିର ଏସଓପି ପରିଚାଳନା କମିଟିରେ ଆଲୋଚନା ହୋଇ ସରକାରଙ୍କ ପାଖକୁ ପଠାଯିବ। ସରକାରଙ୍କ ଅନୁମତି ପାଇବା ପରେ ପ୍ରକ୍ରିୟା ଆରମ୍ଭ ହେବ। ମାର୍ଗଦର୍ଶିକା ଚୂଡାନ୍ତ ହୋଇନାହିଁ,, । ଗଣତିମଣତି ଦିନ ସର୍ବସାଧାରଣଙ୍କ ଦର୍ଶନ ହେବ। ବାହାରକାଠରୁ ଦର୍ଶନ ହେବ। ଅଧିକୃତ ସେବକଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ। ତିନୋଟି ପର୍ଯ୍ୟାୟରେ ଗଣତିମଣତି ହେବ। ପ୍ରଥମେ ଚଳନ୍ତି ରତ୍ନଭଣ୍ଡାର, ପରେ ବାହାର ଓ ଶେଷ ପର୍ଯ୍ୟାୟରେ ଭିତର ରତ୍ନଭଣ୍ଡାର ଗଣତିମଣତି ହେବ। ଭିତର ରତ୍ନଭଣ୍ଡାର ଗଣତିମଣତି ସମୟରେ ପରିଚାଳନା କମିଟିର ସେବକ ପ୍ରତିନିଧି ରହିବେ। ଆରବିଆଇର ଜଣେ ପ୍ରତିନିଧି ରହିବେ। ଜଣେ ବଣିଆ ସେବକ ରହିବେ। ୧୯୭୮ ମସିହା ଗଣତିମଣତି ତାଲିକା ରିପୋର୍ଟ ସହ ମେଳକ କରାଯିବ। ଭିତର ରତ୍ନଭଣ୍ଡାରର ଗଣତିମଣତି ଶେଷ ପରେ ଚାବି ଜିଲ୍ଲା ଟ୍ରେଜେରୀରେ ରଖାଯିବ। ସମସ୍ତ ଗଣତିମଣତି ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ। ଗଣତିମଣତି ସମୟରେ ଅଧିକୃତ ବ୍ୟକ୍ତି ମାନଙ୍କୁ କଡାକଡି ଯାଞ୍ଚ କରାଯିବ । ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ସବୁର ଡିଜିଟାଇଜେସନ କରା ଯିବ। ୧୪ ଜୁଲାଇ ୨୦୨୪ ରତ୍ନ ଭଣ୍ଡାର ଖୋଲାଯାଇଥିଲା। ପ୍ରାଥମିକ ଭାବେ ପ୍ରଥମେ ବାହାର ରତ୍ନ ଭଣ୍ଡାରର ସମସ୍ତ ଅଳଙ୍କାର ସ୍ଥାନାନ୍ତର କରାଯାଇଥିଲା। ୨୦୨୪ ଅଗଷ୍ଟ ୨୩ ତାରିଖରେ ଆଇରନ ସିନ୍ଦୁକ ସ୍ଥାନାନ୍ତର ହୋଇଥିଲା। ପରେ ସେପ୍ଟେମ୍ବର ୨୪ ତାରିଖରେ ଏଏସଆଇ ଅଧିକାରୀ ମାନଙ୍କ ସ୍ୱତନ୍ତ୍ର ଟିମ ଯାଞ୍ଚ କରିଥିଲା। ଏହା ପରେ ରିପୋର୍ଟ ଆଧାରରରେ ମରାମତି କାର୍ଯ୍ୟ ୧୭ ଡିସେମ୍ବରର କାର୍ଯ୍ୟ ଆରମ୍ଭ ହୋଇଥିଲା। ଯାହାକି ୨୮ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ଜାରି ରହିଥିଲା।




**ଧରଣୀଧର ଜୀବନର ପ୍ରଥମ ଭାଗ**

# ବିଦ୍ରୋହ କରି ସ୍ୱାଧିନତାର ଅଗ୍ନି ଜଳାଇଥିଲେ: ମୁଖ୍ୟମନ୍ତ୍ରୀ

କେନ୍ଦୁଝର, (ସବ୍ୟୁ): ଯେତେବେଳେ ବିପ୍ଳବୀଙ୍କ କଥା ଆଲୋଚନା ହେବ, ଜିଲାରେ ଧରଣୀଧର ନାୟକଙ୍କ ନାମ ସର୍ବାଗ୍ରେ ଆସିବ । ଯେଉଁ ସେ ଲଡୁଆ ପୁଅର ପରିଚୟ ଦେଇ ସେ ଅତ୍ୟାଚାରୀ ରାଜତନ୍ତ୍ର ବିରୋଧରେ ବିଦ୍ରୋହ କରିଥିଲେ । ସେ ଲଡୁଆ ପୁଅର ଶକ୍ତି ଆଜି ବି ଆମ ସମସ୍ତଙ୍କୁ ପ୍ରେରଣା ଦେଇଚାଲିଛି । ଏ ମାଟି କେବଳ ଖଣି ଖାଦାନର ମାଟି ନୁହେଁ, ଏ ମାଟି ଲଢ଼େଇ କରିବା ବି ଜାଣିଛି । ଏକଥା କହିବାକୁ ଗର୍ବ ବୋଧ କରୁଛି, କେନ୍ଦୁଝରିଆ କଥା ଦେଇ କଥା ରଖିଲା । ବିପ୍ଳବୀ ଧରଣୀଧର ଭୂୟାଁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହେଲା ବୋଲି କେନ୍ଦୁଝର ସହରରର ପ୍ରବେଶ ଦାର ନେକେଡା ଘରଠାରେ ବିପ୍ଳବୀ ଧାରଣୀଧର ଭୂୟାଁଙ୍କ ପୂର୍ଣ୍ଣବୟାବ ପ୍ରତି ପ୍ରତିମୂର୍ତ୍ତି ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ବକ୍ତବ୍ୟରେ କହିଥିଲେ । ଆହୁରି କହିଥିଲେ, କେନ୍ଦୁଝରରେ ନୀରିହ ପ୍ରଜାଙ୍କ ଉପରେ ଯେଉଁ ଅତ୍ୟାଚାର ହୋଇଥୁଲା, ତା ବିରୋଧରେ ଆରମ୍ଭହୋଇଥିଲା "ଧରଣୀ ମେଳି' । ଧରଣୀଧ ଧର ଥିଲେ ଭୂୟାଁ ସମ୍ପ୍ରଦାୟର ଆଦିବାସୀ । ସ୍ୱଭାବରେ ସମସ୍ତେ ଶାନ୍ତିପ୍ରିୟ । କିନ୍ତୁ, ଅନ୍ୟାୟ, ଅତ୍ୟାଚାରକୁ ବରଦାସ୍ତ କରିବା ସେମାନେ ଶିଖିନାହାନ୍ତି । ଧରଣୀଧର ଥିଲେ ସେହି ଅତ୍ୟାଚାର ବିରୋଧୀ ଶକ୍ତିର ମାନବୀୟ ରୂପ । ଜୀବନର ପ୍ରଥମ ଭାଗ ସେ ବିଦ୍ରୋହ କରି ସ୍ୱାଧୀନତାର ଅଗ୍ନି ଜଳାଇଥିଲେ । ଶେଷ ଭାଗକୁ ଆଧ୍ୟାତ୍ମିକ ମାର୍ଗରେ ଯାଇ ଦେଶର ସ୍ୱାଧୀନତା ପାଇଁ ଇଶ୍ୱରଙ୍କ ଆଶୀର୍ବାଦ ଲାଭ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏଥିସହ କେନାଲ ମ୍ୟାନ ପଦ୍ମଶ୍ରୀ ଦୈତାରୀ ନାୟକଙ୍କ ଜୀବନୀ ସମ୍ପର୍କରେ କହିଥିଲେ । ସେ ଗୋନସିକା ପାହାଡ଼ ନିଜ ଗ୍ରାମ ତଳ ବୈତରଣୀ ପର୍ଯ୍ୟନ୍ତ କେନାଲ ଖୋଳିବାକୁ ସମର୍ଥ ହୋଇଥିଲେ । ଦୀର୍ଘ ୩ ବର୍ଷ ଲାଗିଯାଇଥିଲା ତାଙ୍କୁ ଏ କଥା କରିବାକୁ । ଦୈତାରୀବାବୁଙ୍କ ଏ ଚମତ୍କାର କାହାଣୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପାଖରେ ପହଞ୍ଚି ଥିଲା । ୨୦୧୯ରେ ତାଙ୍କୁ ପଦ୍ମଶ୍ରୀ ଉପାଧିରେ ବିଭୂଷିତ କରିଥିଲେ । ସେ ମଧ ଜଣେ ବିପ୍ଳବୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଦ୍ମଶ୍ରୀ ଦୈତାରୀ ନାୟକ, ଏମ୍ପି ଅନନ୍ତ ନାୟକ, ବିଧାୟକ ଡା. ଫକୀର ନାୟକ, ବିଧାୟକ ଅଖିଳ ନାୟକ, ମମିତା ନାୟକ, ଶ୍ୟାମ ସୁନ୍ଦର ନାୟକ, ବିପ୍ଳବୀ ଧରଣୀଧରଙ୍କ ବଂଶଜ କଳାକାର ନାୟକ, ଭୂୟାଁ ସମାଜ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ୨ଲକ୍ଷ ୪୦ହଜାର କୋଟି ଟଙ୍କାର ପ୍ରକଳ୍ପ ପାଇଁ ଶିଳାନ୍ୟାସ ହୋଇଛି ।

# ଦୁଇ ପ୍ରକାର ଚାଲାଣ, ଲୋକେ ନାକେଦମ

ଭୁବନେଶ୍ୱର(ତଥ୍ୟ) ନିଜ ନିଜ ଯାନବାହାନର ପ୍ରଦୂଷଣ ସାର୍ଟିଫିକେଟ ପାଇଁ ଧାଉଁଥିବା ଲୋକେ ଏବେ ଗାଡିର ଚାଲାଣ ପଇଠ ପାଇଁ ନାକେଦମ ହେଉଛନ୍ତି। ବିଶେଷକରି ଯେଉଁମାନେ ଅଫ୍‌ଲାଇନ୍‌ରେ ଜୋରିମାନା ଅର୍ଥ ଦେବାପାଇଁ ଚାହୁଁଛନ୍ତି ସେମାନେ ଏବେ ପରିବହନ ବିଭାଗରୁ ପୁଲିସ୍ ବିଭାଗ କାଉଣ୍ଟରକୁ ଦଉଡୁଛନ୍ତି। ଯାବାହାନର ଚାଲାଣ କାଟିବାର କ୍ଷମତା ଉଭୟ ପରିବହନ ବିଭାଗ ଓ ପୁଲିସ୍ ବିଭାଗର ରହିଛି। ତେବେ ଯାନବାହାନର ଫିଟ୍‌ନେସ୍ ଓ ପରିମିଟ୍ ବାବଦୀୟ ଜୋରିମାନା କାଟିବା କେବଳ ପରିବହନ ବିଭାଗ ହାତରେ ଥିବାବେଳେ ଦ୍ରୁତ ଗାଡିଚାଳନା, ବିନା ହେଲେମେଟ୍ ଓ ସିଟବେଲ୍ଟରେ ଗାଡିଚାଳନା ଆଦିର ଫାଇନ୍ ଉଭୟ ପରିବହନ ଓ ପୁଲିସ୍ ବିଭାଗ କାଟିପାରିବ। ସେହିଭଳି ରାଜପଥରେ ପରିବହନ ବିଭାଗ ଲଗାଇଥିବା କ୍ୟାମେରାରେ ଫାଇନ୍ କାଟୁଥିବାବେଳେ ସହର ଭିତରେ ପୁଲିସ୍ ବିଭାଗ ଲଗାଇଥିବା କ୍ୟାମେରାରେ ପୁଲିସ୍ ବାବୁମାନେ ସ୍ମାର୍ଟ ଫାଇନ୍ କାଟୁଛନ୍ତି।

ତେବେ ଅନୁଧାନରୁ ଜଣାଯାଇଛି ଯେ ଜୋରିମାନା କଟିଥିବା ଯାବାହାନର ୨୫ ପ୍ରତିଶତଙ୍କ ମୋବାଇଲ୍ ନମ୍ବର ସେମାନଙ୍କ ଯାନବାହାନ ନମ୍ବର ସହିତ ସଂଯୁକ୍ତ ନାହିଁ। ସେମାନେ ନିଜ ନିଜର ଗାଡିର ପ୍ରଦୂଷଣ ପ୍ରମାଣପତ୍ର କରାଇବାକୁ ଯିବାରୁ ଗାଡିର ଜୋରିମାନା ପଇଠପାଇଁ କୁହାଯାଉଛି। ତେବେ ଏହି ଲୋକମାନେ ଅନ୍‌ଲାଇନ୍‌ରେ ଜୋରିମାନା ପଇଠ ସମ୍ଭବ ନହେବାରୁ ସେମାନେ ଅଫ୍ ଲାଇନ୍‌ରେ ଦେବାକୁ ବାଧ୍ୟ ହେଉଛନ୍ତି। ତେବେ ଏହିଠାରୁ ସେମାନଙ୍କ ସମସ୍ୟା ଆରମ୍ଭ ହେଉଛି। ସେମାନଙ୍କ ଜୋରିମାନା ପରିବହନ ବିଭାଗ ଦ୍ୱାରା କଟାଯାଇଛି କି ପୁଲିସ୍ ବିଭାଗ ଦ୍ୱାରା କଟାଯାଇଛି ସାଧାରଣ ଲୋକେ ତାହା ସହଜରେ ଜାଣିପାରୁ ନାହାନ୍ତି। ତେଣୁ ପରିବହନ ବିଭାଗ ନିକଟକୁ ଅଫ୍‌ଲାଇନ୍‌ରେ ଜୋରିମାନା ପଇଠ ପାଇଁ ଯିବା ବେଳକୁ ସେମାନେ ଲୋକମାନଙ୍କୁ ପୁଲିସ୍ ନିକଟକୁ ପଠାଇ ଦେଉଛନ୍ତି। ପୁଲିସ୍ ନିକଟକୁ ଗଲେ ପରିବହନ ବିଭାଗ ଦ୍ୱାରା କଟାଯାଇଥିବା ଚାଲାଣ ଆରଟିଓ ଅଫିସରେ ହିଁ ଦିଆଯିବ ବୋଲି କହି ବିଦା କରାଯାଉଛି। ଯଦି କଟାଯାଇଥିବା ଚାଲାଣକୁ ପ୍ରତ୍ୟେକ ସ୍ଥାନରେ ଗ୍ରହଣ କରାଯାଇ ପାରନ୍ତା ତେବେ ଲୋକେ ଏଭଳି ସମସ୍ୟାରେ ପଡନ୍ତେ ନାହିଁ। ସେହିଭଳି ପ୍ରଦୂଷଣକେନ୍ଦ୍ରଗୁଡିକୁ ଯଦି ଅନ୍‌ଲାଇନ୍‌ରେ ଜୋରିମାନା ଗ୍ରହଣର କ୍ଷମତା ପ୍ରଦାନ କରାଯାଆନ୍ତା ତେବେ ଲୋକେ ଆରଟିଓ ଅଫିସରୁ ଟ୍ରାଫିକଥାନା ପର୍ଯ୍ୟନ୍ତ ଧାଁ ଦଉଡ କରନ୍ତେ ନାହିଁ।

ଅନୁରୂପ ଭାବେ ରାଜପଥରେ ଯିବା ସମୟରେ ଯେଉଁମାନଙ୍କର ଯେଉଁ ଅଞ୍ଚଳରେ ଚାଲାଣ କଟିଛି ଅଫ୍‌ଲାଇନ୍‌ରେ ଚାଲାଣ ପଇଠ କରିବାପାଇଁ ସମ୍ପୃକ୍ତ ଗାଡି ଚାଳକଙ୍କୁ ସେହିସବୁ ଇଲାକାରେ ଥିବା ଆରଟିଓ ଅଫିସକୁ ଯିବାକୁ ବାଧ୍ୟ କରାଯାଉଛି। ଗାଡିରେ ତେଲ ପକାଇବାପାଇଁ ସରକାର ପ୍ରଦୂଷଣ ସାର୍ଟିଫିକେଟକୁ ବାଧ୍ୟତାମୂଳକ କରିଥିବାବେଳେ ଏହି ସାର୍ଟିଫିକେଟ ପାଇବାପାଇଁ ପୁରୁଣା ଜୋରିମାନା ପଇଠ କରିବାକୁ କୁହାଯାଉଛି। ଏହା ଫଳରେ ଏବେ ଲୋକେ କାମ ଦାମ ଛାଡି ଆରଟିଓ ଅଫିସ ଓ ଥାନାଗୁଡିକୁ ଦଉଡିବାରେ ଲାଗିଛନ୍ତି। ଡିଜିଟାଲ ଯୁଗରେ ଅଫ୍‌ଲାଇନ୍ ଜୋରିମାନା ପଇଠ ସୁବିଧା ସମସ୍ତ ଆରଟିଓ ଓ ଅନୁମତିପ୍ରାପ୍ତ ଥାନାଗୁଡିକରେ ଯୋଗାଇ ଦିଆଗଲେ କେବଳ ସାଧାରଣ ଲୋକେ ଉପକୃତ ହୁଅନ୍ତେ ନାହିଁ, ଧାର୍ଯ୍ୟ ସମୟରେ ରାଜକୋଷକୁ ଅଧିକ ଅର୍ଥ ଆସିପାରନ୍ତା ଓ ସରକାର ମଧ ସମାଲୋଚନାରୁ ରକ୍ଷା ପାଇପାରନ୍ତେ ବୋଲି କୁହାଯାଉଛି ।

## ନ୍ୟୁଜ୍‌ରୁମର କନକ୍ଲେଭ, 'ଜାଗରଣ'

# ପାରମ୍ପରିକ ଶିକ୍ଷା, କୃଷି, ବିଜ୍ଞାନ ହିଁ ସାମଗ୍ରୀକ ବିକାଶର ଆଧାର : କନକବର୍ଦ୍ଧନ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଅନ୍ୟତମ ଅଗ୍ରଣୀ ନ୍ୟୁଜ୍ ୱେବ ଚେନାଲ ନ୍ୟୁଜ୍ ରୁମ ପକ୍ଷରୁ ସ୍ଥାନୀୟ ମେ ଫେୟାର ସମ୍ମିଳନୀ କକ୍ଷରେ ବାର୍ଷିକ କାର୍ଯ୍ୟକ୍ରମ ଜାଗରଣ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଲେ ଯେ ଭାରତୀୟ ପାରମ୍ପରିକ ଶିକ୍ଷା, କୃଷି, ଚିକିତ୍ସା ପଦ୍ଧତି, ବୈଜ୍ଞାନିକ ଜ୍ଞାନକୌଶଳର ଶତପ୍ରତିଶତ ପ୍ରୟୋଗ ହିଁ ଦେଶର ସାମଗ୍ରୀକ ବିକାଶର ଆଧାର । ପୁରାଣ କାଳରେ ଲୋକେ ଏହି ପାରମ୍ପରିକ ପଦ୍ଧତି ଗୁଡ଼ିକ ପ୍ରୟୋଗ କରି ପ୍ରତି କ୍ଷେତ୍ରରେ ସଫଳତା ପାଉଥିଲେ । ପରବର୍ତ୍ତି ସମୟରେ ବିଭିନ୍ନ କାରଣରୁ ଦେଶ ଅବକ୍ଷୟ ଆଡ଼କୁ ଯାଇ ଭିନ୍ନ ମୋଡ଼ ନେଇଥିଲା । ଏବେ ସମୟ ଆସିଛି ଆମେ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ସମ୍ପୂର୍ଣ୍ଣତା ପାଇବାକୁ ହେଲେ ପାରମ୍ପରିକ ପଦ୍ଧତିକୁ ଆପଣେଇବାକୁ ପଡ଼ିବ ବୋଲି ଶ୍ରୀ ସିଂହଦେଓ ଗୁରୁତ୍ୱାରୋପ କରିଥିଲେ । ବିଶେଷ କରି କୃଷି କ୍ଷେତ୍ରରେ ପ୍ରକୃତିଦତ୍ତ ପଦ୍ଧତିରେ ଚାଷ କଲେ ମଣିଷ କୌଣସି ରୋଗର ଶୀକାର ହେବ ନାହିଁ ବୋଲି କହିଥିଲେ । ନ୍ୟୁଜ୍ ରୁମର ପ୍ରତିଷ୍ଠାତା ସମ୍ପାଦକ ମନରଞ୍ଜନ ମିଶ୍ର କାର୍ଯ୍ୟକ୍ରମର ପଥମ ସୋପାନକୁ ଅଧ୍ୟକ୍ଷତା କରିଥିଲେ । ପ୍ରତିଷ୍ଠାତା ସିଇଓ ପ୍ରିୟଦର୍ଶୀ ବଳ ସଭାକୁ ସ୍ୱାଗତ କରିଥିବା ବେଳେ ସାମ୍ବାଦିକ ଅଭିନ୍ନ ଆଶୁତୋଷ ସତପଥୀ ସଭା ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ସଫତତା ପାଇଥିବା ବ୍ୟବକ୍ତି ବିଶେଷ ଓ ଅନୁଷ୍ଠାନ ମାନଙ୍କ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମର ଦଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଅତିଥି ବକ୍ତା ଭାବରେ ସ୍ୱାମୀ ସୁଦ୍ଧାନନ୍ଦଜୀ, ପିସିସି ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ , ପ୍ରଫେସର କିଶୋର କୁମାର ବସା, ଅଦୈତ ଗଡ଼ନାୟକ, ଅଶେଶକ କୁମାର ବସା , ଦେବାଶିଷ ସତପଥୀ, ସିନେ ତାରକା ବର୍ଷା ପ୍ରିୟଦର୍ଶିନୀ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ବିଷୟବସ୍ତୁର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।




**ଶ୍ରୀମନ୍ଦିରର ଧ୍ୱଜା ବନ୍ଧା ନେଇ ମୁଖ୍ୟ ପ୍ରଶାସକଙ୍କ ସୂଚନା**

# ଅପରାହ୍ନ ୩ ଟା ସୁଦ୍ଧା ଶେଷ କରିବାପାଇଁ ନିର୍ଦ୍ଦେଶ

ପୁରୀ, (ସବ୍ୟୁ): ଇଂରାଜୀ ନବବର୍ଷ ଦିନ ଅସମ୍ଭବ ଭିଡ଼ ସମ୍ଭାବନା ତଥା ଜନଗହଳି ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରର

ଧ୍ୱଜା ବନ୍ଧା ନୀତି ସନ୍ଧ୍ୟା ୫ ଟା ପରିବର୍ତ୍ତେ ଅପରାହ୍ନ ୩ ଟା ସୁଦ୍ଧା ଶେଷ କରିବାପାଇଁ ମୁଖ୍ୟ ପ୍ରଶାସକ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଚୁନରା ସେବକ ମାନଙ୍କୁ ସ୍ୱତନ୍ତ୍ର କାର୍ଯ୍ୟାଳୟ ଆଦେଶ ନିର୍ଗମନ କରାଯାଇଛି । ଅପରାହ୍ନ ସମୟରେ କମ ଗହଳି ମଧ୍ୟରେ ଧ୍ୱଜା ବନ୍ଧା ହେବା ଲକ୍ଷ୍ୟରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିବା ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ଏଣୁ ଏଥି ପାଇଁ ପ୍ରତ୍ୟହ ଅପରାହ୍ନ ୧ ଟା ୩୦ ମିନିଟ ସୁଦ୍ଧା ଧ୍ୱଜା ବନ୍ଧା ରସିଦ କରାଯାଇ ୧ ଟା ୪୫ ମିନିଟ ସୁଦ୍ଧା ଧ୍ୱଜା ଗୁଡ଼ିକୁ ଚୁନରା ପାଳିଆ ସେବକଙ୍କୁ ହତାନ୍ତର ପାଇଁ ଲେଙ୍କା ସେବକଙ୍କୁ ନିର୍ଦ୍ଦେଶ ଜାରି ହୋଇଛି। ଏତତ୍ ବ୍ୟତୀତ ଘଣ୍ଟି ଦ୍ୱାର ଦେଇ ଶ୍ରୀମନ୍ଦିର ପ୍ରବେଶ ଓ ପ୍ରସ୍ଥାନ ସୁଗମ କରିବା ତଥା ଗହଳି ନିୟନ୍ତ୍ରଣ କରିବା ପାଇଁ ଚୁନରା ସେବକ ମାନେ କୌଣସି ଉଲାଗି ଧ୍ୱଜା ଗାରଦ ପଶ୍ଚାତ ଭାଗରେ ବିକ୍ରୟ ନକରିବା ପାଇଁ ବାରଣ କରା ଯାଇଛି। ଏଥି ସହ ଏହାକୁ ନିଶ୍ଚିତ କରାଯିବାକୁ ଶ୍ରୀମନ୍ଦିର କମାଣ୍ଡର ଏବଂ ସୁପରଭାଇଜରଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଏନେଇ ଚୁନରା ସେବକ ମାନଙ୍କର ସହଯୋଗ କାମନା କରିବା ସହ କୌଣସି ବ୍ୟତିକ୍ରମ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ।

# ଭିନ୍ନକ୍ଷମ ମହିଳାଙ୍କୁ ବଳାତ୍କାର : ଅଭିଯୁକ୍ତ ଗିରଫ

ପୁରୀ, (ସବ୍ୟୁ): ଘରେ ଶୋଇ ଥିବା ଅବସ୍ଥାରେ ଜଣେ ଭିନ୍ନକ୍ଷମ ମହିଳାଙ୍କୁ ବଳ ପୂର୍ବକ ବଳାତ୍କାର ଅଭିଯୋଗରେ ବ୍ରହ୍ମଗିରି ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତର ପରିଚୟ ହେଲା ଏହି ଥାନା ଅଧୀନ ରେବେନା ନୂଆ ଗ୍ରାମର ଭୂଷଣ ବେହେରା (୪୯) । ପୋଲିସ ସୂଚନା ମୁତାବକ ସେହି ଗ୍ରାମରେ ଲିପ୍ସା ୨୧ ( ଛଦ୍ମ) ନାମ ନାମ୍ନୀ ଭିନ୍ନ କ୍ଷମ ମହିଳା ତାଙ୍କ ସ୍ୱାମୀ ସହିତ ରହୁଛନ୍ତି। ଗତ ୨୬ ତାରିଖ ରାତି ପ୍ରାୟ ୮ ଟା ସମୟରେ ସେ ଘରେ ଶୋଇଥିଲେ। ତାଙ୍କ ସ୍ୱାମୀ କୌଣସି କାର୍ଯ୍ୟରେ ବାହାରକୁ ଯାଇ ଥିଲେ। ଏହାର ସୁଯୋଗ ନେଇ ସେହି ଗ୍ରାମର ଭୂଷଣ ବେହେରା ନାମକ ଜଣେ ବ୍ୟକ୍ତି ଘରେ ପଶି ମହିଳାଙ୍କୁ ବଳାତ୍କାର କରି ଥିଲେ। ଏନେଇ ମହିଳା ତାଙ୍କ ସ୍ୱାମୀଙ୍କୁ ଜଣାଇ ଥିଲେ। ଏହା ପରେ ମହିଳା ଜଣକ ଏନେଇ ବ୍ରହ୍ମଗିରି ଥାନା ରେ ଲିଖିତ ରୂପେ ଏତଲା ଦେଇ ଥିଲେ ।ମହିଳାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ କେଶ ରୁଜୁ କରି ତଦନ୍ତ ଆରମ୍ଭ କରି ଥିଲା। ପୋଲିସ ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କରିଛି। ଏଥି ସହିତ ପୋଲିସ ପୀଡ଼ିତାଙ୍କ ବୟାନ ବିଏନଏସ ଆଇନର ଧାରା ୧୮୩ ଅନୁଯାୟୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ କରିଛି। କୋର୍ଟ ଅଭିଯୁକ୍ତର ଜାମିନ ଆବେଦନ ଖାରଜ କରିବାରୁ ପୋଲିସ ତାକୁ ଜେଲକୁ ପଠାଇ ଦେଇଛି ।

# ଉଦ୍‌ଯାପିତ ହେଲା ଓଷ୍ଟାର ରାଜ୍ୟସ୍ତରୀୟ ଶିଶୁ ଉତ୍ସବ

କଟକ, (ସବ୍ୟୁ):ତିନିଦିନ ଧରି ଚାଲିଥିବା ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ର ୪୨ତମ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ତୃତୀୟ ଦିବସର ପୂର୍ବାହ୍ନ ୯ ଘଟିକା ସମୟରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଗାଇଡ୍ ଶିକ୍ଷକ,ଶିକ୍ଷୟିତ୍ରୀ ଓ ନେତୃମଣ୍ଡଳୀଙ୍କୁ ନେଇ ଏକ ଶାନ୍ତି ଶୋଭାଯାତ୍ରା ଓଷ୍ଟା କାର୍ଯ୍ୟାଳୟ ନୟାସଡ଼କରୁ ବାହାରି ଚୌଧୁରୀ ବଜାର, ଦରଘାବଜାର ଦେଇ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମ ପୀଠରେ ପହଞ୍ଚିଥିଲା । ସେଠାରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ତଥା ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

ପୂର୍ବାହ୍ନ ୧୧ ଘଟିକା ସମୟରେ ଏକକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଅପରାହ୍ଣରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ "ଛାୟା ବିଧାନସଭା" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ସାଂଗଠନିକ ଜିଲ୍ଲାର ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କ ଦ୍ୱାରା ଏହି ଦଳଗତ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା ।ଅପରାହ୍ନରେ ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବି.ଜେ.ପି. ସଭାପତି ମନମୋହନ ସାମଲ ଯୋଗଦେଇ ଓଷ୍ଟାର ଏଭଳି ଶିଶୁ ପ୍ରତିଭା ଚୟନ କାର୍ଯ୍ୟକ୍ରମର ଆୟୋଜନ ସ୍ୱାଗତଯୋଗ୍ୟ ବୋଲି କହିବା ସହ ଓଷ୍ଟାର ଦୀର୍ଘାୟୁ କାମନା କରିଥିଲେ । ଶିକ୍ଷକଟିଏ ସମାଜକୁ ତିଆରି କରେ ଏବଂ ଶିକ୍ଷକତା ବୃତ୍ତିରୁ ଆତ୍ମସନ୍ତୋଷ ମିଳେ ବୋଲି କହିବା ସହିତ ସଭାମଣ୍ଡନ କରିଥିବା କୁନି କୁନି ପିଲାମାନଙ୍କୁ ଶୁଭେଚ୍ଛା ଓ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟବକ୍ତା ଭାବେ ଡ. ପବିତ୍ର ସୁବୁଦ୍ଧି ଯୋଗଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଡ. ସନାତନ ପଣ୍ଡା, ପ୍ରାକ୍ତନ ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ, ଓଡ଼ିଶା ଯୋଗଦେଇ ପିଲାମାନଙ୍କୁ ସ୍ୱପ୍ନବିଳାସୀ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସିନେ ତାରକା କୁନା ତ୍ରିପାଠୀ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଉଦ୍‌ଯାପନ ସଭାର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ଶେଷରେ ଯୁଗ୍ମ ସାଧାରଣ ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ପୁରୀ ମୁନିସିପାଲ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ବନ୍ଧୁମିଳନ**

# ୫୦ ବର୍ଷ ପରେ ସ୍ମୃତିଚାରଣ କଲେ ୧୯୭୫ ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀ

ଭୁବନେଶ୍ୱର (ସବ୍ୟୁ): ପୁରୀ ସହରର ଗର୍ବଗୌରବ ବହନ କରୁଥିବା ମୁନିସିପାଲିଟି ହାଇସ୍କୁଲର ୧୯୭୫ ମସିହା ମାଟ୍ରିକ୍ ବ୍ୟାଚ୍‌ର ଛାତ୍ରଛାତ୍ରୀମାନେ ଆଜି ସୁବର୍ଣ୍ଣ ଜୟନ୍ତୀ ପୁନର୍ମିଳନ ଉତ୍ସବ ପାଳନ କରିଛନ୍ତି। ଦୀର୍ଘ ୫୦ ବର୍ଷର ବ୍ୟବଧାନ ପରେ ପୁରୁଣା ବନ୍ଧୁମାନେ ଏକାଠି ହୋଇଥିଲେ। ଏହି ଅବସରରେ ସମସ୍ତ ପୂରାତନ ଛାତ୍ରଛାତ୍ରୀ ପରସ୍ପରକୁ ଭେଟିବା ସହ ଅତୀତର ସେହି ବିଦ୍ୟାଳୟ ସମୟର ମଧୁର ସ୍ମୃତିକୁ ମନେ ପକାଇଥିଲେ। ସେହି ସମୟରେ ବିତିଥିବା କଥା, ଶିକ୍ଷକଶିକ୍ଷୟତ୍ରୀମାନଙ୍କ ଶିକ୍ଷାଦାନ ଶୈଳୀ ଓ ପାଠପଢ଼ାକୁ ନେଇ ସେମାନେ ଆଲୋଚନା କରିଥିଲେ। ବର୍ତ୍ତମାନ ସ୍କୁଲର ପରିସ୍ଥିତି ବିଷୟରେ ଆଲୋଚନା ହୋଇଥିଲା । ସ୍କୁଲର କୀର୍ତ୍ତି ଓ କ୍ଷ୍ୟାତିକୁ ଆଗକୁ ବଢ଼ାଇବା ପାଇଁ ଅନେକ ପ୍ରସ୍ତାବ ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା । ଏକ ଅନନ୍ୟ ପ୍ରସ୍ତାବ ଯାହା ମାଧ୍ୟମରେ ସ୍କୁଲର ପୂରାତନ ଛାତ୍ରଛାତ୍ରୀ ସ୍କୁଲକୁ ଆସି ବର୍ତ୍ତମାନର ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦାୟକ ଅଭିଭାଷଣ ଦେବା ପାଇଁ ରାଜି ହୋଇଥିଲେ । ଏ ସଂପର୍କରେ ସ୍କୁଲର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଏହି ବନ୍ଧୁମିଳନ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଡଃ ତପନ କୁମାର ଚାନ୍ଦ, ଡଃ ଅଭୟ କୁମାର ପଟ୍ଟନାୟକ, ଦୀନବନ୍ଧୁ ମହାପାତ୍ର, ରବି ନାରାୟଣ ରଥ, କୃଷ୍ଣଚନ୍ଦ୍ର ରଥ, ରବିନ୍ଦ୍ର ଚୌଧୁରୀ, ଅଜୟ କୁମାର ମହାନ୍ତି, ଉମାକାନ୍ତ ଦାଶ ଏବଂ ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମଟିକୁ ବ୍ୟାଚ୍‌ର ସଦସ୍ୟ ହିମାଂଶୁ କୁମାର ମହାନ୍ତି ସୁଚାରୁ ରୂପେ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ୫୦ ବର୍ଷ ପରେ ଏହି ମିଳନ କେବଳ ପୁରୁଣା ବନ୍ଧୁତାକୁ ସତେଜ କରିନଥିଲା, ବରଂ ସମସ୍ତଙ୍କ ମଧ୍ୟରେ ଏକ ନିବିଡ଼ ସମ୍ପର୍କର ପୁନଃପ୍ରତିଷ୍ଠା କରିଥିଲା।



### ମରାଠୱାଡ଼ା ଏବଂ ବିଦର୍ଭର ଭକ୍ତମାନଙ୍କ ପକ୍ଷରୁ

## ଶ୍ରୀକ୍ଷେତ୍ର ଜଗନ୍ନାଥ ପୁରୀ ଧାମରେ ଶ୍ରୀମଦ୍ ଭାଗବତ ମହାପୁରାଣ କଥା ଆୟୋଜନ

ପୁରୀ, (ସବ୍ୟୁ) : ମରାଠୱାଡ଼ା ଏବଂ ବିଦର୍ଭର ଭକ୍ତମାନଙ୍କ ପକ୍ଷରୁ ଶ୍ରୀକ୍ଷେତ୍ର ଜଗନ୍ନାଥ ପୁରୀ ଧାମରେ ଶ୍ରୀମଦ୍ ଭାଗବତ ମହାପୁରାଣ କଥା ଆୟୋଜନ କରାଯାଇଛି । ଏହି କଥାର



ଦ୍ୱିତୀୟ ଦିବସ ଅର୍ଥାତ୍ ଶନିବାର ଦିନ କଥା ସୂତ୍ର ପ୍ରତିପାଦନ କରି ସ୍ୱାମୀ ଗୋବିନ୍ଦ ଦେବ ଗିରିଜୀ ମହାରାଜ ବେଦର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ବେଦର ପାଳନ ଏବଂ ରକ୍ଷା କରୁଥିବା ମଣିଷ ଆଜୀବନ ସୁରକ୍ଷିତ ରହିପାରିବ ବୋଲି ସେ ଏହି ଅବସରରେ ବିଶେଷ ଭାବରେ କହିଥିଲେ।

ବାଲିଆପଣ୍ଡା ସ୍ଥିତ ଇନ୍ଦ୍ରଦ୍ୟୁମ୍ନ ନଗରୀରେ ୧ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କଥା ମହୋତ୍ସବ ରାଧେଶ୍ୟାମ ଚାଣ୍ଡକ (ବୁଲଡାଣା), ନନ୍ଦକିଶୋର ଝମ୍ବର (ରିସୋଡ), ଡାକ୍ତର ବିନୋଦ ମନ୍ତ୍ରୀ (ପରଭଣୀ) ଏବଂ ନନ୍ଦକିଶୋର ବାହେତୀ (ସେଲୁ) ଓ ସେମାନଙ୍କ ପରିବାର ପକ୍ଷରୁ ଆୟୋଜନ କରାଯାଇଛି। ସ୍ୱାମୀଜୀ ନିଜ ପ୍ରବଚନରେ କୌରବ ଏବଂ ପାଣ୍ଡବଙ୍କ ବଂଶର ସନ୍ଦର୍ଭ ଦେଇଥିଲେ। ମନ୍ତ୍ର ସାହାଯ୍ୟରେ ଅସ୍ତ୍ରଶସ୍ତ୍ର କିପରି ବ୍ୟବହାର କରାଯାଉଥିଲା, ସେ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଅଧ୍ୟାତ୍ମ ଏବଂ ଈଶ୍ୱରୀୟ ଚିନ୍ତନ ଉପରେ ଭାଷ୍ୟ ରଖି ସ୍ୱାମୀଜୀ କହିଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ପ୍ରଭୁଙ୍କ ଚରଣ କମଳକୁ ଚିନ୍ତନ କରିବା ଉଚିତ। କଥାରେ ଚରଣ କମଳର କୋମଳତା ବିଷୟରେ ବିଶେଷ ବର୍ଣ୍ଣନା କରାଯାଇଛି। ଚିତ୍ତରେ କୋମଳତା ବିନା ଅଧ୍ୟାତ୍ମ ସମ୍ଭବ ନୁହେଁ ଏବଂ ଏପରି କୋମଳ ଚିତ୍ତ ବିନା ଭଗବାନଙ୍କ ଆଗମନ ମଧ୍ୟ ହୁଏନାହିଁ। ପ୍ରଭୁଙ୍କ କର କମଳରେ ଚକ୍ର ଅଛି ଏବଂ ତାଙ୍କ ଆୟୁଧଗୁଡ଼ିକୁ ଚିନ୍ତନ କଲେ ଜୀବନରେ କୌଣସି କ୍ଷତି ହେବ ନାହିଁ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଥିଲେ। ସଂଘର୍ଷରେ ସମୃଦ୍ଧ ଜୀବନ ଗାଥା ହିଁ ଶ୍ରେଷ୍ଠ ବୋଲି ସାଂସଦ ସମ୍ବିତ ପାତ୍ର କହି ଥିଲେ । ଯାହା ଜୀବନରେ ସଂଘର୍ଷ ନାହିଁ, ସେହି ଜୀବନ ପ୍ରକୃତ ଜୀବନ ନୁହେଁ। ଜୀବନର ଶେଷରେ ଯେତେବେଳେ ମୋ ଜୀବନର ପୁସ୍ତକ ଲେଖାଯିବ, ସେତେବେଳେ ତାହା କେବଳ ୨ ପୃଷ୍ଠାର ନ ହୋଇ ସଂଘର୍ଷରେ ସମୃଦ୍ଧ ହେବା ଉଚିତ।

### ଅନୁଗୋଳରେ 'ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଅନୁଗୋଳ' କାର୍ଯ୍ୟକ୍ରମ

## ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ସମସ୍ତେ ଗୋଟିଏ ପାଦ ଆଗକୁ ବଢ଼ାଇବା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଅନୁଗୋଳ ମ୍ୟୁନିସପାଲିଟି ଛକଠାରେ ଆୟୋଜିତ 'ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଅନୁଗୋଳ' କାର୍ଯ୍ୟକ୍ରମରେ ଯୋଗଦେଇ ପରିବେଶକୁ ସ୍ୱଚ୍ଛ ରଖିବାର ମହତ ବାର୍ତ୍ତା ଦେଇଛନ୍ତି । ଏହି ଅବସରରେ ସେ ଅନୁଗୋଳ ପୌର ପରିଷଦ ଅନ୍ତର୍ଗତ ପ୍ରାୟ ୨୭.୭୩ କୋଟି ଟଙ୍କାର ୩୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । କେନ୍ଦ୍ର ସରକାରଙ୍କ "ସ୍ୱଚ୍ଛ ସର୍ବେକ୍ଷଣ - ମୋ ସହର, ମୋ ପରିଚୟ ୨୦୨୫-୨୬" କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସ୍ୱଚ୍ଛ ଭାରତ ଅଭିଯାନ' ଆଜି ଏକ ବିଶାଳ ଜନ ଆନ୍ଦୋଳନରେ ପରିଣତ ହୋଇଛି । ସହରକୁ ସ୍ୱଚ୍ଛ ରଖିବା କେବଳ ପ୍ରଶାସନିକ କିମ୍ବା ସାମାଜିକ ସଂଗଠନର କାର୍ଯ୍ୟ ନୁହେଁ, ବରଂ



ଏହା ପ୍ରତ୍ୟେକ ନାଗରିକଙ୍କ ନୈତିକ ଦାୟିତ୍ୱ । ଆମେ ସମସ୍ତେ ମିଶି ଯଦି ଗୋଟିଏ ପାଦ ଆଗକୁ ବଢ଼ାଇବା, ତେବେ ଆମ ସହର ସ୍ୱଚ୍ଛ ଓ ସୁନ୍ଦର ହୋଇପାରିବ । ଯେପରି ଆମେ ନିଜ ଘରକୁ ସଫା ରଖୁ, ସେହିଭଳି ରାସ୍ତାଘାଟ ଓ ସାର୍ବଜନୀନ ସ୍ଥାନକୁ ସ୍ୱଚ୍ଛ ରଖିବାକୁ ପଡ଼ିବ ।

ଆଜିର ଅବସରରେ ବିଦ୍ୟୁତ, ପରିମଳ, ଶିକ୍ଷା ଓ ମହିଳା ଓ ଶିଶୁ କଲ୍ୟାଣ ସମେତ ବିଭିନ୍ନ କ୍ଷେତ୍ରରେ ପ୍ରାୟ ୨୭.୭୩ କୋଟି ଟଙ୍କାର ୩୬ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶିଳାନ୍ୟାସ ହୋଇଛି । ଡିଏମଏଫ ପାଣ୍ଠିରୁ ବିନିଯୋଗ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଜନସାଧାରଣଙ୍କ ଜୀବନଶୈଳୀରେ ବ୍ୟାପକ ସୁଧାର ଆଣିବ ବୋଲି ସେ କହିଥିଲେ । ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ଶ୍ରୀ ପ୍ରଧାନ ଜିଲ୍ଲା ପ୍ରଶାସନକୁ ଏକ ସ୍ୱତନ୍ତ୍ର ଖସଡା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି । ବ୍ୟାପକ ବୃକ୍ଷରୋପଣ ଏବଂ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । "ସ୍ୱଚ୍ଛ, ସୁନ୍ଦର ଓ ସବୁଜ ଅନୁଗୋଳ"ର ସ୍ୱପ୍ନ ସାକାର କରିବା ପାଇଁ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ସବୁ ବର୍ଗର ଲୋକଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ସେ ନିବେଦନ କରିଛନ୍ତି ।

ଏହି ଅବସରରେ ଶ୍ରୀ ପ୍ରଧାନ ଅନୁଗୋଳ ମ୍ୟୁନିସପାଲିଟିରେ କାର୍ଯ୍ୟରତ ସଫେଇ କର୍ମଚାରୀମାନଙ୍କୁ ମୋବାଇଲ୍ ଫୋନ୍ ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପରେ ଶ୍ରୀ ପ୍ରଧାନ ନିକଟସ୍ଥ ବଜାପରଡ଼ା ଅଙ୍ଗନୱାଡି କେନ୍ଦ୍ରରେ ପଢୁଥିବା ପିଲାମାନଙ୍କ ଗହଣରେ କିଛି ସମୟ ଅତିବାହିତ କରିବା ସହ ସେମାନଙ୍କୁ ଫଳ ବିତରଣ କରିଥିଲେ । ସେ କହିଥିଲେ, ଅଙ୍ଗନବାଡ଼ି ଓ ସରକାରୀ ସ୍କୁଲର ପିଲାମାନଙ୍କୁ ଫଳ ସହ ପୁଷ୍ଟିକର ଖାଦ୍ୟ ବାଣ୍ଟିବା ଦ୍ୱାରା ସେମାନଙ୍କର ପୋଷଣ ଆବଶ୍ୟକତା ପୂରଣ ହୋଇପାରିବ । ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ । ସେମାନଙ୍କୁ ସୁସ୍ଥ ଓ ସବଳ ରଖିବା ପାଇଁ ଆମେ ସମସ୍ତେ ସାମୂହିକ ପ୍ରୟାସ କରିବା ।

### ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୧୨୯ ତମ 'ମନ୍ କି ବାତ୍' କାର୍ଯ୍ୟକ୍ରମ

## ମୋଦିଜୀଙ୍କ ନେତୃତ୍ୱରେ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛି ଭାରତ : ମନମୋହନ

ଭୁବନେଶ୍ୱର, (ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ତାଙ୍କ ୧୨୯ତମ "ମନ୍ କି ବାତ୍" କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ଏହି ଅବସରର ଶ୍ରୀ ମୋଦିଜୀ ୨୦୨୫ ବର୍ଷରେ ଭାରତ କରିଥିବା ବିଭିନ୍ନ ଉପଲବ୍ଧି ସମ୍ପର୍କରେ କହିଛନ୍ତି। ଜାତୀୟ ସୁରକ୍ଷାଠାରୁ ଆରମ୍ଭ କରି କ୍ରୀଡ଼ା ଓ ବିଜ୍ଞାନ କ୍ଷେତ୍ରରେ କିଭଳି ସାରା ବିଶ୍ୱରେ ଭାରତ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛି ସେବିଷୟରେ ମୋଦିଜୀ ଆଲୋକପାତ କରିଛନ୍ତି। ନୂତନ ଉଦ୍ଭାବନ ଏବଂ ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ପ୍ରସାର କରି ବିଶ୍ୱର ଦେଶଗୁଡ଼ିକୁ ବହୁତ ପ୍ରଭାବିତ କରିଛି। ଭାରତ ତାର ସୁରକ୍ଷା ସହ କୌଣସି ପ୍ରକାର ସାଲିସ କରେ ନାହିଁ ବୋଲି ଅପରେଶନ ସିନ୍ଦୁର ମାଧ୍ୟମରେ ଦେଖାଇ ଦେଇଛି। ଆତ୍ମନିର୍ଭର ଭାରତ ପାଇଁ ମୋଦିଜୀ ସ୍ୱଦେଶୀ ଅଭିଯାନ ଉପରେ ଗୁରୁତ୍ୱ ଦେବା ଯୋଗୁ ସୁଦେଶୀ ସାମଗ୍ରୀ କ୍ରୟ ଉପରେ ଆଜି ଭାରତ ସମେତ ଓଡ଼ିଶାର ଲୋକଙ୍କ ମଧ୍ୟରେ ଆକର୍ଷଣ ବଢ଼ିଛି। ଏହାଦ୍ୱାରା ଅଧିକରୁ ଅଧିକ ସ୍ୱଦେଶୀ ସାମଗ୍ରୀ ତିଆରି ପାଇଁ ଆତ୍ମବିଶ୍ୱାସ ବଢ଼ିଛି। ଦେଶର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ପାର୍ବତୀ ଗିରିଙ୍କ ଯୋଗଦାନକୁ ଲୋକଲୋଚନକୁ ଆଣିଛନ୍ତି ମୋଦିଜୀ। ଜାନୁୟାରୀ ୨୦୨୬ରେ ତାଙ୍କ ଜନ୍ମ ଶତାବାର୍ଷିକୀ ପାଳନ କରିବା ପାଇଁ ମୋଦିଜୀ ନିଷ୍ପତି ନେଇଛନ୍ତି। ଏହାସବୁ ଓଡ଼ିଆଙ୍କୁ ଗର୍ବିତ କରିଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।



ଭୁବନେଶ୍ୱର ଉତର ନିର୍ବାଚନ ମଣ୍ଡଳୀର ଶ୍ରୀକୃଷ୍ଣ ମଣ୍ଡଳ ଅନ୍ତର୍ଗତ ୱାର୍ଡ ନଂ.୨୭ଠାରେ "ମନ୍ କି ବାତ୍" ରେଡିଓ କାର୍ଯ୍ୟକ୍ରମରେ ଶ୍ରୀ ସାମଲ ଯୋଗଦେଇ କହିଛନ୍ତି ଯେ, ମାତ୍ର ୧୬ ବର୍ଷ ବୟସରେ ଭାରତ ଛାଡ଼ ଆନ୍ଦୋଳନରେ ଅଂଶଗ୍ରହଣ କରିଥିବା ପାର୍ବତୀ ଗିରିଜୀ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ସ୍ୱାଧୀନତା ସଂଗ୍ରାମ ପରେ ସେ ସମାଜ ସେବା ଓ ଆଦିବାସୀ କଲ୍ୟାଣ ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିଲେ। ଅନେକ ଅନାଥାଶ୍ରମ ପ୍ରତିଷ୍ଠା କରିଥିଲେ। ମାତ୍ର ପାର୍ବତୀ ଗିରଜୀଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ଲୋକଲୋଚନକୁ ଆସିପାରୁ ନ ଥିଲା। ତାଙ୍କୁ ଯଥେଷ୍ଟ ସମ୍ମାନ ମିଳିପାରୁ ନ ଥିଲା। ମୋଦିଜୀ ଏହି ମହାନ୍ ନାୟିକାଙ୍କୁ କେବଳ ମନେ ପକାଇନାହାନ୍ତି, ତାଙ୍କ ସମ୍ମାନରେ ଜନ୍ମଶତବାର୍ଷିକୀ ପାଳନ କରିବାକୁ ଯାଉଛନ୍ତି। ପାର୍ବତୀ ଗିରିଙ୍କ ତ୍ୟାଗ, ବଳିଦାନ ସମ୍ପର୍କରେ ଦେଶବାସୀଙ୍କୁ ଅବଗତ କରାଇ ପରବର୍ତୀ ପିଢ଼ିକୁ ମାର୍ଗଦର୍ଶନ ଦେଇଛନ୍ତି। ରାଷ୍ଟ୍ର ନିର୍ମାଣ ପାଇଁ ମୋଦିଜୀ ଯୁବପିଢ଼ୀଙ୍କ ଯୋଗଦାନକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଜାନୁୟାରୀ ୧୨ରେ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀ ଅବସରରେ ସାରା ଦେଶରେ ଜାତୀୟ ଯୁବଦିବସ ପାଳନ କରାଯିବ। ଏଥିରେ ଯୁବପିଢ଼ୀ ନବସ୍ୱଜନ, ଫିଟ୍‌ନେସ୍, ଷ୍ଟାର୍ଟଅପ୍ ଏବଂ କୃଷି ଭଳି ବିଭିନ୍ନ ଗୁରୁତ୍ୱ ବିଷୟ ଉପରେ ସେମାନଙ୍କ ଚିନ୍ତାଧାରା ବାଂଟିବେ। ଏଥିରେ ପ୍ରଧାନମନ୍ତ୍ରୀ ମୋଦିଜୀ ନିଜେ ଉପସ୍ଥିତ ରହିବେ ବୋଲି ସେ "ମନ କି ବାତ୍" କାର୍ଯ୍ୟକ୍ରମରେ କହିଛନ୍ତି। ଏଣୁ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଯୁବତୀ ଯୁବକମାନେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗଦିଅନ୍ତୁ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ, ରାଜ୍ୟ ସମ୍ପାଦକ ସରୋଜ କର, ପୂର୍ବତନ ସାଂସଦ ଅମର ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ନେତା ମହେଶ ମହାନ୍ତିଙ୍କ ସମେତ ବହୁ କାର୍ଯ୍ୟକର୍ତା ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ରାଜ୍ୟର ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ "ମନ କି ବାତ" କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଭାରତୀୟ ଜାତୀୟ କଂଗ୍ରେସର ପ୍ରତିଷ୍ଠା ଦିବସ

ବୋଲଗଡ , (ସବ୍ୟୁ): ଭାରତୀୟ ଜାତୀୟ କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ ବୋଲଗଡ ସଦର ମହକୁମାସ୍ଥ ସଂସ୍କୃତିକ କେନ୍ଦ୍ର ନନ୍ଦିଘୋଷ ଭବନ ପରିସରରେ ପାଳିତ ହୋଇଯାଇଛି । ବ୍ଲକ କଂଗେସ କମିଟିର ସଭାପତି ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ସକାଳେ କଂଗ୍ରେସର ଦଳୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ଏକ ସଭାର ଆୟୋଜନ କରଯାଇଥିଲା । ୧୮୮୫ ମସିହା ଠାରୁ ଭାରତର ସାଧୀନତା ପର୍ଯ୍ୟନ୍ତ ବ୍ରିଟିଶ ସରକାରଙ୍କୁ ହଟାଇବା ପାଇଁ ବିଭିନ ଆନ୍ଦୋଳନ , ବଳିଦାନ ଓ ସଂଗ୍ରାମୀ ମାନଙ୍କ ଅବଦାନ ସମ୍ପର୍କରେ ଉପସ୍ଥିତ ଦଳୀୟ ପ୍ରମୁଖ କର୍ମୀମାନେ ସ୍ମୃତି ଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ପ୍ୟାରୀ ମୋହନ ଦାସ, ଖଙ୍ଗୁରିଆ ପଞ୍ଚାୟତର ସମିତି ସଭ୍ୟା ପ୍ରତିନିଧି ଶ୍ରୀଧର ଦତ୍ତ , ନଟବର ପାଣ୍ଡେ , ରମାକାନ୍ତ ପଟ୍ଟନାୟକ , ଜୟକୃଷ୍ଣ ପ୍ରହରାଜ , ଯୋଗୀ ଶ୍ରୀଚନ୍ଦନ , ସିମାଞ୍ଚଳ ଖଣ୍ଡେଇ , ନବକିଶୋର ପଣ୍ଡା , ସନ୍ତୋଷ ପ୍ରଧାନ , କରୁଣାକର ପ୍ରଧାନ ଏହି ଆଲୋଚନାରେ ଭାଗନେଇଥିଲେ । ବୋଲଗଡ ବ୍ଲକର ବିଭିନ୍ନ ପଞ୍ଚାୟତର ଦଳୀୟ କଂଗେସ କର୍ମୀ ମାନେ ଯୋଗଦେଇଥିଲେ ।

## ରାମ ମନ୍ଦିରରୁ ରାଷ୍ଟ୍ର ନିର୍ମାଣ ଉପରେ ପ୍ରେରଣାଦାୟକ କାର୍ଯ୍ୟକ୍ରମ

ଭୁବନେଶ୍ୱର,(ସବ୍ୟୁ): ଫ୍ରେଣ୍ଡ୍ସ ଅଫ୍ ଟ୍ରାଇବାଲ୍ସ ସୋସାଇଟି ଏବଂ ଶ୍ରୀହରି ସତସଙ୍ଗ ସମିତି, ଭୁବନେଶ୍ୱରର ସଂଯୁକ୍ତ ଆୟୋଜନରେ ରାମ ମନ୍ଦିରରୁ ରାଷ୍ଟ୍ର ନିର୍ମାଣ ବିଷୟରେ ଏକ ଭବ୍ୟ, ଗରିମାମୟ ଏବଂ ପ୍ରେରଣାଦାୟକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମ ଭାରତୀୟ ସଂସ୍କୃତି, ସନାତନ ମୂଲ୍ୟବୋଧ ଓ ରାଷ୍ଟ୍ରଭାବନାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପ୍ରମାଣିତ ହୋଇଛି । ଏହି ଗରିମାମୟ ଅବସରରେ ପରମ ପୂଜ୍ୟ ସ୍ୱାମୀ ଗୋବିନ୍ଦଦେବ ଗିରିଜୀ ମହାରାଜଙ୍କ ପାବନ ସାନ୍ନିଧ୍ୟ ଓ ପ୍ରେରଣାଦାୟକ ଉଦ୍‌ବୋଧନ ପ୍ରାପ୍ତ ହୋଇଥିଲା । ସ୍ୱାମୀଜୀ ଶ୍ରୀରାମ ଜନ୍ମଭୂମି ତୀର୍ଥ ନ୍ୟାସ, ଅଯୋଧ୍ୟାର ଟ୍ରଷ୍ଟି ଓ କୋଷାଧ୍ୟକ୍ଷ ଏବଂ ଶ୍ରୀକୃଷ୍ଣ ଜନ୍ମଭୂମି ଟ୍ରଷ୍ଟ, ମଥୁରାର ଉପାଧ୍ୟକ୍ଷ ଅଟନ୍ତି । ସେ ସନାତନ ଧର୍ମର ଏକ ପ୍ରତିଷ୍ଠିତ ସନ୍ତ, ଓଜସ୍ୱୀ ବକ୍ତା ଓ ସାଂସ୍କୃତିକ ମାର୍ଗଦର୍ଶକ ଭାବେ ଦେଶ-ବିଦେଶରେ ସୁପରିଚିତ । କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଆଇଏମଏମଟି ଅଡିଟୋରିୟମ ପରିସରରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଫ୍ରେଣ୍ଡ୍ସ ଅଫ୍ ଟ୍ରାଇବାଲ୍ସ ସୋସାଇଟି, ଶ୍ରୀହରି ସତସଙ୍ଗ ସମିତି ଏବଂ ଗୀତା ପରିବାର, ଓଡ଼ିଶାର ପଦାଧିକାରୀ, କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

କାର୍ଯ୍ୟକ୍ରମରେ ଅଜୟ ଅଗ୍ରୱାଲ ସ୍ୱାମୀଜୀଙ୍କ ପରିଚୟ ପ୍ରଦାନ କରିଥିଲେ । ରାମ ମନ୍ଦିର ନିର୍ମାଣରେ ତାଙ୍କର ମହତ୍ୱପୂର୍ଣ୍ଣ ଅବଦାନ ପାଇଁ



କୃତଜ୍ଞତା ଜଣାଇଥିଲେ । ସେ ଆଗାମୀ ଦିନରେ ଭୁବନେଶ୍ୱରରେ ସ୍ୱାମୀଜୀଙ୍କ ମାର୍ଗଦର୍ଶନ ପାଇଁ ଅନୁରୋଧ କରିଥିଲେ, ଯାହାକୁ ସ୍ୱାମୀଜୀ ସହର୍ଷ ସ୍ୱୀକାର କରିଥିଲେ । ଆୟୋଜନକୁ ସଫଳ କରିବାରେ ଅଜୟ ଅଗ୍ରୱାଲ (ସଂରକ୍ଷକ, ଏକଲ ଅଭିଯାନ, ଭୁବନେଶ୍ୱର), ପ୍ରକାଶ ଭୁରା (ଅଧ୍ୟକ୍ଷ, ଫ୍ରେଣ୍ଡ୍ସ ଅଫ୍ ଟ୍ରାଇବାଲ୍ସ ସୋସାଇଟି),ଲାଲଚନ୍ଦ ମୋହତା (ଅଧ୍ୟକ୍ଷ, ଶ୍ରୀହରି ସତ୍ସଙ୍ଗ ସମିତି, ଭୁବନେଶ୍ୱର), ମନସୁଖ ସେଠିଆ, ଶ୍ୱେତା ଅଗ୍ରୱାଲ ଓ ବିନୟ ଅଗ୍ରୱାଲ ପ୍ରମୁଖ ଭୂମିକା ନିଭାଇଥିଲେ । ଆୟୋଜକମାନେ କହିଥିଲେ ଯେ ରାମ ମନ୍ଦିରରୁ ରାଷ୍ଟ୍ର ନିର୍ମାଣ କେବଳ ଏକ ବିଷୟ ନୁହେଁ, ବରଂ ଭାରତୀୟ ସମାଜକୁ ଏକ ସୂତ୍ରରେ ବାନ୍ଧିବାର ଏକ ଚିନ୍ତାଧାରା । ଯାହା ସାଂସ୍କୃତିକ ଚେତନା, ସାମାଜିକ ସମରସତା ଓ ଜାତୀୟ ଏକତାକୁ ସୁଦୃଢ଼ କରେ । କାର୍ଯ୍ୟକ୍ରମରେ ସନ୍ଥ, ବୁଦ୍ଧିଜୀବୀ, ସାମାଜିକ କର୍ମୀ, ଯୁବବର୍ଗ ଓ ସାଧାରଣ ନାଗରିକମାନଙ୍କର ଉଲ୍ଲେଖନୀୟ ଅଂଶଗ୍ରହଣ ଥିଲା । ଭୁବନେଶ୍ୱର ଓ ପାର୍ଶ୍ୱର୍ତୀ ଅଞ୍ଚଳରୁ ଆସିଥିବା ଭକ୍ତ, ପ୍ରବୁଦ୍ଧଜନ ଓ ରାଷ୍ଟ୍ରପ୍ରେମୀମାନଙ୍କର ସକ୍ରିୟ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ଅଧିକ ଭବ୍ୟ, ସାର୍ଥକ ଓ ପ୍ରେରଣାଦାୟକ କରିଥିଲା । ଏହି ଆୟୋଜନ ଆଧ୍ୟାତ୍ମିକ ଚେତନା ସହ ରାଷ୍ଟ୍ର ନିର୍ମାଣର ସଙ୍କଳ୍ପକୁ ସୁଦୃଢ଼ କରିବାରେ ଏକ ସ୍ମରଣୀୟ ପଦକ୍ଷେପ ଭାବେ ସମାପ୍ତ ହୋଇଥିଲା ।

## ଓୟୁଏଟିରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ର ସମ୍ମିଳନୀ

ଭୁବନେଶ୍ୱର (ସବ୍ୟୁ): ଓୟୁଏଟି ସମ୍ମିଳନୀ କକ୍ଷରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ପାଣ୍ଡୀତ ମଦନ ମୋହନ ମାଲବ୍ୟଙ୍କ



ଜନ୍ମ ଦିବସରେ ଓଡିଶା ଶାଖା ଆଲୁମନି ମାନଙ୍କର ଦ୍ୱାରା ତାଙ୍କୁ ଶ୍ରଦ୍ଧାଞ୍ଜଳି ଅପର୍ଣ୍ଣ କରଯାଇଥିଲା । ଏଥିରେ ପୁରାତନ ଛାତ୍ର କନକ ଟିଭି ପ୍ରତିଷ୍ଠାତା ସୌମ୍ୟ ରଞ୍ଜନ ପଟ୍ଟନାୟକ ସଭା ପତିତ୍ୱରେ ମୁଖ୍ୟ ଅତିଥି ବାଭେ କୃଷି ବିଭାଗ ସଚିବ ତଥା ପୁରାତନ ଛାତ୍ର ଡଃ ଅରବିନ୍ଦ ପାଢ଼ୀ ବ୍ରିଟିଶ ଶାସନ ସମୟରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଯୋଗେଦେଇ ଓୟୁଏଟିରେ ତଥା ଓଡ଼ିଶାରେ ପୁରାତନ ଛାତ୍ର ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ସେମାନଙ୍କର ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ସେକ୍ରେଟରୀ ଡ. ତୁଷାର କାନ୍ତି ଦାସ ପ୍ରାରମ୍ଭିକ ସୂଚନା ଦେଇ କଟକ(ଆଇସିଏଆର )ରେ ପ୍ରତିଷ୍ଠିତ (ବିଏଚ୍‌ୟୁ)ର ୫୦ ଜଣ ତଥା ଭୁବନେଶ୍ୱର ପୁରାତନ ଛାତ୍ର ଛାତ୍ରୀମାନଙ୍କୁ ପ୍ରଶଂସା କରିଥିଲେ। ଶେଷରେ ଡିନ ପ୍ରଫେସର ପ୍ରସଂଜିତ ମିଶ୍ର ସମସ୍ତଙ୍କ ଧନ୍ୟବାଦ ଦେଇଥିଲେ ।

## ସମ୍ଭାବନା ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

କଟକ, (ସବ୍ୟୁ): ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସମ୍ଭାବନା ଚାରିଟେବୁଲ ଟ୍ରଷ୍ଟର ପ୍ରଥମ ବାର୍ଷିକ ଉତ୍ସବ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମର ମେୟର ଶ୍ରୀଯୁକ୍ତ ସୁଭାଷ ଚନ୍ଦ୍ର ସିଂହ, ମୁଖ୍ୟବକ୍ତା ଶିକ୍ଷାବିତ ଶ୍ରୀଯୁକ୍ତ ଖାରବେଳ ମହାନ୍ତି ଏବଂ ସାମ୍ମାନୀତି ଅତିଥି ଭାବେ ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଶ୍ରୀଯୁକ୍ତ ବୀରକିଶୋର ପରିଡା ଯୋଗଦେଇଥିଲେ । ଅନୁଷ୍ଠାନର ଉପସଭାପତି ଶ୍ରୀଯୁକ୍ତ କିଶୋର କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭାପତି ଶ୍ରୀଯୁକ୍ତ ପ୍ରିୟ ରଞ୍ଜନ ମହାପାତ୍ର ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ । ସମ୍ପାଦକ ରାକେଶ ଶତପଥି ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଉତ୍ସବ ଅବସରରେ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ୱେବସାଇଟ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଥିଲା ଏବଂ ଅନୁଷ୍ଠାନର ମୁଖପତ୍ର 'ସମ୍ଭାବନା: ଆଜିର ଆସନ୍ତାକାଲିର' ଉନ୍ମୋଚିତ ହୋଇଥିଲା । ନିମନ୍ତ୍ରିତ ଅତିଥିମାନଙ୍କର ଓଜସ୍ୱନି ଭାଷଣ ଖୁବ ପ୍ରେରଣାଦାୟୀ ଥିଲା । ସ୍ୱେଚ୍ଛାସେବୀ ସଂଗଠନମାନଙ୍କର ସାମ୍ପ୍ରତିକ ସ୍ଥିତି ଓ ଗତି ଆଲୋଚନାଭୁକ୍ତ ଥିଲା । ଅନୁଷ୍ଠାନ ପକ୍ଷରୁ ହୋଇଥିବା ଆନ୍ତଃବିଦ୍ୟାଳୟ ସାଧାରଣଜ୍ଞାନ ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର, ପଦକ ପ୍ରଦାନକରାଯଇଥିଲା ।

## ଏଥର ଜମିବ ଜିରୋନାଇଟ୍ ସେଲିବ୍ରେସନ, ବିଦେଶିନୀଙ୍କ ନୃତ୍ୟରେ ଝୁମିବ କଟକ


କଟକ,(ସବ୍ୟୁ): ଆଉ ୩ ଦିନ ପରେ ବଦଳିବ କ୍ୟାଲେଣ୍ଡର୍ । ବଦଳିଯିବ ତାରିଖ, ବାର, ତିଥି ଓ ନକ୍ଷତ୍ର । କେତେ ସମ୍ଭାବନା, ଆଶା ଓ ଆକାଂକ୍ଷା ନେଇ ଆସିବ ନବବର୍ଷ । ବିଦାୟୀ ବର୍ଷର ପୁଲକ ହେଉକି ବିଷାଦ ସବୁ କିଛି ସ୍ମୃତି ପାଲଟି ଯିବ । ୨୦୨୫ର ପ୍ରଥମ ସୂର୍ଯ୍ୟୋଦୟର ପହିଲି କିରଣ ସିଲଭର୍ ସିଟିକୁ ଛୁଇଁବା ପୂର୍ବରୁ ଆସନ୍ତା ବୁଧବାର ରାତି ୧୨ଟାରେ ସହର ପାଳିବ ଜିରୋ-ନାଇଟ୍ । ଖାସ୍ କରି କଟକ ସହରର କ୍ଲବ୍ ଗୁଡ଼ିକରେ ଜିରୋ ନାଇଟ୍ ପାଇଁ ପ୍ରସ୍ତୁତି ଶେଷ ହୋଇଛି । ସହରର ପ୍ରମୁଖ ସମ୍ଭ୍ରାନ୍ତ କ୍ଲବ୍ ୟୁନିୟନ୍, କଟକ କ୍ଲବ ଓ ଓସିଏ ଭିତରେ ଜିରୋ-ନାଇଟ୍‌କୁ ନେଇ ପ୍ରତିଯୋଗିତା ହେଉଛି । କିଏ ବଲିଉଡ୍ ଷ୍ଟାର୍‌ଙ୍କୁ ମନୋରଞ୍ଜନ ପାଇଁ ନିମନ୍ତ୍ରଣ କରିଛି ତ କିଏ ଓଲିଉଡ୍ ଷ୍ଟାର୍ ନାଇଟ୍ କରିବାକୁ ପ୍ରସ୍ତୁତି ଚଳାଇଛି । ସଂଗୀତର ତାଳେ ତାଳେ ଭବ୍ୟ ନବବର୍ଷ ଉତ୍ସବକୁ ସହରବାସୀ ମନଭରି ଉପଭୋଗ କରିବା ସହିତ ୨୦୨୫ବର୍ଷକୁ ଅଲ୍‌ବିଦା କରିବାକୁ କ୍ଲବ୍ ପକ୍ଷରୁ ବ୍ୟବସ୍ଥା ହୋଇଛି । ସହରର କଟକ କ୍ଲବ୍, ଓସିଏ କ୍ଲବ୍, ୟୁନିୟନ୍ କ୍ଲବ୍‌ରେ ଜିରୋ ନାଇଟ୍ ସେଲିବ୍ରେସନ୍ କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ବଲିଉଡ୍ କଣ୍ଠଶିଳ୍ପୀଙ୍କ ସଂଗୀତ ସାଙ୍ଗକୁ ରଷିଆ ଡ୍ୟାନ୍ସର୍‌ଙ୍କ ନୃତ୍ୟରେ ମତୁଆଲା ହେବେ ଦର୍ଶକ । ସୂଚନା ମୁତାବକ କଟକ କ୍ଲବରେ ଚଳିତବର୍ଷର ମୁଖ୍ୟ ଆକର୍ଷଣ ପାଲଟିବେ ଓଲିଉଡ ଅଭିନେତ୍ରୀ ଶୀତଲ ପାତ୍ର । ଭାରତୀୟ ଶାକିରା ଭାବେ ପରିଚିତ କଳାକାର ବିଶ୍ୱା ଉଭୟ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରିବେ, ଯାହାକି ନୂଆ ଉନ୍ମାଦ ଭରିବ । ପ୍ରଥମଥର ପାଇଁ କଟକ କ୍ଲବରେ ଆକାଶ ଚୁମ୍ବି ନୃତ୍ୟ ପରିବେଷଣ କରାଯିବ । ଏହି ନୃତ୍ୟ ପରିବେଷଣ ପାଇଁ କଳାକାର ବମ୍ବେରୁ ଆସିବେ । ଏହାଛଡ଼ା ଆତସବାଜି ପ୍ରଦର୍ଶନ ଅନ୍ୟତମ ଆକର୍ଷଣ ପାଲଟିବ କଟକ କ୍ଲବରେ । କ୍ଲବର ସଭାପତି ଡଃ ଶ୍ରୀଜୟ ପଟ୍ଟନାୟକ, ସମ୍ପାଦକ ଶୁଭେନ୍ଦୁ ମୋହନ ପଟ୍ଟନାୟକ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମ ବାବଦରେ ବିସ୍ତୃତ ସୂଚନା ଦେଇଥିଲେ ।

## ରାତିରେ ନିର୍ମାଣାଧିନ ରାସ୍ତା କାମ ଭାଙ୍ଗି ଦେଲେ

ବାଲିପାଟଣା , (ସବ୍ୟୁ) :ବାଲିପାଟଣା ଥାନା ଅର୍ନ୍ତଗତ ଆଇତଲଙ୍ଗ ନିକଟରେ ର୍ନିମାଧିନ ରାସ୍ତା କାମ ଭାଙ୍ଗିଦେଲେ ଦୁର୍ବୃତ ଏନେଇ ଠିକା ସଂସ୍ଥା ତରଫରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି ଏକ ର୍ନିଦ୍ଧିଷ୍ଟ ରାଜନୈତିକ ଦଳ ର କିଛି କର୍ମୀ ଏହି କାମ କୁ ବିରୋଧ କରି ରାତି ଅଧରେ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ ସରଦେଇପୁର ଠାରୁ ନିମାପଡା ପୂର୍ତ୍ତ ବିଭାଗ ରାସ୍ତାର ବିଭିନ୍ନ ସ୍ଥାନ ରେ ଗାର୍ଡ ଓ୍ୱାଲ ର୍ନିମାଣ ଚାଲିଛି ଆଇତଲଙ୍ଗ ରାଜସଓ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସାମ୍ନାରେ ର୍ନିମାଣଧିନ ଗାର୍ଡ ଓ୍ୱାଲକୁ କେହି ଦୁର୍ବୃତ ରାତିରେ ଭାଙ୍ଗିଦେଇଛନ୍ତି । ଦେଢ଼ ଶହ ଫୁଟ ଲମ୍ବା ଏହି ଗାର୍ଡ ଓ୍ୱାଲ ବୁଧବାର ଢ଼ଳେଇ ପଡିଥିଲା । ବିଳମ୍ବିତ ରାତିରେ କେହି ଦୁର୍ବୃତ ଗୋଷ୍ଠୀ ହୋଇ ଏହି କାମ ଭାଙ୍ଗି ଥିବା ଜଣା ପଡିଛି ।ଏହି ରାସ୍ତାର କିଛି ଦୂରରେ ର୍ନିମିତ ଅନ୍ୟ ଏକ କାମ କୁ କିଛି ବ୍ୟକ୍ତି ଜେସିବି ମେସିନ ସାହାଯ୍ୟରେ ଭାଙ୍ଗୁ ଥିବା ସ୍ଥାନୀୟ ସିସି ଟିଭି ଫୁଟେଜରୁ ଦେଖିବାକୁ ମିଳିଛି । ପୂର୍ତ୍ତ ବିଭାଗ ଅଧିକାରୀ ଘଟଣା ସ୍ଥଳ ଅନୁଧ୍ୟାନ କରି ଫେରିଛନ୍ତି ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ଏକ ର୍ନିଦ୍ଧିଷ୍ଟ ରାଜନୈତିକ ଗୋଷ୍ଠୀର କିଛି କର୍ମୀ ଏଭଳି ହୀନ ଚକ୍ରାନ୍ତ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଘଟଣାକୁ କେନ୍ଦ୍ର କରି ସାଧାରଣରେ ଉତେଜନା ସୃଷ୍ଟି ହୋଇଛି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି ।

## ଆଇଆଇଟି ଭୁବନେଶ୍ୱରରେ ଆନ୍ତର୍ଜାତୀୟ ଆଲୋଚନାଚକ୍ର

ଜଟଣୀ,(ସବ୍ୟୁ) : ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଭୁବନେଶ୍ୱରର ସ୍କୁଲ ଅଫ୍ ହ୍ୟୁମାନିଟିଜ୍, ସୋସିଆଲ ସାଇନ୍ସେସ୍ ଏବଂ ମ୍ୟାନେଜମେଣ୍ଟ (ଏସଏଚଏସଏସଏମ), ଭକ୍ତିବେଦାନ୍ତ




ଇନଷ୍ଟିଚ୍ୟୁଟ୍, ଭୁବନେଶ୍ୱରର ଫାଉଣ୍ଡେସନ୍ ଅଫ୍ ସାଇନ୍ସ ଆଣ୍ଡ କନସିଅସ ସେଣ୍ଟରର ସହଯୋଗରେ ଆନ୍ତର୍ଜାତୀୟ ଚିନ୍ତାଧାରା, ଧାରଣା ଏବଂ ବାସ୍ତବତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ଉଦଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ନାନୋମାଟେରିଆଲ୍ସର ଏମିରେଟସ୍ ପ୍ରଫେସର ଆଣ୍ଡ୍ରୁ ବ୍ରିଗସ୍, ସମ୍ମାନିତ ଅତିଥି, ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଏବଂ ପୂର୍ବତନ ଅଧ୍ୟକ୍ଷ, ଏମ୍ସ ଦିଲ୍ଲୀ ପ୍ରଫେସର (ଡକ୍ଟର) ଅଶୋକ କୁମାର ମହାପାତ୍ର,ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ଏବଂ ଭକ୍ତିବେଦାନ୍ତ ପ୍ରତିଷ୍ଠାନର ସଭାପତି ବାସୁଦେବ ରାଓ ପ୍ରମୁଖ ଯୋଗ ଦେଇଥିଲେ। ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରି ପ୍ରଫେସର ଶ୍ରୀପଦ କରମଲକର ଆଇଆଇଟି ଭୁବନେଶ୍ୱରର ଅନନ୍ୟ କ୍ୟାମ୍ପସ୍ ଇକୋସିଷ୍ଟମ ଉପରେ ଆଲୋକପାତ କରିଥିଲେ । ଏହି ସମ୍ମିଳନୀ ପ୍ରଖ୍ୟାତ ବିଦ୍ୱାନ, ଶିକ୍ଷାବିତ୍ ଏବଂ ଚିନ୍ତାନାୟକମାନଙ୍କୁ ଏକତ୍ରିତ କରି ଚିନ୍ତାଧାରା, ଅନୁଭବ ଏବଂ ବାସ୍ତବତାର ପ୍ରକୃତି, ଦର୍ଶନ, ମନସ୍ତତ୍ତ୍ୱ, ବିଜ୍ଞାନ, ଚେତନା ଅଧ୍ୟୟନ ଏବଂ ମାନବିକତା ଉପରେ ଆନ୍ତଃ-ଶାଖାନୁପୁଙ୍ଖ ପ୍ରତିଫଳନରେ ନିୟୋଜିତ କରିଥିଲା। ଏହି ସମ୍ମିଳନୀରେ ଆଇଆଇଟି ଭୁବନେଶ୍ୱରର ସହକାରୀ ପ୍ରଫେସର ଡକ୍ଟର ଶ୍ରୀତମା ମିଶ୍ର (ଦର୍ଶନ) ଏବଂ ଡକ୍ଟର ଅପର୍ଣ୍ଣା ପାଣ୍ଡେୟ (ମନୋବିଜ୍ଞାନ) ଏବଂ ଭକ୍ତିବେଦାନ୍ତ ପ୍ରତିଷ୍ଠାନ ଭୁବନେଶ୍ୱରର ନିର୍ଦ୍ଦେଶକ ଜିତୁନ ଧଳ ଆବାହକ ଥିଲେ। ଉଦଘାଟନୀ ସମାରୋହରେ ଆଇସିଟିପିଆର ୨୦୨୫ ପାଇଁ ଆବଷ୍ଟ୍ରାକ୍ଟ ପୁସ୍ତକ ଆନୁଷ୍ଠାନିକ ଭାବରେ ଉନ୍ମୋଚିତ ହୋଇଥିଲା।

## ଦିବ୍ୟାଙ୍ଗ ପ୍ରଧାନଶିକ୍ଷୟିତ୍ରୀଙ୍କ ଜାଲି ଦସ୍ତଖତ କରି ଅନ୍ୟତ୍ର ବଦଳି



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ବହୁବନ୍ଧ ଆଶ୍ରମ ସ୍କୁଲରେ ଦିବ୍ୟାଙ୍ଗ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ମଞ୍ଜରୀ ପରିଡାଙ୍କ ଅଜାଣତରେ ତାଙ୍କର ଜାଲି ଦସ୍ତଖତ କରି ତାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କର ଅନ୍ୟତ୍ର ବିଦ୍ୟାଳୟକୁ ବଦଳି କରାଯାଇଛି ।

ସୂଚନା ଅନୁଯାୟୀ ଯଦି କେହି ଦିବ୍ୟାଙ୍ଗ ହୋଇଥିବେ କିମ୍ବା ତାଙ୍କ ପିଲା ଦିବ୍ୟାଙ୍ଗ ହୋଇଥିବ ତେବେ ତାଙ୍କ ଇଚ୍ଛା ମୁତାବକ ପାଖ ସ୍କୁଲରେ ରହିପାରିବେ ବୋଲି ନିୟମ ରହିଅଛି। କିନ୍ତୁ ପ୍ରତିଭା ମଞ୍ଜରୀ ପରିଡା ନିଜେ ଜଣେ ଦିବ୍ୟାଙ୍ଗ ଏବଂ ତାଙ୍କ ପୁଅ ମଧ୍ୟ ଦିବ୍ୟାଙ୍ଗ ଥିବାବେଳେ ତାଙ୍କର ଜାଲି ଦସ୍ତଖତ କରି ତାଙ୍କ ଅଜାଣତରେ ଏକ ବଡ଼ ଷଡଯନ୍ତ୍ର କରି ତାଙ୍କୁ ଏକ ବାଳିକା ସ୍କୁଲକୁ ବଦଳି କରାଯାଇଛି । ତାଙ୍କର ଦିବ୍ୟାଙ୍ଗ ପୁଅ ଥିବାବେଳେ ତାଙ୍କୁ ବାଳିକା ସ୍କୁଲରେ କିପରି ପାଠ ପଢେଇବେ ବୋଲି ପ୍ରଶ୍ନ କରିଛନ୍ତି । ତାଙ୍କୁ ବଦଳି ଆଦେଶ ମିଳିବା ପରେ ଦିବ୍ୟାଙ୍ଗ ପ୍ରତିଭା ମଞ୍ଜରୀ ପରିଡା ତୁରନ୍ତ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କ ସହିତ ଅନ୍ୟ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ କରି ଜଣାଇଥିଲେ ।

ବଦଳି ବିରୋଧରେ ହାଇକୋର୍ଟରୁ ଷ୍ଟେ-ଅଡର ମଧ୍ୟ ଆଣି ଡିଉଟି ଚାଲୁ ରଖିଥିବା ବେଳେ ତାଙ୍କୁ ଜୟ ମାଆ ଦୁର୍ଗା ଏସଏଚ୍‌ଜି ମହିଳା ଗ୍ରୁପର ଶୋଭାନେତ୍ରୀଙ୍କ ସହିତ କିଛି ମହିଳା, ପୁରୁଷ ବ୍ୟକ୍ତି ଦିବ୍ୟାଙ୍ଗ ଶିକ୍ଷୟତ୍ରୀ କହି ଉପହାସ କରିବା ସହିତ ତାଙ୍କ ଅନ୍ୟତ୍ର ବଦଳି ପାଇଁ ଡିଡବ୍ଲୁଓ, ଡବ୍ଲୁଇଓଙ୍କ ସହିତ ମିଶି ବିଭିନ୍ନ ସମୟରେ ବିଦ୍ୟାଳୟରେ ତାଲା ପକାଇବା ସହିତ ରାସ୍ତା ଅବରୋଧ କରୁଛନ୍ତି, ଯାହା ଫଳରେ କି ଦିବ୍ୟାଙ୍ଗ ଶିକ୍ଷୟତ୍ରୀ ପ୍ରତିଭା ମଞ୍ଜରୀ ପରିଡା ଅପମାନିତ ହେବା ସହିତ ମାନସିକ ଚାପରେ ରହୁଛନ୍ତି।

ଦୀର୍ଘ ୭ ମାସ ପ୍ରତାରଣା ପାଇବା ପରେ ରବିବାର ଦିନ ଜିଲ୍ଲା ପୋଲିସ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ଆସି ଦିବ୍ୟାଙ୍ଗ ମହାସଙ୍ଘ ସଭାପତି ଅରୁଣ କୁମାର ବେହେରାଙ୍କ ସହଯୋଗରେ ଲିଖିତ ମାଧ୍ୟମରେ ଜଣେଇଛନ୍ତି ଯେ, ଦୁଇଦିନ ମଧ୍ୟରେ ଯଦି କୌଣସି ନିଷ୍ପତ୍ତି ନିଆନଯାଏ ତେବେ ୩୧ତାରିଖ ବୁଧବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ଦିବ୍ୟାଙ୍ଗ ହୋଇ ସମାଜରେ ଅପମାନିତ ହେବା ଅପେକ୍ଷା ଶାନ୍ତିରେ ମରିବେ ବୋଲି ଲିଖିତ ଜଣେଇଛନ୍ତି। ଜିଲ୍ଲା ଦିବ୍ୟାଙ୍ଗ ମହାସଙ୍ଘ ତରଫରୁ ମଧ୍ୟ କୁହାଯାଇଛି ଯେ ଦିବ୍ୟାଙ୍ଗ ଭଉଣୀକୁ ଯଦି ନ୍ୟାୟ ନମିଳେ ତେବେ ସେମାନେ ଆତ୍ମହତ୍ୟା କରିବେ । ସେଥିପାଇଁ ସରକାର ଦାୟି ରହିବେ ।

## ସାଇବର ଠକେଇ, ନେଇଗଲେ ମହିଳାଙ୍କ ୧୬ ଲକ୍ଷ

ଆସିକା, (ସବ୍ୟୁ): ଆସିକା ବ୍ଲକ କୋଟିନଡ଼ା ଥାନା ଅନ୍ତର୍ଗତ କଲେଜ ଛକ ନିକଟରେ ରହୁଥିବା ବ୍ୟବସାୟୀ ଚିନ୍ମୟ ରଞ୍ଜନ ଦାଶଙ୍କ ସ୍ତ୍ରୀ ସ୍ୱାଧିନି ସାହୁ କୋଟିନଡ଼ା ଥାନାରେ ସାଇବର ଠକେଇର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି । ସ୍ୱାଧିନିଙ୍କ ନାମରେ ଏସ ବି ଆଇ ର ଦୁଇଟି ବ୍ୟାଙ୍କ ଖାତା ରୁ ୧୬ ଲକ୍ଷ ୫୮ ହଜାର ଟଙ୍କା ସାଇବର ଠକ ଲୁଟି ନେଇଥିବା ସେ ତାଙ୍କର ଅଭିଯୋଗ ପତ୍ରରେ ଦର୍ଶାଇଥିବା ଜଣାଯାଇଛି । ଗତ ୨୫ ତାରିଖ ସନ୍ଧ୍ୟାରେ ଚିନ୍ମୟ ତାଙ୍କ ବ୍ୟବସାୟ ଦେଣ ନେଣ ପାଇଁ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କଲା ବେଳେ ଆକାଉଣ୍ଟରେ ଟଙ୍କା ନଥିବା ଓ ଠକେଇ ର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏଥି ନେଇ କୋଟିନଡ଼ା ଥାନା ରେ ୪୭୮/୨୫ ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି ।

ପୋଲିସ ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ଦାମୋଦର ବିହାରୀ କହିଛନ୍ତି । ପୋଲିସ ପ୍ରଶାସନର ସଚେତନ ସେ%୦ ଅସାବଧାନତା ଓ ଲୋଭ ବଶବର୍ତ୍ତୀ ହୋଇ ଲୋକେ ସାଇବର ଠକେଇ ଶିକାର ହେଉଛନ୍ତି । ମୋବାଇଲକୁ ଆସୁଥିବା ଏ ପି କେ ଫାଇଲ ଓ ଅଦରକାରୀ କଲ ଗ୍ରହଣ ନ କରିବା କୌଣସି ଓ ଟି ପି ଅନ୍ୟ କାହାକୁ ନ ଦେବାକୁ ଜନ ସାଧାରଣଙ୍କୁ ନିବେଦନ କରିଛନ୍ତି ଥାନା ଅଧିକାରୀ ।

## କଂଗ୍ରେସ ୧୪୧ତମ ପ୍ରତିଷ୍ଠା ଦିବସ ପାଳିତ




ବାରିପଦା, (ସବ୍ୟୁ) : ଜିଲ୍ଲା କଂଗ୍ରେସ କମିଟି ଜିଲ୍ଲା ସଭାପତି ପୂର୍ଣଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ବାରିପଦା ସ୍ଥିତ ରୋଟାରୀ ଭବନରେ ଭାରତୀୟ ଜାତୀୟ କଂଗ୍ରେସର ୧୪୧ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ଆଜିର ଦିନରେ ଦେଶ ପାଇଁ ଏକ ମହତ୍ୱ ଉଦ୍ଦେଶ୍ୟରେ କଂଗ୍ରେସ ଦଳ ଭାରତ ବର୍ଷରେ ପ୍ରତିଷ୍ଠା ହୋଇଥିଲା, ଆଜି ଦଳ ଏକ କଠିନ ସମୟ ଦେଇ ଗତି କରୁଛି । ତଥାପି କଂଗ୍ରେସ ତାର ପୂର୍ବ ଗୌରବ ଫେରାଇ ଆଣିବା ପାଇଁ ସଂଗ୍ରାମ କରିବ, ଆଉ ସଫଳ ମଧ୍ୟ ହେବ, ଏକ ଛାତ୍ରବାଦ ବିଜେପି ସରକାର ବିରୁଦ୍ଧରେ କଂଗ୍ରେସ ହିଁ ବିକଳ୍ପ ।

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମରେ କଂଗ୍ରେସ ସରକାର ସମୟରେ ପ୍ରଣୟନ କରିଥିବା, ମହାତ୍ମା ଗାନ୍ଧୀ ନିଛିତ କର୍ମନିଯୁକ୍ତି ଆଇନ ଯୋଜନାର ଉଦ୍ଦେଶ୍ୟ ମୂଳକ ଭାବେ ନାମ ପରିବର୍ତ୍ତନ କରିବାକୁ, ଆଗାମୀ ଦିନରେ କଂଗ୍ରେସ ବ୍ଲକ ସ୍ତରରେ ଅନ୍ଦୋଳନ କରିବା ସହ ସାଧାରଣ ଜନତାକୁ ସଚେତନ କରିବ ବୋଲି ଜିଲ୍ଲା ସଭାପତି ନିଜ ବକ୍ତବ୍ୟରେ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏମ୍‌ପି ସୁଶ୍ରୀ ସୁଶୀଳା ତିରିଆ, ଏସ.ଟି ସେଲ ରାଜଯ ଉପାଧ୍ୟକ୍ଷ ଚୈତନଯ ହାଁସଦାଃ, କୃଷକ ସେଲ ସଭାପତି ଦୀପକ ଦାଶ, ପିସିସି ସଭଯ ନାରାୟଣ ପଟ୍ଟନାୟକ, ବରିଷ୍ଠ ନେତା ବିଜନ ଦାସ, ମିନକେତନ ବେହେରା, ଶାନ୍ତନୁ ପାଲ, ସୁନୀତା ନାୟକ, ଏସି ସେଲ ଜିଲ୍ଲା ସଭାନେତ୍ରୀ ସସ୍ମିତା ବେହେରା, ସବିତା ସୋରେନ୍, ଗୌରୀ ନାୟକ ଓ ଭୋଜ ଗୋବିନ୍ଦ ଦଳେଇ ପ୍ରମୁଖ ନିଜ ନିଜ ବକ୍ତବ୍ୟରେ କଂଗ୍ରେସ କର୍ମୀଙ୍କୁ ଉଦ୍‌ବୋଧନ ଦେବା ସହ ବିଜେପି ସରକାରକୁ କଡ଼ା ସମାଲୋଚନା କରିଥିଲେ ।

ଏହି କର୍ଯ୍ୟକ୍ରମରେ ସଞ୍ଜୀବ ପଣ୍ଡାଙ୍କ ସଭାପତିତ୍ୱରେ ଅଂଶୁମାନ ଦାସ, ରାଜ୍ୟ ମହିଳା ସଂପାଦିକ ଶୁଭସ୍ମିତା ଦାଶ, ଭୁବନେଶ୍ୱରୀ ଜେନା, ଉତ୍ତମ ବେହେରା, ଅଶୋକ ଗିରି, ସତ୍ୟକାମ ସେନାପତି, ନିର୍ମଳ ପ୍ରଧାନ, ଅସିତ୍ ଦାସ, ରୋକିମ ଭାଇ, ସରୋଜ ସାହୁ, ପ୍ରଦୀପ ମିଶ୍ର, ଜଗନ୍ନାଥ ପରିଡ଼ା, ଅଭିଷେକ ଯାଦବ, ରବିନ୍ଦ୍ର ଗିରି, ବନମାଳୀ ବାରିକ, ଟିକନ ଗୋଛାୟତ, ଚନ୍ଦନ କିଷ୍ଟୁ, ବିଷ୍ଣୁ ସିଂ, ମହମ୍ମଦ ଅକିଲ, ରବିନ୍ଦ୍ର ପରିଡା ପ୍ରମୁଖଙ୍କ ସହିତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଶେଷରେ ଶାନ୍ତନୁ ପାଲ ଧନ୍ୟବାଦ୍ ଅର୍ପଣ କରିଥିଲେ। ସଭା କାର୍ଯ୍ୟପରେ ଜୀବନଜ୍ୟୋତି ଅନାଥ ଆଶ୍ରମକୁ ଯାଇ ଫଳ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଣ୍ଟନ କରିଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିରର କାର୍ଯ୍ୟସୂଚୀ

ବାରିପଦା, (ସବ୍ୟୁ): ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାରେ ଆଗାମୀ ୨୦୨୬ ମସିହା ଜାନୁଆରୀ ୦୨ ତାରିଖରୁ ଫେବୃଆରୀ ମାସ ୨୧ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ ୧୪ଗୋଟି ସ୍ଥାନରେ ଭୀମ ଭୋଇ ଭିନ୍ନକ୍ଷମ ସାମଥ୍ୟ ଅଭିଯାନ ଶିବିର ଆୟୋଜିତ ହେବାକୁ ଯାଉଛି । ଜିଲ୍ଲାରେ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଶିବିର କାର୍ଯ୍ୟସୂଚୀ ଅନୁଯାୟୀ ଆଗାମୀ ୨୦୨୬ ମସିହା ଜାନୁଆରୀ ମାସର ୨ତାରିଖରେ ସାରସକଣା ଠାରେ ମା'ସୁଭଦ୍ରା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ, ଜାନୁଆରୀ ୭ତାରିଖରେ ଯଶିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ, ଜାନୁଆରୀ ୮ତାରିଖରେ କପ୍ତିପଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ, ଜାନୁଆରୀ ୯ତାରିଖରେ ଶୁକ୍ରୁଳି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ, ଜାନୁଆରୀ ୧୭ତାରିଖରେ ବାରିପଦା ବ୍ଲକ କାର୍ଯ୍ୟାଳୟ ପରିସରରେ ଓ ଜାନୁଆରୀ ୨୦ତାରିଖରେ ଠାକୁରମୁଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହେବ ।

ସେହିପରି ୨୦୨୬ ମସିହା ଫେବୃଆରୀ ୪ତାରିଖରେ ଶମାଖୁଣ୍ଟା ବ୍ଲକ କାର୍ଯ୍ୟାଳୟ ପରିସରରେ, ଫେବୃଆରୀ ୫ତାରିଖରେ ବାଙ୍ଗିରିପୋଷି ବ୍ଲକ କାର୍ଯ୍ୟାଳୟ ପରିସରରେ, ଫେବୃଆରୀ ୬ତାରିଖ ବାଦାମ ପାହାଡ଼ୟୁ.ଜି.ଏମ.ଇ. ବିଦ୍ୟାଳୟ ପରିସରରେ, ଫେବୃଆରୀ ୧୧ତାରିଖରେ ଶରତ ୟୁ.ପି. ସ୍କୁଲ ପରିସରରେ, ଫେବୃଆରୀ ୧୩ତାରିଖ ଶୁଳିଆପଦା ବ୍ଲକ କାର୍ଯ୍ୟାଳୟ ପରିସରରେ, ଫେବୃଆରୀ ୧୭ତାରିଖ ରାଇରଙ୍ଗପୁର ବ୍ଲକ କାର୍ଯ୍ୟାଳୟ ପରିସରରେ, ଫେବୃଆରୀ ୧୮ତାରିଖ ବଡ଼ସାହି ବ୍ଲକ କାର୍ଯ୍ୟାଳୟ ପରିସରରେ ଓ ଫେବୃଆରୀ ୨୧ତାରିଖରେ ବରେହିପାଣି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହେବ ।

ତେଣୁ ହିତାଧିକାରୀ ମାନେ ଉକ୍ତ ଶିବିରର ସୁଯୋଗ ନେବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଉଛି । ପ୍ରକାଶ ଥାଉକି,ଭୀମ ଭୋଇ ସାମର୍ଥ୍ୟ ଶିବିର ହେଉଛି ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସଶକ୍ତିକରଣ ଶିବିର ବା କାର୍ଯ୍ୟକ୍ରମ, ଯାହାର ଲକ୍ଷ୍ୟ ଭିନ୍ନକ୍ଷମ ଥିବା ବ୍ୟକ୍ତିମାନଙ୍କୁ ସେବା ପ୍ରଦାନ କରିବା । ଏହି ଶିବିର ଗୁଡ଼ିକରେ ପ୍ରମାଣପତ୍ର ପାଇଁ ଭିନ୍ନକ୍ଷମ ମାନଙ୍କ ମୂଲ୍ୟାଙ୍କନ, ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ବସ୍ ପାସ୍ ଭଳି ସୁବିଧା ସହିତ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଥାଏ । ଏହାର ପ୍ରାଥମିକ ଲକ୍ଷ୍ୟ ହେଉଛି ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଆବଶ୍ୟକୀୟ ଦସ୍ତାବିଜ (ଡକ୍ୟୁମେଣ୍ଟ) ଏବଂ ସୂଚନା ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା ।

## ସ୍ୱଷ୍ଟ ଦିବାଲୋକରେ ଘରୁ ଲୁଟିନେଲେ ସୁନା ଅଳଙ୍କାର ସହ ନଗଦ ଟଙ୍କା

ବାରିପଦା, (ସବ୍ୟୁ): : ବାରିପଦା ଟାଉନ ଥାନା ନିକଟସ୍ଥ ଜନଗହଳିତ ପୂର୍ଣ୍ଣ ତଥା ୱାର୍ଡ ନମ୍ବର ୬ ଅଞ୍ଚଳରୁ ସ୍ୱଷ୍ଟ ଦିବାଲୋକରେ ଦୃର୍ବୃତ୍ତ ମାନେ ଘରେ ପଶି ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ସହ ନଗଦ୍ ୨୧ହଜାର ଟଙ୍କା ଲୁଟ୍ କରି ଛୁ ମାରିଛନ୍ତି। ଘଟଣାରୁ ପ୍ରକାଶ ଯେ, ବାରିପଦା ସହର ୱାର୍ଡ ନମ୍ବର ୬ ସ୍ଥିତ ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ ଶାଖା ନିକଟରେ ଥିବା ସୁଦୀପ୍ତ ଅଧିକାରୀଙ୍କ ଘରେ ଶନିବାର ଦିନ ଗୋଟାଏ ପରେ ତାଙ୍କ ମା ସମ୍ପର୍କୀୟଙ୍କ ଘରକୁ ଯାଇଥିବାବେଳେ, ଘରେ କେହି ନଥିବାର ସୁଯୋଗ ପାଇ ଦୃର୍ବୃତ୍ତ ମାନେ ଘର ପଛପଟ ତାଲା ଭାଙ୍ଗି ଘର ଭିତରେ ପଶି ଆଲମାରୀ ଭାଙ୍ଗି ୨ଟି ସୁନାହାର, ୨ହୋଳ ସୁନାପୋଲା, ୩ହୋଳ ସୁନା କାନଫୁଲ, ୭ଟି ରୂପା ବଳା ଓ ୫ହୋଳ ରୂପା ପାଉଁଜି ଏବଂ ନଗଦ୍ ୨୧ହଜାର ଟଙ୍କା ଚୋରି କରିନେଇ ପଳାଇଥିଲେ।

ଏନେଇ ଘଟଣାସ୍ଥଳରେ ବାରିପଦା ଟାଉନ ପୋଲିସ ପହଞ୍ଚି ସିସିକ୍ୟାମେରା ଫୁଟେଜ୍‌କୁ ନେଇ ଘଟଣାର ଛାନ୍‌ଭିନ୍ କରିବା ସହ ୮୪୯/୨୫ ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ସ୍ୱଷ୍ଟ ଦିବାଲୋକରେ ଜନଗହଳି ପୂର୍ଣ୍ଣ ରାସ୍ତାରେ ତଥା ଟାଉନ ଥାନା ନିକଟରେ ଏହି ଚୋରି ଘଟଣା ଘଟିଥିବାରୁ ସାଧାରଣ ଲୋକେ ଭୟଭୀତ ହୋଇପଡିଛନ୍ତି। ଦୃର୍ବୃତ୍ତଙ୍କୁ ଠାବ କରି ତୁରନ୍ତ ଧରିବା ପାଇଁ ସାଧାରଣରେ ଦାବି ହୋଇଛି।

## ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଗଜପତି କଳାକାରଙ୍କ ସଫଳତା




ପାରଳାଖେମୁଣ୍ଡି ,(ସବ୍ୟୁ) :ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ସମାବେଶ ରେ ଲୋକ ସଙ୍ଗୀତ ବିଭାଗରେ ଗଜପତି ଜିଲ୍ଲା ପୁରସ୍କୃତ, ୩୦ ଟି ଜିଲ୍ଲା ର ଯୁବ କଳାକାର ମାନଙ୍କ ମଧ୍ୟରେ ଅନୁଷ୍ଠିତ ହେଇଥିବା ଏହି ପ୍ରତିଯୋଗୀତା ରେ ପାରଳାଖେମୁଣ୍ଡିର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କ୍ରିଏଟିଭ ଆର୍ଟସ କଳାକାରମାନେ ତୃତୀୟ ପୁରସ୍କାର ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଥିବା ବେଳେ ଦୀର୍ଘ ବର୍ଷ ପରେ ସଙ୍ଗୀତ ବିଭାଗ ରେ ଜିଲ୍ଲାକୁ ଏହି ସଫଳତା ପାଇଁ ଶୁଭେଚ୍ଛା ର ସୁଅ ଛୁଟିଛି ।ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନନାଗା , ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝି , ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ , ଜିଲ୍ଲା କ୍ରୀଡ଼ା ଅଧିକାରୀ ତ୍ରିନାଥ ସାହୁ , ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ଗୁରୁ ରଘୁନାଥ ପାତ୍ର , କ୍ରିଏଟିଭ ଆର୍ଟସ ସଭାପତି ନୃସିଂହ ଚରଣ ପଟ୍ଟନାୟକ , ସମଲେଇ ନୃତ୍ୟକଳା ପରିଷଦ ସମ୍ପାଦକ ବାଳକୃଷ୍ଣ ପାଣିଗ୍ରାହୀ ପ୍ରମୁଖ କଳାକାର ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ଡିଏଭି ପିଟିଏସଆର୍ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ ଡିଏଭି ପିଟିଏସଆର୍ ପବ୍ଲିକ ସ୍କୁଲର ପଞ୍ଚମ ବାର୍ଷିକୋତ୍ସବ "ସମନ୍ୱୟ' ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଅମରନାଥ ରଥଙ୍କ ପରୌହିତ୍ୟରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଏବଂ କବି ପ୍ରଶାନ୍ତ ମହାନ୍ତି, ପ୍ରଫେସର କୃତ୍ତିବାସ ବିଶ୍ୱାଳ ଓ ପ୍ରାକ୍ତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଅନୁପମ ବାନାର୍ଜୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଉ"ାଟନ କରିଥିଲେ । ପ୍ରଧାନଶିକ୍ଷକ ମନୋରଞ୍ଜନ ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଶ୍ରୀ ରଥ ୨୦୧୪ ମସିହାରୁ ଆରମ୍ଭ ହୋଇଥିବା ଏହି ଅନୁଷ୍ଠାନର ସଫଳତା ଉପରେ ବିବରଣୀ ଉପସ୍ଥାପନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ଶିକ୍ଷୟିତ୍ରୀ ଜି.ସ୍ନିଗ୍ଧା ରାଣୀ ପରିଚାଳନା କରିଥିବା ବେଳେ ପ୍ରାକ୍ତନ ପ୍ରଧାନଶିକ୍ଷକ ବାସୁଦେବ ପାଣିଗ୍ରାହୀ, ବିଚିତ୍ର କୁମାର ପାଣିଗ୍ରାହୀ ଓ ବୈଜୟନ୍ତୀ ମାଳା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ । ଦଶମ ପରୀକ୍ଷାରେ ପ୍ରଥମ ସ୍ଥାନ ଅର୍ଜନ କରିଥିବା ଚଞ୍ଚଳ ସାବତ, ଦ୍ୱିତୀୟ ମନିଷା ପଣ୍ଡା ଏବଂ ତୃତୀୟ ସ୍ଥାନରେ ଥିବା ଶୁଭ୍ରାଂଶୁ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## କୁମୁଟି ସାହିରୁ ଘରୁ ଦେଢ଼ କେଜି ରୂପା ସହ ନଗଦ ୪୦ ହଜାର ଲୁଟ୍

ପାରଳାଖେମୁଣ୍ଡି ,(ସବ୍ୟୁ) :ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର କୁମୁଟି ସାହିର କେ.ନାରାୟଣା ଙ୍କ ଘରେ ଦୁର୍ବୃତ୍ତମାନେ ପଶି ଦେଢ କେଜି ରୂପା ଅଳଙ୍କାର ସମେତ ନଗଦ ୪୦ ହଜାର ଟଙ୍କା ଚୋରି କରିନେଇଥିବାର ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଲିଖିତ ଅଭିଯୋଗ ହୋଇଛି । କେ.ନାରାୟଣ ଏବଂ ତାଙ୍କ ପରିବାର ଲୋକେ ସୋମବାର ଦିନ ଆନ୍ଧ୍ରର ବୋବିଲି ଗ୍ରାମକୁ ଯାଇ ପାଞ୍ଚ ଦିନ ପରେ ନିଜ ଘରକୁ ଫେରିଥିଲେ ଘରେ ପଶି ଦେଖିବା ପରେ ଦୁର୍ବୃତ୍ତମାନେ ଆଲମିରାରେ ଥିବା ନଗଦ ୪୦ ହଜାର ଟଙ୍କା ସମେତ ରୂପା ଅଳଙ୍କାର ନେଇ ପଳାଇଥିବାର ଅଭିଯୋଗ ହୋଇଛି ।

ତେବେ ଘରର କୌଣସି ତାଲା ଭଙ୍ଗା ଯାଇନଥିବା ବେଳେ ଛାତ ଉପର ଦେଇ ଦୁର୍ବୃତ୍ତ ପଶିଥିବାର ଅନୁମାନ କରାଯାଉଥିବା ବେଳେ ଘଟଣା ସ୍ଥଳରେ ପାରଳାଖେମୁଣ୍ଡି ଆଦର୍ଶଥାନା ପୋଲିସ ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରାଯାଇ ୪୭୧/୨୫ ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ସୂଚନା ପ୍ରଦାନ କରିଛନ୍ତି

## କାଶୀନଗର ଶ୍ରୀରାମ ଡିଗ୍ରୀ କଲେଜରେ ଜିଲ୍ଲାସ୍ତରୀୟ ଯୁବ ପ୍ରଶିକ୍ଷଣ ଶିବିର




ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା କାଶୀନଗର ବ୍ଲକ ମହକୁମାରେ ଥିବା ଶ୍ରୀରାମ ଡିଗ୍ରୀ କଲେଜ ଠାରେ ଜାତୀୟ ସେବା ଯୋଜନା ଦାରା ଆୟୋଜିତ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିଶିର ରବିବାର ଦିନ ଶେଷ ହେଇଛି ।

ଏଥିରେ ମୁଖ୍ୟଅତିଥି ଭାବେ ପାରଳା ବିଧାୟକ ରୁପେସ ପାଣିଗ୍ରାହୀ , ସମ୍ମାନୀତ ଅତିଥି ଜିଲ୍ଲାପରିଷଦ ଅଧ୍ୟକ୍ଷ ଗବାର ତିରୁପତି ରାଓ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାଇଆମ୍ମା, ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କଲେଜର ପ୍ରିନ୍ସପାଲ ଡ଼. ପ୍ରଶାନ୍ତ ବନପଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମକୁ ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପିକା ସର୍ମିତା ଭୁକ୍ତା ।

## ମୁଜାଗଡ଼ ପାଠଶାଳା ବାର୍ଷିକ ଉତ୍ସବ



ଭଞ୍ଜନଗର , (ସବ୍ୟୁ): ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଉପସେବା କେନ୍ଦ୍ର ଭଞ୍ଜନଗର ତରଫରୁ ଶାଖା କେନ୍ଦ୍ର ମୁଜାଗଡ଼ ପାଠଶାଳାର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ଶାନ୍ତି ଶୋଭା ଯାତ୍ରା, ସ୍ନେହ ମିଳନ ପର୍ବ, ସୁନ୍ଦର ସାଂସ୍କୃତିକ କାର୍ଯ୍ୟ କ୍ରମ ଆୟୋଜନ କରାଯାଇଥିଲା । ଅତିଥି ଶିକ୍ଷକ ମହେନ୍ଦ୍ର ଘଡେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ମଞ୍ଚାସୀନ ଅତିଥି ରାଜଯୋଗୀ ଅକ୍ଷୟ ଭାଇ ସଂସ୍ଥା ପରିଚୟ, ରାଜଯୋଗିନୀ ବ୍ର. କୁ ସୁଭଦ୍ରା ଭଉଣୀ ଆତ୍ମା ପରିଚୟ, ଭଞ୍ଜନଗର ଉପସେବା କେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ସନ୍ତୋଷିନୀ ଭଉଣୀ ପରମାତ୍ମା ଶିବ ଙ୍କ ସତ୍ୟ ପରିଚୟ ପ୍ରଦାନ ପରେ ଅତିଥି ମହୋଦୟ ଈଶ୍ୱରୀୟ ସ୍ୱ ଅନୁଭୂତି ପ୍ରଦାନ ସହିତ ଅନୁଷ୍ଠାନର ଉତ୍ତରତ୍ତୋର କାମନା ପୂର୍ବକ ସଦା ସର୍ବଦା ସହଯୋଗୀ ନିମନ୍ତେ ପ୍ରତିଜ୍ଞାବଦ୍ଧ ହୋଇଥିଲେ । ବ୍ର. କୁ ବୈକୁଣ୍ଠ ଭାଇ ମଞ୍ଚ ପରିଚାଳନା, ବ୍ର. କୁ ପିଙ୍କି ଭଉଣୀ ସ୍ୱାଗତ ଭାଷଣ ଏବଂ ବ୍ର. କୁ ପ୍ରାପ୍ତି ଭଉଣୀ ଧନ୍ୟବାଦ ଅର୍ପଣ କରିଥିଲେ । ବ୍ର. କୁ ଅଲିଭା ଭଉଣୀ, ଅନିତା ଭଉଣୀ ସମେତ ସମସ୍ତ ଆଧ୍ୟାତ୍ମିକ ପ୍ରେମୀ ଭାଇ ଓ ଭଉଣୀ ଙ୍କ ସହଯୋଗ ରେ ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବେ ସମ୍ପାଦନ ହୋଇଯାଇଛି ।

## କୋରାପୁଟରେ ଦୁଇ ନୂଆ ସବ୍‌ଡିଭିଜନ କାର୍ଯ୍ୟାଳୟ କୋଠା ଉଦ୍‌ଘାଟିତ



ବ୍ରହ୍ମପୁର, (ସବ୍ୟୁ): ଗୁଣାତ୍ମକ ତଥା ଉପଭୋକ୍ତା କୈନ୍ଦ୍ରିକ ବିଦ୍ୟୁତ ସେବାକୁ ପ୍ରାଥମିକତା ଦେଇ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ) କୋରାପୁଟ ଜିଲ୍ଲାରେ ଦୁଇ ସବଡିଭିଜନ ଅଫିସ ନିମନ୍ତେ ନୂତନ କୋଠା ନିର୍ମାଣ କରିଛି । କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ, ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟାଳୟଗୁଡ଼ିକୁ ଉଦଘାଟନ କରିଛନ୍ତି ।

କୋରାପୁଟର ଜୟପୁର ସବଡିଭିଜନ-୧ ଓ ଲକ୍ଷ୍ମୀପୁର ସବଡିଭିଜନ କାର୍ଯ୍ୟାଳୟର ଏହି ନୂତନ କୋଠା କମ୍ପାନୀର ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହେବ । ସେହିଭଳି ବିଦ୍ୟୁତ ସେବା ଗ୍ରାହକଙ୍କ ନିକଟତର ହୋଇପାରିବ । ନୂଆ କାର୍ଯ୍ୟାଳୟରେ ଉନ୍ନତ ଭିତ୍ତିଭୂମି, ଉତ୍ସର୍ଗୀକୃତ ବିଲିଂ କାଉଣ୍ଟର ଓ ଗ୍ରାହକଙ୍କ ଉଦ୍ଦେଶ୍ୟରେ ସବୁ ମୌଳିକ ସୁବିଧା ରହିଛି । ଉପଭୋକ୍ତାମାନେ ବିଜୁଳିଜନିତ ସମସ୍ୟାର ସମାଧାନ ନିମନ୍ତେ କାର୍ଯ୍ୟାଳୟରେ ପହଞ୍ଚିପାରିବେ ।

ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ବିଦ୍ୟୁତ ସେବାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟରେ ଆମେ କ୍ରମାଗତ ପ୍ରୟାସ ଜାରି ରଖିଛୁ ।

ଏହି କ୍ରମରେ ଗ୍ରାହକ ସେବାକୁ ଅଧିକ ସହଜ କରିବା ପାଇଁ ଓ କର୍ମଚାରୀମାନଙ୍କୁ ଉନ୍ନତ କାର୍ଯ୍ୟକ୍ଷେତ୍ର ପ୍ରଦାନ କରିବା ଲକ୍ଷ୍ୟରେ ଏହି ନୂତନ କାର୍ଯ୍ୟାଳୟଗୁଡ଼ିକ ସହାୟକ ହେବ । ଉପଭୋକ୍ତା-କୈନ୍ଦ୍ରିକ ପଦକ୍ଷେପ ନେଇ ବିଶ୍ୱସନୀୟ ବିଜୁଳି ସେବା ପ୍ରଦାନ ଦିଗରେ ଟିପିଏସଓଡିଏଲ ସଦା ପ୍ରତିଶ୍ରୁତିବଦ୍ଧ ଅଟେ । ଟିପିଏସଓଡିଏଲର ଏହି ନୂତନ କାର୍ଯ୍ୟାଳୟଗୁଡ଼ିକ ଭବିଷ୍ୟତ ପାଇଁ କମ୍ପାନୀର ପ୍ରସ୍ତୁତିକୁ ସୂଚାଉଥିବା ବେଳେ ଏକ ସୁଦୃଢ଼ ବିତରଣ ନେଟୱର୍କ ସୁନିଶ୍ଚିତ କରିବାର ସହାୟକ ହେବ ।

## ଆମେ - ୭୩ ମ୍ୟାଟ୍ରିକ୍ ବ୍ୟାଚର ବନ୍ଧୁ ମିଳନ

ବାରିପଦା,(ସବ୍ୟୁ) : ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ "ଆମେ - ୭୩' ବ୍ୟାଚର ମ୍ୟାଟ୍ରିକ ତଥା ଏମପିସିସନମାନଙ୍କ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା, ରାଜ୍ୟତଥା ରାଜ୍ୟ ବାହାରୁ ୧୨୦ରୁ ଉର୍ଦ୍ଧ ବନ୍ଧୁ ଓ ବାନ୍ଧବୀ ମାନେ ଯୋଗଦେଇ ଥିଲେ ବୋଲି ଆୟୋଜକ ତଥା ସମ୍ପାଦକ କ୍ଷୀରୋଦ ବିହାରୀ ସିଟ ଜଣାଇଛନ୍ତି। ସେମାନଙ୍କ ମଧ୍ୟରେ ପ୍ରମୁଖ ବନ୍ଧୁମାନେ ହେଲେ ଦେବବ୍ରତ ସ୍ୱାଇଁ, ଯଶୋବନ୍ତ ଷଡ଼ଙ୍ଗୀ, ଶୈଳେନ୍ଦ୍ର ନନ୍ଦ, ଅଶୋକ ବଶା, କିଶୋର ବଶା, ବିଜୟ ଷଡ଼ଙ୍ଗୀ, ଅସିତ ରଥ, ବିଜନ ଦାସ ମହାପାତ୍ର, ସୌମେନ୍ଦ୍ର ପଟ୍ଟନାୟକ, କାଶୀନାଥ ବେହେରା, ଜଗଦୀଶ ମହାନ୍ତି, ଅହିନ ପାତ୍ର, ସଂଯୁକ୍ତା ମିଶ୍ର ଓ ଲକ୍ଷ୍ମୀପ୍ରିୟା ବେହେରା ଓ ସର୍ବପ୍ରଥମେ ଦିବଂଗତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାପୂର୍ବକ ନିରବ ପ୍ରାର୍ଥନା କରାଯାଇଥିଲା।

ବନ୍ଧୁ ଅନାଦି ସିଂହଙ୍କ ରଚିତ କବିତା ସଂକଳନ "ତେସ୍ତରି ଡାକେ ହାତ ଠାରି' ବହିର ଶୁଭ ଉନ୍ମୋଚନ ପରେ ଲୋକାର୍ପିତ ହୋଇଥିଲା। ପରେ ପରେ ବନ୍ଧୁ ଶ୍ରୀକାନ୍ତ ମିଶ୍ରଙ୍କ ରଚିତ ପୁସ୍ତକ "କିଚକେଶ୍ୱରୀ'ର ଦ୍ୱିତୀୟ ସଂସ୍କରଣ ବନ୍ଧୁ ମାନଙ୍କ ମଧ୍ୟରେ ବିତରଣ କରାଯାଇଥିଲା। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଚିନ୍ମୟ ପଟ୍ଟନାୟକ, ରଜତ ମହାନ୍ତି, ରବି ଚୌପଟ୍ଟନାୟକ, କୃଷ୍ଣ ଦାସ, ଅଶୋକ ମହାନ୍ତି, କମଳଲୋଚନ ଗିରି, ଅରୁଣାଂଶୁ ଦାଶ, ବିଜୟ ସିଂହ, ଶୁଭେନ୍ଦୁ ପାଲ, ସତ୍ୟବାନ ସେଠୀ ଓ ବୈଦ୍ୟନାଥ ରଥ ସହଯୋଗ କରିଥିଲେ।

# "ଫ୍ଲୋ' ମିଟର ବିନା ଜଳ ଶୋଷୁଛନ୍ତି , ଏଥିରେ ଲାଗୁନି ରୋକ୍

ତାଳଚେର, (ସବ୍ୟୁ) : ସାଧାରଣ ଜନତା ପାଣି ପାଇଁ ଡ଼ହକବିକଳ ହେଉଥିବା ବେଳେ ତାଳଚେର ଅଂଚଳରେ ରହିଥିବା ବିଭିନ୍ନ କଳକାରଖାନାକୁ ବ୍ରାହ୍ମଣୀ ନଦୀରୁ ବଡ଼ବଡ଼ ହୋମପାଇପ୍ ଦ୍ୱାରା ସରକାର ପାଣି ଯୋଗାଇ ଦେଉଥିବା କେତେ ଯୁକ୍ତିଯୁକ୍ତ । ରାଜ୍ୟ ସରକାର ଶିଳ୍ପସଂସ୍ଥାମାନଙ୍କୁ ସେମାନଙ୍କ ଚାହିଦା ମୁତାବକ ନଦୀରୁ ଜଳ ନେବାପାଇଁ ଅନୁମତି ଦେଇଥାନ୍ତି । ଏହାମଧ୍ୟ ଜଳସମ୍ପଦ ବିଭାଗର ଧାର୍ଯ୍ୟ ନିୟମ ଅନୁଯାୟୀ ଚୁକ୍ତିନାମା ଦ୍ୱାରା ଅନୁମୋଦିତ ହୋଇଥାଏ । କିନ୍ତୁ ତାଳଚେରରେ ଶିଳ୍ପସଂସ୍ଥାମାନେ ଜଳକର ପୈଠ କରୁନଥିବା ବେଳେ ଚୁକ୍ତିନାମା ଠାରୁ ବହୁମାତ୍ରାରେ ମନଇଛା ନଦୀରେ ପମ୍ପହାଉସ୍ ନିର୍ମାଣ କରି ଜଳ ନେଉଥିବା ଅଭିଯୋଗ ହେଉଛି । ଏପରିକି, କମ୍ପାନୀମାନେ ବଡ଼ବଡ଼ ବୋର୍‌ୱେଲ ନିର୍ମାଣକରି ମନଇଛାଭାବେ ଭୂତଳ ଜଳକୁ ଶୋଷି ନେଉଛନ୍ତି ।

ଜଳ ଉଠାଣର ହିସାବପାଇଁ ଶିଳ୍ପସଂସ୍ଥା ମାନଙ୍କ ପାଇଁ ଚୁକ୍ତିନାମା ଅନୁଯାୟୀ "ଫ୍ଲୋ' ମିଟର ବାଧ୍ୟତାମୂଳକ ରହିଥିବା ବେଳେ ଏହି ନିୟମକୁ କୌଣସି ସଂସ୍ଥା ମାନୁନଥିବା କୁହାଯାଉଛି । ମୁଖ୍ୟତଃ ବ୍ରାହ୍ମଣୀନଦୀ ଅବବାହିକାରେ ରହିଥିବା ଅଂଚଳବାସୀ ନଦୀ ଉପରେ ନିର୍ଭର କରିଥାନ୍ତି । ବର୍ଷା ଦୁଇ ତିନିମାସ ଛାଡ଼ିଦେଲେ ଶିଳ୍ପସଂସ୍ଥାମାନେ ନଦୀରୁ ମନଇଛା ପାଣି ଟାଣି ନେଉଥିବା ବେଳେ ପ୍ରାୟ ଜାନୁଆରୀ ଫେବୃଆରୀରୁ ଜଳସଙ୍କଟ ଦେଖାଦେଇଥାଏ । ଏପରିକି, ଜଳବାୟୁ ପରିବର୍ତ୍ତନ ଓ ନିଅଂଟିଆ ବର୍ଷା ଯୋଗୁଁ ନଦୀରେ ଜଳପ୍ରବାହ କମିବାରେ ଲାଗୁଥିବା ବେଳେ କମ୍ପାନୀମାନେ ଏଥିରୁ ପାଣି ଶୋଷିନେବା କେତେ ଯୁକ୍ତି ସଙ୍ଗତ ତାକୁ ନେଇ ଅଂଚଳରେ ପରିବେଶବିତ୍‌ମାନେ ଉଦବେଗ ପ୍ରକାଶ କରିଛନ୍ତି । ଏନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କେହି ହେଲେ ଦୃଷ୍ଟି ଦେଇନଥାନ୍ତି ।

ଅପରପକ୍ଷେ ସରକାର ଜନସାଧାରଣଙ୍କୁ ପାନୀୟଜଳ ବ୍ୟବସ୍ଥା କରାଇ "ଫ୍ଲୋ'ମିଟର ଲଗାଇ ବେସ କର ଆଦାୟ କରୁଥିବା ବେଳେ କମ୍ପାନୀମାନଙ୍କ ପ୍ରତି କାହିଁକି ଆଖିବୁଜି ଦେଉଛନ୍ତି ତାକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ବୃଦ୍ଧି ପାଇଛି । ବ୍ରାହ୍ମଣୀନଦୀର ଉପର ଭାଗରେ ଏକାଧିକ ପମ୍ପହାଉସ ରହିଥିବା ବେଳେ ଅଂଚଳବାସୀଙ୍କୁ ମାତ୍ର ଅଧେଘଂଟରୁ ଘଂଟାଏ ଜଳ ଯୋଗାଇ ଦିଆଯାଇଥାଏ, ସେଥିରେ ପୁଣି ସେମାନଙ୍କୁ କର ଦେବାକୁ ପଡ଼ିଥାଏ । ଯଦି ଏଥିରେ ବ୍ୟତୀକ୍ରମ ଘଟେ ତେବେ ଜଳଯୋଗାଣ ବ୍ୟବସ୍ଥାକୁ ବନ୍ଦ କରି ଦେଉଥିବା ଅଭିଯୋଗ ହେଉଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ତାଳଚେରରେ ପ୍ରଚୁରମାତ୍ରାରେ କୋଇଲା ଖଣି ଓ ସୁବିଧାରେ ପାଣି ବ୍ୟବସ୍ଥାକୁ ନଜରରେ ରଖି କମ୍ପାନୀଙ୍କ ଲଲୁପ ଦୃଷ୍ଟି ତାଳଚେର ଅଂଚଳରେ ପଡ଼ିଥାଏ । କାରଣ କମ ଖର୍ଚ୍ଚରେ ବେସ ମାଲାମାଲ ହେବା ଲକ୍ଷ୍ୟରେ ଆଗକୁ ମାଡ଼ି ଚାଲିଛନ୍ତି ।

# କାମାକ୍ଷାନଗର-କଙ୍କଡ଼ାହାଡ଼ ରାସ୍ତାରେ ଦନ୍ତା ଆତଙ୍କ



କାମାକ୍ଷାନଗର ,(ସବ୍ୟୁ) : ଢେଙ୍କାନାଳ ବନଖଣ୍ଡ କାମାକ୍ଷାନଗର -କଙ୍କଡାହାଡ଼ ପୂର୍ତ୍ତ ବିଭାଗ ରାସ୍ତାରେ ଦନ୍ତା ଆତଙ୍କ ଯୋଗୁ ଯାତାୟତ ବାଧାପ୍ରାପ୍ତ ହେଉଥିବାର ଜଣାପଡିଛି । କଙ୍କଡାହାଡ଼ ପୂର୍ତ୍ତ ବିଭାଗ ରାସ୍ତାର ତଣ୍ଡିମୁଣ୍ଡା ଠାରେ ରାସ୍ତାରେ ଦନ୍ତା ଆତଙ୍କ ଦେଖିବାକୁ ମିଳିଛି ।

ସୂଚନା ଅନୁସାରେ ଆଜି ଦ୍ୱିପ୍ରହର ସମୟରେ ଏକ ଦନ୍ତା ନିକଟରେ ଥିବା ଜଙ୍ଗଲରୁ ବାହାରି କାମାକ୍ଷାନଗର -କଙ୍କଡାହାଡ଼ ରାସ୍ତାର ତଣ୍ଡିମୁଣ୍ଡା ଗାଁ ନିକଟରେ ରାସ୍ତା ଉପରେ ଆତଙ୍କ ସୃଷ୍ଟି କରିଥିଲା । ଦନ୍ତାଟି ବହୁ ସମୟ ପର୍ଯ୍ୟନ୍ତ ରାସ୍ତାରେ ଛିଡା ହୋଇ ରହିବା ଫଳରେ ସ୍ଥାନୀୟ ବାସିନ୍ଦା ଆତଙ୍କିତ ରହିଥିବା ବେଳେ ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ବନବିଭାଗ ଘଟଣା ସ୍ଥଳରେ ପହଞ୍ଚି ହାତୀକୁ ରାସ୍ତାରୁ ଘଉଡ଼ାଇ ଥିବା ବେଳେ ବର୍ତମାନ ପର୍ଯ୍ୟନ୍ତ ହାତୀଟି ରାସ୍ତା ପାର୍ଶ୍ୱରେ ଥିବା ଜଙ୍ଗଲରେ ରହିଥିବା ଜଣା ପଡିଛି । ତେବେ ବନ ବିଭାଗର ଟିମ ଘଟଣା ସ୍ଥଳରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଥିବା ବେଳେ ହାତୀକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି ।

# ସ୍ତ୍ରୀ ହତ୍ୟାକାରୀକୁ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ଗୋଶାଣି ନୁଆଗାଁ ଥାନା ପୁଲିସ ଚାଞ୍ଚଡ଼ା ପଡ଼ିଆ ସାହି ଶାନ୍ତିନଗରରୁ ଶନିବାର ସୁଚିତ୍ରା ପୃଷ୍ଟି(୨୮)ଙ୍କ ମୃତ ଦେହ ଜବତ କରିଥିଲା । ମୃତ ମହିଳାଙ୍କ ମା'ଜୟା ଦଳେଇଙ୍କ ଅଭିଯୋଗ ଅନୁଯାଇ ୪୮୧/୨୫ ରେ ଏକ ଯୌତୁକ ଜନିତ ହତ୍ୟା ମାମଲା ରୁଜୁ କରିଥିଲା ।

ରବିବାର ବ୍ୟବଛେଦ ପରେ ମୃତଦେହ ସୁଚିତ୍ରାଙ୍କ ବାପା ଘର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି । ପ୍ରାଥମିକ ଅନୁସନ୍ଧାନରୁ ମହିଳାଙ୍କ ବେକରେ ଶାଢୀ ଲଗାଇ ତାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରାଯାଇଥିବା ଜଣାପଡିଥିଲା । ଏହି ମାମଲାରେ ସୁଚିତ୍ରାଙ୍କ ଙ୍କ ସ୍ୱାମୀ ମିଟୁ ପୃଷ୍ଟି(୩୨)ଙ୍କୁ ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

ଘଟଣାରୁ ପ୍ରକାଶ ଯେ, ମିଟୁ ପୃଷ୍ଟି ୭ ବର୍ଷ ପୂର୍ବେ ସୁଚିତ୍ରାଙ୍କୁ ବିବାହ କରିଥିଲେ । ଉଭୟଙ୍କ ଏକ ପୁତ୍ର ସନ୍ତାନ ରହିଛି । ଶନିବାର ସକାଳେ ସୁଚିତ୍ରାଙ୍କ ମୃତ୍ୟୁ ହୋଇଥିବା ନେଇ ମିଟୁ ଭିତଙ୍କ ଶାଶୂ ଜୟା ଦଳେଇଙ୍କୁ ଫୋନ କରି ଜଣାଇଥିଲେ ।

ଜୟା ପହଞ୍ଚିବା ପରେ ଝିଅର ମୃତ୍ୟୁର କାରଣ ଜାଣିବାକୁ ଚାହିଁଥିଲେ । ତେବେ ମିଟୁଙ୍କ ପକ୍ଷରୁ କୌଣସି ସଠିକ ଉତ୍ତର ମିଳିପାରିନଥିଲା । ଏହାପରେ ଘଟଣାକୁ ନେଇ ଜୟା ଥାନାରେ ଯୌତୁକ ନିର୍ଯାତନା ଦେବା ସହ ଝିଅକୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ । ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଶନିବାର ମୃତଦେହର ପଞ୍ଚନାମା କରିଥିଲା । ଅଭିଯୁକ୍ତ ମିଟୁଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଥିଲା

## ମେଡିକାଲ୍ କଲେଜ୍‌ରେ ରୋଗୀସେବା ଦାବି

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯିବ ଗଣଧାରଣା



ତାଳଚେର, (ସବ୍ୟୁ) : ତାଳଚେର ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ଏକ ଜରୁରୀ ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସଂପାଦକ ବିଜୟ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜ୍‌ରେ ରୋଗୀ ସେବା ଆରମ୍ଭ କରିବା ପାଇଁ ଉପସ୍ଥିତ ବୁଦ୍ଧିଜୀବୀ ଓ ସଭ୍ୟମାନେ ଦୃଢ଼ ଦାବୀ ଉପସ୍ଥାପନ କରିଥିଲେ।

ମେଡିକାଲ୍ କଲେଜ୍ ରେ ଚଳିତ ବର୍ଷ ଠାରୁ ଶିକ୍ଷାଦାନ ଆରମ୍ଭ କରାଯାଇଥିଲେ ମଧ୍ୟ ଏଯାବତ୍ ରୋଗୀ ସେବା ଆରମ୍ଭ କରାଯାଇ ନାହିଁ ସେଥିପାଇଁ ଉପଖଣ୍ଡର ଜନସାଧାରଣଙ୍କ ମଧ୍ୟରେ ଘୋର ଅସନ୍ତୋଷ ବୃଦ୍ଧି ପାଉଛି ।

ଅବିଳମ୍ବେ ରୋଗୀ ସେବା ଆରମ୍ଭ କରିବା ପାଇଁ ଆସନ୍ତା ତା୮/୧/୨୦୨୬ ରିଖ ଦିନ ଅନୁଗୋଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୨୪ ଘଂଟିଆ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯିବା ସହିତ ଏକ ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ନିଷ୍ପତି ହୋଇଛି ।

ଏହାର ନକଲ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ, ଢେଙ୍କାନାଳ ସାଂସଦ, ତାଳଚେର ବିଧାୟକଙ୍କୁ ମଧ୍ୟ ପ୍ରଦାନ କରାଯିବ। ଏହି ଆନ୍ଦୋଳନରେ ଜନସାଧାରଣ ସାମିଲ୍ ହୋଇ ସହଯୋଗ କରିବାକୁ ସାଧାରଣ ସଂପାଦକ ଶ୍ରୀ ପ୍ରଧାନ ସମସ୍ତଙ୍କୁ ନିବେଦନ କରିଛନ୍ତି। ଆଜିର ଏହି ବୈଠକରେ କମିଟିର ସଭାପତି ପଦ୍ମ ଚରଣ ସାମଲ, ଅଭୟ ପାଣି, ସୁରେଶ ଚନ୍ଦ୍ର ପଟ୍ଟନାୟକ, ପ୍ରହ୍ଲାଦ ସାହୁ, ବଳରାମ ପତି, ଚିନ୍ତାମଣି ମହାପାତ୍ର, ବିଜୟ କୁମାର ମିଶ୍ର, ପ୍ରେମାନନ୍ଦ ମହାନ୍ତି, କୈଳାସ ଚନ୍ଦ୍ର ସାହୁ, ସୁକାନ୍ତ କୁମାର ଦାସ, ଗଗନ ବିହାରୀ ଦାସ, ବିନୋଦ ଲାଲ୍, ବିଚ୍ଛନ୍ଦ ପ୍ରଧାନ, ପ୍ରଫୁଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁବନ କଣ୍ଟ୍ରାକ୍ଟର ଆସୋସିଏସନ ମିଳିତ ବୈଠକ

ଭୁବନ,(ସବ୍ୟୁ) : ଭୁବନ କଣ୍ଟ୍ରାକଟର ଆସୋସିଏସନ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବାଜିରାଉତ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏହି ମିଳିତ ବୈଠକରେ ପାଖାପାଖି ୫୦ ଜଣ କଣ୍ଟ୍ରାକଟର ସାମିଲ ହୋଇଥିଲେ। ଆଗାମୀ ଦିନରେ ଏକଜୁଟ ହେବା ସହିତ ଭୁବନରେ କିପରି ଉନ୍ନତମାନର କାମ ହେବ ତଥା ସରକାରଙ୍କ ସମସ୍ତ ସର୍ତ୍ତାବଳୀ ଅନୁଯାଇ କାମ କରିବା ପାଇ ବୈଠକରେ ସ୍ଥିର କରାଯାଇଥିବା ବେଳେ ସରକାରଙ୍କ ତରଫରୁ ଧାର୍ଯ୍ୟ ରହିଥିବା ୧୪.୯୯ ଲେସ୍ ରେ ଟେଣ୍ଡର କାମ ବଦଳରେ ସିଡୁଲ ରେଟ୍ ୦.୦୦ ରେ ଟେଣ୍ଡର କାମ କରିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ ହୋଇଛି।

ଭୁବନ କଣ୍ଟ୍ରାକଟର ଆସୋସିଏସନ ସଂଗଠିତ ହୋଇ ଆଗାମୀ ଦିନରେ ସମସ୍ତ ବାହାର ଶକ୍ତି ବିରୋଧରେ କାମ କରିବା ପାଇଁ ବାବା ବୃଦ୍ଧେଶ୍ୱରଙ୍କ ନିକଟରେ ଶପଥପାଠ କରିଥିବା ବେଳେ ଭୁବନରେ ଉନ୍ନତମାନର କାମ ସହିତ ସଠିକ ସମୟ ମଧ୍ୟରେ କାମ ସାରିବାକୁ ନିଷ୍ପତ୍ତି ହୋଇଛି। ଏକଜୁଟ ହୋଇ କାମ କଲେ ଭୁବନ କଣ୍ଟ୍ରାକଟର ମାନଙ୍କର କୌଣସି କ୍ଷତି ହେବନାହିଁ ବୋଲି କଣ୍ଟ୍ରାକଟର ଆସୋସିଏସନ ତରଫରୁ କୁହାଯାଇଛି।

ଏଥିସହିତ କେବଳ ଭୁବନ ନୁହଁ ଢ଼େଙ୍କାନାଳ ଜିଲ୍ଲା ତଥା ଓଡିଶାର ସମସ୍ତ କଣ୍ଟ୍ରାକଟରମାନେ ସିଡୁଲ ରେଟ ୦.୦୦ ଟେଣ୍ଡର କାମ କରିବା ପାଇ ସମସ୍ତଙ୍କୁ ନିବେଦନ କରିଛନ୍ତି।

# ୧୪୦ତମ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ



ଅନୁଗୋଳ,(ସବ୍ୟୁ) :ଭାରତୀୟ ଜାତୀୟ କଂଗ୍ରେସର ୧୪୦ ତମ ପ୍ରତିଷ୍ଠା ଦିବସ ଅବସରରେ ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ସୁନିଲ ପ୍ରଧାନଙ୍କ ନେତୃତ୍ୱରେ ସକାଳ ୮.୩୦ମିନିଟ ସମୟରେ ଅନୁଗୋଳ କଲେଜ ପ୍ରାଙ୍ଗଣରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଅଛି ଏବଂ ଦିବା ୧୧ଘଟିକା ସମୟରେ ଅନୁଗୋଳ ଜିଲ୍ଲା କଂଗ୍ରେସ ଭବନ ପରିସରରେ ଦଳୀୟ ପତାକାକୁ ଜିଲ୍ଲା ସଭାପତି ସୁନିଲ ପ୍ରଧାନ ଉତ୍ତୋଳନ କରିଥିଲେ।

୧୮୮୫ମସିହାରେ ସ୍ଥାପିତ କଂଗ୍ରେସ କେବଳ ଏକ ରାଜନୈତିକ ଦଳ ନୁହେ ବରଂ ଏହା ଥିଲା ଦେଶର ସ୍ୱାଧୀନତା ସଂଗ୍ରାମର ମୂଳଶକ୍ତି। ମହାତ୍ମାଗାନ୍ଧୀ, ଜବାହରଲାଲ୍ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡକଟର ବିଆର୍ ଆମ୍ବେଦକରଙ୍କ ଭଳି ମହାନ୍ ନେତାଙ୍କ ନେତୃତ୍ୱରେ କଂଗ୍ରେସ ଦେଶକୁ ସ୍ୱାଧୀନତା ଦେଇଛି ଏବଂ ପରେ ଗଣତନ୍ତ୍ର, ସମ୍ବିଧାନ ଓ ଲୋକତାନ୍ତ୍ରିକ ସଂସ୍ଥା ଗୁଡ଼ିକୁ ମଜବୁତ କରିଛି। କଂଗ୍ରେସ ସଦାସର୍ବଦା ସାଧାରଣ ଲୋକ, ଗରୀବ, କୃଷକ, ଶ୍ରମିକ, ଆଦିବାସୀ, ଦଳିତ, ସଂଖ୍ୟାଲଘୁ ଓ ବଞ୍ଚିତଙ୍କ ସହିତ ରହିଛିବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗଦାନନ୍ଦ ପ୍ରଧାନ, ସନ୍ତୋଷ କୁମାର ପଟ୍ଟନାୟକ, ନିରଞ୍ଜନ ଦାସ, ତପନ ପଧାନ, ଚିତ୍ତରଞ୍ଜନ ନାଏକ, ଗୋବିନ୍ଦ ନାଏକ, ଅମୁଲ୍ୟ ବେହେରା, ରାକେଶ ମିଶ୍ର, ସଂଜୀବ ମଣ୍ଡୋଠିଆ, ବିନୋଦ ମାଝୀ, ସୁଦୀପ ମିଶ୍ର, ଅଳକା ମହାନ୍ତି, ଅରୁପ ସାମଲ, ଅଳକା ମହାପାତ୍ର, କସିଦା ଖାନ, ସଂଗ୍ରାମ କୁଅଁର, ସଂଗ୍ରାମ ବେହେରା, ଅରୁଣ କୁମାର ଦାସ, ମାନିନୀ ପ୍ରଧାନ, ବାସୁଦେବ ସାମଲ, କୁଞ୍ଜ ବିହାରୀ ନାଏକ, ଅଶୋକ ନାଏକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ସୁର-ତାଳ ପ୍ରତିଯୋଗିତା-୨୦୨୫: ଗିଟାର ବିଭାଗରେ କୁନ୍ଦନଙ୍କ ସଫଳତା




ଅନୁଗୁଳ ,(ସବ୍ୟୁ) : ଅନୁଗୁଳ ଆୟୋଜିତ ୨୪ତମ ସୁର-ତାଳ ସଂଗୀତ ପ୍ରତିଯୋଗିତା - ୨୦୨୫ର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଗିଟାର ବିଭାଗରେ କୁନ୍ଦନ ଅଗରୱାଲ ପ୍ରଥମ ସ୍ଥାନ ଅଧିକାର କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ପ୍ରତିଯୋଗିତାରେ ତାଙ୍କର ତାଳବୋଧ, ସ୍ୱର ସମନ୍ୱୟ ଏବଂ ଆତ୍ମବିଶ୍ୱାସପୂର୍ଣ୍ଣ ଗିଟାର ପ୍ରସ୍ତୁତି ନ୍ୟାୟଧୀଶମାନଙ୍କ ଦ୍ୱାରା ଭୂୟସୀ ପ୍ରଶଂସା ପାଇଥିଲା । କୁନ୍ଦନ ୪ ବର୍ଷ ଧରି ଗିଟାର ସଂଗୀତର ନିୟମିତ ଶିକ୍ଷା ନେଇଆସୁଛନ୍ତି ଏବଂ ତାଙ୍କର ଗୁରୁ ଶ୍ରୀ ରାକେଶ ମହାପାତ୍ରଙ୍କ ନିକଟରେ ଶିକ୍ଷା ଗ୍ରହଣ କରୁଛନ୍ତି। କୁନ୍ଦନ ଗୁରୁଙ୍କର ସଠିକ୍ ମାର୍ଗଦର୍ଶନ ଓ ଛାତ୍ରଙ୍କ ନିଷ୍ଠାପୂର୍ଣ୍ଣ ଅଭ୍ୟାସ ଏହି ସଫଳତାର ପ୍ରମୁଖ କାରଣ ବୋଲି କୁହାଯାଉଛି । କୁନ୍ଦନ ତାଙ୍କର ଏହି ସଫଳତା ପାଇଁ ପରିବାର ସଦସ୍ୟ, ଗୁରୁ, ଶୁଭଚିନ୍ତକ ଏବଂ ସଂଗୀତ ପ୍ରେମୀମାନେ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି ଏବଂ ତାଙ୍କର ଆଗାମୀ ସଂଗୀତ ଯାତ୍ରା ପାଇଁ ଶୁଭକାମନା ବ୍ୟକ୍ତ କରିଛନ୍ତି ।

# ବୁଦ୍ଧଖୋଲ ପାଦଦେଶରେ ବଢୁଛି ବଣଭୋଜି

ବୁଗୁଡ଼ା (ସବ୍ୟୁ) : ପ୍ରସିଦ୍ଧ ଐତିହାସିକ ଶୈବପୀଠ ତଥା ପର୍ଯ୍ୟଟନସ୍ଥଳୀ ବୁଦ୍ଧଖୋଲ ପାଦଦେଶ ଏବେ ବଣଭୋଜି କରିବା ପାଇଁ ପ୍ରକୃଷ୍ଟ ସ୍ଥଳ ପାଲଟି ଥିବାରୁ ଏହା ଚଳ ଚଞ୍ଚଳ ହୋଇ ଉଠିଛି । ପାଠପଢ଼ା ପିଲାଙ୍କ ଶୀତ ଛୁଟି ହେତୁ ବଣଭୋଜି ପାଇଁ କେବଳ ଆଖପାଖରୁ ନୁହେଁ ଦୂରଦୂରାନ୍ତରୁ ମଧ୍ୟ ଦଳ ଦଳ ହୋଇ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଏବଂ ଲୋକେ ନିଜ ନିଜର ବନ୍ଧୁବର୍ଗଙ୍କ ସହ ଆସି ବୁଦ୍ଧଖୋଲ ପାଦଦେଶରେ ଭୋଜିଭାତର ଆସର ଜମାଉଛନ୍ତି । ଏଥି ସହ ଲୋକେ ଠାକୁର ଦର୍ଶନ ସାଙ୍ଗକୁ ପାଦଦେଶସ୍ଥ ଇକୋ ପାର୍କ ଭ୍ରମଣର ମଜା ଉଠାଉଛନ୍ତି ।

ବୁଦ୍ଧଖୋଲ ପାଦଦେଶସ୍ଥ ଜନ ସୁବିଧା କେନ୍ଦ୍ର ଏବଂ ଅତିଥି ଭବନରେ ପର୍ଯ୍ୟଟକଙ୍କ ଆରାମଦାୟକ ରହଣିର ସୁଯୋଗ ସାଙ୍ଗକୁ ମହୋତ୍ସବ ପଡିଆରେ ଯାନବାହାନ ରହଣିର ସୁବନ୍ଦବସ୍ଥା ସହ ରୋଷେଇ ସ୍ଥଳଗୁଡିକ ନିକଟରେ ପାଇପ ଯୋଗେ ଜଳ ଯୋଗାଣର ସୁବନ୍ଦୋବସ୍ତ ଯୋଗୁଁ ଲୋକେ ଏଠାରେ ସୁବିଧାରେ ଭୋଜିଭାତର ଆସର ଜମାଉଛନ୍ତି । ତେବେ ଡିସେମ୍ବର ମାସ ଶେଷ ଭାଗରେ ଗତବର୍ଷ ଅପେକ୍ଷା ଏବର୍ଷ ପର୍ଯ୍ୟଟକଙ୍କ ଆଗମନରେ ବୃଦ୍ଧି ଘଟିଥିବା ବେଳେ ବୁଦ୍ଧଖୋଲ ପାଦଦେଶ ଚଳ ଚଞ୍ଚଳ ହୋଇ ଉଠିଥିବା ଦେଖିବାକୁ ମିଳିଛି ।

# ନୂଆ ସରକାରୀ ଓକିଲ ମନୋନୀତ

ଆସିକ, (ସବ୍ୟୁ): ଓଡ଼ିଶା ସରକାରଙ୍କ ଆଇନ ବିଭାଗ ପକ୍ଷରୁ ଆସିକାର ବିଭିନ୍ନ ଅଦାଲତରେ ୧୭ ଜଣ ଆଇନଜୀବୀଙ୍କୁ ସରକାରୀ ଓକିଲ ରୂପେ ନିଯୁକ୍ତି ଦିଆଯାଇଥିବା ନେଇ ଘୋଷଣା ନାମା ପ୍ରକାଶ ପାଇଛି ।

ଆସିକାର ଅତିରିକ୍ତ ସରକାରୀ ଓକିଲ ଭାବେ ନାରାୟଣ ମୁନି, ଶିଶିର କୁମାର ନାୟକ, ନାରାୟଣ ବେହେରା, ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଭାବେ ଶିବରାମ ପ୍ରଧାନ ଓ ଦୁର୍ଗାଚରଣ ପଟ୍ଟନାୟକ, ସହଯୋଗ ସରକାରୀ ଆଇନଜୀବୀ ଭାବେ ପି.ଚନ୍ଦ୍ରଶେଖର ପାତ୍ର ଓ ପୂର୍ଣ୍ଣଚନ୍ଦ୍ର ନାୟକ, ସହକାରୀ ସରକାରୀ ଓକିଲ ଭାବେ ସନ୍ତୋଷ କୁମାର ମିଶ୍ର, ନାରାୟଣ ହୋତା, ଶରତ ଚନ୍ଦ୍ର ପାଢୀ, ରାଜେଶ ପାତ୍ର, ଭି. ଖୋକେନ ରାଓ, ପ୍ରଭାତ କୁମାର ପାଢୀ, ପ୍ରଶାନ୍ତ କୁମାର ଚର୍ଚ୍ଚା, ଅମର କୁମାର ବିଶାଳ, ଶିବପ୍ରସାଦ ମହାପାତ୍ର, ମହେଶ୍ୱର ବେହେରାଙ୍କୁ ଓଡ଼ିଶା ସରକାରଙ୍କ ଆଇନ ବିଭାଗର ପକ୍ଷରୁ ନିଯୁକ୍ତି ଦିଆଯାଇଥିବା ଜଣାପଡିଛି । ନିଯୁକ୍ତି ପାଇଥିବା ସରକାରୀ ଓକିଲମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ମିଳୁଥିବା ଜଣାପଡିଛି ।

# ଜିଲ୍ଲା ଓ ଉପଖଣ୍ଡସ୍ତରୀୟ କୃଷି ମେଳା ଉଦ୍‌ଘାଟିତ



ଆଠମଲ୍ଲିକ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ କିଶୋରନଗର ବ୍ଲକ ବରପଡିଆ ଠାରେ କୃଷି ବିଭାଗ ତରଫରୁ ପାଞ୍ଚ ଦିନ ଧରି ଚାଲିବାକୁ ଥିବା ଏହି କୃଷି ମେଳା ଉଦଘାଟିତ ହୋଇଯାଇଛି।

ଜିଲ୍ଲାପାଳ ଅବଦଲ ଏମ ଅକତର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ବିଧାୟକ ନଳିନୀକାନ୍ତ ପ୍ରଧାନ, ବିଧାୟକ ଅଶୋକ ମହାନ୍ତି, ବିଧାୟକ ଅଗସ୍ତି ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ ପ୍ରମୁଖ ଯୋଗ ଦେଇ ଆଠମଲ୍ଲିକ ଓ କିଶୋରନଗର ଏକ କୃଷି ଭିତିକ ଅଂଚଳ ହୋଇ ଥିବାରୁ ଯଥା କୃଷି ଉପରେ ନିର୍ଭର ଶିଳ ଏହି ଅଞ୍ଚଳରେ କୃଷି ବିଭାଗ ତରଫରୁ କୃଷି ମେଳା ଅନୁଷ୍ଠିତ ହୋଇଥିବାରୁ କୃଷି ବିଭାଗକୁ ଧନ୍ୟବାଦ ଦେବା ସହିତ ବିଭିନ୍ନ ଯୋଜନାରେ ତଥା ସବସିଡ଼ର ଫାଇଦା ନେଇ ଚାଷୀମାନେ ଉପକୃତ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ସଂଜୀବ କୁମାର ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ପ୍ରକଳ୍ପ ଅଧିକାରୀ ଦେବଦତ୍ତ ମହନ୍ତ ପ୍ରମୁଖ ମଂଚାସୀନ ଥିଲେ। ଏହି ଅବସରରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଶୁଭ ଉଦଘାଟନ ସହ ନୂତନ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କିଶୋରନଗର କଲେଜ ଅଧ୍ୟକ୍ଷ ଅକ୍ଷୟ ଦାଶ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ନିଖିଳ ଓଡିଶା ରାଜ୍ୟ ଚଷା ମହାସମାବେଶରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ କ୍ରିକେଟ ଟୁର୍ନାମେଣ୍ଟ ରେ ମଧ୍ୟ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

# ଗାଈକୁ ମାରିଦେଲା ହାତୀ

ଭଞ୍ଜନଗର , (ସବ୍ୟୁ): ଗଞ୍ଜାମ ଜିଲ୍ଲା ଉତ୍ତର ଘୁମୁସର ମୁଜାଗଡ ବନାଞ୍ଚଳ ଅଧୀନ ମୁଜାଗଡ ସେକ୍ସସନର ଖଣ୍ଡିକେଟି ଗାଁ ରେ ହାତୀ ଆକ୍ରମଣରେ ଗୋଟିଏ ଗାଈର ମୃତ୍ୟୁ ହୋଇଛି । ଖବର ନେବାରେ ମୁଜାଗଡ ସେକ୍ସସନର ଖଣ୍ଡିକେଟି ଗାଁର ବସନ୍ତିବିଶାଳ ଙ୍କ ଗାଈ କୁହାଁରରେ ରହିଥିବା ଵେଳେ ଶନିବାର ରାତିରେ ଏକ ହାତୀ ପଶି ଗାଈକୁ ଦଳିଦେଇ ଥିବା ବେଳେ ଗୋଟେ ଗାଈର ଅନ୍ତବୁଜୁଳା ବାହାର କରିଦେଇଥିବା ବନାଞ୍ଚଳ ଅଧୀକାରୀ ବିମ୍ବାଧର ସାହୁ ସୁଚନା ଦେଇଛନ୍ତି ତେବେ ଉତ୍ତର ଘୁମୁସର ବନଖଣ୍ଡରେ ହାତୀଙ୍କ ଚଳପ୍ରଚଳ ବିଭିନ୍ନ ସାନରେ ଦେଖିବାକୁ ମିଳୁଥିବା ବେଳେ କେତେବେଳେ କାହାର ଫସଲ ନଷ୍ଟ କରିଥିବା ବେଳେ କେତେବେଳେ ଘର ଭାଗୁ ଛନ୍ତି ।

ଘଟଣା ସ୍ଥଳରେ ବନାଞ୍ଚଳ ଅଧିକାରୀ ଶ୍ରୀ ସାହୁ ବନପାଳ ରାଜେନ୍ଦ୍ର ନାରାୟଣ ଦିଗାଲ ସମେତ ନରକ୍ଷୀ ପହଞ୍ଚି ତଦନ୍ତ କରୁଥିବା ବେଳେ ପଶୁ ଚିକିତ୍ସାଳୟର ଡାକ୍ତର ପହଂଚି ମତ ଗାଈର ଛେଦ କରାଯାଇଥିଲା ବନାଞ୍ଚଳ ଅଧିକାରୀ ଶ୍ରୀ ସାହୁ କହିଛନ୍ତି ।

# ଶ୍ରୀ ଜଗନ୍ନାଥ ବିଦ୍ୟାପୀଠର ବାର୍ଷିକ ଉତ୍ସବ



ରାସୋଳ, (ସବ୍ୟୁ) : ହିନ୍ଦୋଳ ଉପଖଣ୍ଡ ଗଣ୍ଡାନାଳୀ ପଞ୍ଚାୟତ ଶ୍ରୀ ଜଗନ୍ନାଥ ବିଦ୍ୟା ପୀଠ ଖରଚୁଲି ଠାରେ ଗତ ୨୬ ତାରିଖ ଠାରୁ ଆୟୋଜିତ ଏହାର ବାର୍ଷିକ ଉତ୍ସବ ଆଜି ଅପରାହ୍ନରେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଉଦଯାପିତ ହୋଇଯାଇଛି।

ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଗୌର ଚନ୍ଦ୍ର ଜେନାଙ୍କ ପୌରହିତ୍ୟ ରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଢ଼େଙ୍କାନାଳ ଲୋକ ସଭା ସାଂସଦ ରୁଦ୍ର ନାରାୟଣ ପାଣି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅନୁଗୁଳ ସ୍ୱୟଂ ଶାସିତ ସରକାରି ମହା ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସର ଯୋଗ ଦେଇ ଶିକ୍ଷା ମଣିଷକୁ ମାର୍ଜିତ କରିବା ସହ ଛାତ୍ର ଛାତ୍ରୀ ମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରାଧାନ୍ୟ ଦେବା ପାଇଁ ଉଭୟ ଶିକ୍ଷକ ଓ ଅବିଭାବକ ମାନେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ହିନ୍ଦୋଳ ବିଧାୟିକା ସୀମା ରାଣୀ ନାଏକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ହିନ୍ଦୋଳ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବରୁଣ କୁମାର ସର, ଗଣ୍ଡାନା ଳୀ ପଞ୍ଚାୟତ ସରପଞ୍ଚ ସୁନୀଲ କୁମାର ସ୍ୱାଇଁ, ଅନୁଷ୍ଠାନ ପୂର୍ବତନ ପ୍ରଧାନ ଶିକ୍ଷକ ନବ କିଶୋର ଚୌଧୁରୀ ଓ ପରିଚାଳନା କମିଟିର ପୂର୍ବ ସମ୍ପାଦକ ତଥା ପ୍ରତିଷ୍ଠାତା ସଦସ୍ୟ ଦୟାନିଧି ରାଉତ ପ୍ରମୁଖ ମଞ୍ଚାସିନ ଥିଲେ। ପରିଚାଳନା କମିଟି ତଥା ଆଲୁମିନା କମିଟିର ସଭାପତି ଜଗବନ୍ଧୁ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ପୂର୍ବ ଛାତ୍ର ଅଧାପକ ଡକଟର ନରେଶ ନାଏକ କାର୍ଯକ୍ରମକୁ ସଂଯୋଜନା କରିଥିଲେ। ଅନୁଷ୍ଠାନ ର ଛାତ୍ରୀ ମାନେ ସ୍ଵାଗତ ସଙ୍ଗୀତ ଗାନ କରିଥିଲେ। ପରେ ପରେ ମଞ୍ଚାସିନ ଅତିଥି ବୃନ୍ଦ ବାର୍ଷିକ କ୍ରିଡ଼ା ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ପୂର୍ବ ଛାତ୍ର ଦୀନବନ୍ଧୁ ରାଉତଙ୍କ ନିର୍ଦ୍ଦେଶନାରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କ୍ଷୁଦ୍ର ନାଟକ ପରିବେଷଣ କରା ଯାଇଥିଲା।

ଏହାକୁ ଉପଭୋଗ କରିବା ପାଇଁ ଛାତ୍ର ଛାତ୍ରୀ ଙ୍କ ସହ ଅଭିଭାବକ ଓ ଭରପୂର ଦର୍ଶକ ମାନେ ଉପସ୍ଥିତ ରହି କଳାକାର ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ବାର୍ଷିକ ଉତ୍ସବ ରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପୂର୍ବ ଛାତ୍ର ଓ ଗ୍ରାମବାସୀ ମାନେ ସକ୍ରିୟ ସହଯୋଗ କରିଥିଲେ।

# ରେମୁଣା ମନ୍ଦିର ଛକ ନିକଟରେ ଅଟଳ ସ୍ମୃତି ସମ୍ମିଳନୀ



ବାଲେଶ୍ୱର,(ସବ୍ୟୁ):ରବିବାର ଅପରାହ୍ନ ଚାରି ଘଟିକା ସମୟରେ ରେମୁଣା ମନ୍ଦିର ଛକ ନିକଟରେ ରେମୁଣା ବିଜେପି ପକ୍ଷରୁ ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ଏକ ସ୍ମୃତି ସମ୍ମିଳନୀର ଆୟୋଜନ କରାଯାଇଥିଲା। ଜିଲ୍ଲା ସମ୍ପାଦକ ପର୍ଶୁରାମ ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତି ସମ୍ମିଳନୀରେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ସଭାପତି ଭାସ୍କର ଚନ୍ଦ୍ର ବେହେରା, ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରକାନ୍ତ ଦାସ ପ୍ରମୁଖ ସମେତ ଅନ୍ୟମାନଙ୍କ ମଧ୍ୟରେ ରେମୁଣା ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ପୂର୍ବତନ ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ନାରାୟଣ ମହନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ରବିନ୍ଦ୍ର ଦାସ, ମଣ୍ଡଳ ସଭାପତି, ମାୟାଧର ପ୍ରଧାନ, ଉମାକାନ୍ତ ଜେନା, ବିବେକ ବିକାଶ ରାଉତ, ରଘୁନାଥ ପରିଡ଼ା, ମାନସ ମହାନ୍ତି, ପ୍ରଦ୍ୟୁମ୍ନ ଦ୍ୱିବେଦୀ, ମିନାକ୍ଷୀ ମହାପାତ୍ର, କମଳା ବିଶ୍ୱାଳ, ବିପିନ ମାଝୀ, ପ୍ରତାପ ଦାସ, ଜୟନ୍ତ ମଣ୍ଡଳ, ଦେବେନ୍ଦ୍ର ମଣ୍ଡଳ, ସମାଜସେବୀ ସରୋଜ କୁମାର ବେହେରା, କୃଷ୍ଣ ଚନ୍ଦ୍ର ସାହା, ସନ୍ୟାସୀ ମହାନ୍ତି, ଚନ୍ଦ୍ରମଣି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟସ୍ତରୀୟ ବାଣିଜ୍ୟ ମେଳାର ତୃତୀୟ ସନ୍ଧ୍ୟା

ଭଦ୍ରକ,(ସବ୍ୟୁ): ଭଦ୍ରକର ସମାଜାଗ୍ରପୁର ନାୟାର ପେଟ୍ରୋଲ ପମ୍ପ ନିକଟରେ ଅନୁଷ୍ଠିତ ଜାତୀୟସ୍ତରୀୟ ଭଦ୍ରକ ବାଣିଜ୍ୟ ମେଳାର ତୃତୀୟ ସନ୍ଧ୍ୟାଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋଗଦେଇ ଚାକିରୀ ପଛରେ ନଧାଇଁ ଆତ୍ମନିର୍ଭରଶୀଳ ହେବାକୁ ନିମନ୍ତ୍ରିତ ଅତିଥିମାନେ ଯୁବ ଗୋଷ୍ଠୀଙ୍କୁ ଆହ୍ୱାନ ଦେଇଛନ୍ତି।ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ ସଂସ୍ଥା ଓସ୍‌ମେ ଏବଂ ବିବିଏମ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶାନ୍ତୁଆ ସନ୍ଧ୍ୟାର ଦ୍ୱିତୀୟାର୍ଦ୍ଧରେ ଓସ୍‌ମେର ସଭାପତି ସୁରଜ କୁମାର ସାହୁ ସ୍ୱାଗତ ଅଭିଭାଷଣ ରଖି ବିବିଏମର ପୃଷ୍ଠପୋଷକ ଶଶୀଶେଖର ବେହେରାଙ୍କୁ ଅଧ୍ୟକ୍ଷତା କରିବାକୁ ମଂଚ ଆମନ୍ତ୍ରଣ କରିଥିଲେ। ଏହାପରେ ଓସ୍‌ମେର ଲେଡିଜ୍ ୱିଙ୍ଗ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଭାପତି ଶ୍ରୀ ବେହେରା ବାଣିଜ୍ୟ ମେଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବାପରେ ମୁଖ୍ୟଅତିଥି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ଡିଆଇବି) ଅଂଶୁମାନ ଦ୍ୱିବେଦୀ , ମୁଖ୍ୟବକ୍ତା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସ୍ୱତନ୍ତ୍ର ଅତିଥି ଭାବେ ଭଦ୍ରକ ବିଜେପିର ସାଧାରଣ ସମ୍ପାଦକ ଅଶୋକ କୁମାର ପରିଛା, ସ୍ୱରାଜ ବାର୍ତ୍ତାର ସମ୍ପାଦକ ରବିନାରାୟଣ ଖିଲାର ପ୍ରମୁଖ ଯୋଗଦେଇ ଏହି ବାଣିଜ୍ୟ ମେଳାର ଆୟୋଜକଙ୍କୁ ସ୍ୱାଗତ କରି ପ୍ରତିବର୍ଷ ଏହି ଜିଲାରେ ଶିଳ୍ପର ବିକାଶ ପାଇଁ ଏଭଳି ମେଳାର ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ । ଏହାପରେ ବିବିଏମର ପୃଷ୍ଠପୋଷକ ଶଶି ଶେଖର ବେହେରାଙ୍କ ଉଦ୍‌ଭାବନାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ।ଶେଷରେ ଓସମେ ମହିଳା ଉଇଙ୍ଗର ସଭାପତି ଅର୍ପିତା ମହାନ୍ତି ଧନ୍ୟବାଦ ଦେବାପରେ ଜିଲାର ବିଭିନ୍ନ ନୃତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ବେଶ୍ ମନଛୁଆଁ ହୋଇଥିଲା। ।ତେବେ ଏହି ଜାତୀୟ ପ୍ରଶାୟ ବାଣିଜ୍ୟ ମେଳାରେ ଜନସମାଗମ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଏହି ମେଳାର ଆୟୋଜକ ଓସ୍‌ମେ ର ସମସ୍ତ କର୍ମକର୍ତ୍ତାଙ୍କ ପ୍ରଚେଷ୍ଟାରେ ଗତ ୨୪ତାରିଖରୁ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତା ୩୦ ତାରିଖରେ ଉଦ୍‌ଯାପିତ ହେବ ।

# ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା, ସ୍ୱାମୀ ଗିରଫ

ସୋର, (ସବ୍ୟୁ): ସୋର ଥାନା ପୋଡାଡିହା ଗ୍ରାମରେ ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଥିବା ବେଳେ ସ୍ୱାମୀକୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି। ମୃତା ମହିଳାଙ୍କ ମାଆ ସୁବର୍ଣ୍ଣା ରାଉତଙ୍କ ଅଭିଯୋଗ ଅନୁସାରେ ଏହି ଗ୍ରାମର ସତ୍ୟସମୀର ବିଶ୍ୱାଳ(୩୨) ବାସୁଦେବପୁର ଥାନା ଉହାଡ଼ ଗ୍ରାମର ଗୀତାଞ୍ଜଳି ରାଉତଙ୍କୁ ବିବାହ କରିଥିଲେ। ବିବାହ ପରେ ସତ୍ୟ ଅଧିକ ଯୌତୁକ ଦାବୀ କରି ଗୀତାଞ୍ଜଳିକୁ ବିଭିନ୍ନ ସମୟରେ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିଲେ। ଏଥିରେ ଅତିଷ୍ଠ ହୋଇ ଗୀତାଞ୍ଜଳି ଗତ ୨୩ ତାରିଖରେ ବିଷ ପିଇ ଗୁରୁତର ଆହତ ହୋଇଥିଲେ। ଫଳରେ ଶଶୁର ଘର ଲୋକେ ତାଙ୍କୁ ସୋର ମେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଗତ ୨୬ ତାରିଖରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଫଳରେ ଗୀତାଞ୍ଜଳିଙ୍କ ମାଆ ସୁବର୍ଣ୍ଣା ସୋର ଥାନାରେ ଏ ବାବଦରେ ଅଭିଯୋଗ କରିବା ପରେ ପୁଲିସ ୧୧୦୫/୨୫ ରେ ଏକ ମାମଲା ରୁଜୁ କରି ସତ୍ୟ ସମୀରକୁ ଗିରଫ କରିଥିଲେ। ରବିବାର ଅପରାହ୍ନରେ ସୋର ମେ ତାର ଡାକ୍ତରୀ ମାଇନା ପରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି।

# ଓଲଟିଲା ଚାଉଳ ବୋଝେଇ ଟ୍ରକ

ସୋର,(ସବ୍ୟୁ): ସୋର ଥାନା ୧୬ନମ୍ବର ଜାତୀୟ ରାଜପଥ ରେଳ ଓଭରବ୍ରିଜ ନିକଟରେ ଏକ ଚାଉଳ ବୋଝେଇ ଟ୍ରକ ଭାରସାମ୍ୟ ହୌରାଇ ଓଲଟି ପଡିଥିବା ବେଳେ ଏହାର ଚାଳକ ସୁରକ୍ଷିତ ଥିବା ଜଣାପଡିଛି। ସୁଚନା ଅନୁସାରେ ରବିବାର ସକାଳେ ଡବ୍ଲୁବି ୩୩ ଇ ୯୮୬୪ ନମ୍ବର ବିଶିଷ୍ଟ ୧୪ ଚକିଆ ଟ୍ରକଟି ଚାଉଳ ବୋଝେଇ କରି କଲିକତାରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ଯାଉଥିଲା। ଏହି ସମୟରେ ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟ ରେଳ ଓଭରବ୍ରିଜ ଉପରେ କୁହୁଡି କାରଣରୁ ଭାରସାମ୍ୟ ହରାଇ ଓଲଟିପଡିଥିଲା। ସୌଭାଗ୍ୟ ବଶତଃ ଏହାର ଚାଳକ ସୁରକ୍ଷିତ ଥିବା ବେଳେ ଗାଡିରେ ଥିବା ଚାଉଳ ବସ୍ତା ରାସ୍ତା ଉପରେ ପଡିରହିଥିଲା। ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ଗାଡି ଘଟଣା ସ୍ଥଳରେ ପହଞ୍ଚି ରାସ୍ତାରୁ ଜାମ ହଟାଇବା ସହିତ କ୍ରେନ ସାହାଯ୍ୟରେ ଗାଡିଟିକୁ ଉଠାଇଥିବା ଜଣାପଡିଛି।

# ନିଆଁରେ ପୋଡିହୋଇ ଗୁରୁତର ମହିଳାଙ୍କ ମୃତ୍ୟୁ

ସୋର,(ସବ୍ୟୁ): ସୋର ବ୍ଲକ ମୁଳିଶିଂ ପଞ୍ଚାୟତ ଉଲ୍ଲାସଖଡ଼ଗପୁର ଗ୍ରାମରେ ନିଆଁରେ ପୋଡିହୋଇ ଗୁରୁତର ଥିବା ଜଣେ ମହିଳାଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡିଛି। ସୁଚନା ଅନୁସାରେ ମୁଳିସିଂ ପଞ୍ଚାୟତ ଉଲ୍ଲାସଖଡଗପୁର ଗ୍ରାମର ମାଳତୀ ବେହେରା(୪୮) ଗତ ନଭେମ୍ବର ମାସ ୨୯ ତାରିଖ ରାତିରେ ଘରେ ଚୁଲିରେ ରୋଷେଇ କରୁଥିବା ବେଳେ ତାଙ୍କ ଶଢୀରେ ନିଆଁ ଲଗିବାରୁ ସେ ପୋଡିହୋଇ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଶୋଚନୀୟ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଗତ ୨୪ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।

# ଦୁର୍ବୃତ୍ତ ଜାଳିଦେଲେ ୪ ଧାନ ଗଦା

ବାସୁଦେବପୁର,(ସବ୍ୟୁ): ମୁଣ୍ଡ ଝାଳ ତୁଣ୍ଡରେ ମାରି ଚାଷୀ ଫଳାଇ ଥିଲା ସୁନାର ଫସଲ। ଖଳାକୁ ଧାନ ଆସିବା ପରେ ଦୁର୍ବୃର୍ତ୍ତ ନିଆଁ ଲଗାଇ ଦେଲେ। ପୂର୍ବ ଶତ୍ରୁତା ଚାଷୀଙ୍କ ପାଇଁ କାଳ ହେଲା। ଏମିତି ଘଟଣା ଘଟିଛି ବାସୁଦେବପୁର ବ୍ଲକର ବାଲିମୁଣ୍ଡା ପଞ୍ଚାୟତର ରାଉତ୍ରାପୁର ଗ୍ରାମରେ ।ଗ୍ରାମର ଭାମା ପରିଡାଙ୍କ ଘର। ବିଧବା ମହିଳାଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅକୁ ନେଇ ପରିବାର। ସୋସାଇଟିରୁ ଋଣ କରି ଚାରି ଏକର ଧାନ ଛାଷ କରିଥିଲ। ଧାନ କାଟି ଆଣି ଖଳାରେ ଚାରୋଟି ଗଦା ଦେଇଥିଲେ। ଶନିବାର ବିଳମ୍ବିତ ରାତିରେ ଚାରୋଟି ଧାନ ଗଦା ନିଆଁ ଲଗାଇ ଦେଲେ ଦୁର୍ବୃର୍ତ୍ତ। ଚାହୁଁ ଚାହୁଁ ଜଳିଗଲା ଧାନ ଗଦା। ପାଖ ପଡୋଶୀ ରାତ୍ରିର ଦେଖି ଡାକ ଛାଡିଥିଲେ। ଲୋକମାନେ ଉଠି ପାଣି ଢାଳିଥିଲେ। ଖବରପାଇ ବାସୁଦେବପୁର ଅଗ୍ନି ସେବାଶମର ଗାଡି ପହଂଚିଥିଲା। ନିଆଁକୁ ଦମକଳ ଗାଡି ଆୟତ୍ତ କରିଲେ। ସକାଳ ପର୍ଯ୍ୟନ୍ତ ନିଆଁ ଜଳୁଥାଏ। ପାଣି ଢାଳି ନିଆଁ ଲିଭାଇ ଥିଲେ। ଧାନ ଚାଷ ପାଇଁ ଭାମା ପରିଡା ସୋସାଇଟିରୁ ଋଣ ଆଣି ଚାଷ କରିଥିଲେ। ଋଣକୁ କେମିତି ପରିଷୋଧ କରିବୁ ତାକୁ ନେଇ ଚିନ୍ତାରେ ଭାମାର ପରିବାର। ବର୍ଷ ଯାକ କେମିତି ପରିବାର ପ୍ରତିପୋଷଣ କରିବେ ତାକୁ ନେଇ ଚିନ୍ତିତ କରୁଛନ୍ତି ପରିବାର।

# ଆଗରପଡ଼ା ଯୁବ ମହୋତ୍ସବ ତୃତୀୟ ସନ୍ଧ୍ୟା

ଆଗରପଡ଼ା,(ସବ୍ୟୁ): :୪ର୍ଥ ବାର୍ଷିକ ଆଗରପଡ଼ା ଯୁବ ମହୋତ୍ସବ ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଇଂ.ଅମୀୟ ରଞ୍ଜନ ରାମଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା,ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ,ବନ୍ତ ବ୍ଲକ କଂଗ୍ରେସ କମିଟି ସଭାପତି ରାଜକିଶୋର ସ୍ୱାଇଁ,ପୂର୍ବତନ ସରପଞ୍ଚ ରବି ନାରାୟଣ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଆକର୍ଷଣ ଥିଲେ ଯାତ୍ରା ଜଗତର ଦୁର୍ଦ୍ଧାନ୍ତ ଖଳନାୟକ ଯାତ୍ରା ମହାବଳ ସଞ୍ଜୟ ଭୋଳ। ଏହି ଅବସରରେ ଆଗରପଡ଼ା ନିକଟସ୍ଥ ମହାନ୍ତିପଡ଼ାର ଯୁବ ପ୍ରତିଭା ଅସୀତ ସାହୁଙ୍କୁ ନିଜର କାର୍ଯ୍ୟଦକ୍ଷତା ପାଇଁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କମିଟିର ସମ୍ପାଦକ ସାମ୍ବାଦିକ ପ୍ରଦ୍ୟୁମ୍ନ ପୁହାଣ ସଂପାଦକୀୟ ବିବରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟି ସଂଗଠନ ସମ୍ପାଦକ ଚିନ୍ମୟ ସିଂହ ମଂଚ ଆହ୍ୱାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ।

# ଠାକୁରମୁଣ୍ଡା ହାଇସ୍କୁଲର ହୀରକ ଜୟନ୍ତୀ ଉଦ୍‌ଯାପିତ

ଠାକୁରମୁଣ୍ଡା, (ସବ୍ୟୁ): ଠାକୁରମୁଣ୍ଡା ସରକାରୀ ହାଇସ୍କୁଲର ହୀରକ ଜୟନ୍ତୀ ଶେଷ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରବିବାର ପୂର୍ବାହ୍ନରେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ରକ୍ତଦାନ ଶିବିର ଉଦଘାଟନ କରିବା ପରେ ସ୍ୱେଚ୍ଛାକୃତ ରକ୍ତଦାନ ଆରମ୍ଭ ହୋଇଥିଲା । ପୁରାତନ ଛାତ୍ରଙ୍କ ନିକଟରୁ ସର୍ବମୋଟ ୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସନ୍ଧ୍ୟାରେ ଅନୁଷ୍ଠିତ ଉଦଯାପନୀ ସଭାରେ ବସନ୍ତ କୁମାର ପଇବର୍ତ୍ତୀଙ୍କ ସଭାପତିତ୍ୱରେ ଅତିଥି ମାନେ ଯୋଗଦେଇ ବକ୍ତବ୍ୟ ରଖିଥିଲେ।ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କବି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ଃ. ଚିତ୍ତରଞ୍ଜନ ମିଶ୍ର ନିଜ ବକ୍ତବ୍ୟରେ ଶିକ୍ଷା ପ୍ରାପ୍ତ ହେବା ଓ ଶିକ୍ଷିତ ହେବା ଭିନ୍ନ କଥା ବୋଲି କହିବା ସହିତ ତାକୁ ପ୍ରମାଣ କରିବା ପାଇଁ ବିଭିନ୍ନ ଉଦାହରଣ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଭାଷା ଗବେଷକ ପ୍ରଫେସର ଡ଼ଃ.ପ୍ରକାଶ ପଟ୍ଟନାୟକ ଯୋଗଦେଇ ଭାଷା କିପରି ସମ୍ପର୍କର ସେତୁ ହୋଇଛି, ଓଡ଼ିଆ ଭାଷାର ଶାସ୍ତ୍ରୀୟତା ପ୍ରାପ୍ତି ସମ୍ପର୍କରେ ତଥ୍ୟ ଭିତ୍ତିକ ଉପସ୍ଥାପନ କରିଥିଲେ । ଡ଼ଃ, ହରିଶ ବାରିକ ୩ ଦିନର କାର୍ଯ୍ୟକ୍ରମ ଆଧାରରେ ବକ୍ତବ୍ୟ ରଖିଥିଲେ । ଡ଼ଃ. ସୁମନ୍ତ୍ର ନାଏକ ମଞ୍ଚରେ ସଂଯୋଜନା କରିଥିଲେ । ଶରତ କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ଶ୍ରୀମୟ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ପତାକା ଅବତରଣ ପରେ ସଭାପତି ବସନ୍ତ କୁମାର ପଇବର୍ତ୍ତୀ ସଭା ସାଙ୍ଗ ଘୋଷଣା କରିଥିଲେ।

# ରାଜ୍ୟସ୍ତରୀୟ ସକ୍ଷମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ବାଲେଶ୍ୱର , (ସବ୍ୟୁ): ଦୃଷ୍ଟିବାଧିତ ସ୍କୁଲ ଛାତ୍ରଛାତ୍ରୀ, ମାନସିକ ପକ୍ଷାଘାତ ଏବଂ ମସ୍ତିଷ୍କ ବିକୃତ ପିଲାମାନଙ୍କର କାର୍ଯ୍ୟକ୍ରମ ସକ୍ଷମ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ଉଦ୍ଘାଟିତ ହୋଇଯାଇଛି । ଦେଶ ବିକାଶ ସଂଗଠନର ସଭାପତି କୃଷ୍ଣଗୋପାଳ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ,ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ଶର୍ମିଷ୍ଠା ଦତ୍ତ ଯୋଗଦେଇ ସକ୍ଷମ କାର୍ଯ୍ୟକ୍ରମକୁ ଭିନ୍ନକ୍ଷମ ପିଲାଙ୍କର କଳା ଓ ପ୍ରତିଭାକୁ ପରିପ୍ରକାଶ କରାଇବାର ଏକ ନିଆରା ପଦକ୍ଷେପ ବୋଲି କହିଥିଲେ । ସକ୍ଷମ କାର୍ଯ୍ୟକ୍ରମର ଅଧ୍ୟକ୍ଷ ସଂଜୀବ ଗିରି, ସମ୍ପାଦକ ଆଶିଷ ଘୋଷ, ଦୃଷ୍ଟିହୀନ ନିମନ୍ତେ ବିଦ୍ୟାଳୟର ସମ୍ପାଦକ ଦିବାକର ସ,ସକ୍ଷମ କାର୍ଯ୍ୟକ୍ରମର ବରିଷ୍ଠ ସଦସ୍ୟ ଗୋପାଳ କୃଷ୍ଣ କର, ସଂଜୀବ ସାହୁ, ସତ୍ୟରଂଜନ ଦାସ, ଅଜୟ ସାମଲ, ରବିନ୍ଦ୍ର ମହାକୁଡ଼, ମରୁତ ରାଉତ, ସ୍ମାରକ ଦାସ, ଗୌର ମଲ୍ଲିକ, ମୃତ୍ୟୁଞ୍ଜୟ ରାଉତ, ସୁଜୟ ନାୟକ, ଗୌରବ ଦାସ, ଗଙ୍ଗାଧର ଦାସ, ସୌରଭ ଅଗ୍ରୱାଲ, ଦିଲ୍ଲୀପ ଜେନା, ସମ୍ବିତ ବିଶ୍ୱାଳ, ରଂଜନ କୁମାର ଦାସ, ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୋପାଳ କୃଷ୍ଣ କର ଧନ୍ୟବାଦ ଅର୍ପଣ କରିଥିଲେ ।

# କଂଗ୍ରେସର ପ୍ରତିଷ୍ଠା ଦିବସ

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଭାରତୀୟ ଜାତୀୟ କଂଗ୍ରେସର ୧୪୦ତମ ପ୍ରତିଷ୍ଠା ଦିବସ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ଓ ବରିଷ୍ଠ ନେତା ପଦ୍ମଲୋଚନ ଲେଙ୍କା ମିଳିତ ଭାବେ ଦଳୀୟ ପତାକା ଉତ୍ତୋଳନ କରିଥିଲେ । କଂଗ୍ରେସର ନୀତି, ଆଦର୍ଶ ଓ ମୂଲ୍ୟବୋଧ ସମ୍ପର୍କରେ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଗୋପୀନାଥ ପାଢ଼ୀ, ଅର୍ଚ୍ଚନା ନନ୍ଦୀ, ଉର୍ମିଳା ମାଝୀ, ପ୍ରତିମା ପଣ୍ଡା, ଜେଯାସ୍ନା ସେନାପତି, ନିଶିଥ ବାରିକ, ତୁଷାରକାନ୍ତି ତପସ୍ୱୀ, ବିଜୟ ମହାନ୍ତି, ଜୁବୁଲି ପଣ୍ଡା, କେଶବ ଦାସ, ଆଶିଷ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ହୋଇ ମତବ୍ୟକ୍ତ କରିଥିଲେ ।

# ଚୋରକୁ ବିଦ୍ୟୁତ ଖୁଣ୍ଟରେ ବାନ୍ଧିଲେ ଗ୍ରାମବାସୀ

ଭଦ୍ରକ, (ସବ୍ୟୁ) : ଭଦ୍ରକ ଜିଲ୍ଲା ପୁରୁଣା ବଜାର ଥାନା ଅନ୍ତର୍ଗତ ସନ୍ଥିଆ ଅଞ୍ଚଳରେ ଚୋରି କରୁଥିବା ସମୟରେ ଜଣେ ନିଶାଖୋର ଯୁବକଙ୍କୁ ଗ୍ରାମବାସୀ ଧରି ନିର୍ଦ୍ଦୁମ ପିଟିବା ସହିତ ଗାଁ ମଝିରେ ଥିବା ଏକ ଇଲେକଟ୍ରିକ ପୋଲରେ ବାନ୍ଧି ଦେଇଥିବା ଜଣାପଡ଼ିଛି।ସମ୍ପୃକ୍ତ ଯୁବକ ଜଣକ ପୂର୍ବରୁ ବିଭିନ୍ନ ସମୟରେ ଚୋରି କରି କୌଶଳକ୍ରମେ ଫେରାର ହୋଇଯାଉଥିଲା। ରବିବାର ଭୋର ସମୟରେ ସେ ଗାଁର ଜଣେ ଲୋକଙ୍କ ଘରେ ଚୋରି କରି ନିଶାସକ୍ତ ଅବସ୍ଥାରେ ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମବାସୀ ଏକତ୍ରିତ ହୋଇ ତାଙ୍କୁ କାବୁ କରିଥିଲେ।ଗ୍ରାମବାସୀମାନେ ଯୁବକଙ୍କୁ ଧରି ଉତ୍ତମ ମଧ୍ୟମ ଦେବା ପରେ ଗାଁ ମଝିରେ ଥିବା ଏକ ଇଲେକଟ୍ରିକ ପୋଲରେ ଗୋଡ଼ଠାରୁ ଅଣ୍ଟା ପର୍ଯ୍ୟନ୍ତ ବାନ୍ଧି ଦେଇଥିଲେ। ଘଟଣା ସମୟରେ ଯୁବକ ଜଣକ ଏତେ ମାତ୍ରାରେ ନିଶାସକ୍ତ ଥିଲା ଯେ ସେ ଠିକ ଭାବେ କଥା କହିପାରୁ ନଥିବା ସୂଚନା ମିଳିଛି।ଯୁବକଙ୍କୁ ଉଦ୍ଧାର କରି ଅଟକ ରଖିଛି ପୁଲିସଖବର ପାଇ ଭଦ୍ରକ ପୁରୁଣା ବଜାର ପୁଲିସ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଥାନାକୁ ନେଇ ଅଟକ ରଖିଛି। ପୁଲିସ ତାଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରି ଚୋରି ସମ୍ପର୍କରେ ପଚରାଉଚରା କରିବା ସହ ଘଟଣାର ତଦନ୍ତ କରିଛି।

# କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ




କେନ୍ଦୁଝର , (ଜିପ୍ର) : ଦେଶର ସବୁଠାରୁ ପୁରାତନ ଦଳ କଂଗ୍ରେସ ଦଳ ୧୪୦ ତମ କଂଗ୍ରେସ ପ୍ରତିଷ୍ଠା ଦିବସ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନରେ ପାଳିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସେବାଦଳ ଅଧକ୍ଷ ବୀରଭଦ୍ର ମହାନ୍ତଙ୍କ ସଂଯୋଜନାରେ ପ୍ରଥମେ ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ଜେନା କଂଗ୍ରେସ ପତାକା ଉତ୍ତୋଳନ କରିଥିଲେ ଏବଂ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ କରିଥିଲେ । ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ କଂଗ୍ରେସ ଦଳର ଅନୁଚିନ୍ତା ଏବଂ ଶପଥ ପାଠ କରାଇଥିଲେ । ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ଜେନାଙ୍କ ଅଧକ୍ଷତାରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ସାଂସଦ ତଥା ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ଯଶୋବନ୍ତ ସିଂ ଲାଗୁରି, ପୂର୍ବତନ ବିଧାୟକ ତଥା ପିସିସି ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ, ପୂର୍ବତନ କଂଗ୍ରେସ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ, କଂଗ୍ରେସ ନେତା ଦୀପକ କୁମାର ରାଜ ପ୍ରମୁଖ କଂଗ୍ରେସ ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଘସିପୁରା ପୂର୍ବତନ ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଚକ୍ର, ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରତିଭା ମଞ୍ଜରୀ ନାଏକ, ପିସିସି ସଦସ୍ୟ ଲଳିତ ମୋହନ ନାୟକ, ସଦର ବ୍ଲକ କଂଗ୍ରେସ ସଭାପତି ଉତ୍ତମ କୁମାର ସାହୁ, ବରିଷ୍ଠ କଂଗ୍ରେସ ନେତା ବସନ୍ତ କୁମାର ଦାସ, ଜିଲ୍ଲା କଂଗ୍ରେସ ସୋସିଆଲ ମିଡ଼ିଆ ଉପାଧକ୍ଷ ତାରିଣୀ ପ୍ରସାଦ ପଟ୍ଟନାୟକ, ତେଲକୋଇ ପୂର୍ବତନ ବିଧାୟକ ପ୍ରାର୍ଥୀ ନିର୍ମଳ କୁମାର ନାୟକ, କଂଗ୍ରେସ ନେତା ରଘୁନାଥ ପାତ୍ର, ସୁରଥ କୁମାର ସାହୁ, ଦିନେଶ କୁମାର ରାଉତ, ସୁବ୍ରତ ନାୟକ, ରୁପରଂଜନ ପଣ୍ଡା, ଐତିହ ଦିବ୍ୟ ସିଂହ, ସଚ୍ଚିଦାନନ୍ଦ ମିଶ୍ର, ଲକ୍ଷ୍ମଣ ମହାନ୍ତ, ସୁବ୍ରତ ପ୍ରଧାନ, ଦିଲ୍ଲୀପ କୁମାର ସାହୁ, ଗୋବିନ୍ଦ ମହାନ୍ତ, ଆର୍ତ୍ତତ୍ରାଣ ଦାସ, ନିମାଇଁ ହାଂସଦା, ବିରଞ୍ଚି ନାଏକ, ରାମଚନ୍ଦ୍ର ମହାରଣା,ରସାନନ୍ଦ ପୃଷ୍ଟି, ସୁବଳ ସାହୁ, ମନରଞ୍ଜନ ସେଠି,ଏସ କେ ଅଲ୍ଲୀ, ବ୍ରଜବନ୍ଧୁ ନାଏକ, ଲୁଲୁ ଜେନା, ସୁଶାନ୍ତ ଜେନା, ପବିତ୍ର ବେହେରା, ଯୁବନେତା ହୃଦୟ ରଞ୍ଜନ ସିଂ, ପ୍ରଦୀପ ଦାସ ମାନସ ବେହେରା, ସଂଗ୍ରାମ ବେହେରା, ଆକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ବନ କର୍ମଚାରୀଙ୍କୁ ଆକ୍ରମଣ : ଜବତ କାଠଗାଡ଼ିକୁ ଛଡ଼ାଇ ନେଲେ ମାଫିଆ

ନୀଳଗିରି, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ବେଆଇନ କାଠ ମାଫିଆଙ୍କ ଦୌରାତ୍ମ୍ୟ ବଢି ଚାଲିଛି। କାଠ ଚୋରା ଚାଲାଣ ବେଳେ ଧରିଲା ନୀଳଗିରି ବନବିଭାଗ । ବନ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି କାଠ ମାଫିଆମାନେ । କାଠ ମାଫିଆଙ୍କ ଆକ୍ରମଣରେ ବନ କର୍ମଚାରୀଙ୍କ ପେଟ୍ରୋଲିଂ ଗାଡ଼ି ଭାଙ୍ଗି ଯାଇଛି । ସେମାନଙ୍କ ଠାରୁ ଜବତ କାଠ ଓ ଗାଡିକୁ ଛଡ଼ାଇ ନେଇଥିଲେ ମାଫିଆ। ପୋଲିସ ବନବିଭାଗ ପକ୍ଷରୁ ତଦନ୍ତ ଜାରିରହିଥିବା ବେଳେ ୧୨ ଘଣ୍ଟା ପରେ ଜଣଙ୍କୁ ଅଟକ କରିବା ସହ ରାସ୍ତା କଡରୁ ଖାଲି ଗାଡିଟି ଜବତ ହୋଇଛି। ସୂଚନା ଶନିବାର ରାତି ପ୍ରାୟ ୧୦ ଘଟିକା ସମୟରେ ନୀଳଗିରି ରେଞ୍ଜର ମନୱାର ଖାଁ ମୂଲ୍ୟବାନ ପିଆଶାଳ ଗଛ କାଟି ବାହାରକୁ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ତାଙ୍କ ନିର୍ଦ୍ଦେଶରେ ନୀଳଗିରି ରେଞ୍ଜ ସଜନାଗଡ଼ ସେକ୍ସନର ବନରକ୍ଷୀ ବୁଦ୍ଧରାମ ହାଁସଦାଙ୍କ ସମେତ କେତେକ ବନ କର୍ମଚାରୀ ପିଠାହତା ପଞ୍ଚାୟତ ସିମିଳିହୁଡା ନିକଟରେ ଓଡି ୦୧ବିଏ ୪୧୧୭ ନମ୍ବର ବିଶିଷ୍ଟ ଏକ ଟାଟା ଏସି ଗାଡିରେ ପିଆଶାଳ କାଠ ଗଣ୍ଡି ଭର୍ତ୍ତି ହୋଇଥିବା ଗାଡ଼ିଟିକୁ ଧରିଥିଲା ବନବିଭାଗ। ବନବିଭାଗ ଗାଡ଼ି ଦେଖି ଗାଡି ଚାଳକ ଜଣକ କାଠଗାଡ଼ିକୁ ଛାଡି ଚମ୍ପଟ ମାରିଥିଲା। ମାତ୍ର କିଛି ସମୟ ଭିତରେ କାଠମାଫିଆ ଙ୍କ ସମେତ ୧୫-୨୦ ଜଣ ସମର୍ଥକ ସେଠାରେ ପହଞ୍ଚି ବନ କର୍ମଚାରୀଙ୍କୁ ମାରଧର କରିଥିଲେ। ଏଥିରେ ବନରକ୍ଷୀ ଶ୍ରୀ ହାଁସଦା ଆହତ ହୋଇଥିଲେ। ସେହିପରି ବନବିଭାଗ ର ପେଟ୍ରୋଲିଂ ଗାଡ଼ିର କାଚକୁ ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଛି। ଖବର ପାଇ ନୀଳଗିରି ରେଞ୍ଜ ଅଧିକାରୀ ଶ୍ରୀ ଖାଁ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସେମାନଙ୍କ ଠାରୁ ଜବତ କାଠ ଓ ଗାଡିକୁ ଛଡ଼ାଇ ନେଇଥିଲେ ମାଫିଆ। ଏ ନେଇ ରବିବାର ବରହମପୁର ପୋଲିସ ଓ ବନବିଭାଗ ପକ୍ଷରୁ ୧୨ ଘଣ୍ଟା ଉର୍ଦ୍ଧ୍ୱ ତନାଘନା ପରେ ଟାଟା ଏସି କାଠଗାଡ଼ିର ମାଲିକ ବରହମପୁର ଥାନା ଛତ୍ରପୁର ଅଞ୍ଚଳର ପ୍ରକାଶ ମହାପାତ୍ର ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଏହା ସହ ଜଣକୁ ଅଟକ ରଖି ପଚରାଉଚୁରା କରୁଥିବା ବେଳେ ନୀଳଗିରି ବ୍ଲକ କିଶୋରଚନ୍ଦ୍ରପୁର ପଞ୍ଚାୟତ ଟୁଲୁକ ଡାଙ୍ଗ ନିକଟ ରାସ୍ତା କଡରୁ ଉକ୍ତ ଟାଟା ଏସି କାଠ ନଥିବା ଖାଲି ଗାଡିଟିକୁ ବନବିଭାଗ ଜବତ କରିଛି।

# ଖ୍ୱାଜା ଗରିବ ନୱାଜଙ୍କ ବାର୍ଷିକ ସମାରୋହ

ଭଦ୍ରକ,(ସବ୍ୟୁ): :ଭଦ୍ରକ ପୁରୁଣା ବଜାର ଛକ ଠାରେ ଖ୍ୱାଜା ଗରିବ ନୱାଜ କମିଟି ଆନୁକୂଲ୍ୟରୁ ଦୁଇ ଦିନ ଧରି ୪୨ତମ ବାର୍ଷିକ ଖ୍ୱାଜା ଗରିବ ନୱାଜ କନଫେରେନ୍ସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ପ୍ରଥମ ଦିନ ରାତି୮ଟାରେ ଲଙ୍ଗର (ଫାତେହା ) ହୋଇ ସର୍ବସାଧାରଣଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଦ୍ୱିତୀୟ ଦିନ ରାତି ସାଢ଼େ୯ଟାରେ ଏକ ଧର୍ମସଭାର ଆୟୋଜନ ହୋଇଥିଲା। ଏହି ଧର୍ମସଭାରେ ଜାମା ମସଜିଦର ଖତିବ ଓ ଏମାମ ମହମ୍ମଦ ସାଦିକ ହୋସେନଙ୍କ କୋରାନ ତିଲାୱତରୁ ଆରମ୍ଭ ହୋଇଥିଲା। ଧର୍ମସଭାରେ ସଂଚାଳକ ଭାବେ ମାଷ୍ଟର ମୁସ୍ତାକ ଗୌହର ଦାୟିତ୍ୱ ତୁଲାଇଥିଲେ। ଏହି ଧର୍ମସଭାରେ ଝାଡ଼ଖଣ୍ଡରୁ (ପଣ୍ଡିତ) ମୌଲାନା ଇଫତେଖାର ଅହେମଦ ନୂରୀ,ଝାଡ଼ଖଣ୍ଡରୁ କବି ସାୱାନ ମଧୁପୁରୀ,ୟୁପିରୁ କବି ଅବଦୁଲ ଓକିଲ ମୋବାରାକପୁରୀ,ଟାଟାରୁ କବି ଖ୍ୱାଜା ଗୋଲାମ ସରୱର ଓ ଅଲାଲପୁର ମସଜିଦର ଇମାମ ମଧ୍ୟ ଯୋଗଦାନ କରି ଖ୍ୱାଜା ଗରିବ ନୱାଜଙ୍କ ନୀତିବାଣୀ ଉପରେ ଆଲୋକପାତ କରିଥିଲେ। ଏହି ଧର୍ମସଭାରେ ମୁଖ୍ୟ ଆକର୍ଷଣ ତଥା ମୁଖ୍ୟ ଅତିଥି ଭାବେ ଭଦ୍ରକ ଡେପୁଟି କଲେକଟର କାର୍ତ୍ତିକ ନାଥ ମଣ୍ଡଳ ଯୋଗଦାନ କରି କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଧର୍ମସଭାରେ କମିଟିର ସଭାପତି ନସରୁ ଖାନ,ଉପ-ସଭାପତି ଶେଖ ଅନୱର,ସମ୍ପାଦକ କଲିମୁଦ୍ଦିନ ଖାନ,ମୀନହାଜ,ଇସାର ଅଲି,ଶେଖ ନୌଷାଦ,ଶେଖ ଫଖରୁଦ୍ଦିନ,ମୀର କାଲିଆ, ଗୋଲାମ ମୋହିଦ୍ଦିନ, ଏମାମୁଲ ଖାନ, ହକିଲ କାଦରୀ ଓ ସହେଜାଦା ଖାନ ପ୍ରମୁଖ ଉପସ୍ଥିତ ରହି ଧର୍ମସଭା ଦାୟିତ୍ୱ ତୁଲାଇଥିଲେ।

## ସନ୍ତରାଗଡିଆରେ ଯୁବ ମହୋତ୍ସବ ଉଦଘାଟିତ

# ମହୋତ୍ସବ ହିଁ ଏକତାର ପ୍ରତୀକ

ନୀଳଗିରି , (ସବ୍ୟୁ): ମହୋତ୍ସବ ହିଁ ଏକତାର ପ୍ରତୀକ । ଏହା ଭାଇଚାରାର ବାର୍ତ୍ତା ଦେଇଥାଏ ବୋଲି ସନ୍ତରାଗଡିଆ ଯୁବ ମହୋତ୍ସବ ଉଦଘାଟିତ ସନ୍ଧ୍ୟାରେ ଆଇ ଟି ଆର, ଚାନ୍ଦିପୁର ର ବୈଜ୍ଞାନିକ ମୁଖ୍ୟ ଅରୁଣ କୁମାର ରାଓ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଯୁବପିଢ଼ିଙ୍କୁ ଦିଗ୍ ଦର୍ଶନ ଦେଇଥିଲେ। ସନ୍ତରାଗଡିଆ ନୋଡାଲ ହାଇ ସ୍କୁଲ ପଡିଆରେ ଅନୁଷ୍ଠିତ ଯୁବ ମହୋତ୍ସବ ଉଦଘାଟିତ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ନାଲକୋ କମ୍ପାନୀର ଇଡି ଅମରେନ୍ଦ୍ର ମିଶ୍ର ନିଜ ଅଭିଭାଷଣରେ ଯୁବ ସମାଜ ହିଁ ସୁସ୍ଥ ପରିବେଶ ଗଠନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ପ୍ରକାଶ କରିଥିଲେ। ବରେଣ୍ୟ ଅତିଥି ଭାବେ ସିଦ୍ଧି ବିନାୟକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା, ଯୁବ ମହୋତ୍ସବ କମିଟିର ସାଧାରଣ ସଂପାଦକ ଶୁଭ କଲ୍ୟାଣ ପଟ୍ଟନାୟକ ମଞ୍ଚାସୀନ ରହି ନିଜ ନିଜର ଅଭିଭାଷଣ ରଖିଥିଲେ। ସେହିପରି କମିଟିର ସହ ସଂପାଦକ ଚିକୁ ଚନ୍ଦନ ଦାସ, କୋଷାଧ୍ୟକ୍ଷ ମାଧବ ଚନ୍ଦ୍ର ଦଳପତି ମଞ୍ଚାସିନ ଥିବା ବେଳେ ଦିଲ୍ଲୀପ କୁମାର ପଣ୍ଡା ସଭାପତି ଆସନ ଅଳଙ୍କୃତ କରିଥିଲେ। ଏହି ଅବସରରେ ସକାଳେ ଏକ ବିଶାଳ ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ଈଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡାକ୍ତର କୈଳାଶ ଚନ୍ଦ୍ର ବେହେରା ଓ ସନ୍ତରାଗଡିଆ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ପ୍ରସନ୍ନ ପଣ୍ଡା, ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ ଶୁଭ ଉଦ୍ଘାଟନ କରିଥିବା ବେଳେ ୭୩ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଅବସରରେ ଅନିଲ କୁମାର ରାଉଳ, ଗୋପାଳ କୁମାର ସାହୁ, ପ୍ରଶାନ୍ତ କୁମାର ରାଉତ, ସରୋଜ କୁମାର ମହାନ୍ତିଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ ସକାଶେ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନିଷ୍ଟ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ବାର୍ଷିକ ଉତ୍ସବ




ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସମୂହ ନିଷ୍ଟ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଯୁକ୍ତ ୨ ବିଜ୍ଞାନ, କଳା, ବାଣିଜ୍ୟ, ଯୁକ୍ତ ୩ ବିଜ୍ଞାନ, ଜି. ଏନ. ଏମ, ବି. ଏସି. ନର୍ସିଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦ୍ୱାଦଶତମ ବାର୍ଷିକ ଉତ୍ସବ ଚାନ୍ଦିପୁର ରାସ୍ତାର ହିଡ଼ିଗାଁ ସ୍ଥିତ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦିପୁର ସ୍ଥିତ ଆଇଟିଆରର ନିର୍ଦ୍ଦେଶକ କଟାରି ସୁଚେନ୍ଦର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ଉନ୍ନତ ଭବିଷ୍ୟତ ନିର୍ମାଣ ଦିଗରେ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ଜଗନ୍ନାଥ ସଂସ୍କୃତି ଗବେଷକ ଜ୍ଞାନାନନ୍ଦ ସାଗର କୁମାର ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଫଳତା ହାସଲରେ ଆଧାତ୍ମିକତାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଆଇଟିଆରର ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ନୀଳାଦ୍ରି ରାୟ ନିଷ୍ଟ ବିଜ୍ଞାନ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟ କରିଛନ୍ତି ଓରସାୟନବିତ୍ ତଥା ଅଗ୍ନିଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ, ନୈତିକ ଶିକ୍ଷା ଉପରେ କାମ କରି ୱାର୍ଲଡ ବୋକ ଓ ଆମେରିକା ବୋକ ରେ ସ୍ଥାନ ପାଇ ଥିବା ଡ଼ ପଙ୍କଜ କୁମାର ଜେନା ବଡ ମଣିଷ ନୁହଁ ଭଲ ମଣିଷ ହେବା ପାଇଁ କହିଥିଲେ, ଭଲ ପିଲା ଭଲ ଦେଶ ତିଆରି କରିପାରିବ, ଶିକ୍ଷା ନିଅ ନାହିଁ ପଇସା ପାଇଁ, ଶିକ୍ଷା ନିଅ ବାପା, ମା ଙ୍କ ଯତ୍ନ ନେବା ପାଇଁ ବୋଲି ଡ଼ଃ ଜେନା କହିଥିଲେ । ଅଧ୍ୟାପକ ବିଦ୍ୟାଧର ପ୍ରଧାନ,ନିରଞ୍ଜନ ଜେନା, ଚନ୍ଦନ କୁମାର ନାୟକ, ଅନ୍ୟତମ ନିର୍ଦ୍ଦେଶକ କେଶବ ନାୟକ ପ୍ରମୁଖ ଏଥିରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପରିଚାଳନା ନିର୍ଦ୍ଦେଶକ ବିଦ୍ୟାଧର ପ୍ରଧାନ ଏଥିରେ ପୌରୋହିତ୍ୟ କରିବା ସହିତ ସ୍ୱାଗତ ଅଭିଭାଷଣ ଦେଇଥିଲେ । ଅଧ୍ୟକ୍ଷ ହରିହର ରାଉତ ଶିକ୍ଷାନୁଷ୍ଠାନ ସମୂହର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସୌମ୍ୟାଜ୍ୟୋତି ନାୟକ ଓ ଦୟାନନ୍ଦ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ନିରଞ୍ଜନ ଜେନା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନ ସମୂହର ସଫଳ ଛାତ୍ରଛାତ୍ରୀଙ୍କ ସମେତ ପୂର୍ବରୁ ଆୟୋଜିତ ବିଭନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଏଇ ବର୍ଷ ସରକାରୀ ମେଡିକାଲ କଲେଜ, ଆଇଜର, ଆଇ. ଆଇ. ଟି ରେ ଆଡ଼ମିସନ ହୋଇଥିବା ଛାତ୍ର, ଛାତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଓ ଅନୁଷ୍ଠାନର ନିର୍ଦ୍ଦେଷିକା ସୁଚିତ୍ରା ଜେନା, ଆରାଧନା ସାହୁ, ଦେବୀସ୍ମିତା ଜେନା, ସସ୍ମିତା ନାୟକ, କମଳା ନାୟକ ପ୍ରମୁଖ ପ୍ରତିଯୋଗୀମାନଙ୍କୁ ସମ୍ମାନୀତ କରିଥିଲେ। ସଶିକ୍ଷାନୁଷ୍ଠାନ ସମୂହର ସମସ୍ତ ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ ଓ ବହୁ ବିଶିଷ୍ଟ ବ୍ୟକ୍ତି ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଅନନ୍ତପୁର-କୁପାରୀ, ଡୁଙ୍ଗୁରା-କଇଥଗାଡ଼ିଆ ରାସ୍ତାର ଶିଳାନ୍ୟାସ



ଖଇରା,(ସବ୍ୟୁ): ବାଲେଶ୍ୱର ଭଦ୍ରକ ମୟୁରଭଞ୍ଜ ଓ କେନ୍ଦୁଝର ଜିଲାକୁ ସଂଯୋଗ କରୁଥିବା ବହୁ ପ୍ରତିକ୍ଷିତ ଅନନ୍ତପୁର-ସୋର-କୁପାରୀ ୪୦ କିମି ରାସ୍ତାର ଭୁମିପୂଜା ରାଜ୍ୟ ପୂର୍ତ୍ତ,ଆଇନ ତଥା ଅବକାରୀ ମନ୍ତ୍ରୀ ପୃଥ୍ୱିରାଜ ମନ୍ତ୍ରୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇ ଯାଇଛି । ଏହି ପରିପ୍ରେକ୍ଷୀରେ ଜନକଲ୍ୟାଣ ପରିଷଦର ସଭାପତି ବିଷ୍ଣୁମୋହନ ସାହୁଙ୍କ ପୌରୋହିତ୍ୟରେ ଅୟୋଜିତ ସଭାରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବର୍ତ୍ତମାନ ୧୪ କୋଟି ଟଙ୍କା ବ୍ୟୟରେ ଉକ୍ତ ରାସ୍ତାର ଏବେ ଉନ୍ନତିକରଣ କରାଯାଉଛି । ଆଗକୁ ଏହି ୪ଲେନ ବିଶିଷ୍ଟ କରାଯିବା ପାଇଁ ଆବଶ୍ୟକ ଅର୍ଥ ପ୍ରଦାନ କରାଯିବ ବୋଲି ଉଲ୍ଲେଖ କରିଥିଲେ । ବିଧାୟକ ପଦ୍ମଲୋଚନ ପଣ୍ଡା ,ଖଇରା ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ ,ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ,ବିଶିଷ୍ଟ ଆଇନଜୀବୀ ହରେକୃଷ୍ଣ ଦାଶ,ଡଗରପଡା ସମିତି ସଭ୍ୟ ବିମ୍ବାଧର ଦଳେଇ,ବିଜେପି ଜିଲ୍ଲା ସମ୍ପାଦକ ଅଂଶୁମାଧବ ପଣ୍ଡା, ଅଚ୍ୟୁତପୁର ସରପଞ୍ଚ ଅହଲ୍ୟା ପାତ୍ର ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । ଜନ କଲ୍ୟାଣ ପରିଷଦ ସମ୍ପାଦକ ବସନ୍ତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ । ପ୍ରଥମେ ମନ୍ତ୍ରୀ ଶହୀଦ ରଘୁ,କେଲୁ ଓ ମକରଙ୍କ ସ୍ମୃତିସ୍ତମ୍ଭରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସେହିଭଳି ସନ୍ଧ୍ୟାରେ ଡୁଙ୍ଗୁରା-କଇଥଗାଡ଼ିଆ ଭାୟା ଆଳଦା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ମଧ୍ୟ ଭୂମିପୂଜା ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମନ୍ତ୍ରୀ, ବିଧାୟକ, ଚେୟାରମେନ୍, ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଯୁବନେତା ନୀଳମାଧବ ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର, ଯୁବ ସଂଗଠକ ଦୋଳଗୋବିନ୍ଦ ମହାରଥା, ସମିତିସଭ୍ୟା ନର୍ମଦା ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

### ସାଂଖ୍ୟଯୋଗଃ

ସଞ୍ଜୟ ଉବାଚ

**ତଂ ତଥା କୃପୟାବିଷ୍ଟମଶ୍ରୁପୂର୍ଣ୍ଣାକୁଲେକ୍ଷଣମ୍ ।**
**ବିଷୀଦନ୍ତମିଦଂ ବିଷମେ ମଧୁସୂଦନଃ ।। ୧।।**

ସଞ୍ଜୟ ଉବାଚ–ମଧୁସୂଦନଃ ତଥା (ଭକ୍ତ ପ୍ରକାରେଣ) କୃପୟା ଆବିଷ୍ଟଂ ଅଶ୍ରୁପୂର୍ଣ୍ଣାକୁଳେକ୍ଷଣଂ (ଅଶ୍ରୁଭିଃ ପୂର୍ଣ୍ଣେ ଆକୁଳେ ଇକ୍ଷଣେ ଯସ୍ୟ ତଂ) ବିଷୀଦନ୍ତଂ ( ବିଷାଦଯୁକ୍ତଂ) ତଂ (ଅର୍ଜୁନଂ) ଇଦଂ ବାକ୍ୟଂ ଉବାଚ ।। ୧ ।।

**(ଶ୍ରୀମଭଗବଦ୍ ଗୀତା ୨/୧)**

# ବିଭିନ୍ନ ପ୍ରକାରର ଭିଜାର ସୁବିଧା

କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ Visa (ଭିଜା) ବା ବିଭିନ୍ନ ଦେଶକୁ ଯିବା ଲାଗି ଯେଉଁ ଅନୁମତିପତ୍ର ମିଳିଥାଏ, ତାହାର ସୁବିଧା କରାଯାଇଥାଏ, ପୁଣି ତାହା ମଧ୍ୟ ଅସୁବିଧା ସୃଷ୍ଟି କରି ଆସୁଛି ବୋଲି ଅଭିଯୋଗମାନ ହୋଇ ଆସୁଛି । କିନ୍ତୁ ଯେଉଁମାନେ ଦେଶ ଭିତରେ ରହୁଛନ୍ତି ଓ ଯେଉଁମାନେ ଦେଶ ବାହାରକୁ ଯାଇ ଅନ୍ୟ ଦେଶରେ ପହଞ୍ଚୁଛନ୍ତି, ସେମାନେ ଏହି ବିଭିନ୍ନ ପ୍ରକାର ଭିଜାର ସୁବିଧା ବିଷୟରେ ଅବଗତ ହେବା ଆବଶ୍ୟକ ।

ଓଡ଼ିଶାର ଲୋକଙ୍କୁ ଭିଜା ଆଣିବାକୁ କୋଲକାତା ବା ଅନ୍ୟାନ୍ୟ ମହାନଗର ପ୍ରଭୃତିକୁ ଯିବା ପାଇଁ ପଡୁଥିଲା । ମାତ୍ର ଏବର ରାଜ୍ୟ ସରକାରଙ୍କ ସମୟରେ ଏହି ଭିଜା (Visa) ପ୍ରାପ୍ତିର ସୁବିଧା ଯେପରି ଭୁବନେଶ୍ୱରର ବସ ରହଣିସ୍ଥଳ ବରମୁଣ୍ଡାରେ କରାଯାଇପାରିଛି, ତାହା ଏକ ପ୍ରଶଂସନୀୟ ଉଦ୍ୟମ ।

ପ୍ରକୃତରେ ଭିଜା ହେଉଛି ଜଣେ ଭାରତୀୟଙ୍କ ପାସ୍‌ପୋର୍ଟ ( ଅନ୍ୟ ଦେଶକୁ ଯିବା ଲାଗି ଅନୁମତି ପତ୍ର) ଉପରେ ମୋହର ଲଗାଯିବା । କୌଣସି ଅନ୍ୟ ଦେଶକୁ ଯିବା ପାଇଁ ଭାରତର ଭିଜା ବ୍ୟବସ୍ଥାକୁ ଏବର ମୋଦି ସରକାର ଶୃଙ୍ଖଳିତ କରାଇଛନ୍ତି । ଏପରିକି ଅନ୍‌ଲାଇନ୍ (କମ୍ପ୍ୟୁଟର ବା ଇଣ୍ଟରନେଟ ମାଧ୍ୟମରେ) ମଧ୍ୟ ଭିଜାର ଆବେଦନ କରାଯାଇ ପାରିବ । ଏପରିକି ଇ–ଭିଜା ଭାରତର ପ୍ରାୟ ୨୪ ଗୋଟି ବିମାନ ବନ୍ଦରରେ ଉପଲବ୍ଧ ହୋଇ ପାରୁଛି । ସେହି ବିମାନ ବନ୍ଦରଗୁଡ଼ିକ ହେଲା– ଅହମଦାବାଦ, ଅମୃତସର, ବାଗ୍‌ଡ୍ରୋଗ୍ରା, ବେଙ୍ଗାଲୁରୁ, କାଲିକଟ୍, ଚେନ୍ନାଇ, ଚଣ୍ଡୀଗଡ, କୋଚିନ୍, କୋଏମ୍ବାଟୁର, ଦିଲ୍ଲୀ, ଗୟା, ଗୋଆ, ଗୁଆହାଟି, ହାଇଦ୍ରାବାଦ, ଜୟପୁର, କୋଲକାତା, ଲକ୍ଷ୍ନୌ, ମାଙ୍ଗାଲୋର, ମୁମ୍ବାଇ, ନାଗପୁର, ପୁଣେ, ତିରଚରାପଲ୍ଲୀ, ତ୍ରିଭାନ୍ଦ୍ରମ ଓ ବାରାଣସୀ । ଏହା ବ୍ୟତୀତ ସମୁଦ୍ର କୂଳରେ ଥିବା ତିନିଗୋଟି ସହରରେ ଯଥା– କୋଚିନ, ଗୋଆ ଓ ମାଙ୍ଗାଲୋରରେ ମଧ୍ୟ ଭାରତୀୟ ଭିଜା ଉପଲବ୍ଧ ହୋଇଥାଏ ।

ଅନେକ ଭାରତୀୟ ଏବେ ଯୁକ୍ତରାଷ୍ଟ୍ର ଆମେରିକାରେ ଥିବାରୁ ସେମାନେ ବିଭିନ୍ନ ପ୍ରକାରର ଭିଜାର ବ୍ୟବହାର କରିଥା'ନ୍ତି । ସେଗୁଡ଼ିକ ମଧ୍ୟରେ ପରିଦର୍ଶନ ଭିଜା (Visitor's Visa) ଅନ୍ୟତମ । ସେହି ଭିଜାରେ ବି–୧ ଭିଜାରେ ବ୍ୟବସାୟିକ ପରିଦର୍ଶକ ଭିଜା ଅନ୍ୟତମ । ବି–୨ ଭିଜା ସେହିପରି ପର୍ଯ୍ୟଟକଙ୍କ ସମେତ ପରିବାର ଲୋକଙ୍କ ପାଖକୁ କିମ୍ବା ସାଙ୍ଗମାନଙ୍କ ପାଖକୁ ଯାଉଥିବା ବ୍ୟକ୍ତିମାନଙ୍କ ପାଇଁ ଉଦ୍ଦିଷ୍ଟ । ଡାକ୍ତରୀ ଚିକିତ୍ସା ପାଇଁ ମଧ୍ୟ ଏହି ବି–୨ ଭିଜାର ଆବଶ୍ୟକତା ରହିଛି । ବିଭିନ୍ନ ଅସ୍ଥାୟୀ ଶ୍ରମିକଙ୍କ ଲାଗି ନିର୍ଦ୍ଦିଷ୍ଟ କାର୍ଯ୍ୟ ସକାଶେ ଏଚ୍–୧ ବି ଭିଜାର ବ୍ୟବସ୍ଥା ରହିଛି । ଅସ୍ଥାୟୀ କୃଷି ଶ୍ରମିକଙ୍କ ସକାଶେ ଏଚ୍–୨ ଭିଜା ମଧ୍ୟ ଦିଆଯାଇ ପାରୁଛି । ଅସ୍ଥାୟୀ ଅଣ କୃଷି ଶ୍ରମିକଙ୍କ ପାଇଁ ସେହିପରି ଏଚ୍–୨ବି ଭିଜା କରାଯାଇଛି ।

ଆମେରିକାରେ କମ୍ପାନୀ କମ୍ପାନୀ ମଧ୍ୟରେ ଆଭ୍ୟନ୍ତରୀଣ ବଦଳି ପାଇଁ ମ୍ୟାନେଜର ଓ ଏକଜିକ୍ୟୁଟିଭ ପାହ୍ୟାର କର୍ମକର୍ତ୍ତାଙ୍କ ସକାଶେ ଏଲ୍–୧ ଏ ଭିଜା ଓ କୌଣସି ବିଷୟରେ ବିଶେଷ ଦକ୍ଷତା ହାସଲ କରିଥିବା କର୍ମଚାରୀଙ୍କ ପାଇଁ ଏଲ୍–୧ ବି ଭିଜାର ବ୍ୟବସ୍ଥା ରହିଛି । ଦକ୍ଷତା ବା କାର୍ଯ୍ୟଦକ୍ଷତା ହାସଲ କରିଥିବା ଅସାଧାରଣ ବ୍ୟକ୍ତିବିଶେଷଙ୍କ ଲାଗି ଓ–୧ ଭିଜା ପ୍ରଦାନର ବ୍ୟବସ୍ଥା ରହିଥିବାବେଳେ ବ୍ୟବସାୟିକ ବା ନିବେଶ ପାଇଁ ଚୁକ୍ତିବଦ୍ଧ ଦେଶର ବ୍ୟକ୍ତିଙ୍କ ଲାଗି ଇ–୧ ଓ ଇ–୨ ଭିଜାର ବ୍ୟବସ୍ଥା ରହିଛି । ସେହିପରି ଖେଳାଳି, କଳାକାର ଓ ମନୋରଞ୍ଜନକାରୀଙ୍କ ସକାଶେ ଆମେରିକାରେ ପି–୧ ଭିଜା ଏବଂ ଧାର୍ମିକ କାର୍ଯ୍ୟରେ ଆସୁଥିବା ବ୍ୟକ୍ତିଙ୍କ ସକାଶେ ଆର୍–୧ ଭିଜା ଦିଆଯାଉଛି । କୂଟନୀତିଜ୍ଞ ଓ ସରକାରୀ କର୍ମଚାରୀଙ୍କ ସକାଶେ ଏ ଓ ଜି ଭିଜା ରହିଥିବାବେଳେ ଆମେରିକା ବାସିନ୍ଦାଙ୍କ ପରିବାର ଲୋକଙ୍କ ସକାଶେ ପରିବାର ଭିଜାର ବ୍ୟବସ୍ଥା ରହିଛି । ବିଦେଶାଗତ ବ୍ୟକ୍ତି ଆମେରିକାରେ ନିଯୁକ୍ତି ଅନୁସନ୍ଧାନରେ ଆସିବାକୁ ହେଲେ ଇ ବି–୧ରୁ ଇ ବି–୫ ପର୍ଯ୍ୟନ୍ତ ଭିଜାର ବ୍ୟବସ୍ଥା ରହିଛି ।

ଆମେରିକାରେ ପାଠ ପଢ଼ିବା ଲାଗି ଆସୁଥିବା ଛାତ୍ରଛାତ୍ରୀଙ୍କ ଲାଗି ଏଫ୍–୧ ଭିଜା ଓ ପାଠ ପଢ଼ିବା ସହିତ ଚାକିରି ବୃତ୍ତିରେ ରହୁଥିବା ଛାତ୍ରଛାତ୍ରୀଙ୍କ ଲାଗି ଏମ୍–୧ ଭିଜାର ବ୍ୟବସ୍ଥା ମଧ୍ୟ କରାଯାଇଛି ।

ଯୁକ୍ତରାଷ୍ଟ୍ର ଆମେରିକାର ସରକାର ବେଳେ ବେଳେ ଏହି ଭିଜା ନୀତିରେ ପରିବର୍ତ୍ତନ କରୁଥିବାରୁ ଆମେରିକାରେ ରହୁଥିବା ବିଭିନ୍ନ ବର୍ଗର ବିଦେଶାଗତ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହେଉଛି, ଯଦିଓ ଆମେରିକୀୟ ଅର୍ଥନୀତି ଓ ସାମାଜିକ ବ୍ୟବସ୍ଥାକୁ ସେମାନେ ସହାୟତା ପ୍ରଦାନ କରି ଆସିଛନ୍ତି । ସମଗ୍ର ବିଶ୍ୱରେ ଏଥିପାଇଁ ଅନ୍ୟାନ୍ୟ ଦେଶ ବା ରାଷ୍ଟ୍ର କ୍ଷୋଭ ମଧ୍ୟ ପ୍ରକାଶ କରିଥିବା ଜଣାଯାଇଛି । ଆସନ୍ତା ଜାନୁଆରୀ ୨୦୨୬ରୁ ପ୍ରାୟ ୩୯ଟି ଦେଶର ପ୍ରବେଶକୁ ଆମେରିକାର ରାଷ୍ଟ୍ରପତିଙ୍କ ସାର୍ବଜନୀନ ଘୋଷଣାନାମା (୧୦୯୯୮) ଦ୍ୱାରା ବାରଣ କରାଯାଇଛି । ତଥାପି ସେମାନେ ଭିଜା ପାଇଁ ଆବେଦନ କରିପାରିବେ ବୋଲି ମଧ୍ୟ କୁହାଯାଇଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ମା' ଙ୍କୁ ସମ୍ମାନ, ପରିବେଶକୁ ସୁରକ୍ଷା



**ସତ୍ୟ ସୁନ୍ଦର ଭଞ୍ଜ**

'ଏକ ପେଡ ମା କି ନାମ' କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ଗତ ବର୍ଷ 'ବିଶ୍ୱ ପରିବେଶ ଦିବସ' ଅବସରରେ ୫ ଜୁନ, ୨୦୨୪ ଦିନ ଦିଲ୍ଲୀର ବୁଦ୍ଧ ଜୟନ୍ତୀ ପାର୍କରେ ଏକ ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମ କେବଳ ଗଛ ଲଗାଇବା ନୁହେଁ, ସରକାରୀ ସ୍ତରରେ ବିଭିନ୍ନ ବିଭାଗ ପକ୍ଷରୁ ବୃକ୍ଷ ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମର ଅନ୍ତର୍ନିହିତ ବାର୍ତ୍ତା ଥିଲା, 'ମା' କୁ ସମ୍ମାନ ଦେବା ଏବଂ ପରିବେଶ ସୁରକ୍ଷାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା' । ମାତ୍ର ଚାରିମାସ ମଧ୍ୟରେ, ଅର୍ଥାତ୍ ସେପ୍ଟେମ୍ବର ୨୪, ୨୦୨୪ ସୁଦ୍ଧା ୮୦ କୋଟି ଚାରା ରୋପଣ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇଥିଲା । ଏହି କାର୍ଯ୍ୟକ୍ରମ କେବଳ ସରକାରୀ ସ୍ତରରେ ସୀମିତ ନ ହୋଇ ସାଧାରଣ ଲୋକଙ୍କ ସହଭାଗୀତାରେ ସମ୍ପନ୍ନ ହୋଇଥିଲା ।

ବର୍ଷ ୨୦୨୫ରେ ପ୍ରଧାନମନ୍ତ୍ରୀଙ୍କ କେବଳ ୭୫ ତମ ଜନ୍ମ ବର୍ଷ ନୁହେଁ, ସଂଯୋଗବଶତଃ ସାରା ଦେଶ ୭୫ ତମ ଗଣତାନ୍ତ୍ରିକ ବାର୍ଷିକୀ ପାଳନ କରୁଥିଲା । ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଜନ୍ମିତ ପ୍ରଥମ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଗତ ୧୧ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଦେଶକୁ ଦୃଢ, ସ୍ୱଚ୍ଛ, ପ୍ରଭାବୀ ସୁଶାସନ ପ୍ରଦାନ କରୁଛନ୍ତି । ସାମାଜିକ, ରାଜନୈତିକ, ଅର୍ଥନୈତିକ, ସାମରିକ ଓ ବୈଦେଶିକ, ପ୍ରତ୍ୟେକ କ୍ଷେତ୍ରରେ ଭାରତ ନିଜକୁ ପ୍ରତିପାଦନ କରିବାରେ ସମର୍ଥ ହୋଇଛି । ଆମ ଦେଶ ଚତୁର୍ଥ ବୃହତ୍ତମ ଅର୍ଥନୀତି ଏବଂ ଖୁବ୍ ଶୀଘ୍ର ତୃତୀୟ ଅର୍ଥନୀତି ହେବାକୁ ଯାଉଛି ।

ଗତ ୧୧ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଚାଲିଥିବା କେନ୍ଦ୍ର ସରକାରଙ୍କ ସଫଳତାର କାହାଣୀ ବହୁତ ଲମ୍ବା । କିନ୍ତୁ, ଏହି ସବୁ କାର୍ଯ୍ୟକ୍ରମର ଗୋଟିଏ ଦିଗ ହେଉଛି, ମହିଳାଙ୍କ ପ୍ରତି ସମ୍ମାନ' । ସାରା ଭାରତବର୍ଷ ଦେଖିଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତାଙ୍କ ମା'ଙ୍କ ମଧ୍ୟରେ ନିବିଡ ମମତାମୟ ସମ୍ପର୍କ । ଅନେକ ସମୟରେ ବିଭିନ୍ନ ମଞ୍ଚରେ ପ୍ରଧାନମନ୍ତ୍ରୀ ନିଜ ମା'ଙ୍କ ସଂଘର୍ଷମୟ ଜୀବନ ବିଷୟରେ ଉଲ୍ଲେଖ କରିଛନ୍ତି । ତେଣୁ, ପ୍ରଧାନମନ୍ତ୍ରୀ ମୋଦି କାର୍ଯ୍ୟକାରୀ କରିଥିବା ଅନେକ ଯୋଜନାରେ ଦେଶର ଗରିବ ମହିଳାଙ୍କ ସଂଘର୍ଷର କାହାଣୀର ଛାପ ଦେଖିବାକୁ ମିଳେ ।

ଦେଶର ଶାସନ ଦାୟିତ୍ୱ ସମ୍ଭାଳିବା ପରେ ପ୍ରଥମ ସ୍ୱାଧୀନତା ଦିବସ ଉପଲକ୍ଷେ, ଅର୍ଥାତ୍ ୧୫ ଅଗଷ୍ଟ ୨୦୧୪ ଦିନ ଲାଲକିଲ୍ଲାର ପ୍ରାଚୀରରୁ 'ସ୍ୱଚ୍ଛ ଭାରତ'ର ଡକରା ଦେଇଥିଲେ । ଘରେ ଶୌଚାଳୟ ଅଭାବରୁ ସେ ସମୟରେ ଦେଶର ପ୍ରାୟ ଅର୍ଦ୍ଧାଧିକ ଗ୍ରାମାଞ୍ଚଳ ଲୋକେ ଖୋଲାରେ ଶୌଚ ହେଉଥିଲେ, ଯାହାଦ୍ୱାରା ସବୁଠାରୁ ଅସୁବିଧାର ସମ୍ମୁଖୀନ ହେଉଥିଲେ ମହିଳାମାନେ । ଏହାକୁ ଦୃଷ୍ଟିରେ ରଖି 'ସ୍ୱଚ୍ଛ ଭାରତ'ର ପରିକଳ୍ପନା କରିଥିଲେ ମୋଦି, ଯାହାର ଫଳ ସ୍ୱରୂପ ଆଜି ଦେଶରେ ୯୫ ପ୍ରତିଶତରୁ ଅଧିକ ପରିବାରଙ୍କ ପାଖରେ ନିଜସ୍ୱ ଶୌଚାଳୟ ଅଛି ଏବଂ ତାକୁ ସେମାନେ ବ୍ୟବହାର କରୁଛନ୍ତି । ମହିଳାଙ୍କ ସମ୍ମାନ ରକ୍ଷା ଦିଗରେ ଏହା ଏକ ସାର୍ଥକ ପଦକ୍ଷେପ ଥିଲା ।

ନିଜ ମା'ଙ୍କ ସଂଘର୍ଷମୟ ଜୀବନରୁ ଶିକ୍ଷା ନେଇ ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିଲେ 'ଉଜ୍ଜଳା ଯୋଜନା' । ପରିବାର ପାଇଁ ଖାଦ୍ୟ ପ୍ରସ୍ତୁତ କଲାବେଳେ କିପରି ତାଙ୍କ ମାତାଙ୍କ ଆଖିରୁ ଧାର ଧାର ଲୁହ ବୋହି ଯାଉଥିଲା, ସେ ତାକୁ ଅନେକ ସମୟରେ ଉଲ୍ଲେଖ କରିଛନ୍ତି । ଦେଶର ଆଉ କେହି ମା' ଏପରି ପରିସ୍ଥିତିକୁ ସାମ୍ନା ନ କରନ୍ତୁ, ସେଥିପାଇଁ ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିଲେ 'ଉଜ୍ଜଳା ଯୋଜନା' । ରୋଷଘରୁ କାଠ କୋଇଲା ପରି ହାନିକାରକ ଜାଳେଣୀ ବଦଳରେ ସ୍ୱଚ୍ଛ ରନ୍ଧନ ଗ୍ୟାସ ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା । ଆଜି ଦେଶରେ ପ୍ରାୟ ୩୨ କୋଟି ୮୩ ଲକ୍ଷ ପରିବାର ପାଖରେ ଏଲପିଜି ରନ୍ଧନ ଗ୍ୟାସ ସୁବିଧା ଅଛି । ମା' ମାନଙ୍କୁ ଧୂଆଁମୁକ୍ତ ରୋଷଶାଳା ପ୍ରଦାନ କରିବାର ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ସଫଳ ହୋଇଛନ୍ତି । ଏହି ଦୁଇଟି କାର୍ଯ୍ୟକ୍ରମ ମା'ମାନଙ୍କ ପାଇଁ କାର୍ଯ୍ୟକାରୀ କରାଯାଉଥିବା ଅନେକ ଯୋଜନା ମଧ୍ୟରୁ କେବଳ ଉଦାହରଣ । ପ୍ରଧାନମନ୍ତ୍ରୀଙ୍କ ସବୁ ପ୍ରକାର ବିକାଶ କାର୍ଯ୍ୟଧାରାରେ ମହିଳା କଲ୍ୟାଣ ସବୁବେଳେ ସର୍ବାଗ୍ରେ ରହିଥାଏ । ସାମାଜିକ ଓ ଅର୍ଥନୈତିକ ବିକାଶ ସହିତ ରାଜନୈତିକ ସଶକ୍ତିକରଣ ପାଇଁ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ପାରିତ କରାଯାଇଛି । ଫଳରେ ୨୦୨୯ ପରେ ମହିଳାମାନେ ବିଧାନସଭା ଓ ଲୋକସଭାରେ ଅତି କମ୍‌ରେ ୩୩ ପ୍ରତିଶତ ପ୍ରତିନିଧି ପାଇବେ ।

ପ୍ରଧାନମନ୍ତ୍ରୀ ମୋଦିଙ୍କ ମାତୃଶକ୍ତି ପ୍ରତି ସମ୍ମାନ ଧାରାରେ 'ଏକ ପେଡ ମା' କି ନାମ' କାର୍ଯ୍ୟକ୍ରମକୁ ଦେଖିବା ଆବଶ୍ୟକ । ନିଜ ଆତ୍ମୀୟ ସ୍ୱଜନଙ୍କ ସ୍ମୃତି ଚାରଣ ପାଇଁ ହେଉ କିମ୍ବା ମା' ଙ୍କ ପ୍ରତି ନିଜର ଶ୍ରଦ୍ଧା ପ୍ରତିପାଦନ କରିବା ପାଇଁ ଆମେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରିଥାଉ । ବର୍ତ୍ତମାନ ସମୟରେ ମା'ଙ୍କ ମହତ୍ୱ ପାଇଁ 'ମାତୃଦିବସ' ବି ପାଳନ କରାଯାଉଛି । କିନ୍ତୁ, ବୋଧହୁଏ ସବୁଠାରୁ ପ୍ରକୃଷ୍ଟ ଏବଂ ଯଥାର୍ଥ ମାର୍ଗ ହେଉଛି ମା' ଙ୍କ ସ୍ମୃତି ହେଉ କିମ୍ବା ମା'ଙ୍କୁ ନିଜର ଭଲପାଇବା ଓ ସମ୍ମାନକୁ ଜଣାଇବା ପାଇଁ ତାଙ୍କ ନାଁରେ ଗଛଟିଏ ଲଗାଇବା । ମା'ଙ୍କ ନାମରେ ଲଗାଯାଇଥିବା ଗଛର ଯତ୍ନ ନେଲେ ଏହା ବଡ ହୋଇ ମା' ପରି ଶୀତଳ ଛାୟା ସହିତ ଫଳ, ପୁଷ୍ପ ପ୍ରଦାନ କରିବ । ତେଣୁ, ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ 'ମା' ପାଇଁ ଗଛଟିଏ' ଅର୍ଥାତ୍ 'ଏକ ପେଡ ମା' କେ ନାମ' କାର୍ଯ୍ୟକ୍ରମ ମା' ଓ ସନ୍ତାନଙ୍କ ମଧ୍ୟରେ ଥିବା ଅନାବିଳ ଓ ମମତାମୟୀ ସମ୍ପର୍କକୁ ସୂଚାଇଥାଏ ।

ସାରା ବିଶ୍ୱ ଆଜି ପରିବର୍ତ୍ତନଶୀଳ ଜଳବାୟୁ ପରିବର୍ତ୍ତନ ଏବଂ ପ୍ରଦୂଷଣ ସମସ୍ୟାର ସମ୍ମୁଖୀନ ହେଉଛି । ତେଣୁ, ଏହାର ସୁରକ୍ଷା କରିବା ପାଇଁ ଅନେକ କାର୍ଯ୍ୟକ୍ରମ ବିଭିନ୍ନ ସରକାର, ଅନୁଷ୍ଠାନ ପକ୍ଷରୁ କରାଯାଉଛି । ବୃକ୍ଷ ରୋପଣ ଏକ ଉପଯୁକ୍ତ ମାଧ୍ୟମ ପରିବେଶ ସୁରକ୍ଷା ପାଇଁ । କିନ୍ତୁ, ସରକାର ସ୍ତରରେ ଯେତେ ଉଦ୍ୟମ ହେଲେ ସୁଦ୍ଧା ଯେ ପର୍ଯ୍ୟନ୍ତ ନାଗରିକମାନେ ସ୍ୱତଃପ୍ରବୃତ୍ତ ଭାବେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନାହାନ୍ତି, ସେତେ ପର୍ଯ୍ୟନ୍ତ ପରିବେଶ ସୁରକ୍ଷା ସମ୍ଭବ ହେବ ନାହିଁ ।

**ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର**
**ମୋ–୯୪୩୭୧୫୦୬୩୨**

# ଆୟୁର୍ବେଦର ଜନକ ଆଚାର୍ଯ୍ୟ ଚରକ

**ବୈଷ୍ଣବ ଚରଣ ଦାଶ**

ଭାରତୀୟ ଚିକିତ୍ସାଶାସ୍ତ୍ରରେ ଆୟୁର୍ବେଦର ଜଣେ ପ୍ରସିଦ୍ଧ ଆଚାର୍ଯ୍ୟ ଭାବେ ଚରକଙ୍କର ନାମ ଖ୍ୟାତ । ସେ ଆଚାର୍ଯ୍ୟ ଅଗ୍ନିବେଶଙ୍କଠାରୁ ଶାସ୍ତ୍ରୋପଦେଶ ଲାଭ କରିଥିଲେ ବୋଲି ପରମ୍ପରା କହିଥାଏ । ଆଚାର୍ଯ୍ୟ ଅଗ୍ନିବେଶଙ୍କ ଗ୍ରନ୍ଥରୁ ବିଷୟବସ୍ତୁ ଗ୍ରହଣ କରି ସେ ଯେଉଁ ଗ୍ରନ୍ଥଟିର ପ୍ରଣୟନ କରି ଯାଇଛନ୍ତି, ତାହା 'ଚରକ ସଂହିତା' ନାମରେ ପ୍ରସିଦ୍ଧ । ମୂଳତଃ ଗ୍ରନ୍ଥଟି ଅଗ୍ନିବେଶଙ୍କ ଦ୍ୱାରାହିଁ ରଚିତ ହୋଇଥିଲା ଏବଂ ତା'ପରେ ଚରକଙ୍କ ଦ୍ୱାରା ସଂକଳିତ ହୋଇଥିଲା । ଅଷ୍ଟମ ଶତାବ୍ଦୀର ଅନ୍ତିମ ଭାଗକୁ ଏହି ଗ୍ରନ୍ଥଟିର ଅନୁବାଦ ଆରବୀ ଭାଷାରେ ହୋଇଥିବାର ପ୍ରମାଣ ଉପଲବ୍ଧ ହୋଇଥାଏ ।

ଏହି ଗ୍ରନ୍ଥରେ କଳିଙ୍ଗମାନଙ୍କର ପରିଭାଷା ବ୍ୟବହୃତ ହୋଇଥିବାରୁ ସେ କଳିଙ୍ଗବାସୀ ଥିଲେ ବୋଲି କେହି କେହି ମତ ଦେଇଥା'ନ୍ତି । ସେ ବିଭିନ୍ନ ସ୍ଥାନରେ ବୁଲି ବୁଲି ନିଜ ଜ୍ଞାନର ପ୍ରଚାର ପ୍ରସାର କରିବା ସହ ରୋଗ ପ୍ରପୀଡ଼ିତ ଅନେକଙ୍କର ରୋଗ ନିବାରଣ କରି ନୂଆ ଜୀବନ ଦେଇଥିଲେ । ସେ ଏହି କାର୍ଯ୍ୟ ପାଇଁ ସର୍ବଦା ଏକ ସ୍ଥାନରୁ ଆଉ ଏକ ସ୍ଥାନକୁ ବିଚରଣ କରୁଥିବାରୁ ତାଙ୍କର

ନାମ ଚରକ ବୋଲି କିଛି ବିଦ୍ୱାନମାନଙ୍କର ମତ । ଚତୁର୍ଦ୍ଦଶ ଶତାବ୍ଦୀର 'ଭାବ ପ୍ରକାଶ ' ନାମକ ଏକ ଆୟୁର୍ବେଦ ଗ୍ରନ୍ଥରେ ରହିଥିବା ଏକ କିମ୍ବଦନ୍ତୀ ଅନୁସାରେ ଭଗବାନ୍ ବିଷ୍ଣୁ ଯେତେବେଳେ ମତ୍ସ୍ୟାବତାର ଗ୍ରହଣ କଲେ, ସେତେବେଳେ ଶେଷନାଗଙ୍କୁ ସାମବେଦ ସହିତ ଅଥର୍ବ ବେଦାନ୍ତର୍ଗତ ଆୟୁର୍ବେଦର ପ୍ରାପ୍ତି ହୋଇଥିଲା । ଏକଦା ସକଳ ଜ୍ଞାନର ଅବତାର ସ୍ୱରୂପ ଭଗବାନ୍ ଶେଷନାଗ ମନୁଷ୍ୟମାନଙ୍କର ଅବସ୍ଥା ବିଷୟରେ ଜାଣିବା ପାଇଁ ପୃଥିବୀ ପୃଷ୍ଠରେ ଚର ରୂପରେ ବିଚରଣ କରୁଥିବା ସମୟରେ ଦେଖିଲେ ଯେ ଏ ସମଗ୍ର ମନୁଷ୍ୟଜାତି ରୋଗବ୍ୟାଧରେ ଘାଣ୍ଟି ହୋଇ ହୋଇ ଅତ୍ୟନ୍ତ କଷ୍ଟମୟ ଅବସ୍ଥାରେ ପଡ଼ିଛି । ଏହା ଦେଖି ତାଙ୍କର ହୃଦୟ କରୁଣାରେ ଭରି ଉଠିଥିଲା । ତେଣୁ ସେ ଏ ମନୁଷ୍ୟଜାତିର ଉଦ୍ଧାର ପାଇଁ ଜଣେ ଋଷିଙ୍କ ପରିବାରରେ ଜନ୍ମ ନେଲେ । ତା'ପରେ ସେ ବଡ଼ ହୋଇ ଆଚାର୍ଯ୍ୟ ଅଗ୍ନିବେଶଙ୍କ ଠାରୁ ସମସ୍ତ ବିଦ୍ୟାର୍ଜନ କରିଥିଲେ ଏବଂ ତାଙ୍କ ଦ୍ୱାରା ପ୍ରଣୀତ ଆୟୁର୍ବେଦ ଗ୍ରନ୍ଥଟିର ଶୁଦ୍ଧ ସଂସ୍କରଣ ପ୍ରସ୍ତୁତ କରିଥିଲେ ।

ଶେଷନାଗଙ୍କର ଏହି ଅଂଶହିଁ ଥିଲେ ଆଚାର୍ଯ୍ୟ ଚରକ । ଚର ରୂପରେ ପୃଥିବୀ ଭ୍ରମଣରେ ଆସିଥିବାରୁ ତାଙ୍କର ନାମ ଚରକ ରଖାଯାଇଥିଲା । ସେ ଜଣେ ପ୍ରସିଦ୍ଧ ବୈୟାକରଣ ମଧ୍ୟ ଥିଲେ ତଥା ଯୋଗ ସମ୍ବନ୍ଧୀ ଏକ ମହତ୍ତ୍ୱପୂର୍ଣ୍ଣ ଗ୍ରନ୍ଥର ନିର୍ମାଣ କରିଥିଲେ ବୋଲି କିଛି ଶାସ୍ତ୍ରମାନଙ୍କରୁ ସୂଚନା ମିଳିଥାଏ । ତେବେ ଏହି ଆଧାରରେ କେହି କେହି ଚରକ ଓ ପତଞ୍ଜଳି ଏକ ଥିଲେ ବୋଲି ମଧ୍ୟ ମତ ଦିଅନ୍ତି କିନ୍ତୁ ଏ ନେଇ କୌଣସି ପ୍ରାମାଣିକ ତଥ୍ୟ ମିଳି ନ ଥାଏ । ମହର୍ଷି ପତଞ୍ଜଳିଙ୍କ ପରି ଆଚାର୍ଯ୍ୟ ଚରକ ମଧ୍ୟ ଜଣେ ବହୁମୁଖୀ ପ୍ରତିଭା ଥିଲେ ବୋଲି କୁହାଯାଇପାରେ । ଚରକଙ୍କ ନିଜ ଗ୍ରନ୍ଥ ତଥା ଅନ୍ୟାନ୍ୟ ବିଭିନ୍ନ ସ୍ରୋତରୁ ମିଳୁଥିବା ତଥ୍ୟମାନଙ୍କର ଆଧାରରେ ତାଙ୍କ ସମୟ ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦୀ ବା ତା' ପୂର୍ବର ବୋଲି ବିଦ୍ୱାନ୍‌ମାନଙ୍କର ମତ । କେହି କେହି ଏହାଙ୍କୁ ଖ୍ରୀଷ୍ଟପର ତୃତୀୟ ଶତାବ୍ଦୀର ରାଜା କନିଷ୍କଙ୍କର ରାଜବୈଦ୍ୟ ଭାବେ ମଧ୍ୟ ମାନିଥା'ନ୍ତି । ସେ କେଉଁ ସ୍ଥାନରେ ଜନ୍ମ ଗ୍ରହଣ କରିଥିଲେ ତଥା କିପରି ଓ କେଉଁଠାରେ ତାଙ୍କର ଜୀବନଯାପନ କରିଥିଲେ ତାହାର କୌଣସି ପ୍ରମାଣ ନାହିଁ ।

ଆଚାର୍ଯ୍ୟ ଚରକଙ୍କଦ୍ୱାରା ପ୍ରକାଶିତ 'ଚରକ ସଂହିତା' ଗ୍ରନ୍ଥଟିର ପୁନଃ ପରିଶୋଧିତ ରୂପ ପ୍ରସ୍ତୁତ କରିଥିଲେ ଦୃଢ଼ବଳ ନାମକ ଆଉ ଜଣେ ଆୟୁର୍ବେଦାଚାର୍ଯ୍ୟ । ତେଣୁ ବର୍ତ୍ତମାନ ଉପଲବ୍ଧ ଚରକସଂହିତା ଗ୍ରନ୍ଥଟି ଦ୍ୱାଦଶ ଶତାବ୍ଦୀର ଆଚାର୍ଯ୍ୟ ଦୃଢ଼ବଳଙ୍କ ଦ୍ୱାରା ପରିଶୋଧିତ ସଂସ୍କରଣ ବୋଲି ଧରା ଯାଇଥାଏ । ଏହି ଗ୍ରନ୍ଥଟି ଆଠଗୋଟି ଭାଗରେ ବିଭକ୍ତ, ଯେଉଁଥିରେ ଏକ ଶହ କୋଡ଼ିଏଟି ଅଧ୍ୟାୟ ରହିଛି । ଚରକ ସଂହିତାର ଆଠଗୋଟି ମୁଖ୍ୟ ବିଭାଗର ନାମ ହେଉଛି : ନିଦାନସ୍ଥାନ, ବିମାନସ୍ଥାନ, ଶରୀରସ୍ଥାନ, ଇନ୍ଦ୍ରିୟସ୍ଥାନ, ସୂତ୍ରସ୍ଥାନ, ଚିକିତ୍ସାସ୍ଥାନ, କଳ୍ପସ୍ଥାନ ଓ ସିଦ୍ଧିସ୍ଥାନ ।

ଏହି ଆଠଗୋଟି ବିଭାଗାନ୍ତର୍ଗତ ସମସ୍ତ ଅଧ୍ୟାୟମାନଙ୍କରେ ଶରୀର ସମ୍ବନ୍ଧୀ ରୋଗ, ରୋଗର କାରଣ ଓ ନିଦାନ ସମ୍ବନ୍ଧୀ, ଚିକିତ୍ସା ବିଧିସମ୍ବନ୍ଧୀ, ଚିକିତ୍ସକ ବା ବୈଦ୍ୟ ସମ୍ବନ୍ଧୀ, ଚିକିତ୍ସାଳୟ ସମ୍ବନ୍ଧୀ, ଔଷଧ ଓ ତା'ର ପ୍ରସ୍ତୁତବିଧି ତଥା ସେବନ ବିଧି ସମ୍ବନ୍ଧୀ, ପଥ୍ୟାପଥ୍ୟ ବିଚାର ପ୍ରଭୃତି ଅନେକ ତଥ୍ୟ ଓ ତତ୍ତ୍ୱମାନଙ୍କର ସବିସ୍ତାର ଚର୍ଚ୍ଚା ରହିଛି । ଏହି ଗ୍ରନ୍ଥ ଓ ଗ୍ରନ୍ଥାକାର ଚରକଙ୍କର ମହିମା ଗାନ କରି କୁହାଯାଇଥାଏ ଯେ 'ଚରକସ୍ତୁ ଚିକିତ୍ସତେ' ଅର୍ଥାତ୍ ଚିକିତ୍ସା ଶାସ୍ତ୍ର କହିଲେ ଚରକଙ୍କୁ ହିଁ ବୁଝାଯାଇଥାଏ । ଚରକ ପୂନର୍ଜନ୍ମରେ ବିଶ୍ୱାସୀ ଥିଲେ ।

ମାନବ ଜୀବନର ଅନେକ ଘଟଣାବଳୀ, କିଛି ରୋଗ ଓ ସେଗୁଡ଼ିକର ତୀବ୍ରତା ତଥା ଉପଶମ ପୂର୍ବଜନ୍ମର କର୍ମାକର୍ମ ଉପରେ ନିର୍ଭର କରିଥାଏ ବୋଲି ତାଙ୍କର ବିଶ୍ୱାସ । ଏ ସମ୍ବନ୍ଧୀ ବିସ୍ତୃତ ଚର୍ଚ୍ଚା ତାଙ୍କର ଗ୍ରନ୍ଥରେ ରହିଛି । ସମାନ ବାପାମା'ଙ୍କଠାରୁ ଜନ୍ମିଥିବା ପିଲାମାନଙ୍କ ମଧ୍ୟରେ ଅସମାନତା, ସେମାନଙ୍କର ରଙ୍ଗ, ଶାରୀରିକ ଗଠନ, ଭାଗ୍ୟ, ଚାଲିଚଳଣିରେ ଭିନ୍ନତା ପ୍ରଭୃତି ନାନାଦି କଥା ପୂନର୍ଜନ୍ମର ରହସ୍ୟ ଉପରେ ନିର୍ଭର କରିଥାଏ ବୋଲି ଚରକଙ୍କର ମତ । ଏପରିକି ଜଣେ ମନୁଷ୍ୟର ଆୟୁ ତାର ପୁନର୍ଜନ୍ମର କର୍ମାକର୍ମ ଉପରେ ନିର୍ଭର ବୋଲି ଚରକ ମତ ପୋଷଣ କରିଥା'ନ୍ତି । ଯେଉଁ ସମସ୍ତ ଉପାଦାନକୁ ନେଇ ମନୁଷ୍ୟର ଶରୀର ଗଢ଼ା, ସେ ସମସ୍ତ ଉପାଦାନମାନଙ୍କ ମଧ୍ୟରେ ବାତ ,ପିତ୍ତ ଓ କଫ ଏହି ତିନିଗୋଟି ଉପାଦାନ ଉପରେ ମନୁଷ୍ୟର ସୁସ୍ଥତା ଓ ଅସୁସ୍ଥତା ନିର୍ଭର କରିଥାଏ । ଏହି ତିନୋଟି ଉପାଦାନର ସମାବସ୍ଥାରେ ମନୁଷ୍ୟ ସୁସ୍ଥ ରହିଥାଏ ଓ ସେମାନଙ୍କର ବିଷମାବସ୍ଥାରେ ସେ ଅସୁସ୍ଥ ହୋଇଥାଏ । କେବଳ ଶରୀର ନୁହେଁ ଅପିତୁ ମନର ଅବସ୍ଥାକୁ ମଧ୍ୟ ଏହି ତିନିଗୋଟି ଉପାଦାନ ନିୟନ୍ତ୍ରିତ କରିଥା'ନ୍ତି । ପ୍ରାଣ, ଅପାନ ବ୍ୟାନ, ଉଦାନ ଓ ସମାନ ଏହିପରି ପାଞ୍ଚ ପ୍ରକାର ବାୟୁ ବା ବାତ ପ୍ରକଟିତ ହୋଇଥାଏ । କଫ ଓ ପିତ୍ତର କୌଣସି ପ୍ରକାରଭେଦ ବିଷୟରେ ଚରକ ତାଙ୍କ ଗ୍ରନ୍ଥରେ କେଉଁଠି କହି ନାହାନ୍ତି । ଏହି ତିନିଗୋଟି ଉପାଦାନର ପରସ୍ପର ସମନ୍ୱୟ ବାଷଠି ପ୍ରକାରର ରୋଗ ସୃଷ୍ଟିର କାରଣ ହୋଇଥାଏ । ପ୍ରତ୍ୟେକ ଦୋଷ ନିଜେ ମଧ୍ୟ ଅନେକ ରୋଗର କାରଣ ହୋଇଥା'ନ୍ତି । କେବଳ ବାତ ଅଶୀ ପ୍ରକାର, କେବଳ ପିତ୍ତ ଚାଳିଶ ପ୍ରକାର ଓ କେବଳ କଫ କୋଡ଼ିଏ ପ୍ରକାର ରୋଗର ମୂଳ କାରଣ ବୋଲି ଚରକଙ୍କର ମତ । ବାତ ଦୋଷରୁ ଜାତ ରୋଗମାନଙ୍କର ଉପଶମ ଅତ୍ୟନ୍ତ କଷ୍ଟ ବୋଲି ଚରକ ସ୍ପଷ୍ଟ ମତ ଦେଇଛନ୍ତି । ଶରୀରରେ ରକ୍ତ ସଞ୍ଚାଳନ ଓ ହୃତ୍‌ପିଣ୍ଡର ଭୂମିକା ତଥା ରକ୍ତ ସଞ୍ଚାଳନ ନିମିତ୍ତ ଉଦ୍ଦିଷ୍ଟ ପ୍ରଣାଳୀମାନଙ୍କର ସ୍ଥିତି ବିଷୟରେ ମହତ ଚର୍ଚ୍ଚା ଚରକ ସଂହିତାରେ ରହିଛି । ଏସବୁ ଛଡ଼ା ଅଦ୍‌ଭୁତ ଚିକିତ୍ସା ପଦ୍ଧତିମାନଙ୍କର ସୁବିସ୍ତୃତ ଚର୍ଚ୍ଚା ଏହି ଗ୍ରନ୍ଥରେ ରହିଛି । ଏକ ସାର୍ବଜନୀନ ଚିକିତ୍ସାଳୟ ତଥା ପ୍ରସୂତି ଭବନର ନିର୍ମାଣ ଓ ସୁସ୍ଥ ପରିଚାଳନା କିପରି ହେବା ଦରକାର ସେ ନେଇ ମଧ୍ୟ ବିବରଣୀମାନ ଚରକ ପ୍ରଦାନ କରିଛନ୍ତି ।

ଚରକଙ୍କର ଏହି ଗ୍ରନ୍ଥରେ ପାଖାପାଖି ଦେଢ଼ଶହ ରୋଗର କାରଣ ଓ ନିଦାନ ବିଷୟକ ବିବରଣୀ ରହିଥିବା ସ୍ଥଳେ ପ୍ରାୟ ଏକଶହ ଚାଳିଶଟି ଔଷଧୀୟ ବୃକ୍ଷ ଲତାଦିର ବର୍ଣ୍ଣନା ରହିଛି । ଏକଶହ ସତସ୍ତରିଟି ପଶୁଜାତ ଦ୍ରବ୍ୟ ତଥା ଚଉଷଠିଟି ଖଣିଜ ଦ୍ରବ୍ୟର ବର୍ଣ୍ଣନା ମଧ୍ୟ ଏହି ଗ୍ରନ୍ଥରୁ ଉପଲବ୍ଧ ହୋଇଥାଏ ।

ଚରକଙ୍କର ଗ୍ରନ୍ଥର ଆଉ ଏକ ବିଶେଷତ୍ୱ ଏହି ଯେ ଏହି ଗ୍ରନ୍ଥରେ ତାଙ୍କ ସମୟରେ ଅନୁଷ୍ଠିତ ହୋଇଥିବା ଚିକିତ୍ସାଶାସ୍ତ୍ର ସମ୍ବନ୍ଧୀ ଅନେକ ସଙ୍ଗୋଷ୍ଠୀ ଓ ବିଦ୍ୱତସମାରୋହରେ ଚର୍ଚ୍ଚିତ ବିଷୟବସ୍ତୁର ସମାବେଶ । ଆଚାର୍ଯ୍ୟ ଚରକଙ୍କର ଗ୍ରନ୍ଥକୁ ଏକ ଆୟୁର୍ବେଦ ବିଶ୍ୱକୋଷ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ଗ୍ରନ୍ଥର ଅଧ୍ୟୟନ କରି ହାର୍ବେ ପ୍ରଭୃତି ଅନେକ ବିଶ୍ୱ ବିଖ୍ୟାତ ପାଶ୍ଚାତ୍ୟ ଚିକିତ୍ସକଗଣ ନତମସ୍ତକ ହୋଇ ଏହା ସ୍ୱୀକାର କରନ୍ତି ଯେ ଯଦି ଆଧୁନିକ ଚିକିତ୍ସା–ବିଜ୍ଞାନୀମାନେ ଚରକଙ୍କ ନିର୍ଦ୍ଦିଷ୍ଟ ପଥ ଅନୁସରଣ କରନ୍ତି, ତେବେ ଚିକିତ୍ସାବିଜ୍ଞାନ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଅଣାଯାଇ ପାରିବ । ଆଚାର୍ଯ୍ୟ ଚରକଙ୍କର ଏହି ମହନୀୟ ଅବଦାନ ତାଙ୍କୁ ଯେ କେବଳ ପ୍ରାତଃସ୍ମରଣୀୟ କରି ରଖିଥିବ ତାହା ନୁହେଁ ବରଂ ଏହା ସମସ୍ତ ଚିକିତ୍ସାବିଜ୍ଞାନ ପାଇଁ ଏକ ଅନନ୍ତ ପ୍ରେରଣାର ସ୍ରୋତ ହୋଇ ରହିଥିବ ।

ବୈଷ୍ଣବ ଚରଣ ଦାଶ
**ବୀରଧନଞ୍ଜୟ ପୁର**
**ବୁଗୁଡ଼ା, ଗଞ୍ଜାମ**
**ମୋ–୯୭୭୬୫୩୪୯୩୦**

# ଦିବ୍ୟ ଜୀବନ ଓ ଧୈର୍ଯ୍ୟ

**ଅଲେଖ ଚନ୍ଦ୍ର ସାମଲ**

ଏ ସଂସାରରେ ଅହରହ ମଣିଷକୁ ସଂଗ୍ରାମ କରିବାକୁ ପଡ଼ିଥାଏ – ଜୀବନସଂଗ୍ରାମ । ଯୁଦ୍ଧ କ୍ଷେତ୍ରରେ ଯେଭଳି ଆତ୍ମରକ୍ଷା ପାଇଁ ବା ଆକ୍ରମଣକୁ ପ୍ରତିହତ କରିବା ପାଇଁ ଢ଼ାଲ ଲୋଡ଼ା ହୁଏ, ଠିକ୍ ସେହିପରି ଜୀବନସଂଗ୍ରାମରେ ମଧ୍ୟ ଧୈର୍ଯ୍ୟ ରୂପକ ଢ଼ାଲ ପ୍ରୟୋଜନ ହୋଇଥାଏ । ଧୈର୍ଯ୍ୟ, ବିପଦସମ୍ଭାଳିବାକୁ ଯେପରି ଢ଼ାଲ ସଦୃଶ କାମ କରେ ତହିଁରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ଏହା ମଣିଷର ସର୍ବଶ୍ରେଷ୍ଠ ବନ୍ଧୁ ।

ଯଥାର୍ଥରେ କୁହାଯାଇଛି –'ସଂପଦ ବେଳେ ସର୍ବେସଖା, ବିପଦେ ନ ଦିଅନ୍ତି ଦେଖା ।' ସମ୍ପଦ କାଳରେ ଆପଣ ସ୍ୱାର୍ଥ ସିଦ୍ଧି ପାଇଁ ବନ୍ଧୁମାନେ ଆସି ଠୁଳ ହୋଇଯାନ୍ତି । ବନ୍ଧୁତ୍ୱର ଅଭିନୟ କରିଥାନ୍ତି । ଯିଏ ପ୍ରକୃତ ବନ୍ଧୁ ସିଏ ବିପଦ କାଳରେ ମଧ୍ୟ ବନ୍ଧୁର ପାଖେ ପାଖେ ଥାଏ । ଏଭଳି ଏକ ବନ୍ଧୁ ହେଲା ଧୈର୍ଯ୍ୟ । ବିପଦବେଳେ ଧୈର୍ଯ୍ୟ ଏବଂ ସଭାରେ ଭାଷଣ ଦେବାରେ ପାରଙ୍ଗମ କଳା ହିଁ ସାହାଯ୍ୟ କରିଥାଏ । ଏହି ଧୈର୍ଯ୍ୟ ମାନବଧର୍ମର ଏକ ଅବିଚ୍ଛେଦ୍ୟ ଅଙ୍ଗ । ମନୁଷ୍ୟ ଦୁଃଖରେ, ପ୍ରତିକୂଳ ପରିବେଶରେ, କାହା ବିଚ୍ଛେଦରେ, କାହାରି ଅତ୍ୟାଚାରରେ ଯେତେବେଳେ ବିଚଳିତ ହୋଇ, ବିଚାର ବୁଦ୍ଧି ଶୂନ୍ୟ ହୋଇଯାଏ, ସେ ଭାବପ୍ରବଣ ହୋଇ ଭୁଲ ବାଟରେ ଚାଲିଯିବାର ସମ୍ଭାବନା ସେତେବେଳେ ସର୍ବାଧିକ ହୁଏ । ଏପରିକି ସେ ଆବେଗର ବଶବର୍ତ୍ତୀ ହୋଇ ଉପକାରୀ ବନ୍ଧୁଙ୍କୁ ମଧ୍ୟ ଶତ୍ରୁ ବୋଲି ବିଚାରିପାରେ ।

ଏଭଳି କ୍ଷେତ୍ରରେ ଭ୍ରମାତ୍ମକ ମାର୍ଗ ଅନୁସରଣ ରୂପୀ କର୍ମରୁ ଆମକୁ ରକ୍ଷା ପାଇବାରେ ଆମର ପରମ ବନ୍ଧୁ ଧୈର୍ଯ୍ୟ । ଧୈର୍ଯ୍ୟ ଆମକୁ ବିଚଳିତ ହେବାକୁ, ହିତାହିତ ଜ୍ଞାନ ହରାଇବାକୁ ଦିଏ ନାହିଁ । ବରଂ ସହ୍ୟ ଶକ୍ତି ଦିଏ । ସ୍ଥିର ବୁଦ୍ଧି ସମ୍ପନ୍ନ କରେ ଓ ବ୍ୟକ୍ତିକୁ ଦିବ୍ୟ ଜୀବନର ଅଧିକାରୀ ହେବା କ୍ଷେତ୍ରରେ ସହାୟକ ହୋଇଥାଏ ।

ସଂସାର ପଥର ପଥିକ ମନୁଷ୍ୟ ଆଗରେ ଦୀର୍ଘ ପଥ । ସବୁ ପଥ ମସୃଣ, କୋମଳ ନୁହେଁ କି ସରଳ ମଧ୍ୟ ନୁହେଁ । ବରଂ ବାଧାବିପତ୍ତିର ଉପଳ ଖଣ୍ଡରେ କଙ୍କରିତ ପଥ, ଦୁଃଖ ଯନ୍ତ୍ରଣାରେ କବଳିତ ପଥ, ପୁଣି ବିପଦର ବନ୍ୟାରେ ପ୍ଲାବିତ ପଥ– ଯାହାକୁ ଅତିକ୍ରମ କଲାବେଳେ ବୁଡ଼ିଯିବାର ସମ୍ଭାବନା ସର୍ବାଧିକ ।

ଏ କ୍ଷେତ୍ରରେ ଧୈର୍ଯ୍ୟ ହିଁ ବିଚାର ବୃଦ୍ଧିକୁ ଡାକିଆଣେ । କାହା ସାହାଯ୍ୟରେ ଦୁଃଖର ବନ୍ୟା ସ୍ରୋତକୁ ସୁବିଧାରେ ମଣିଷ ପାରି ହୋଇପାରିବ, କେଉଁଠୁ ସୁବିଚାରର ଡଙ୍ଗା ଆସିବ, ସେ କଥା ଚିନ୍ତା କରିବାର ଶକ୍ତି ଧୈର୍ଯ୍ୟ ହିଁ ଦିଏ । ଧୈର୍ଯ୍ୟ ହିଁ କହେ ଚଞ୍ଚଳ ମନକୁ 'ଚରୈବେତି ଚରୈବେତି'– ଆଗକୁ ଚାଲ ଆଗକୁ ଚାଲ – ତୋ ଭିତରେ ପରମ ପୁରୁଷ ବିଦ୍ୟମାନ । ତୋ ସାଥିରେ ରହିଛି ତାଙ୍କର ଶକ୍ତି । ତୁ ଅମୃତର ସନ୍ତାନ । ପରମ ପୁରୁଷଙ୍କ ସନ୍ତାନ ହେତୁ ପିତୃତ୍ୱ ସମ୍ପଦରେ ତୋର ପୂର୍ଣ୍ଣ ଅଧିକାର । ସେ ସମ୍ପଦ ହେଲା ବିବେକ ଶକ୍ତି ଓ ବୁଦ୍ଧି । ତା'କୁ ବିନିଯୋଗ କର । ଯେ ନିଜକୁ ସହଯୋଗ କରି, ଆଗକୁ ଗୋଡ଼ ବଢ଼ାଏ ପରମେଶ୍ୱର ତାଙ୍କୁ ଆଗକୁ ଟାଣି ନିଅନ୍ତି । ତା' ପଥରେ ଅଜସ୍ର ଗୋଲାପ ଫୁଲ ପାଖୁଡ଼ା ବିଛେଇ ଦିଅନ୍ତି ।

କାଳେ କାଳେ ବିପଦ ଭିତରୁ ହିଁ ମନୁଷ୍ୟ ମୁକ୍ତିର ମନ୍ତ୍ର ଶିକ୍ଷାଲାଭ କରେ । ସନ୍ତର୍ପଣରେ, ଧୈର୍ଯ୍ୟର ସହ ଗତି କଲେ ସିଦ୍ଧିର ସୋପାନ ପାଖରେ ପହଞ୍ଚିବା ସମ୍ଭବ ହୁଏ, ଧୀଶକ୍ତି ପ୍ରଖର ହୁଏ, ବିବେକର ବାଣୀ ଶୁଣିବାକୁ ଚିତ୍ତ ଏକାଗ୍ର ହୁଏ । ସର୍ବୋପରି ପରମେଶ୍ୱରଙ୍କୁ ପ୍ରାଣଭରି ପ୍ରାର୍ଥନା କରିବା ପାଇଁ ଏକାଗ୍ର, ସ୍ଥିର ଚିତ୍ତ ଧୈର୍ଯ୍ୟର ହାତ ଧରି ସମର୍ପିତ ହୋଇଯାଏ । ସ୍ୱପ୍ନକୁ ସଫଳ କରିବାକୁ ହେଲେ ଜୀବନରେ ପୂର୍ଣ୍ଣତା ପାଇବାକୁ ହେଲେ, ସଫଳତା ପାଇବାକୁ ହେଲେ ଧୈର୍ଯ୍ୟ ହିଁ ଅମୋଘ ଅସ୍ତ୍ର । ଏ ଅସ୍ତ୍ର ଧ୍ୱଂସକାରୀ ନୁହେଁ କଲ୍ୟାଣକାରୀ ।

**ଓଏଫଏସ୍–୧ (ଏସ.ବି.)**
**ପୂର୍ବତନ ଡିଏଫ୍‌ଓ , ପଲାଇ,**
**ବାଲିଚନ୍ଦ୍ରପୁର,ଯାଜପୁର,**
**ମୋ– ୯୪୩୭୨୫୭୧୨**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବୁଡ଼ାଜାହାଜରେ...

ଏହା ଭାରତୀୟ ନୌସେନାର ବୁଡ଼ାଜାହାଜ କ୍ଷମତା, ଆତ୍ମନିର୍ଭର ଭାରତ ଏବଂ ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପର ଏକ ଶକ୍ତିଶାଳୀ ପ୍ରତୀକ। ଏହି ବୁଡ଼ାଜାହାଜ ସମୁଦ୍ର ତଳେ ଗୁପ୍ତ ଅପରେସନ୍, ନିରୀକ୍ଷଣ, ଗୁପ୍ତ ସୂଚନା ସଂଗ୍ରହ ଏବଂ ଶତ୍ରୁ ଜାହାଜ ଏବଂ ବୁଡ଼ାଜାହାଜ ବିରୁଦ୍ଧରେ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସକ୍ଷମ।

## 'ମନ୍ କି ବାତ'ରେ...

ଯୋଗ ଦେଇଥିଲେ ଏବଂ ପରେ ତାଙ୍କ ସମଗ୍ର ଜୀବନ ସମାଜସେବା, ବିଶେଷକରି ଆଦିବାସୀ ସମ୍ପ୍ରଦାୟର କଲ୍ୟାଣ ପାଇଁ ଉତ୍ସର୍ଗ କରିଥିଲେ। ତାଙ୍କର ପ୍ରେରଣାଦାୟକ ଜୀବନ ନୂତନ ପିଢ଼ିଙ୍କୁ ମାର୍ଗଦର୍ଶନ କରି ଚାଲିଥିବ।

ସୂଚନାଯୋଗ୍ୟ, ପାର୍ବତୀ ଗିରି ୧୯ ଜାନୁଆରି ୧୯୨୬ ଜନ୍ମ ଗ୍ରହଣ କରିଥିଲେ। ସେ ଧନଞ୍ଜୟ ଗିରିଙ୍କ ଝିଅ ଥିଲେ। ପଶ୍ଚିମ ଓଡ଼ିଶାର ମଦର ଟେରେସା ଭାବରେ ସେ ବେଶ୍ ଲୋକପ୍ରିୟ ଥିଲେ। ଜଣେ ପ୍ରମୁଖ ମହିଳା ସ୍ୱାଧୀନତା ସଂଗ୍ରାମୀ ଭାବେ ସେ ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ଏବଂ ତାଙ୍କର ବ୍ରିଟିଶ ବିରୋଧୀ କାର୍ଯ୍ୟକଳାପ ପାଇଁ ଦୁଇ ବର୍ଷ ପାଇଁ ଜେଲ୍ ଯାଇଥିଲେ।

ସ୍ୱାଧୀନତା ପରେ, ସେ ପାଇକମାଳ ଗାଁରେ ଅନାଥାଶ୍ରମ ପ୍ରତିଷ୍ଠା କରି ସମାଜ ସେବା ଜାରି ରଖିଥିଲେ। ତାଙ୍କ ଜୀବନର ବାକି ସମୟ ସେ ଅନାଥଙ୍କ କଲ୍ୟାଣ ପାଇଁ ଉତ୍ସର୍ଗ କରିଥିଲେ। ୧୭ ଅଗଷ୍ଟ ୧୯୯୫ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

## ଷଡ଼ଯନ୍ତ୍ରର...

ମନ ଶାନ୍ତ ହୋଇନଥିଲା। ଦୀପୁ ଦା' ମରିସାରିଥିବା ଜାଣି ବି ତାଙ୍କୁ ଏକ ଗଛରେ ଟାଙ୍ଗି ନିଆଁ ଲଗାଇ ଦେଇଥିଲେ ଦଙ୍ଗାକାରୀ।

ଏସବୁ ଘଟୁଥିବାର ଆମେ ଦେଖୁଥିଲୁ, ହେଲେ ଆକ୍ରମଣ ଭୟରେ କିଛି କରିପାରିନଥିଲୁ। ଜଳି ଜଳି ଦୀପୁ ଦା'ଙ୍କ ମର ଶରୀର ତଳେ ପଡ଼ିଯାଇଥିଲା। ଆଉ ହସି ଚାଲିଥିଲେ ଦଙ୍ଗାକାରୀ। ସେଠାରେ ମୁସଲିମ୍‌ଙ୍କ ସଂଖ୍ୟା ଅଧିକ ଥିଲା। ଦୀପୁ ଦା' ଧାର୍ମିକ ବ୍ୟକ୍ତିଙ୍କୁ ନିନ୍ଦା କରିନଥିବା ପ୍ରଶାସନ ସ୍ପଷ୍ଟ କରିଥିଲେ ବି କେହି ଶୁଣିନଥିଲେ। ହିନ୍ଦୁମାନଙ୍କ ପାଇଁ ସେମାନେ ଯେମିତି ରାକ୍ଷସ ପାଲଟିଯାଇଛନ୍ତି, ସେଭଳି ଅନୁଭବ ହେଉଥିଲା। ୨ ହିନ୍ଦୁ ଯୁବକଙ୍କୁ ହତ୍ୟା କରାଯିବା ପରେ ଏବେ ବାଂଲାଦେଶରେ ହିନ୍ଦୁମାନେ ଅସହାୟ ହୋଇପଡ଼ିଛନ୍ତି। ଅନେକ ଭୟରେ ଦେଶ ଛାଡ଼ିବାକୁ ନେହୁରା ହେଲେଣି। ବାଂଲାଦେଶରେ ହିନ୍ଦୁମାନଙ୍କ ଭବିଷ୍ୟତ କ'ଣ ହେବ ଏବେ ସେ ଡର ସେମାନଙ୍କ ମନରେ।

## ସମ୍ବଲପୁରରେ...

ସିଦ୍ଧିକି ଓ କନେଷ୍ଟବଳ ପରିମଳ ଓରାଓ ଅଛନ୍ତି। ଅନ୍ୟପଟେ ଏହି ଘଟଣାରେ ଅଇଁଠାପାଲି ଥାନା ପୋଲିସ ପୂର୍ବରୁ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ଅନ୍ତର୍ଗତ ଦାନୀପାଲିର ଏକ ଭଡାଘରେ ରହୁଥିବା ପ୍ରବାସୀ ଶ୍ରମିକ ମାନଙ୍କୁ ଗତ ୨୪ତାରିଖ ରାତିରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଆଧାରକାର୍ଡ ଦେଖାଇବାକୁ ବାଧ କରିଥିଲେ। ସେମାନେ ମନା କରିବାରୁ ଏହାକୁ ନେଇ ବଚସା ହୋଇଥିଲା। ଯୁବକ ମାନେ ମରଣାନ୍ତକ ଆକ୍ରମଣ କରିବାରୁ ସେକ୍ ଜୁଏଲ ରାଣା(୨୨)ଙ୍କ ମୃତ୍ୟୁ ହୋଇଥିଲା। ଏଥିସହ ସନଓ୍ୱାର ହୁସେନ(୨୬) ଓ ଆକିଓ୍ୱର ରେହମାନ(୨୦) ଗୁରୁତର ଭାବେ ଆହତ ହୋଇଥିଲେ। ଏହି ଘଟଣାରେ ଅଇଁଠାପାଲି ଥାନା ପୋଲିସ ୪୨୯/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏଥିରେ ବୁଢାରଜା ଅଞ୍ଚଳର ନରହରି ପେରେ, ମନୋଜ ସାଲିମା, ହୀରା ସାହୁ, ସଞ୍ଜୟ, ରାଜା ଓ ମାତୃବିହାରର ବିକାଶ ମହାନନ୍ଦଙ୍କୁ ପୋଲିସ ଗିରଫ କରିଛି। ତେବେ ଏହି ଘଟଣାର ଅଧିକ ତଦନ୍ତ ପାଇଁ ସମ୍ବଲପୁରକୁ ପଶ୍ଚିମବଙ୍ଗ ପୋଲିସ ଆସିବା ଘଟଣା ବିବାଦୀୟ ରୂପ ନେବାକୁ ବସିଛି।

## ଛାତ୍ରଛାତ୍ରୀଙ୍କ...

ବୃଦ୍ଧିରେ ସହାୟକ ହେଉଛି। ଆଦିବାସୀ ପିଲାମାନଙ୍କ ପାଇଁ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା କାର୍ଯ୍ୟକାରୀ ହୋଇଛି। ମାତୃଭାଷାରେ ଶିକ୍ଷା ଦିଆଯାଉଛି। ଏହିସବୁ ପଦକ୍ଷେପ ଗୁଡିକ ଯୋଗୁ ସ୍କୁଲରେ ଡ୍ରପ୍ ଆଉଟ୍ ହାର କମିବା ଆରମ୍ଭ କରିଛି। ନୂତନ ଶିକ୍ଷାନୀତିକୁ ଗ୍ରହଣ କରି ଆମ ସରକାର ରାଜ୍ୟର ୪୫ ହଜାର ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରିଛନ୍ତି। ଛୋଟ ପିଲାମାନଙ୍କର ଯନି ଏବଂ ପ୍ରାରମ୍ଭିକ ଶିକ୍ଷା ପାଇଁ ଶିଶୁ ସେବିକାଙ୍କୁ ନିଯୁକ୍ତ କରାଯିବ। ଏହାସହିତ, ଶିକ୍ଷାର୍ଥୀମାନଙ୍କୁ ଭବିଷ୍ୟତ ନିମନ୍ତେ ପ୍ରସ୍ତୁତ କରିବା ପାଇଁ ରାଜ୍ୟର ସମସ୍ତ ମାଧ୍ୟମିକ ବିଦ୍ୟାଳୟରେ ଆକାଂକ୍ଷୀ ପାଠ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ସେମାନଙ୍କୁ ପ୍ରକଳ୍ପ କାର୍ଯ୍ୟ ଆଇଟି (କୋଡିଂ) ଦକ୍ଷତା, ପୁସ୍ତକ ସମୀକ୍ଷା ଏବଂ କ୍ରୀଡା ଆଧାରିତ ଜୀବନ କୌଶଳ ଶିକ୍ଷା ଦିଆଯାଉଛି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଠାରେ କିଛି ନା କିଛି ଅନ୍ତର୍ନିହିତ ଗୁଣ ଲୁକାୟିତ ହୋଇ ରହିଛି। ସେସବୁ ପରିସ୍ଫୁଟିତ ହେବା ଦରକାର ଏବଂ ଏଥିପାଇଁ ସେମାନଙ୍କୁ ଯଦି ସଠିକ ଭିତ୍ତିଭୂମି, ସୁବିଧା ସୁଯୋଗ ଏବଂ ପ୍ରୋତ୍ସାହନ ଦିଆଯାଏ, ତେବେ ସେମାନେ ନିଜର ତଥା ସମାଜର ମଙ୍ଗଳ କରିପାରିବେ। ରାଜ୍ୟ ସରକାର ଶିକ୍ଷାକୁ ଅତ୍ୟନ୍ତ ଗୁରୁତ୍ୱର ସହିତ ନେଇଛନ୍ତି। ଚଳିତ ବଜେଟରେ ଆମ ସରକାର ରେକର୍ଡ ୪୧ ହଜାର ୨୭୩ କୋଟି ଟଙ୍କା ପ୍ରାବଧାନ କରିଛନ୍ତି। ଆପଣ ଜାଣି ଖୁସି ହେବେ ଯେ, ଚଳିତ ବଜେଟର ୧୪.୨ ପ୍ରତିଶତ ଅର୍ଥାତ୍ ରାଜ୍ୟ ଜିଡ଼ିପିର ୩.୯ ପ୍ରତିଶତ ଅର୍ଥ କେବଳ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ ହେଉଛି। ଯାହାକି ଦେଶରେ ଅଳ୍ପ କିଛି ରାଜ୍ୟ କରିବାରେ ସମର୍ଥ ହୋଇଛନ୍ତି। ଓଡିଶାରେ ମଧ୍ୟ ସବୁ ବିଭାଗରୁ ଶିକ୍ଷା ବିଭାଗରେ ଖର୍ଚ୍ଚ ସବୁଠାରୁ ଅଧିକ, ଏଥିରୁ ପ୍ରାଥମିକ ଶିକ୍ଷା କ୍ଷେତ୍ରର ଖର୍ଚ୍ଚ ହେଉଛି ସିଂହଭାଗ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି କାଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ସମାଜସେମୀ ଶୁକଦେବ ମହାନ୍ତ, ବିଦ୍ୟାଳୟର ସଭାପତି ରାମଚନ୍ଦ୍ର ମହାନ୍ତ, ସଂପାଦକ କେଳାସ ଚନ୍ଦ୍ର ସେଠୀ, ପ୍ରଧାନ ଶିକ୍ଷକ ଶ୍ରୀ ବିଶ୍ୱନାଥ ଦେହୁରୀ ଉପସ୍ଥିତ ରହିଥିଲେ।

## ପ୍ରଧାନମନ୍ତ୍ରୀଙ୍କୁ...

ମାଧ୍ୟମରେ ଓଡ଼ିଶାର ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବାରୁ ମୁଁ ପ୍ରଧାନମନ୍ତ୍ରୀଙ୍କ ପ୍ରତି ହୃଦୟର ସହିତ କୃତଜ୍ଞତା ଜଣାଉଛିଛ ସେ ତାଙ୍କ ସମଗ୍ର ଜୀବନ ଅବହେଳିତଙ୍କ କଲ୍ୟାଣ ପାଇଁ ଉତ୍ସର୍ଗ କରିଥିଲେଛ ଓଡ଼ିଶାର ଏହି 'ଅଗ୍ନିକନ୍ୟା'ଙ୍କ ଅବଦାନକୁ ସ୍ମରଣ କରିବା ସମଗ୍ର ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ଲେଖିଛନ୍ତିଛ

ପ୍ରଧାନମନ୍ତ୍ରୀ ସର୍ବଦା "ପୂଜ୍ୟପୂଜା' ପରମ୍ପରାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆସିଛନ୍ତିଛ ଦେଶର ଅନେକ ଜ୍ଞାତ ଓ ଅଜ୍ଞାତ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ଲୋକଲୋଚନକୁ ଆଣିବା ଏବଂ ସେମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ କରିବା ଦିଗରେ ତାଙ୍କର ପ୍ରୟାସ ପ୍ରଶଂସନୀୟ ବୋଲି ମୁଖ୍ୟମନ୍ତ୍ରୀ ଲେଖିଛନ୍ତିଛ

## ରଘୁରାଜପୁର...

ଆସି ଶିଳ୍ପୀମାନଙ୍କର ଅନନ୍ୟ କଳାକୃତିକୁ ଦେଖିବା ପାଇଁ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି। ରଘୁରାଜପୁରରେ ମୁଖ୍ୟ ନିର୍ବାଚନ କମିଶନର କୁନି କୁନି ନୃତ୍ୟଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଗୋଟିପୁଅ ନୃତ୍ୟ ଦେଖି ଅଭିଭୂତ ହୋଇଥିଲେ। ରଘୁରାଜପୁରରେ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଆରକ୍ଷୀ ଅଧିକ୍ଷକ ପ୍ରତୀକ କୁମାର ସିଂ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ପଟ୍ଟଚିତ୍ର ଓ ଅନ୍ୟାନ୍ୟ କଳାକୃତି ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଭୁବନେଶ୍ୱର ଫେରିବା ବାଟରେ ସେ ଧଉଳି ଶାନ୍ତିସ୍ତୁପ ଓ ପାଖରେ ଥିବା ଶିଳାଲେଖ ପରିଦର୍ଶନ କରି ବୌଦ୍ଧ ସଂସ୍କୃତି ଓ ଏହାର ଇତିହାସ ସମ୍ବନ୍ଧରେ ବୌଦ୍ଧ ସନ୍ୟାସୀଙ୍କ ଠାରୁ ଅବଗତ ହୋଇଥିଲେ। ଶାନ୍ତିସ୍ତୁପ ଉପରୁ ଭୁବନେଶ୍ୱର ସହର ଓ ଦୟା ନଦୀର ସୌନ୍ଦର୍ଯ୍ୟ ଅତୀବ ଚମତ୍କାର। ଭାରତ ଶାନ୍ତି ଓ ମୈତ୍ରୀ ପାଇଁ ସାରା ବିଶ୍ୱରେ ପରିଚିତ। ଧଉଳି ଶାନ୍ତିସ୍ତୁପରୁ ଶାନ୍ତିର ବାର୍ତ୍ତା ସମଗ୍ର ବିଶ୍ୱକୁ ଅଧିକରୁ ଅଧିକ ସମ୍ପ୍ରସାରିତ ହେଉ ବୋଲି ସେ କାମନା କରିଥିଲେ।

ଅପରାହ୍ନରେ ମୁଖ୍ୟ ନିର୍ବାଚନ କମିଶନର ଉଦୟଗିରି ପାହାଡ଼ ଓ ତା ମଧ୍ୟରେ ଥିବା ବହୁ ପୁରାତନ ଗୁମ୍ଫା ପରିଦର୍ଶନ କରିଥିଲେ। ୨୦୦୦ ହଜାର ବର୍ଷ ପୂର୍ବରୁ ଏଭଳି ସୁନ୍ଦର ଓ ନିଖୁଣ ଗୁମ୍ଫା ଓ କାରୁକାର୍ଯ୍ୟ ଆମ ପୂର୍ବପୁରୁଷମାନେ ନିର୍ମାଣ କରିପାରିଥିଲେ ତାହା ଆଶ୍ଚର୍ଯ୍ୟାନ୍ୱିତ ଓ ଗୌରବାନ୍ୱିତ କରୁଛି। ତା'ଠାରୁ ଅଧିକ ଆନନ୍ଦ ଦେଉଛି ଆମର ହଜାର ହଜାର ବର୍ଷର ସମୃଦ୍ଧ ସଂସ୍କାର ଓ ସଂସ୍କୃତି ଉଦୟଗିରି ପାହାଡ଼ରେ ଆଜି ମଧ୍ୟ ଜୀବନ୍ତ ରହିଛି ବୋଲି ସେ ଉଲ୍ଲେଖ କରିଥିଲେ। ପରେ ସେ ମୁକ୍ତେଶ୍ୱର ମନ୍ଦିର ପରିଦର୍ଶନ କରି ପ୍ରାଚୀନ କଳିଙ୍ଗ ଭାସ୍କର୍ଯ୍ୟ ଦ୍ୱାରା ପ୍ରଭାବିତ ହେବା ସହ ସପରିବାର ଦେବାଦେବୀଙ୍କ ଆଶୀର୍ବାଦ ନେଇଥିଲେ। ସୂଚନା ଯୋଗ୍ୟ ଯେ, ମୁଖ୍ୟ ନିର୍ବାଚନ କମିଶନର କୁମାରଙ୍କ ପିତା ଏକ ବଡ ଦୁର୍ଘଟଣାରେ ସମ୍ମୁଖୀନ ହୋଇଥିବାରୁ ସେ ତୃତୀୟ ଦିନର ବୁଥ ସ୍ତରୀୟ ଅଧିକାରୀଙ୍କ ସହ ବୈଠକ ସମେତ ସମସ୍ତ କାର୍ଯ୍ୟକ୍ରମକୁ ସ୍ଥଗିତ ରଖି ଜରୁରୀକାଳୀନ ଭିତ୍ତିରେ ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଜରୁରୀକାଳୀନ ଭିତ୍ତିରେ ପ୍ରତ୍ୟାବର୍ତ୍ତନ କରୁଥିବା ହେତୁ ଦୁଃଖପ୍ରକାଶ କରିବା ସହିତ ଓଡ଼ିଶାର କଳା, ସ୍ଥାପତ୍ୟ, ଆତିଥ୍ୟ, ପ୍ରାକୃତିକ ବିଭବ ତାଙ୍କୁ ବହୁତ ପ୍ରଭାବିତ କରିଛି ତେଣୁ ସେ ପୁଣିଥରେ ଓଡିଶା ନିଶ୍ଚିତଭାବରେ ଆସିବେ ବୋଲି କହିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପାଳନଙ୍କ ସହିତ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ଗୋପୀନାଥ କଅଁର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ଅନାମିକା ସିଂ, ସ୍ଥାନୀୟ ପ୍ରଶାସନ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗର ଅଧିକାରୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ସ୍ଥାନର ପରିଦର୍ଶନ ସମୟରେ ଉପସ୍ଥିତ ରହିଥିଲେ।

# ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ମାସିକ ଭତ୍ତା ବୃଦ୍ଧି

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ପାରମ୍ପରିକ କଳାକାରଙ୍କ ପାଇଁ ଖୁସିର ଖବର। ୨୦୨୫ ଶେଷ ହୋଇ ୨୦୨୬ ଆରମ୍ଭ ହେଉଥିବା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାକାର ମାନଙ୍କ ଭତ୍ତା ବୃଦ୍ଧି କରିଛନ୍ତି। ଆଜି କେନ୍ଦୁଝରର ପାର୍କଲେନ ଠାରେ ଆୟୋଜିତ ୪୮ ତମ ରାଜ୍ୟସ୍ତରୀୟ ପାଲା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଏହା ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟ କଳାକାର ଓ ସେମାନଙ୍କ ପରିବାର ବର୍ଗଙ୍କ ମଧ୍ୟରେ ଖୁସି ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି। ଓଡ଼ିଆ ଅସ୍ମିତାର ସୁରକ୍ଷା ଓ ପ୍ରଚାର ପ୍ରସାର କରୁଥିବା କଳାକାର ମାନଙ୍କ ସମ୍ମାନରେ ଏହି ଭତ୍ତା ବୃଦ୍ଧି କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କଳାକାର ମାନଙ୍କ ଭତ୍ତା ବୃଦ୍ଧି ହୋଇଛି। ଏହି ନିଷ୍ପତ୍ତି ଅନୁଯାୟୀ ୪୦ ରୁ ୮୦ ବର୍ଷ ବୟସ୍କ କଳାକାର ମାନଙ୍କ ଭତ୍ତା ମାସକୁ ୨୦୦୦ ଟଙ୍କାରୁ ୩୦୦୦ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ୮୦ ବର୍ଷରୁ ଅଧିକ ବୟସର କଳାକାର ମାନଙ୍କ ମାସିକ ଭତ୍ତା ୨୫୦୦ ଟଙ୍କାରୁ ୩୫୦୦ ଟଙ୍କାକୁ ବୃଦ୍ଧି ପାଇଛି। ଏହାଦ୍ୱାରା ରାଜ୍ୟର ୪୭,୭୦୪ ଜଣ କଳାକାର ଓ ସେମାନଙ୍କ ପରିବାର ବର୍ଗ ଉପକୃତ ହେବେ।

# ନୂଆବର୍ଷ ପୂର୍ବରୁ କୁଆଁରିଆରେ ପର୍ଯ୍ୟଟକଙ୍କ ଭିଡ

ଦଶପଲ୍ଲା, (ବ୍ୟୁ): ବର୍ଷ ର ଶେଷ ରବିବାର। ବିଦାୟ ନେବ ୨୦୨୫ ଆରମ୍ଭ ହେବ ୨୦୨୬. ତେବେ ୨୦୨୬ ବିଦାୟ ନେବାକୁ ଆଉମାତ୍ର ଦୁଇଦିନ ବାକି ଥିବା ବେଳେ ଏହାର ଅବ୍ୟବହିତ ପୂର୍ବରୁ ଦଶପଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳରେ ଦେଖିବାକୁ ମିଳିଛି ପର୍ଯ୍ୟଟକଙ୍କ ଭିଡ଼। ସ୍ଥାନୀୟ ଅଂଚଳ ସହ ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁ ପର୍ଯ୍ୟଟକ ଦଶପଲ୍ଲା କୁଆଁରିଆ ଠାରେ ପହଞ୍ଚି କୁଆଁରିଆ ମୃଗ ବିହାରରେ ଚିତା ହରିଣ ସହ କୁଆଁରିଆ ଜଳ ଭଣ୍ଡାର ଓ କୁଆଁରିଆ ପାର୍କ ଦେଖି ଏହାର ମଜା ନେଇଥିବା ବେଳେ ଭୋଜି ବାତ ସହ ନାଚ ଗୀତ ରେ ପର୍ଯ୍ୟଟକ ବିଭୋର ହୋଇ ଉଠିଥିଲେ। ବିଶେଷ ଭାବେ ଦଶପଲ୍ଲା ଉଚ୍ଚ ବିଦ୍ୟାଳୟ ର ୧୯୯୦ ମାଟ୍ରିକ ବ୍ୟାଚ ସାଙ୍ଗସାଥି ଏକାଠି ହୋଇଥିବା ବେଳେ ,ବଡମ୍ବା ଉଚ୍ଚବିଦ୍ୟାଳୟ ର ୨୦୦୫ ମାଟ୍ରିକ ବ୍ୟାଚ ,ରାଧାମୋହନ ଜୀଉ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ୧୯୯୫ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀମାନେ ସ୍ୱତନ୍ତ୍ର ଭାବେ ଏକତ୍ରିତ ହୋଇ ଉତ୍ସବ ପାଳନ କରିଥିଲେ।

# ପିସିଆର ଭ୍ୟାନକୁ ପଛରୁ ପିଟିଲା କାର : ୪ଅଟକ

ପିପିଲି, (ସବ୍ୟୁ): ପିସିଆର ଭ୍ୟାନକୁ ପଛରୁ ପିଟିଲା କାର। ପୁରୀ ପିପିଲି ସାତଶଙ୍ଖ ଫାଣ୍ଡି ଜାତୀୟ ରାଜପଥ ବ୍ରିଜ ନିକଟରେ ଭୟଙ୍କର ଦୁର୍ଘଟଣା। ଜାତୀୟ ରାଜପଥରେ ପାଟ୍ରୋଲିଂ ଭ୍ୟାନରେ ଡ୍ୟୁଟି କରୁଥିବା ବେଳେ ୩ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ବିଳମ୍ବିତ ରାତିରେ ଘଟିଛି ଦୁର୍ଘଟଣା। ଦୁର୍ଘଟଣା ଘଟାଇଥିବା କାର ଓ ୪ ଜଣଙ୍କୁ ଅଟକ ରଖିଛି ପୋଲିସ। କାରଟି ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଅତ୍ୟଧିକ ମଦ୍ୟପାନ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ପୋଲିସ ସୂଚନା ଦେଇଛି।

# ମା' ଜାଗୁଲାଇ ସରସତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବ




ବାଲିଅନ୍ତା, (ସବ୍ୟୁ): ବାଲିଅନ୍ତା ବ୍ଲକ ଅର୍ନ୍ତଗତ ଅଲାରପୁର ଗ୍ରାମରେ ଅବସ୍ଥିତ ମା' ଜାଗୁଲାଇ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ସପ୍ତଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ପ୍ରଶାନ୍ତ କୁମାର ସଓ୍ୱାଇଁ, ଓ.ଇ.ଏସ, ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ଓଡ଼ିଶା, ମୁଖ୍ୟ ବକ୍ତା ରୂପେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ଓଡ଼ିଶା ର ମହାସଚିବ ଡ.କରୁଣାକର ପ୍ରଧାନ, ସମ୍ମାନୀତ ଅତିଥି ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ରାଜଧାନୀ ପୁସ୍ତକମେଳା ର ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ ଯୋଗ ଦେଇଥିଲେ। ଗୁରୁମା ସାଗରିକା ପାଣି ଅତିଥି ପରିଚୟ ପ୍ରଦାନ କରିବା ସହ ଶିଶୁ ମନ୍ଦିର ର ସମ୍ପାଦକ କବିରାଜ ନାୟକ ମଞ୍ଚ ପରିଚାଳନା କରିଥିଲେ। ବିଜୟ କୁମାର ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଶିଶୁ ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶେଖର ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଶ୍ରେଷ୍ଠ ୩୭ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଗୁରୁମା ଲକ୍ଷ୍ମୀପ୍ରିୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଡ. ବିଜୟା ପାତ୍ରଙ୍କୁ ଏକାମ୍ର ସାହିତ୍ୟ ସମ୍ମାନ

ଭୁବନେଶ୍ୱର, (ସବ୍ୟୁ):ବରିଷ୍ଠ ଶିଶୁ ସାହିତ୍ୟିକା ଡ. ବିଜୟା ପାତ୍ର ଚଳିତ ବର୍ଷର ଏକାମ୍ର ଶିଶୁ ସାହିତ୍ୟ ସମ୍ମାନ ପାଇବେ। ସଂସଦର ପ୍ରତିଷ୍ଠାତା ଡ. ଶରତ କୁମାର ବିଶ୍ୱାଳ ଓ ସମ୍ପାଦକ ହରିପ୍ରିୟା ପଟ୍ଟନାୟକ ଏହା ଜଣାଇଛନ୍ତି। ସଂସଦର ବିଂଶତି ତମ ବାର୍ଷିକ ଉତ୍ସବରେ ଡ. ପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଏହି ଅବସରରେ ପ୍ରବୀଣ ଶିଶୁ ସାହିତ୍ୟିକ ହଂସ ନାଥ ମୁଦୁଲିଙ୍କୁ ସାରସ୍ୱତ ସନମାନ ପ୍ରଦାନ କରାଯିବ। ଏଥି ସହ ମୁରଲୀଧର ନାୟକଙ୍କୁ ଫୁଲ -ନରହରି ସ୍ମୃତି ସନମାନ, କୁଞ୍ଜ ବିହାରୀ ସାହୁଙ୍କୁ ଅନାମ -ଭୂତି ସମ୍ମାନ, ଶରତ କୁମାର ନାୟକଙ୍କୁ ସାଧୁ ଦୟାନିଧି ସମ୍ମାନ ଓ ପ୍ରଶାନ୍ତ କୁମାର ମଙ୍ଗରାଜଙ୍କୁ ଶଶୀ -ଶ୍ରୀଭୁଜ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯିବ।

# ଅଧ୍ୟକ୍ଷଙ୍କ ପିତୃବିୟୋଗ

ନୟାହାଟ,(ସବ୍ୟୁ): ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଜୟରାମ ସ୍ୱାଇଁଙ୍କ ପିତା ବିଷ୍ଣୁଚରଣ ସ୍ୱାଇଁ(୯୩)ଙ୍କର ଗତ ୨୫ ତାରିଖ ରାତି ପ୍ରାୟ ୧୦ଟାରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତ ସ୍ୱାଇଁଙ୍କର ମୃତ୍ୟୁଖବର ପ୍ରଚାରିତ ହେବା ପରେ ଆଖପାଖ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ କଦମ୍ବପାଟଣାସ୍ଥିତ ବାସଭବନରେ ପହଞ୍ଚି ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା ପରେ ପୁରୀ ସ୍ୱର୍ଗଦ୍ୱାର ଠାରେ ଅନ୍ତିମ ସଂସ୍କାର କରାଯାଇଥିଲା।

# ଛତୁମାନ ଯାଞ୍ଚ କଲେ ତଦନ୍ତକାରୀ ଟିମ



କଣାସ,(ସବ୍ୟୁ): ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ସହଯୋଗରେ କୋମଳମତି ଶିଶୁ ଓ ଗର୍ଭବତୀ ମହିଳା ମାନଙ୍କ ପାଇଁ ସୁଷମ ଖାଦ୍ୟ ଯୋଗାଇ ଦେଉଛନ୍ତି। ଖାଦ୍ୟର ମନରେ ତ୍ରୁଟି ଦେଖିଲେ ଡବଲଇଞ୍ଜିନ ସରକାରଙ୍କ ପକ୍ଷରୁ ନିଆଯାଉଛି କଡା କାର୍ଯ୍ୟାନୁଷ୍ଠାନ। ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା କଣାସ ବ୍ଲକରେ ୨୮୫ ଅଙ୍ଗନବାଡି କେନ୍ଦ୍ରର କିଶୋରୀ ବାଳିକା,ଗର୍ଭବତୀ,ପ୍ରସୁତି ,୬ମାସରୁ ୩ବର୍ଷ ଓ ୩ ବର୍ଷରୁ ୫ ବର୍ଷ ପିଲାମାନଙ୍କୁ ମାଚଣ୍ଡୀ ମହିଳା ସଙ୍ଘ ସହାୟିକା ଗୋଷ୍ଠୀ ଛତୁଆ,ମୁଢ଼ି,ସୋଲାବୁଟ,ରାଶି ଲଡୁ ,ବାଦାମ ଲଡୁ,ଖଜରା ଓ ସୁଜି ଯୋଗାଇ ଆସୁଛି। ପ୍ରତିମାସ ୨୩ ତାରିଖରେ ଛତୁଆ ପ୍ରସ୍ତୁତ କରାଯାଇ ୩୦ ତାରିଖ ମଧ୍ୟରେ ବଣ୍ଟନ କରାଯାଉଛି। ଛତୁଆ ପ୍ରସ୍ତୁତ ସମୟରେ କଣାସ ଶିଶୁ ବିକାଶ ଅଧିକାରିଣୀ ଓ କ୍ଷେତ୍ରପରିଦର୍ଶିକାମାନେ ରହି ଛତୁଆ ଓ ଅନ୍ୟାନ୍ୟ ଖାଦ୍ୟର ମାନ ଯାଞ୍ଚ କରିବା ପରେ ତାହା ପ୍ୟାକେଟ କରାଯାଏ। ହେଲେ ଚଳିତ ମାସରେ ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଛତୁଆ ଯାଞ୍ଚ ପାଇଁ ଏକ କମିଟି ଗଠନ କରାଯାଇଥିଲା। ଏଥିରେ ପୁରୀ ସଦର ବ୍ଲକର ଖାଦ୍ୟ ନିରାପତ୍ତା ଅଧିକାରିଣୀ ରଜେଶରୀ ପତି, ଭ୍ରମରବର ଜେନା,ପ୍ରୋଗ୍ରାମ ଅଫିସର ଚନ୍ଦ୍ରପ୍ରଭା ଦେଇ,ସିଡ଼ିପିଓ ସ୍ମିତା ମହାନ୍ତି,କଣାସ ମେଡିକାଲ ଡାକ୍ତର ବିଶ୍ୱରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ଛତୁଆ ଓ ଅନ୍ୟାନ୍ୟ ଖାଦ୍ୟର ଯାଞ୍ଚ କରିଥିଲେ। ତି ସହିତ ପ୍ରସ୍ତୁତ ହେଉଥିବା ଛତୁଆ ପରିବେଶକୁ ମଧ୍ୟ ଅନୁଧ୍ୟାନ କରିଥିଲେ। ଶେଷରେ ଖାଦ୍ୟର ମାନ ଠିକ ଥିବା ଓ ସିସିଟିଭି ମାଧ୍ୟମରେ ସମସ୍ତ ଖାଦ୍ୟ ପ୍ରସ୍ତୁତି ରେକର୍ଡ଼ ହେବା ଓ ସୁସ୍ଥ ପରିବେଶରେ ଖାଦ୍ୟ ପ୍ରସ୍ତୁତି ହେଉଥିବା ଯାଞ୍ଚ କମିଟିର ସଦସ୍ୟ ମାନେ କହିଥିଲେ।

# ନୀଳମାଧବଙ୍କ ପୀଠରେ ପର୍ଯ୍ୟଟକଙ୍କ ଭିଡ଼




କଣ୍ଟିଲୋ,(ସବ୍ୟୁ): ଶ୍ରୀଜଗନ୍ନାଥଙ୍କ ଆଦିପୀଠ ନୀଳମାଧବପୀଠ ରେ ରବିବାର ଦିନ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମନ୍ଦିର ସିଂହଦ୍ୱାର ଓ ପଶ୍ଚିମ ଦ୍ୱାର ରାସ୍ତା ରେ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ଅସମ୍ଭବ ଭିଡ଼ ହେତୁ ଦର୍ଶନ ସମୟରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ସହିତ ଠେଲା ପେଲା ହୋଇଥିଲା। ମନ୍ଦିର ଉପରେ ସେବାୟତମାନେ ଶୃଙ୍ଖଳିତ ଭାବେ ଦର୍ଶନ କରାଇଥିଲେ। ପର୍ଯ୍ୟଟନ ଋତୁ ଚାଲିଥିବାରୁ ନୂଆ ବର୍ଷ ପାଳନ ପାଇଁ ଏବେ ନୀଳମାଧ ପୀଠ କୁ ଦୈନିକ ହଜାର ହଜାର ଶ୍ରଦ୍ଧାଳୁଙ୍କ ଆଗମନ ହେଉଛି। ଭିଡ଼ କୁ ଦୃଷ୍ଟି ରେ ରଖି ସୁରକ୍ଷାବଳ ମୃତୟନ କରାଯାଇଛି। ତେବେ ମନ୍ଦିର ପରିସରରେ ପାନୀୟ ଜଳର ଅଭାବ ସହ ରାତିରେ ବିଦ୍ୟୁତ କାଟ ସମୟରେ ଆଲୋକ ବ୍ୟବସ୍ଥା ନଥିବାରୁ ଆସୁଥିବା ପର୍ଯ୍ୟଟକମାନେ ଅସନ୍ତୋଷ ପ୍ରକାଶ କରିବା ସହିତ ତିକ୍ତ ଅନୁଭବ ନେଇ ଫେରୁଛନ୍ତି। ସିଂହଦ୍ୱାର ପାର୍କିଂ ସ୍ଥଳ ରେ ଲାଗିଥିବା ଏଲ ଇ ଡି ଲାଇଟ ପୋଷ୍ଟ କାର୍ଯକ୍ଷମ କରାଯିବା ପାଇଁ ଦାବୀ ହେଉଛି।

# ରିଲାଏନ୍ସ ଫାଉଣ୍ଡେସନ ଛାତ୍ରବୃତ୍ତି ଫଳାଫଳ ଘୋଷଣା

ମୁମ୍ବାଇ,୨୮।୧୨: ରିଲାଏନ୍ସର ପ୍ରତିଷ୍ଠାତା ଏବଂ ପୂର୍ବ ଅଧ୍ୟକ୍ଷ ଧୀରୁଭାଇ ଅମ୍ବାନୀଙ୍କ ୯୩ତମ ଜନ୍ମବାର୍ଷିକୀ ପୂର୍ବ ସନ୍ଧ୍ୟାରେ, ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଏହାର ପ୍ରତିଷ୍ଠିତ ସ୍ନାତକ (ଅଣ୍ଡର ଗ୍ରାଜୁଏଟ) ଏବଂ ସ୍ନାତକୋତ୍ତର (ପିଜି) ଛାତ୍ରବୃତ୍ତିର ଫଳାଫଳ ଘୋଷଣା କରାଯାଇଛି। ଏହି ବର୍ଷ, ସାରା ଦେଶରୁ ୫,୦୦୦ ସ୍ନାତକ ଏବଂ ୧୦୦ ଜଣ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଛି।

ଚୟନ ହୋଇଥିବା ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏବଂ ପିଜି ଛାତ୍ରଛାତ୍ରୀମାନଙ୍କୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ମିଳିବ। ଏହି ପଦକ୍ଷେପ ୨୦୨୨ରେ ଘୋଷିତ ପ୍ରତିଶ୍ରୁତିର ଏକ ଅଂଶ, ଯାହା ଅଧୀନରେ ରିଲାଏନ୍ସ ଫାଉଣ୍ଡେସନ ୧୦ ବର୍ଷ ମଧ୍ୟରେ ୫୦,୦୦୦ ଛାତ୍ରବୃତ୍ତି ପ୍ରଦାନ କରିବ। ଏପର୍ଯ୍ୟନ୍ତ, ରିଲାଏନ୍ସ ଫାଉଣ୍ଡେସନ ୩୩,୪୭୧ ଛାତ୍ରବୃତ୍ତି ପ୍ରଦାନ କରିଛି।

୨୦୨୫-୨୬ ବ୍ୟାଚ୍ ପାଇଁ ଚୟନ ପ୍ରକ୍ରିୟା ଅତ୍ୟନ୍ତ ପ୍ରତିଯୋଗିତାମୂଳକ ଥିଲା। ୧ ଲକ୍ଷ ୨୫ ହଜାରରୁ ଅଧିକ ଆବେଦନପତ୍ର ମଧ୍ୟରୁ ମନୋନୀତ ୫,୧୦୦ ଜଣ ଛାତ୍ରଛାତ୍ରୀ ୨୮ଟି ରାଜ୍ୟ ଏବଂ ୪ଟି କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଛନ୍ତି ଏବଂ ୧୫,୫୪୪ ଶିକ୍ଷାନୁଷ୍ଠାନର ପ୍ରତିନିଧିତ୍ୱ କରୁଛନ୍ତି, ଯାହା ଏହି କାର୍ଯ୍ୟକ୍ରମର ସର୍ବଭାରତୀୟ ଉପଲବ୍ଧତାକୁ ପ୍ରତିଫଳିତ କରୁଛି।

ରିଲାଏନ୍ସ ଫାଉଣ୍ଡେସନର ମୁଖପାତ୍ର କହିଛନ୍ତି, ଭାରତର ଯୁବପିଢ଼ି ଅସାଧାରଣ ପ୍ରତିଭା ଏବଂ ଦୃଢ଼ ସଂକଳ୍ପର ଅଧିକାରୀ। ଆମର ଛାତ୍ରବୃତ୍ତି କେବଳ ଆର୍ଥିକ ସହାୟତା ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ପରାମର୍ଶ, ଦୃଢ଼ ସହକର୍ମୀ ନେଟୱାର୍କ ଏବଂ ନେତୃତ୍ୱ ବିକାଶ ସୁଯୋଗ ମଧ୍ୟ ପ୍ରଦାନ କରେଛ ଆମେ ନୂତନ ମେଧାବୀ ମାନଙ୍କୁ ପୁରୁଣା ସୀମାକୁ ଅତିକ୍ରମ କରିବା, ବଡ଼ ସ୍ୱପ୍ନ ଦେଖିବା ଏବଂ 'ବିକଶିତ ଭାରତ' ଲକ୍ଷ୍ୟ ହାସଲ କରିବାକୁ ଉତ୍ସାହିତ କରୁଛୁ।

ଚୟନିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିବିଧତା ଏବଂ ପ୍ରତିଭା ଉଭୟ ପରିଲକ୍ଷିତ ହୋଇଛି। ମୋଟ ଚୟନିତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮୩ ପ୍ରତିଶତ ଏଭଳି ପରିବାରରୁ ଆସିଛନ୍ତି ଯାହାର ବାର୍ଷିକ ଆୟ ଅଢେଇ ଲକ୍ଷ ଟଙ୍କାରୁ କମ୍ ରହିଛି। ଶିକ୍ଷାଗତ ପ୍ରଦର୍ଶନକୁ ଦେଖିବାକୁ ଗଲେ ୯୭% ସ୍ନାତକ ଛାତ୍ରଛାତ୍ରୀ ଦ୍ୱାଦଶ ଶ୍ରେଣୀରେ ୯୦ ପ୍ରତିଶତରୁ ଅଧିକ ନମ୍ବର ହାସଲ କରିଛନ୍ତି। ସ୍ନାତକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୪୮ ପ୍ରତିଶତ ଝିଅ ଏବଂ ୫୨ ପ୍ରତିଶତ ପୁଅ ରହିଛନ୍ତି। ଏହି ବର୍ଷ, ୧୪୬ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଚୟନ କରାଯାଇଛି। ୧୦୦ ଜଣ ମନୋନୀତ ପିଜି ଛାତ୍ରଛାତ୍ରୀ କୃତ୍ରିମ ବୁଦ୍ଧିମତ୍ତା, କମ୍ପ୍ୟୁଟର ବିଜ୍ଞାନ, ନବୀକରଣୀୟ ଶକ୍ତି ଏବଂ ଲାଇଫ ସାଇନ୍ସ ଭଳି ଭବିଷ୍ୟତ-ମୁଖୀ କ୍ଷେତ୍ରଗୁଡ଼ିକରେ ଅଧ୍ୟୟନ କରୁଛନ୍ତି।

ସ୍କଲାରସିପ୍ ସହିତ, ମନୋନୀତ ଛାତ୍ରଛାତ୍ରୀମାନେ ବିଶ୍ୱବ୍ୟାପୀ ପୂର୍ବରୁ ମେଧାବୃତ୍ତି ପାଇଥିବା ଛାତ୍ରଛାତ୍ରୀଙ୍କ ନେଟଓ୍ୱାର୍କ ଏବଂ ବିଶେଷଜ୍ଞମାନଙ୍କ ଦ୍ୱାରା ପରିଚାଳିତ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମରୁ ଉପକୃତ ହୋଇଥାନ୍ତି। ଅନେକ ପୂର୍ବ ମେଧାବୀ ଭାରତ ଏବଂ ବିଦେଶରେ ମର୍ଯ୍ୟାଦାଜନକ ନିଯୁକ୍ତି ପାଇଛନ୍ତି, ଗବେଷଣା କରୁଛନ୍ତି ଏବଂ ଅନ୍ତର୍ଜାତୀୟ ମଞ୍ଚରେ ଭାରତ ପାଇଁ ଗୌରବ ଆଣିଛନ୍ତି।

ସେମାନଙ୍କର ୧୭-ଅଙ୍କ ବିଶିଷ୍ଟ ଆବେଦନ ନମ୍ବର କିମ୍ବା ପଞ୍ଜିକୃତ ଇମେଲ୍ ଆଇଡି ଦେଇ ଫଳାଫଳ ଦେଖିପାରିବେ।

# ଓୟୋ ସମ୍ପତ୍ତି ମାମଲାରେ ଦିଲ୍ଲୀ ହାଇକୋର୍ଟଙ୍କ ରାୟ

ଭୁବନେଶ୍ୱର,(ସବ୍ୟୁ): ଓୟୋ ସମ୍ପତ୍ତି ମାମଲାରେ ଦିଲ୍ଲୀ ହାଇକୋର୍ଟଙ୍କ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି। ଧୋଲପଣ୍ଡାଠାରେ ସମ୍ପତ୍ତିକୁ ନେଇ ଚାଲିଥିବା ବିବାଦ ସମ୍ପର୍କରେ ଓୟୋ ହୋଟେଲ୍ସ ଦିଲ୍ଲୀ ହାଇକୋର୍ଟଙ୍କଠାରୁ ଏକ ପ୍ରତିବନ୍ଧକ ଆଦେଶ ହାସଲ କରିଛି। ମାନ୍ୟବର ହାଇକୋର୍ଟ ପରିଚାଳକ ମାନସ ରଞ୍ଜନ ଜେନାଙ୍କୁ ଓୟୋର ଉକ୍ତ ସମ୍ପତିରେ ଚାଲିଥିବା ପରିଚାଳନା ଓ କାର୍ଯ୍ୟରେ ବାଧା ସୃଷ୍ଟି ନକରିବା ଓ ହସ୍ତକ୍ଷେପ ନକରିବା ପାଇଁ ଆଦେଶ ଦେଇଛନ୍ତି। ଏଥିସହିତ ଦିଲ୍ଲୀ ହାଇକୋର୍ଟ ଓୟୋର ଟିମ୍ ଓ ପ୍ରତିନିଧିମାନଙ୍କୁ ବିନା କୌଣସି ବାଧାରେ ଉକ୍ତ ସମ୍ପତିରେ ମୁକ୍ତ ଭାବେ ପ୍ରବେଶ ଓ ପ୍ରସ୍ଥାନ କରିବା ପାଇଁ ଅନୁମତି ଦିଆଯିବା ଉଚିତ ବୋଲି ଆଦେଶ ଦେଇଛନ୍ତି। ଶୁଣାଣି ସମୟରେ ହାଇକୋର୍ଟ ଅନୁଭବ କରିଥିଲେ ଯେ, ଓୟୋ ଦ୍ୱାରା ଟର୍ମିନେଶନ ସତ୍ତ୍ୱେ ହୋଟେଲ ପରିଚାଳକ ଉକ୍ତ ସମ୍ପତ୍ତିକୁ ଖାଲି କରିବାରେ ବିଫଳ ହୋଇ ପରିଚାଳନା ଚୁକ୍ତିର ସର୍ତ୍ତଗୁଡ଼ିକୁ ଉଲ୍ଲଂଘନ କରିଛନ୍ତି। ଏହାପୂର୍ବରୁ ଓୟୋ ମାନସଙ୍କ ବିରୋଧରେ ଓୟୋ କର୍ମଚାରୀଙ୍କୁ ଅସଦାଚରଣ କରିବା ଓ ଧମକ ଦେବା ପାଇଁ ପୁରୀର ବଳିଆପଣ୍ଡା ପୋଲିସ ଷ୍ଟେସନରେ ଏକ ଏଫଆଇଆର ଦାୟର କରିଥିଲା। ଓୟୋର ନୋଡାଲ ଅଫିସର ମଧୁସୁଦନ ନାୟକଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏହି ଅଭିଯୋଗ, ଗତ ଡିସେମ୍ବର ୯ ତାରିଖ ୨୦୨୫ରେ ପୁରୀର ବଳିଆପଣ୍ଡାସ୍ଥିତ ସିପସରୁବାଲିଠାରେ ଅବସ୍ଥିତ ହୋଟେଲ ବିବି ପ୍ୟାଲେସରେ ଘଟିଥିବା ଘଟଣା ସହ ଜଡିତ।

# ତମ୍ପାଲୋ ପଞ୍ଚାୟତରେ ବିଜେପି କାର୍ଯ୍ୟକର୍ତ୍ତା ବୈଠକ

ନିମାପଡା,(ସବ୍ୟୁ): ନିମାପଡ଼ା ବ୍ଲକ ଅନ୍ତର୍ଗତ ତମ୍ପାଲୋ ପଞ୍ଚାୟତ ରେ ବିଜେପିର ଏକ କାର୍ଯ୍ୟକର୍ତ୍ତା ବୈଠକ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ବିଜେପି ମୁଖପାତ୍ର ସମୀର ରଂଜନ ଦାଶଙ୍କ ନେତୃତ୍ୱରେ ଏହି କାର୍ଯ୍ୟକର୍ତ୍ତା ବୈଠକରେ ନିମାପଡା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ବିଜେପି ନେତା ସତ୍ପେଶର ଲେଙ୍କା, ତମ୍ପାଳ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ରଚିଦାନନ୍ଦ ଖଟୋଇ ,ଗୋପ ବ୍ଲକ ଯୁବ ନେତୃତ୍ୱ ମନ୍ଦୀପ ପାଇକରାୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକ ରେ ସର୍ବ ସମ୍ମତି କ୍ରମେ ଏକ ୧୫ ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟିର ଆବାହକ ଭାବେ ଲିଙ୍ଗରାଜ ପଣ୍ଡା, ସହ ଆବାହକ ଭାବେକେଇ ଚରଣ ସାହୁ, ବଟକୃଷ୍ଣ ରାଉତ ଓ ସତ୍ୟବ୍ରତ ବେହେରାଙ୍କୁ ମନୋନିତ କରାଯାଇଛି। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ସମୀରଙ୍କ ନେତୃତ୍ୱରେ ପଞ୍ଚାୟତରେ ଦଳର ସଂଗଠନକୁ ଅଧିକ ସୁଦୃଢ଼ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୬୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮।

### ପିସିସି ପକ୍ଷରୁ ୧୪୦ ତମ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ

# ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି : ଭକ୍ତ

ଭୁବନେଶ୍ୱର,(ସବ୍ୟୁ) : ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ୧୪୦ ତମ କଂଗ୍ରେସ ପ୍ରତିଷ୍ଠା ଦିବସ ସ୍ଥାନୀୟ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି ।



ଏହି ଉପଲକ୍ଷେ ସକାଳେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଦଳୀୟ ପତାକା ଉତ୍ତୋଳନ କରି ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ।

ଶ୍ରୀ ଦାସ କହିଲେ ଯେ, ଭାରତୀୟ ଜାତୀୟ କଂଗ୍ରେସ ପ୍ରତିଷ୍ଠା ଓ ଦେଶକୁ ସ୍ୱାଧୀନ କରିବାରେ ଆମ ପୂର୍ବସୂରୀମାନଙ୍କ ଅସୀମ ତ୍ୟାଗ ଓ ସେବା ପାଇଁ ଆମେ ଆଜି ଗର୍ବ କରୁଛୁ । ବହୁ ପୂର୍ବତନ ପ୍ରଧାନମନ୍ତ୍ରୀମାନେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ନାମକୁ ଟେକ ରଖିଥିବାବେଳେ ବର୍ତ୍ତମାନ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି ଓ ମହାତ୍ମା ଗାନ୍ଧୀଙ୍କ ନାମକୁ ପ୍ରତ୍ୟେକ ସ୍ଥାନରୁ ହଟେଇବା ପାଇଁ ଚକ୍ରାନ୍ତ ଚାଲିଛି । କିନ୍ତୁ କଂଗ୍ରେସ ଦଳ ଏହାକୁ କଦାପି ବରଦାସ୍ତ କରିପାରିବ ନାହିଁ ଓ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ଦେଶବାସୀଙ୍କ ପାଇଁ ତା'ର କାର୍ଯ୍ୟ ଜାରି ରଖିବ ବୋଲି ଶ୍ରୀ ଦାସ କହିଥିଲେ । ଏହି ଅବସରରେ ସମସ୍ତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଏକଜୁଟ ହୋଇ ଦଳକୁ ସଶକ୍ତ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

କାର୍ଯ୍ୟକ୍ରମକୁ ପ୍ରଦେଶ କଂଗ୍ରେସ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ଜ୍ୟୋତିଷ କୁମାର ସାହୁ, ଏମ୍.ଡି. ସାହାଦୁଲ୍ଲା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିଧାୟକ ନେତା ରାମଚନ୍ଦ୍ର କାଡାମ୍, କଂଗ୍ରେସ ନେତୃବୃନ୍ଦ ଡ. ରାମଚନ୍ଦ୍ର ଖୁଣ୍ଟିଆ, ଶ୍ରୀକାନ୍ତ ଜେନା, ପଞ୍ଚାନନ କାନୁନଗୋ, ଜଗନ୍ନାଥ ପଟ୍ଟନାୟକ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ସସ୍ମିତା ବେହେରା, ପ୍ରକାଶ ଜେନା, ମିନାକ୍ଷୀ ବାହିନିପତି, ଲଲାଟେନ୍ଦୁ ମହାପାତ୍ର, ମନୋରଞ୍ଜନ ଦାସ, ସିଦ୍ଧାର୍ଥ ସ୍ୱରୂପ ଦାସ, ଦେବାଶିଷ ମହାପାତ୍ର, ପୃଥ୍ୱୀବଲ୍ଲଭ ପଟ୍ଟନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ବାରଙ୍ଗ ଓକିଲ ସଂଘର ସହାୟତା

ବାରଙ୍ଗ (ସବ୍ୟୁ) ବାରଙ୍ଗ ଅଞ୍ଚଳର ଜଣେ ଜଣାଶୁଣା ଓକିଲସଓ୍ୱର୍ଗତ ମନୋଜ କୁମାର ପତିଙ୍କ ରବିବାର ଦ୍ୱାଦଶ କର୍ମରେ ବାରଙ୍ଗ ଓକିଲ ସଂଘର ସଦସ୍ୟମାନେ ଯୋଗଦେଇଛନ୍ତି । ସଦସ୍ୟମାନେ ସ୍ୱର୍ଗତ ପତିଙ୍କ ବାସଭବନରେ ପହଞ୍ଚି ଉକ୍ତ ପରିବାରକୁ ସମବେଦନା ଜଣାଇବା ସହ ୫ହଜାରେ ତାଙ୍କର ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।ବାରଙ୍ଗ ଓକିଲ ସଂଘରସଭାପତି ପ୍ରଭାତ କୁମାର ଲେଙ୍କାଙ୍କ ନେତୃତ୍ୱରେ ସମ୍ପାଦକସୁବ୍ରତ ମହାପାତ୍ର, ଉପସଭାପତି କୃଷ୍ଣଚନ୍ଦ୍ର ମଲ୍ଲିକ , ସମ୍ପାଦକ ସୁବ୍ରତ କୁମାର ମହାପାତ୍ର, ସୁବର୍ଣ୍ଣ କେଶରୀ ପଣ୍ଡା, ପ୍ରଣବ କୁମାର ପୃଷ୍ଟି, ରବି ନାରାୟଣ ନାୟକ ,ରୋହନ କୁମାର ଜେନା, ବରିଷ୍ଠ ସଦସ୍ୟ ଅକ୍ଷୟ କୁମାର ପତି ପ୍ରମୁଖ ଯୋଗଦେଇଥିଲେ ।

# ଡିଏଭି ୟୁନିଟ୍-୮ ର ବାର୍ଷିକ ଉତ୍ସବ "ଉର୍ବୀ' ଉଦ୍‌ଯାପିତ

ଭୁବନେଶ୍ୱର, (ସବ୍ୟୁ): ଛାତ୍ରଛାତ୍ରୀମାନେ ଜାତୀୟ ଶିକ୍ଷା ନୀତିର ଚାରୋଟି ସ୍ତମ୍ଭ ମଧ୍ୟରୁ ମୁଖ୍ୟ ସ୍ତମ୍ଭ । ଶିକ୍ଷକଶିକ୍ଷୟିତ୍ରୀମାନେ ଈଶ୍ୱରଙ୍କ ଜୀବନ୍ତ ପ୍ରତିରୂପ ଓ ସେମାନଙ୍କ ମାର୍ଗଦର୍ଶନରେ ବିଦ୍ୟାର୍ଥୀମାନେ ବିକଶିତ ଭାରତ ଗଠନ କରିବାରେ ସକ୍ଷମ ହୋଇପାରିବେ ବୋଲି ଡିଏଭି ପବ୍ଲିକ୍ ସ୍କୁଲ ୟୁନିଟ୍-୮ର ବାର୍ଷିକ ଉତ୍ସବ "ଉର୍ବୀ'ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ରୂପେ ବରହମପୁର ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀମତୀ ଗୀତାଞ୍ଜଳି ଦାଶ ଯୋଗ ଦେଇ ମତ ବ୍ୟକ୍ତ କରିଛନ୍ତି। ଧରିତ୍ରୀ ମାତାର ସ୍ୱର ଉପରେ ପର୍ଯ୍ୟବେସିତ ଏହି କାର୍ଯ୍ୟକ୍ରମକୁ ଅତିଥିମାନେ ପବିତ୍ର ବେଦଧ୍ୱନି ଓଁକାର ଶବ୍ଦରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଉତ୍ସବରେ ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥି ଅତିଥିଗଣଙ୍କୁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଡିଏଭି ଶିକ୍ଷାନୁଷ୍ଠାନ ପ୍ରତି ଦୀର୍ଘ ୨୫ବର୍ଷ ଧରି ଅବିରତ ଓ ନିଷ୍ଠାପର ଅବଦାନ ପାଇଁ ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ପରିଚାଳନା ସମିତିର ଅଧ୍ୟକ୍ଷ ମଦନ ମୋହନ ପଣ୍ଡାଙ୍କୁ ଡିଏଭି ଅନୁଷ୍ଠାନ ସମୂହ, ଭୁବନେଶ୍ୱର ତରଫରୁ "ଲିଭିଙ୍ଗ ଲିଜେଣ୍ଡ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ଇପ୍‌ସିତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀ ଓ ଶିକ୍ଷାଦାନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିବା ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ବିଦ୍ୟାର୍ଥୀ, କୁନି ବୈଜ୍ଞାନିକ, ବିଶିଷ୍ଟ ଶିକ୍ଷାବିତ୍ ତଥା ବୈଜ୍ଞାନିକଙ୍କ ବହୁ ସୃଜନଶୀଳ ସମ୍ବଳିତ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ପତ୍ରିକା "ଟେକ୍ ଗୁଡ଼ସ୍' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ସାମୂହିକ ସଂଗୀତ "ବସୁନ୍ଧରା' , ଓଡ଼ିଶୀ ନୃତ୍ୟ ଗୌତମ ବୁଦ୍ଧ, ଅଙ୍କୁରଣ, ୧୯୩୬... ଏକ ଅଭ୍ୟୁଦୟ, ମହାଦେଶର ନୃତ୍ୟସଙ୍ଗମ, ପ୍ରକୃତିର ପଞ୍ଚ ସୋପାନ ସଞ୍ଜୀବନୀ, ଆଦିବାସୀମାନଙ୍କର ଜୀବନ ଗାଥା, ଧରିତ୍ରୀର ଡାକ, ଜୀବନରେ ରତ୍ନର ମହତ୍ତ୍ୱ, ଫ୍ୟାସନ ଶୋ ପ୍ରଭୃତି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସଭିଙ୍କୁ ଶୀତୁଆ ସନ୍ଧ୍ୟାରେ ବାନ୍ଧି ରଖିଥିଲା। କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସଭାପତି ସନ୍ତୋଷ ଉପାଧ୍ୟାୟ, ଶ୍ରୀମତୀ ଅନୁପମା ଉପାଧ୍ୟାୟ, ସନ୍ତୋଷ ଶତପଥି, ଡ. ସୁଜାତା ସାହୁ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର କମିଶନର ତଥା ସଚିବ ଡ. ଏନ୍. ଥିରୁମାଲା ନାୟକ, ହସ୍ତତନ୍ତ ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର, ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟ, ବିଭିନ୍ନ ଡିଏଭି ବିଦ୍ୟାଳୟର ଅଧ୍ୟକ୍ଷଅଧ୍ୟକ୍ଷା, ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ ଆଦି ଅତିଥି ରୂପେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷୟିତ୍ରୀ ଶ୍ରୀମତୀ ସଂଯୁକ୍ତା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



## ଯୁବ ବିଜେଡି ରାଜ୍ୟ ଉପସଭାପତି ହେଲେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା

ଖୋର୍ଦ୍ଧା, (ସବ୍ୟୁ) : ବିଜୁ ଯୁବ ଜନତା ଦଳ ର ରାଜ୍ୟ ଉପ ସଭାପତି ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ନିଯୁକ୍ତ ହୋଇଛନ୍ତି। ଗତ ୨୦୨୦ ରୁ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା କେଉଁଝର ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରି ଆସୁଛନ୍ତି ।ବହୁ ଉପ ନିର୍ବାଚନ ରେ କାର୍ଯ୍ୟ ଦକ୍ଷତା ସହ ତ୍ରିସ୍ତରୀୟ ପଂଚାୟତ ତଥା ପୌର ନିର୍ବାଚନ ରେ ଦଳୀୟ ପ୍ରାର୍ଥୀ ଙ୍କ ବିଜୟରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ଖାଡ଼ଙ୍ଗା ଜଣେ ଯୁବ ସଂଗଠକ ଭାବେ ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନ ମଣ୍ଡଳୀ ଏବଂ କେଉଁଝର ସଂଗଠନ ସହ ବିଭିନ୍ନ ଗଠନ ମୂଳକ ଓ ସାମାଜିକ କାର୍ଯ୍ୟକ୍ରମ କରୁଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ଜିଲ୍ଲା ରେ ୫୦୦୦ ୟୁନିଟ ରୁ ଉର୍ଦ୍ଧ ରକ୍ତ ସଂଗ୍ରହ, ୨ ହଜାର ରୁ ଉର୍ଦ୍ଧ ବୃକ୍ଷ ରୋପଣ, ମାସ୍କ ବଂଟନ, ପ୍ରବାସୀ ଓଡ଼ିଆଙ୍କ ମୃତଦେହ ଓଡିଶା କୁ ଆଣିବା, ଗ୍ରାମ୍ୟ ମସାଣି ର ସଫେଇ ଭଳି କାର୍ଯ୍ୟ କରି ସମାଜ ରେ ଆଦୃତ ହୋଇ ପାରିଛନ୍ତି। ଖାଡ଼ଙ୍ଗା ଜଣେ କ୍ରୀଡା ସଂଗଠକ ଭାବେ ବେସ ଜଣାଶୁଣା।

## ସେଣ୍ଟ୍ରାଲ ବ୍ୟାଙ୍କ ଅଧିକାରୀ ସଂଘର ତ୍ରୈବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର, (ସବ୍ୟୁ): ସେଣ୍ଟ୍ରାଲ ବ୍ୟାଙ୍କ ଅଧିକାରୀ ସଂଘର ତ୍ରୈବାର୍ଷିକ ସମ୍ମିଳନୀ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧିକାରୀ ସଂଘ ଅଧ୍ୟକ୍ଷ ଦାମୋଦର ନନ୍ଦ ନିମନ୍ତ୍ରିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ସଭାପତି ଅଶ୍ୱିନୀ ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଓଡ଼ିଶା ଅଧିକାରୀ ସଂଘର ସାଧାରଣ ପଦ୍ମଲୋଚନ ପଣ୍ଡା ଏବଂ ସେଣ୍ଟ୍ରାଲ ବ୍ୟାଙ୍କର ପୂର୍ବତନ ନିର୍ଦ୍ଦେଶକ ନୟନ କିଶୋର ମହାନ୍ତି ସେଣ୍ଟ୍ରାଲ ବ୍ୟାଙ୍କ ଅଫିସର ଆସୋସିଏସନର ଏକ ସୁଦୃଢ଼ ବ୍ୟାଙ୍କ ଗଢ଼ିବାରେ ଯୋଗଦାନକୁ ପ୍ରଶଂସା କରିଥିଲେ।




ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିବାବେଳେ ବିଶେଷ ନିମନ୍ତ୍ରିତ ଅତିଥିଭାବେ ବିଧାୟକ ପଦ୍ମଲୋଚନ ପଣ୍ଡା, ସମାଜସେବୀ ନୟନ କିଶୋର ମହାନ୍ତି ଓ ସେଣ୍ଟ୍ରାଲ ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ସେଣ୍ଟ୍ରାଲ ବ୍ୟାଙ୍କର ସର୍ବ ଭାରତୀୟ ସାଧାରଣ ସଂପାଦକ ଅରବିନ୍ଦ ମୀନା, ସର୍ବଭାରତୀୟ ଅଫିସର ସଂଘର ସଭାପତି ବୈଲୋଚନ ସାହୁ, ସର୍ବଭାରତୀୟ ସେଣ୍ଟ୍ରାଲ ବ୍ୟାଙ୍କ ଅଧିକାରୀ ସଂଘର ସଭାପତି କୁମାର ଶଙ୍କରାନନ୍ଦ, କୋଷାଧ୍ୟକ୍ଷ ସ୍ମିତା ପରବ, ଅଧ୍ୟକ୍ଷ ମନୋଜ ୱାଡନେକର ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ସମ୍ପାଦକ ସୌମେନ୍ଦ୍ର ସାହୁ ତ୍ରୈବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ସୁବ୍ରତ ସାସମଲ ଧନ୍ୟବାଦ ଅର୍ପଣ କରିଥିଲେ।

ମହିଳା ଶାଖାର ଅଧ୍ୟକ୍ଷା ଅନୀତା ବିନ୍ଧାନୀ ଓ ସଭାନେତ୍ରୀ ବନ୍ଦନା ଷଡ଼ଙ୍ଗୀ ପୁଷ୍ପଗୁଚ୍ଛ ଦେଇ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଦେଶଗଠନରେ ବ୍ୟାଙ୍କ ଅଧିକାରୀମାନଙ୍କ ଯୋଗଦାନର ଅବତାରଣା କରିଥିଲେ। ଏକ ବିକଶିତ ରାଷ୍ଟ୍ର ଓ ଓଡ଼ିଶାକୁ ୨୦୩୬ ସୁଦ୍ଧା ବିକଶିତ ରାଜ୍ୟ ଗଠନ କରିବାକୁ ଆହ୍ୱାନ କରିଥିଲେ। ସମ୍ମାନିତ ଅତିଥି ସର୍ବଭାରତୀୟ ଅଧିକାରୀ ସଂଘର ସାଧାରଣ ସମ୍ପାଦକ ଅରବିନ୍ଦ ମୀନା ଏବଂ ସଭାପତି କୁମାର ଶଙ୍କରାନନ୍ଦ ଅଧିକାରୀମାନଙ୍କ ବିଭିନ୍ନ ସମସ୍ୟାର ସମାଧାନରେ ଆସୋସିଏସନର ପ୍ରମୁଖ ଭୂମିକା ଉପରେ ଆଲୋକପାତ କରିଥିଲେ। ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର ଓଡ଼ିଶାର ଅଗ୍ରଗତିରେ ବ୍ୟାଙ୍କର ପ୍ରମୁଖ ଭୂମିକାର ଅବତାରଣା କରିଥିଲେ। ଅଧିକାରୀମାନେ ସହଯୋଗର ହାତ ବଢ଼ାଇବାକୁ ଅନୁରୋଧ କରିଥିଲେ। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଅଧିକାରୀଗଣ ଏହି ସମ୍ମିଳନୀରେ ଯୋଗଦେଇଥିଲେ।

## କ୍ୟାପିଟାଲ ଟୟୋଟା ପକ୍ଷରୁ ଅଫ୍ ରୋଡ ବୁଟ୍ କ୍ୟାମ୍ପ

ଫୁଲନଖରା, (ସବ୍ୟୁ):କ୍ୟାପିଟାଲ ଟୟୋଟା ପକ୍ଷରୁ ଦୁଇ ଦିନିଆ ଅଫ ରୋଡ ବୁଟ କ୍ୟାମ୍ପ ନଖରା ଜଗନ୍ନାଥପୁରସ୍ଥିତ କଲ୍ୟାଣୀ ଓମ୍ଫେଡ ଗ୍ରାଉଣ୍ଡ୍ରେ ଆରମ୍ଭ ହୋଇଛି । ଟୟୋଟା ଗ୍ରାହକ ଏବଂ ଅଟୋମୋବାଇଲ ପ୍ରେମୀମାନଙ୍କୁ ବାସ୍ତବ ଅଫ ରୋଡ ଡ୍ରାଇଭିଂ ଅଭିଜ୍ଞତା ଦେବା ଲାଗି ଏହି ଅଭିଯାନ ଆରମ୍ଭ ହୋଇଛି । ବିଶେଷକରି ଟୟୋଟା ହାଇଲକ୍ସ ଏବଂ ଫର୍ଚୁନର ଗାଡ଼ିର ବଳିଷ୍ଠତା, ବିଶ୍ୱସନୀୟତା ଏବଂ ଅତ୍ୟାଧୁନିକ ଇଞ୍ଜିନିୟରିଂ ସଂପର୍କରେ ଚାଳକମାନେ ଏହାଦ୍ୱାରା ଅବଗତ ହୋଇପାରିବେ । ପ୍ରତିକୂଳ ପରିସ୍ଥିତି ଓ ପ୍ରତିବନ୍ଧକଗୁଡ଼ିକୁ ଟପି ଏହି ଗାଡ଼ି କିଭଳି ଆଗକୁ ବଢୁଛି ତାହା ଏଠାରେ ପ୍ରଦର୍ଶନ କରାଯାଇଛି । ପ୍ରତ୍ୟହ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ ଆଜିର ଏହି କାର୍ଯ୍ୟକ୍ରମ ଆରମ୍ଭରେ ଗାର୍ଗସନ ଗ୍ରୁପ୍ର ଅଧ୍ୟକ୍ଷ ସତୀଶ ଗର୍ଗ, କ୍ୟାପିଟାଲ ଟୟୋଟାର ପରିଚାଳନା ନିର୍ଦ୍ଦେଶକ ସିଦ୍ଧାର୍ଥ ଗର୍ଗ ଏବଂ ଜେନେରାଲ ମ୍ୟାନେଜର ଚମ୍ପକ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ନୂଆ ଜୀବନ ପାଇଲେ ବୃଦ୍ଧା ସରସ୍ୱତୀ ମୁହଁରୁ ବାହାରିଲା ଦେଢ଼ କେଜିର ଟ୍ୟୁମର

କଟକ,(ସବ୍ୟୁ): କଟକ ଜିଲ୍ଲା ଟାଙ୍ଗୀ ଅଞ୍ଚଳରେ ଥିବା ଓଡ଼ିଶା ଇଏନ୍‌ଟି ଆଣ୍ଡ ହେଡ୍‌ନେକ୍ କ୍ୟାନ୍ସର ହସ୍ପିଟାଲରେ ଏକ ଅତ୍ୟନ୍ତ ଜଟିଳ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଯାଇଛି । କେନ୍ଦ୍ରାପଡ଼ା ଅଞ୍ଚଳର ସରସ୍ୱତୀ ମଲ୍ଲିକ (୬୩) ନାମକ ଜଣେ ବୃଦ୍ଧାଙ୍କ ମୁହଁରୁ ପ୍ରାୟ ଦେଢ଼ କେଜି ଓଜନର ଏକ ପାରୋଟିଡ୍ ଟ୍ୟୁମର ବାହାର କରାଯାଇଛି । ଦୀର୍ଘ ୨୦ ବର୍ଷ ଧରି ସରସ୍ୱତୀ ଏହି ସମସ୍ୟାରେ ପୀଡ଼ିତ ଥିଲେ । ପ୍ରଥମେ ଗାଲୁଆ ଭଳି ଦେଖାଯାଉଥିବା ଏହି ମାଂସପିଣ୍ଡୁଳା ଗତ ଏକ ବର୍ଷ ହେବ ଅସ୍ୱାଭାବିକ ଭାବେ ବଢ଼ିବାରେ ଲାଗିଥିଲା, ଯାହା ଫଳରେ ତାଙ୍କ ପାଇଁ ଚଳପ୍ରଚଳ ଓ ସାଧାରଣ ଜୀବନଯାପନ କଷ୍ଟକର ହୋଇପଡ଼ିଥିଲା । ଡାକ୍ତର ଶୁକମଲ ଦାସଙ୍କ ନେତୃତ୍ୱରେ ଗଠିତ ଏକ ଚାରି ଜଣିଆ ଡାକ୍ତରୀ ଦଳ ଗତ ୨୫ ତାରିଖ ଦିନ ପ୍ରାୟ ଅଢ଼େଇ ଘଣ୍ଟା ଧରି ଏହି ଜଟିଳ ଅସ୍ତ୍ରୋପଚାର କରିଥିଲେ । ଏହି ଦଳରେ ଡାକ୍ତର ନାରାୟଣ ସାହୁ, ଡାକ୍ତର ପରେଶ କୁମାର ବେହେରା ଏବଂ ଡାକ୍ତର ଅମୂଲ୍ୟ ଦାସ ସାମିଲ ଥିଲେ । ଡାକ୍ତରମାନଙ୍କ ସଠିକ୍ ପରିଚାଳନା ଯୋଗୁଁ ଅସ୍ତ୍ରୋପଚାରଟି ସଫଳ ହୋଇଛି ଏବଂ ରୋଗୀଙ୍କ କୌଣସି ପାଶ୍ୱର୍ ପ୍ରତିକ୍ରିୟା ଦେଖାଦେଇ ନାହିଁ । ଅସ୍ତ୍ରୋପଚାର ପରେ ସରସ୍ୱତୀ ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ ରବିବାର ତାଙ୍କୁ ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି । ଡାକ୍ତର ଦାସଙ୍କ କହିବା ଅନୁଯାୟୀ, ଏଭଳି ସମସ୍ୟା ବହୁତ କମ୍ ରୋଗୀଙ୍କ କ୍ଷେତ୍ରରେ ଦେଖାଯାଇଥାଏ ଏବଂ ସମୟୋଚିତ ଚିକିତ୍ସା ଦ୍ୱାରା ଏହା ସମ୍ପୂର୍ଣ୍ଣ ଭଲ ହୋଇପାରିବ । ସରସ୍ୱତୀ ଓ ତାଙ୍କ ପରିବାର ଲୋକେ ଏହି ସଫଳ ଚିକିତ୍ସା ପାଇଁ ଡାକ୍ତରୀ ଦଳକୁ କୃତଜ୍ଞତା ଜଣାଇଛନ୍ତି ।

## କୃଷି କଲେଜରେ ସାଧାରଣ ଅଧିବେଶନ

ଭୁବନେଶ୍ୱର, (ସବ୍ୟୁ): ଓୟୁଏଟି ଅଧିବେସନ କୃଷି କଲେଜ ହଲରେ ବାର୍ଷିକ ସାଧାରଣ ଅଧିବେସନ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କୃଷି କଲେଜ ଛାତ୍ର ତଥା କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ପି. ସି. ସି ଏଫ ପ୍ରେମ କୁମାର ଝା ଓ ଡିନ ପ୍ରଫେସର ବିଜୟର ମହାପାତ୍ର ସମ୍ମାନୀୟ ଅତିଥିଭାବେ ଯୋଗ ଦେଇ ମିଳିତଭାବେ ସମସ୍ତେ କୃଷି ବିଜ୍ଞାନମାନଙ୍କୁ ପ୍ରଶଂସା କରି ଓଡ଼ିଶା ଚାଷୀ ସେବାରେ ନିୟୋଜିତ ହେବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଆଲୁମନି ସଭାପତି ଗୁରୁ ପ୍ରସାଦ ତ୍ରିପାଠୀ ସାଧାରଣ ସମ୍ପାଦକ ଡ଼ଃ ସୁଶାନ୍ତ ନାୟକ ଉଭୟେ ବାର୍ଷିକ ବିବରଣୀ ଓ ଅତିଥି ଭାବେ ପରିଚୟ ଦେଇଥିଲେ। ଏଥିରେ ୫୦୦ରୁ ଉର୍ଦ୍ଧ୍ୱ ସଭ୍ୟମାନେ ଯୋଗଦେଇ ଚରିତ ବର୍ଷ ପାଇଁ କର୍ମକର୍ତା ଚୟନ କରିଥିଲେ। ଏଥିରେ ଗୁରୁ ପ୍ରସାଦ ତ୍ରିପାଠୀ, ଡଃ ସୁଶାନ୍ତ ନାୟକ ସାଧାରଣ ସମ୍ପାଦକ, ଡଃପ୍ରଶାନ୍ତ ଶତପଥି, ଡ.ଦେବ ବ୍ରତ ପାଣିଗ୍ରାହୀ, ଡଃ ନିଳଙ୍କ ଷଡ଼ଙ୍ଗୀ, ଉପସଭାପତି ଓ ପ୍ରମତ ନାୟକ କୋଷାଧ୍ୟକ୍ଷ ଭାବେ ନିର୍ବାଜିତ ହୋଇଥିଲେ। ଏଥିରେ ସ୍ମୃତି ମହାପାତ୍ର, ସୁରେଶ ମଲ୍ଲିକ ଓ ସିଦ୍ଧାର୍ଥ ଦାସକୁ ଜଏଣ୍ଟ ସେକ୍ରେଟରୀ ଭାବେ ମନୋରିତ କରାଯାଇଥିଲା। ଏହି ଅବସରରେ ଅପରାହ୍ନରେ ବୈଶ୍ୟକ କମିଟିମାନେ ବିଭିନ୍ନ କୃଷି ଆଲୋଚନା କରାଯାଇଥିଲା। ଏଥିରେ ଡଃ ପ୍ରଭାତ ଷଡ଼ଙ୍ଗୀ ଓ ବୈଜ୍ଞାନିକ ଡଃ ଦେବ ପ୍ରସାଦ ମଲ୍ଲିକ ସହାୟତା କରିଥିଲେ।




### ଅନୁଗୋଳ କିଶୋରନଗରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ

# ପ୍ରକଳ୍ପ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଅନୁଗୋଳ ଜିଲ୍ଲା ଆଠମଲ୍ଲିକ କିଶୋରନଗର ଠାରେ ଆୟୋଜିତ 'ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୫'ରେ ଯୋଗଦେବା ସହ ଅଞ୍ଚଳର ପ୍ରଗତି ପାଇଁ ୧୧୮ କୋଟି ଟଙ୍କା ମୂଲ୍ୟର ୩୬ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଏବଂ ୩୧ କୋଟି ଟଙ୍କାର ୨୨ଟି ପ୍ରକଳ୍ପର ଉଦଘାଟନ କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରାୟ ୧୫୦ କୋଟିରୁ ଅଧିକ ମୂଲ୍ୟର ଏହି ପ୍ରକଳ୍ପ ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସାମାଜିକ କଲ୍ୟାଣ ସହ ଜଡ଼ିତ ଏହି ସମସ୍ତ ପ୍ରକଳ୍ପ ସାଧାରଣ ଜନତାଙ୍କ ଜୀବନଶୈଳୀରେ ବ୍ୟାପକ ସକାରାତ୍ମକ ପରିବର୍ତ୍ତନ ଆଣିବ । ସେ କହିଥିଲେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର କୃଷି କ୍ଷେତ୍ରର ବିକାଶ ଓ ଚାଷୀଙ୍କ ଆୟକୁ ଦୁଇଗୁଣା କରିବା ପାଇଁ ସଙ୍କଳ୍ପବଦ୍ଧ ଭାବେ କାର୍ଯ୍ୟ କରୁଛନ୍ତି । ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାରଙ୍କ ସହଯୋଗରେ ଏହି ଜିଲ୍ଲାରେ ଜଳସେଚନ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରାଯିବା ସହ କୃଷିଜାତ ଦ୍ରବ୍ୟ, ଉଦ୍ୟାନ କୃଷି, ପଶୁପାଳନ, ମତ୍ସ୍ୟଚାଷ ଓ ଦୁଗ୍ଧ ଚାଷ ଭଳି ଆନୁଷାଙ୍ଗିକ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଁ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯିବ ।



ଏହି ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା-୨୦୨୫ ଅବସରରେ ଜିଲ୍ଲାର ବିକାଶ ପାଇଁ ମୋଟ ୧୪୯.୫୬ କୋଟି ଟଙ୍କାରୁ ଅଧିକ ବ୍ୟୟ ଅଟକଳରେ ୫୮ଟି ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ୧୧୮.୩୫ କୋଟି ମୂଲ୍ୟର ୩୬ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି, ଯେଉଁଥିରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ୫୦.୧୩ କୋଟିର ୫ଟି ପ୍ରକଳ୍ପ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୩.୮୦ କୋଟିର ୧୮ଟି ପ୍ରକଳ୍ପ, ଗ୍ରାମ୍ୟ ଉନ୍ନୟନ ବିଭାଗର ୫୧.୪୦ କୋଟିର ୯ଟି ପ୍ରକଳ୍ପ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ୧୦.୧୬ କୋଟିର ୨ଟି ପ୍ରକଳ୍ପ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୨.୮୬ କୋଟି ମୂଲ୍ୟର ୨ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ ରହିଛି ।

ଏହା ସହ ଜନସାଧାରଣଙ୍କ ସେବା ନିମନ୍ତେ ୩୧.୨୧ କୋଟି ବ୍ୟୟରେ ନିର୍ମିତ ୨୨ଟି ପ୍ରକଳ୍ପର ଉଦଘାଟନ ମଧ୍ୟ କରାଯାଇଛି। ଏଥିରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ୧୩.୬୩ କୋଟିର ୨ଟି ପ୍ରକଳ୍ପ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ୨.୫୪ କୋଟିର ୧୪ଟି ପ୍ରକଳ୍ପ, ଗ୍ରାମ୍ୟ ଉନ୍ନୟନ ବିଭାଗର ୩.୧୫ କୋଟିର ୧ଟି ପ୍ରକଳ୍ପ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ୩.୮୧ କୋଟିର ୧ଟି ପ୍ରକଳ୍ପ, ସ୍କୁଲ ଓ ଗଣଶିକ୍ଷା ବିଭାଗର ୭.୧୬ କୋଟିର ୨ଟି ପ୍ରକଳ୍ପ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୦.୯୨ କୋଟିର ୨ଟି ପ୍ରକଳ୍ପ ସାମିଲ ଅଛି । ଏହି ସମସ୍ତ ପ୍ରକଳ୍ପ ଅନୁଗୋଳ ଜିଲ୍ଲାର ଗମନାଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ କଲ୍ୟାଣ କ୍ଷେତ୍ରରେ ଉନ୍ନତି ଆଣିବା ସହ ସାଧାରଣ ଜନତାଙ୍କୁ ବିଶେଷ ଭାବେ ଉପକୃତ କରିବ । ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳାରେ ୨୨୯ ହିତାଧିକାରୀମାନଙ୍କୁ ସରକାରୀ ସୁବିଧା ବିତରଣ ଯାଇଥିଲା ।

## ରାଜଧାନୀରେ ଅନନ୍ୟା ମହୋତ୍ସବ ପାଳିତ

ଭୁବନେଶ୍ୱର (ସବ୍ୟୁ): ସୁନ୍ଦର ମୋ ଭାଷା ସାହିତ୍ୟ (ଅନନ୍ୟା) ଜମ୍ପରା,କେନ୍ଦୁଝରର ଚତୁର୍ଦ୍ଦଶ ଅନନ୍ୟା ମହୋତ୍ସବ ୟୁନିଟ ୧ ଭୁବନେଶ୍ୱରର ମଦର୍ଶ ପବ୍ଲିକ ସ୍କୁଲରେ ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି। ଅନନ୍ୟା ପ୍ରାଣ ପ୍ରତିଷ୍ଠାତା ତଥା ସମ୍ପାଦକ ଡଃ ନାରାୟଣ ଚନ୍ଦ୍ର ସେନାପତି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ଅନନ୍ୟା ଆଧାତ୍ମିକ ମଞ୍ଚ ସଭ୍ୟା ଏଲିଜା ଜେନା,ବିଜୟ କୁମାର ମିଶ୍ର ଓ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଡଃ କୃତିବାସ ନାୟକ,ଡଃ ସଂଗ୍ରାମ ସାମନ୍ତରାୟ ଓ ଡଃ ପ୍ରସନ୍ନ ପାଟ୍ଟଶାଣୀ ଥିଲାବେଳେ ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ବିଇଓ କମଳ ଲୋଚନ ବିଶ୍ୱାଳ ଓ ବରେଣ୍ୟ ଅତିଥି ଭାବେ ଅଧ୍ୟପିକା ପୁଷ୍ପିତା ପହି,ଆଦର୍ଶ ଶିକ୍ଷୟିତ୍ରୀ ଅପର୍ଣ୍ଣା ଦାଶ,ପ୍ରାକ୍ତନ ସହ ଜିଲ୍ଲାପାଳ ଡ଼ଃ ଅଲେଖ ପ୍ରସାଦ ମହାରଣା,ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରାଧ୍ୟାପକ ପୃଥ୍ୱୀରାଜ ପ୍ରତାପ ସିଂହ, କଳା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ,ଆଲବମ ନିର୍ଦ୍ଦେଶକ ଚନ୍ଦନ ମହାପାତ୍ର , ପ୍ଲେ ବ୍ୟାକ ସିଙ୍ଗର ଇପ୍ସିତା ସାହୁ,ସଂଗଠକ କାହ୍ନୁ ଚରଣ ପାଣିଗ୍ରାହୀ ଓ ଆଦର୍ଶ ଶିକ୍ଷୟିତ୍ରୀ ଗୌରୀ ପଣ୍ଡା ମଞ୍ଚ ମଣ୍ଡନ କରିଥିଲେ। ରାଜ୍ୟ ସଂଯୋଜିକା ଡଃ ତାନଶ୍ରୀ ପାଣିଗ୍ରାହୀଙ୍କ ୧୦୦ ରୁ ଉର୍ଦ୍ଧ୍ୱ ଯୁଗଳ ବନ୍ଦୀ ଓ ତର୍କ ଯୁଗଳ କବିତା ପାଠ କରାଯାଇ ଭାଷା ସାହିତ୍ୟରେ ଏକ ଅପୂର୍ବ ଚମକ ସୃଷ୍ଟି କରିଥିଲା ।ଏହାକୁ ଚୟନ କରି ୩ଟି ଯୁଗଳବନ୍ଦୀ ଯୋଡ଼ିଙ୍କୁ ଚୟନ କରାଯାଇଥିଲା। ୪ଟି ଅନୁଷ୍ଠାନକୁ ଉତ୍କଳ ଗଙ୍ଗା ଉପାଧି ପ୍ରଦାନ କରାଯାଇ ଥିବା ବେଳେ ୧୮୦ ରୁ ଉର୍ଦ୍ଧ୍ୱ କଳା, ସାହିତ୍ୟ, ଶିକ୍ଷା, ସଂସ୍କୃତି, ସମ୍ବାଦ ଓ ସମାଜସେବା ପ୍ରତିଭାଙ୍କୁ ମାନପତ୍ର,ଉପଢୌକନ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ୨୫ ଟି ବିଭାଗର ଆସରରେ କୃତି ୧୬୦ ପ୍ରତିଭାଙ୍କୁ ସମ୍ମାନ ସନନ୍ଦ ଅର୍ପଣ କରାଯାଇଥିଲା। ଅତିଥି ମାନଙ୍କ ସାରଗର୍ଭକ ବକ୍ତବ୍ୟ ଏକ ଗଭୀର ଆଲୋଡନ ସୃଷ୍ଟି କରିଥିବା ବେଳେ ପୁଷ୍ପଲତା ମିଶ୍ର,ଇତିଶ୍ରୀ ପତି,ରଞ୍ଜିତା ତ୍ରିପାଠୀଙ୍କ ଅଭିନୟ,କୁନି ପ୍ରତିଭା ଶିବାଂଶୀଙ୍କ ନୃତ୍ୟ,ହିତ୍ୟଶା ନାୟକ ଙ୍କ ଓଡ଼ିଶୀ,ସାଇଡିବ୍ୟା ପାଣିଗ୍ରାହୀ,ଜୟନ୍ତୀ ପ୍ରଧାନ ଓ ସାଧନା ପ୍ରଧାନଙ୍କ ଭକ୍ତି ନୈବେଦ୍ୟ ତଥା ପ୍ରତାପ କିଶୋର ରାଉତଙ୍କ ଅନନ୍ୟା ଟାଇଟଲ ସଙ୍ଗ ସଭିଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।



# ଭାରତ ଆସିନି ଉଷ୍ମାନ ହାଦୀ : ମେଘାଳୟ ପୋଲିସ

ସିଲଂ: ଛାତ୍ର ନେତା ସରିଫ ଉଷ୍ମାନ ହାଦୀ ହତ୍ୟାକାରୀ ମେଘାଳୟ ସୀମାରେ ଭାରତ ପ୍ରବେଶ କରିଯାଇଥିବା ବାଂଲାଦେଶ ପୋଲିସର ଅଭିଯୋଗକୁ ମେଘାଳୟ ସୁରକ୍ଷା ଏଜେନ୍ସୀ ରବିବାର ଖଣ୍ଡନ କରିଛନ୍ତି। ଏହାକୁ ଭ୍ରମାତ୍ମକ ଓ ନିରାଧାର ବୋଲି କୁହାଯାଇଛି। ମେଘାଳୟରେ ବିଏସଏଫ ମୁଖ୍ୟ ଇନିସପେକ୍ଟର ଜେନେରାଲ (ଆଇଜି) ଓ.ପି. ଉପାଧ୍ୟାୟ ଗଣମାଧ୍ୟମ ସାକ୍ଷାତକାରରେ ହଲୁଆଘାଟ ସେକ୍ଟରରେ କୌଣସି ବ୍ୟକ୍ତି ଅନ୍ତର୍ଜାତୀୟ ସୀମା ଅତିକ୍ରମ କରି ମେଘାଳୟରେ ପ୍ରବେଶ କରିଥିବାର କୌଣସି ପ୍ରମାଣ ନଥିବା କହିଛନ୍ତି।

ସେ କହିଛନ୍ତି ଯେ ଏପରି କୌଣସି ଘଟଣାର ସୂଚନା ନା ବିଏସଏଫ ପାଖରେ ଅଛି ନା ଏ ନେଇ କୌଣସି ରିପୋର୍ଟ ମିଳିଛି। ସେହିପରି ମେଘାଳୟର ଜନୈକ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ଯେ ଏହି କଥାକୁ ପୁଷ୍ଟି କରିବାକୁ ନା ତ କୌଣସି ସୂଚନା ଅଛି ନା ସେମାନେ ଗାରୋ ହିଲ୍ କ୍ଷେତ୍ରରେ ଥିଲେ ବୋଲି ଗୁଇନ୍ଦା ସୂଚନାରେ କୁହାଯାଇଛି। ଏହାଛଡା ସ୍ଥାନୀୟ ପୋଲିସ ମଧ୍ୟ




ଏପରି କୌଣସି ଗତିବିଦ୍ଧି ଦେଖି ନାହିଁ। ତେବେ କେନ୍ଦ୍ରୀୟ ଏଜେନ୍ସୀଙ୍କ ସହିତ ପୋଲିସର ସମନ୍ୱୟ ଜାରି ରହିଛି।ବିଏସଏଫ ଅଧିକାରୀମାନେ କହିଛନ୍ତି ଯେ ଖାସ କରି ପଡୋଶୀ ଦେଶରେ ଅସ୍ଥିରତା ଓ ଅଶାନ୍ତିକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ ସୀମାରେ ମୁତୟନ ସୁରକ୍ଷା ବଳ କୌଣସି ଅପ୍ରିୟ ଘଟଣାକୁ ରୋକିବା ଲାଗି ହାଇ ଆଲର୍ଟରେ ଅଛନ୍ତି। ପୋଲିସ ଅଧିକାରୀ କହିଛନ୍ତି ଯେ ସେକ୍ଟରରେ ସୀମା ଉପରେ ଲଗାତାର ନଜର ରଖାଯାଇଛି। ଏଣୁ ସୀମାରେ କୌଣସି ପ୍ରକାରର ଅବୈଧ ଗତିବିଦ୍ଧି ଉଦ୍ୟମକୁ ତୁରନ୍ତ ସନ୍ଧାନ ନେଇ ଏହାର ମୁକାବିଲା କରାଯିବ।

ଗାରୋ ହିଲସ୍ କ୍ଷେତ୍ର ମେଘାଳୟର ପଶ୍ଚିମ କ୍ଷେତ୍ରରେ ରହିଛି, ଯାହା ବାଂଲାଦେଶ ସହିତ ଏକ ଅନ୍ତର୍ଜାତୀୟ ସୀମା ସେୟାର କରୁଛି। ତେବେ ଏହା ସୀମା ସୁରକ୍ଷା ବଳ ଦ୍ୱାରା ସଂରକ୍ଷିତ। ଏହା ପୂର୍ବରୁ ବାଂଲାଦେଶ ପୋଲିସ ଦାବି କରିଥିଲା ଯେ ଉଷ୍ମାନ ହାଦୀ ହତ୍ୟାକାରୀ ଦେଶ ଛାଡି ମେଘାଳୟ ରାସ୍ତାରେ ଭାରତକୁ ପ୍ରବେଶ କରିଯାଇଛନ୍ତି। ରାଜଧାନୀ ଢାକାରେ ଏକ ମିଡିଆ ବ୍ରିଫିଙ୍ଗକୁ ସମ୍ବୋଧିତ କରି ମେଟ୍ରୋପଲିଟନ ପୋଲିସର ଅତିରିକ୍ତ କମିଶନର କହିଥିଲେ ଯେ ଫୈସଲ କରୀମ ମସୁଦ ଓ ଆଲମଗିର ଶେଖ ସ୍ଥାନୀୟ ସହଯୋଗୀଙ୍କ ସାହାଜ୍ୟରେ ମମୟମନସିଂହରେ ହଲୁଆଘାଟ ସୀମା ରାସ୍ତାରେ ଭାରତକୁ ପ୍ରବେଶ କରିଛନ୍ତି। ଡେଲି ଷ୍ଟାରର ଏକ ରିପୋର୍ଟ ଅନୁସାରେ ବାଂଲାଦେଶ ପୋଲିସ କହିଛି ଯେ ସନ୍ଦିଗ୍ଧ ହଲୁଆଘାଟ ସୀମା ରାସ୍ତାରେ ଭାରତରେ ପ୍ରବେଶ କରିଛନ୍ତି, ସେଠାରେ ଜଣେ ସ୍ଥାନୀୟ ସମ୍ପର୍କ ସେମାନଙ୍କୁ ସ୍ୱାଗତ କରିଥିବା ବେଳେ କାର ଯୋଗେ ମେଘାଳୟର ତୁରା ପଠେଇ ଦେଇଛନ୍ତି। ବାଂଲାଦେଶ ପୋଲିସ ଏକ ଅନୌପଚାରିକ ରିପୋର୍ଟରେ କହିଛି ଯେ ଭାରତୀୟ ସୁରକ୍ଷା ଏଜେନ୍ସୀ ସନ୍ଦିଗ୍ଧଙ୍କ ସହୟତାକାରୀଙ୍କୁ ଚିହ୍ନଟ କରିଥିବା ବେଳେ ଅଟକ ରଖିଛି। ଏଥିରେ ବାଂଲାଦେଶ ପୋଲିସ କହିଛି ଯେ ସନ୍ଦିଗ୍ଧଙ୍କୁ ଧରିବା ପାଇଁ ସକ୍ରିୟ ରୂପେ କାମ କରୁଛି। ୩୨ ବର୍ଷ ବୟସ୍କ ସରିଫ ଉଷ୍ମାନ ହାଦୀକୁ ଡିସେମ୍ବର ୧୨ ତାରିଖ ଦିନ ଢାକାରେ ନିର୍ବାଚନ ପ୍ରଚାର କାଳରେ ଗୁଳି କରାଯାଇଥିଲା। ଉନ୍ନତ ଚିକିତ୍ସା ଯୋଗାଇ ଦେବାକୁ ତାକୁ ସିଙ୍ଗାପୁର ନିଆଯାଇଥିଲା। ତେବେ ଡିସେମ୍ବର ୧୮ ତାରିଖରେ ତାର ମୃତ୍ୟୁ ହୋଇଥିଲା। ଇନକିଲାବ ମଞ୍ଚର ମୁଖପାତ୍ର ହାଦୀ ଜୁଲାଇ ୨୦୨୪ବାଂଲାଦେଶ ଛାତ୍ର ବିଦ୍ରୋହର ପ୍ରମୁଖ ଯୁବ ନେତା ଥିଲା ଓ ସେ ଶେଖ ହସିନା ସରକାର ପତନରେ ଜଣେ ମୁଖ୍ୟ ଘଟକ ଥିଲା। ଦେଶରେ ୧୨ ଫେବୃଆରୀ ୨୦୨୬ ସାଧାରଣ ନିର୍ବାଚନରେ ସେ ନିର୍ଦ୍ଦଳୀୟ ସାଂସଦ ପ୍ରାର୍ଥୀ ହେବ ବୋଲି ପ୍ରଚାର ଚଳାଇଥିଲା।

# ପିଓକେରେ ପୁଣି ସକ୍ରିୟ ହଲେ ଆତଙ୍କବାଦୀ

ନୂଆଦିଲ୍ଲୀ: ଶତ୍ରୁ ଦେଶ ପାକିସ୍ତାନ ତାର କାର୍ଯ୍ୟକଳାପରୁ ନିବୃତ୍ତ ହେଉନାହିଁ । ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ପୁଣି ଥରେ ତାଲିମ ଶିବିର ସକ୍ରିୟ ହେବାରେ ଲାଗିଛି । ଶୁକ୍ରବାର ଦିନ, ବାହାବଲପୁରରେ ଜୈଶ-ଏ-ମହମ୍ମଦ ଆତଙ୍କବାଦୀଙ୍କ ଏକ ବଡ଼ ଭିଡ଼ ଏକତ୍ରିତ ହୋଇଥିଲା । ଲସ୍କର-ଏ-ତୈବା (ଏଲଇଟି) ମଧ୍ୟ ପିଓକେରେ ଏହାର ମହିଳା ଶାଖାକୁ ସକ୍ରିୟ କରିଛି । ଅବଦୁର ରୌଫ, ରିଜୱାନ ହନିଫ, ଆବୁ ମୁସା ଇତ୍ୟାଦିଙ୍କ ସମେତ ଏହାର ସମସ୍ତ ଶୀର୍ଷ ନେତାମାନେ ପିଓକେର ମୀରପୁରରେ ବୈଠକରେ ଉଦବୋଧନ ଦେବା ପାଇଁ ଉପସ୍ଥିତ ଥିବା ସୂଚନା ରହିଛି ।

ଜୈଶ-ଏ-ମହମ୍ମଦ ଜାନୁଆରୀ ୧, ୨୦୨୬ ରୁ ପିଓକେର ମୀରପୁରରେ ଥିବା ତରବିୟା ତାଲିମ ଶିବିରର ୭ ଦିନିଆ ଗସ୍ତ ଆୟୋଜନ କରିବ । ଜୈଶ-ଏ-ମହମ୍ମଦ ଗଡ଼ି ହବିବୁଲ୍ଲା, ବାଲାକୋଟ ଇତ୍ୟାଦିରେ ଏହାର ସାର୍ବଜନୀନ ରାଲିର ଗତି ବୃଦ୍ଧି କରିଛି । ଅନେକ ଛୋଟ ପିଲା ମଧ୍ୟ ସେମାନଙ୍କର ତାଲିମ ଶିବିରରେ ସକ୍ରିୟ ଭାବରେ ଅଂଶଗ୍ରହଣ କରୁଛନ୍ତି । ଜୈଶ-ଏ-ମହମ୍ମଦ ସାର୍ବଜନୀନ ଭାବରେ ସ୍ୱୀକାର କରିଛି ଯେ କଶ୍ମୀର ଟାଇଗର୍ସ ତାଙ୍କର ଫ୍ରଣ୍ଟ ଅଟେ । ପାକିସ୍ତାନର ଅନେକ ସ୍ଥାନରେ ଏଲଇଟି



ଆତଙ୍କବାଦୀ ଶିବିର ନିର୍ମାଣ ଦ୍ରୁତ ଗତିରେ ଚାଲିଛି । ଲୋୟର ଦିରରେ ଏଲଇଟି ତାଲିମ ଶିବିର, ଜିହାଦ-ଏ-ଅକ୍ସା, ଗତ କିଛି ମାସ ଧରି କାର୍ଯ୍ୟକ୍ଷମ ହୋଇଛି । ଭାରତୀୟ ସଶସ୍ତ୍ର ବାହିନୀ ୨୨ ଏପ୍ରିଲରେ ଜମ୍ମୁ ଏବଂ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଅପରେସନ ସିନ୍ଦୂର ଆରମ୍ଭ କରିଥିଲେ । ଅପରେସନ ସିନ୍ଦୂରରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର (ପିଓକେ)ରେ ୯ଟି ପ୍ରମୁଖ ଆତଙ୍କବାଦୀ ଶିବିର ଉପରେ ସଠିକ ଆକ୍ରମଣ କରାଯାଇଥିଲା ।

ଏହି ସାମରିକ ଅଭିଯାନରେ ଜୈଶ-ଏ-ମହମ୍ମଦ (ଜେଇଏମ୍), ଲସ୍କର-ଏ-ତୈବା (ଏଲ୍ଇଟି), ଏବଂ ହିଜବୁଲ ମୁଜାହିଦ୍ଦିନ (ଏଚ୍ଏମ୍) ସହିତ ଜଡିତ ତାଲିମ ଶିବିର ଏବଂ ଲଞ୍ଚ ପ୍ୟାଡ୍ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରାଯାଇଥିଲା । ସୂତ୍ର ଅନୁସାରେ, ଏହି ଆକ୍ରମଣରେ ୮୦ ରୁ ୧୦୦ ଆତଙ୍କବାଦୀ ନିହତ ହୋଇଥିଲେ ।

# ୩୦ ବର୍ଷ ପରେ ଗାଁରେ ଜନ୍ମନେଇଛି ଶିଶୁକନ୍ୟା

ନୂଆଦିଲ୍ଲୀ: ଘରେ ଶିଶୁ ଟିଏ ଜନ୍ମ ହେଲେ ଧୂମଧାମରେ ତା'କୁ ସ୍ୱାଗତ କରାଯାଏ । ଚାରିଆଡ଼େ ଖୁସିର ମାହୋଲ ହୋଇଯାଏ । ଏହା ଏକ ସାଧାରଣ କଥା । କିନ୍ତୁ ଆପଣ ଜାଣିଛନ୍ତି କି ବିଶ୍ୱରେ ଏପରି ଏକ ଗାଁ ଅଛି ଯେଉଁ ଗାଁରେ ଦିର୍ଘ ୩୦ ବର୍ଷ ପରେ ଏକ ଶିଶୁକନ୍ୟା ଜନ୍ମ ନେଇଛି ଆଉ ପୁରା ଗାଁ କୁନି ଝିଅଟିକୁ ଖୁସି ଖୁସିରେ ସ୍ୱାଗତ କରିଛନ୍ତି । ଏହାର କାରଣ ଯେ ଯେ ଗତ ତିନି ଦଶନ୍ଧି ଧରି ଏହି ଗାଁରେ କୌଣସି ଶିଶୁ ଜନ୍ମ ହୋଇନଥିଲା ଏବଂ କେହି ଶିଶୁର କାନ୍ଦ ଶୁଣି ନଥିଲେ। ପ୍ରାୟ ୩୦ ବର୍ଷ ଅପେକ୍ଷା କରିବା ପରେ, ୨୦୨୫ ମସିହା ମାର୍ଚ୍ଚ ମାସରେ ଇଟାଲୀର ପାଗଲିଆରା ଡେଇ ମାର୍ସି ନାମକ ଏକ ଛୋଟ ଗାଁରେ ଏକ ଶିଶୁକନ୍ୟାଙ୍କ କାନ୍ଦର ଶବ୍ଦ ଶୁଣାଗଲା, ଆଉ ତାହା ଆନନ୍ଦର କାରଣ ହୋଇଗଲା। ଏହି ନବଜାତ ଶିଶୁକନ୍ୟା ସମଗ୍ର ଗାଁର ଆଖିର ତାରା ପାଲଟିଛି। ତାର ନାମ ଲାରା ବୁସି ଟ୍ରାବୁକୋ ରଖାଯାଇଛି । ଝିଅଟି ଜନ୍ମହେବା ପରେ ଏହି ଗାଁ ପୁଣି ଥରେ ଚର୍ଚ୍ଚାକୁ ଆସିଛି, କାରଣ ପ୍ରାୟ ୩୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ସେଠାରେ କୌଣସି ଶିଶୁ ଜନ୍ମ ହୋଇଥିଲା। ବହୁତ ଦିନ ଧରି, ଗାଁଟି ନୀରବତା ଏବଂ ଶୂନ୍ୟତାର ପ୍ରତୀକ ପାଲଟିଥିଲା। କାରଣ ଯୁବ ପରିବାରମାନେ କାମ ଏବଂ ଏକ ଭଲ ଜୀବନ ଖୋଜିବା ପାଇଁ ସହରକୁ ଚାଲି ଆସିଥିଲେ। ସେଠାରେ ସମସ୍ତ ସ୍କୁଲ ବନ୍ଦ ହୋଇଯାଇଥିଲା, ଏବଂ ଗାଁର ଜନସଂଖ୍ୟା ପ୍ରତିବର୍ଷ ହ୍ରାସ ପାଉଥିଲା। ଅଧିକାଂଶ ଘର ବର୍ଷସାରା ବନ୍ଦ ରହୁଥିଲା, କେବଳ ବୃଦ୍ଧମାନଙ୍କୁ ଛାଡି ଦେଲେ ଆଉ କେହି ଯୁବ ବର୍ଗର ଲୋକ ସେଠାରେ ରୁହନ୍ତି ନାହିଁ । କୁନି 'ଲାରା'ର ଜନ୍ମ ତାଙ୍କ ପିତାମାତା ଚିଞ୍ଜିଆ ଟ୍ରାବୁକୋ ଏବଂ ପାଓଲୋ ବୁସିଙ୍କ ପାଇଁ କେବଳ ଏକ ଆନନ୍ଦର ମୁହୂର୍ତ୍ତ ନଥିଲା, ବରଂ ଏହା ସମଗ୍ର ଗାଁ ପାଇଁ ଏକ ଉତ୍ସବ ଥିଲା। ଯେଉଁମାନେ ବର୍ଷ ବର୍ଷ ପୂର୍ବରୁ ଗାଁ ଛାଡି ଆସିଥିଲେ ସେମାନେ ଫେରି ଆସିଛନ୍ତି। ଲାରାଙ୍କ କାହାଣୀ ଶୁଣିବା ପରେ ବାହାର ଲୋକମାନେ ମଧ୍ୟ ସେହି ଗାଁକୁ ଆସିବା ଆରମ୍ଭ କରିଦେଇଛନ୍ତି । ଲାରାଙ୍କ ମାଆ ଗଣମାଧ୍ୟମକୁ କହିଥିଲେ, "ଯେଉଁମାନେ ଏହି ଗାଁର ନାମ ମଧ୍ୟ ଜାଣି ନଥିଲେ ସେମାନେ ଏବେ ଏଠାକୁ ଆସୁଛନ୍ତି। ମାତ୍ର ନଅ ମାସ ବୟସରେ, ଲାରା ପ୍ରସିଦ୍ଧ ହୋଇଯାଇଛି।" ଏହି ଗାଁରେ ଆଜି କେବଳ କିଛି ଡଜନ ବାସିନ୍ଦା ଅଛନ୍ତି। ଇଟାଲୀର ଅନେକ ପାର୍ବତ୍ୟ ଗ୍ରାମ ପରି, ଏହା ଜନସଂଖ୍ୟା ହ୍ରାସ ସହିତ ସଂଘର୍ଷ କରୁଛି। ନିଯୁକ୍ତି ସୁଯୋଗ କିମ୍ବା ଭଲ ପରିବହନ ସୁବିଧା ନଥିବାରୁ ଯୁବକମାନେ ସେଠାରେ ରହିବାକୁ ଅସମର୍ଥ।


# ବଙ୍କର ଭିତରେ ଲୁଚିବାକୁ ବାଧ କରିଥିଲା ଭାରତ

ଇସଲାମାବାଦ: ପାକିସ୍ତାନକୁ ଡରାଇଥିଲା ଅପରେସନ ସିନ୍ଦୂର। ଜୀବନ ବଞ୍ଚାଇବାକୁ ବଙ୍କର ଭିତରେ ଲୁଚିଥିଲା ପାକିସ୍ତାନୀ ସେନା। ସ୍ୱୀକାର କଲେ ପାକିସ୍ତାନ ରାଷ୍ଟ୍ରପତି ଆସିଫ୍ ଅଲୀ ଜରଦାରୀ।

ବଙ୍କର ଭିତରେ ଲୁଚିବାକୁ ବାଧ କରିଥିଲା ଭାରତ ୨୨ଏପ୍ରିଲରେ ରକ୍ତରେ ହୋଲି ଖେଳିଥିଲେ ଆତଙ୍କୀ। ଭାରତ ଆସି ୨୬ ନୀରିହଙ୍କ ଜୀବନ ନେଇଥିଲେ ପାକ୍ ଆତଙ୍କବାଦୀ। ବିଶ୍ୱ ଦେଖିଥିଲା ଛାତିଥରା ଘଟଣାର ଅନେକ ଦୃଶ୍ୟ। ଏହାର ଜବାବରେ ମେ' ୬-୭ତାରିଖ ରାତିରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା ଭାରତ। ପାକିସ୍ତାନ ଭିତରେ ପଶି ଆତଙ୍କବାଦୀଙ୍କୁ ଟାର୍ଗେଟ କରିଥିଲେ ଭାରତୀୟ ସେନା। ଏହି ଆକ୍ରମଣ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଥିଲା। ଏମିତି କି ପାକିସ୍ତାନ ସେନା ଜୀବନ ବଞ୍ଚାଇବାକୁ ବଙ୍କର ଭିତରେ ଲୁଚିବାକୁ ବାଧ ହୋଇଥିଲେ। ଏକଥା ନିଜେ ପାକିସ୍ତାନ ରାଷ୍ଟ୍ରପତି ଆସିଫ୍ ଅଲୀ ଜରଦାରୀ ସ୍ୱୀକାର କରିଛନ୍ତି।

ଭାରତର ଆକ୍ରମଣ ପାକିସ୍ତାନ ସେନାକୁ ଥରହର କରିଥିଲା

ଭାରତ ଆକ୍ରମଣରେ କୌଣସି କ୍ଷୟକ୍ଷତି ହୋଇଥିବା ନେଇ ପାକିସ୍ତାନ ଅସ୍ୱୀକାର କରିଆସୁଥିବା ବେଳେ ଏବେ ମୁହଁ ଖୋଲିଛନ୍ତି ରାଷ୍ଟ୍ରପତି। ଭାରତର ଆକ୍ରମଣ ପାକିସ୍ତାନ ସେନାକୁ ଥରହର କରିଥିଲା ବୋଲି ସେ



କହିଛନ୍ତି। ତାଙ୍କ କହିବା ମୁତାବକ, "ଭାରତ ଆକ୍ରମଣ କରିବା ପରେ ମୋତେ ବଙ୍କର ଭିତରକୁ ଯିବା କୁହାଗଲା। ଜୀବନ ବଞ୍ଚାଇବା ପାଇଁ ସେନା ମୋତେ ଏଭଳି କରିବାକୁ କହିଥିଲା। ହେଲେ ମୁଁ ଗଲି ନାହିଁ। ମୁଁ କହିଥିଲି, ଯଦି ସହିଦ୍ ହେବାର ଅଛି ଦେବେ ଏଇଠି ହେବି। ବଙ୍କରକୁ ଲୁଚିବାକୁ ଯିବି ନାହିଁ। ନେତାମାନେ ବଙ୍କର ଭିତରେ ନୁହେଁ, ଯୁଦ୍ଧକ୍ଷେତ୍ରରେ ସହିଦ୍ ହୁଅନ୍ତି। ପାକିସ୍ତାନ ପିପୁଲ୍ସ ପାର୍ଟିର ସବୁ କର୍ମୀ ଦେଶ ପାଇଁ ଜୀବନ ଦେବାକୁ ପ୍ରସ୍ତୁତ। ଆମେ ପଛକୁ ହଟିବୁ ନାହିଁ।"

ଗୁଳି ମାରିବାର ସାହସ ତୁମର ନାହିଁ:

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ଧମକ ଉପରେ ମଧ୍ୟ ପ୍ରତିକ୍ରିୟା ରଖିଛନ୍ତି ଜରଦାରୀ। ପାକିସ୍ତାନ ବାରମ୍ବାର ଆକ୍ରମଣ କରିବାର ଧମକ ଦେଉଥିବା ଦେଖି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, "ଶାନ୍ତିରେ ନିଜ ଖାଦ୍ୟ ଖାଅ। ନଚେତ୍ ମୋ ଗୁଳି ତୁମମାନଙ୍କ ପାଇଁ ପ୍ରସ୍ତୁତ ଅଛି।" ଏହାର ଜବାବ ଦେଇ ଜରଦାରୀ କହିଛନ୍ତି, "ତୁମେ କ'ଣ ଆମକୁ ଗୁଳି ମାରିବ। ଆମେ ତୁମକୁ ଗୁଳି ମାରିବୁ। ଆମ ଦେଶବାସୀ ବଳିଦାନ ଦେବାକୁ ପ୍ରସ୍ତୁତ ଅଛନ୍ତି। ଦେଶକୁ ବଞ୍ଚାଇବା ପାଇଁ ବନ୍ଧୁକ ଧରିବାକୁ ପ୍ରସ୍ତୁତ ଅଛନ୍ତି। ଭାରତ ଆମଠାରୁ ୧୦ଗୁଣ ଅଧିକ ଧନୀ ହୋଇଥାଇପାରେ। ହେଲେ ଗୁଳି ମାରିବାର ସାହସ କୋଉଠୁ ଆଣିବ। ଆମେ କୋଉ ଦେଶ ସହ ଲଢ଼ିବାକୁ ଚାହୁଁନାହୁଁ। ହେଲେ ଆମ ସହ ଲଢ଼ିଲେ ଆମେ କାହାକୁ ଛାଡ଼ିବୁ ନାହିଁ। ଆମ ସେନା ସେମାନଙ୍କୁ ଜବାବ ଦେବ।"

# ଅପରେସନ ସିନ୍ଦୂରରେ ୫୦୦ ପାକିସ୍ତାନୀ ମରିଥିଲେ !

ନୂଆଦିଲ୍ଲୀ: ପାକିସ୍ତାନ ବୈଦେଶିକ ମନ୍ତ୍ରୀ ଇସାକ ଦାରଙ୍କ ବୟାନ ସମ୍ପର୍କରେ ଭାରତର ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) କେଜେଏସ୍ ଢିଲୋନ୍ କହିଛନ୍ତି ଯେ ଅପରେସନ ସିନ୍ଦୂରରେ ଅତିକମରେ ୫୦୦ ପାକିସ୍ତାନୀ ପ୍ରାଣ ହରେଇଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଇସାକ ଦାର ଜଣେ ପୁରୁଣା ମିଛୁଆ, କିନ୍ତୁ ଶେଷରେ ସେ ସତ କଥା କହିଛନ୍ତି । ସେ କହିଛନ୍ତି, ପାକିସ୍ତାନର ସମା ଟିଭି ୱେବସାଇଟ୍ ୧୪ ଅଗଷ୍ଟ ୨୦୨୫ରେ ଅପରେସନ ସିନ୍ଦୁର ସମୟରେ ଭାରତୀୟ କାର୍ଯ୍ୟାନୁଷ୍ଠାନରେ ପ୍ରାଣ ହରାଇଥିବା ୧୩୮ ବୀରତ୍ୱ ପୁରସ୍କାର ବିଜେତାଙ୍କ ନାମ ପ୍ରକାଶ କରିଥିଲା। ଏହି ପୁରସ୍କାରଗୁଡ଼ିକ ସେମାନଙ୍କୁ ମରଣୋତ୍ତର ଭାବରେ ପ୍ରଦାନ କରାଯାଇଥିଲା। କେଜେଏସ ଢିଲୋନ୍ କହିଛନ୍ତି ଯେ ଯଦି ୧୩୮ ଜଣଙ୍କୁ ମରଣୋତ୍ତର ଭାବରେ ପୁରସ୍କୃତ କରାଯାଇଥିଲା, ତେବେ ଏହାର ଅର୍ଥ ହେଉଛି ଅପରେସନ ସିନ୍ଦୁର ସମୟରେ ସାମରିକ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଅତି କମରେ ୪୦୦ରୁ ୫୦୦ ପାକିସ୍ତାନୀ ମୃତ୍ୟୁବରଣ କରିଥିଲେ । ତାଙ୍କ ପକ୍ଷରୁ କିଛି ଲୋକ ସାମାନ୍ୟ ଆହତ ହୋଇଥିବା କହିବା ବାସ୍ତବତା ସହିତ ମେଳ ଖାଉନାହିଁ । ଭାରତର ଆକ୍ରମଣ ପରେ ନୂର ଖାନ ବାୟୁସେନା ଘାଟିରେ ନିଆଁ ଲାଗିଥିଲା। ଭିଡିଓଗୁଡ଼ିକ ପାକିସ୍ତାନୀ ନାଗରିକଙ୍କ ଦ୍ୱାରା ଜାରି କରାଯାଇଥିଲା। ସେମାନଙ୍କର ସମସ୍ତ ଏଗାରଟି ବାୟୁସେନା ଘାଟି ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିଲା। ଆମେ କ୍ଷତିର ବିଭିନ୍ନ ଫଟୋ ଏବଂ ଭିଡିଓ ଦେଖାଇଛୁ, କିନ୍ତୁ ସେମାନେ ସେମାନଙ୍କର ମିଛ କହିବା ଜାରି ରଖିଛନ୍ତି।"

# ବିଦେଶୀ କୋର୍ଟରେ ହୋଇପାରିବ ଛାଡପତ୍ର ଶୁଣାଣି : କୋଲକାତା ହାଇକୋର୍ଟ

କୋଲକାତା: ବିବାହ ବିଚ୍ଛେଦ ସମ୍ପର୍କି ଏକ ମାମଲାରେ କୋଲକାତା ହାଇକୋର୍ଟ ଐତିହାସିକ ରାୟ ଦେଇଛନ୍ତି। କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଆଇନ ବ୍ୟାଖ୍ୟା କରି ସ୍ପଷ୍ଟ କରିଛନ୍ତି ଯେ ଯଦି ପତି ଅଥବା ପତ୍ନୀଙ୍କ ମଧ୍ୟରୁ କେହି ବି ବିଦେଶରେ ରହୁଛନ୍ତି, ସେମାନଙ୍କ ବିବାହ ଭାରତରେ ସମ୍ପନ୍ନ ହୋଇଥିଲେ ବି ବିଦେଶୀ କୋର୍ଟରେ ଛାଡପତ୍ର ମାମଲାର ଶୁଣାଣି ହୋଇ ପାରିବ। କୋର୍ଟ କହିଛନ୍ତି ଯେ ଭାରତୀୟ ଆଇନ ଅନୁସାରେ ଏହି ପ୍ରକ୍ରିୟାରେ କୌଣସି ବାଧା ନାହିଁ। ହାଇକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ସବ୍ୟସାଚୀ ଭଟ୍ଟାଚାର୍ଯ୍ୟ ଓ ଜଷ୍ଟିସ୍ ସୁପ୍ରତିମ ଭଟ୍ଟାଚାର୍ଯ୍ୟଙ୍କ ଖଣ୍ଡପୀଠ ଏହି ନିଷ୍ପତ୍ତି ଶୁଣାଇଛନ୍ତି। ଖଣ୍ଡପୀଠ ଏକ ଏପରି ମାମଲାରେ ଏହି ରାୟ ଦେଇଛନ୍ତି ଯେଉଁଥିରେ ଆଇନର କ୍ଷେତ୍ରାଧିକାରକୁ ନେଇ ବିବାଦ ଉପୁଜିଥିଲା। ଉଲ୍ଲେଖଯୋଗ୍ୟ ଯେ ଏକ ଦମ୍ପତିଙ୍କ ବିବାହ ୧୫ ଡିସେମ୍ବର ୨୦୧୮ ରେ ହିନ୍ଦୁ ରୀତିନୀତିରେ କୋଲକାତାରେ ସମ୍ପନ୍ନ ହୋଇଥିଲା। ତେବେ ୪ ଡିସେମ୍ବର ୨୦୨୪ରେ ପତି କୋଲକାତାର ଅଲିପୁର କୋର୍ଟରେ ଛାଡପତ୍ର ନିବେଦନ ଦାଖଲ କରିଥିଲେ। ଏହାର କିଛି ସମୟ ପରେ ପତ୍ନୀ ବ୍ରିଟେନର ଏକ କୋର୍ଟରେ ଛାଡପତ୍ର ଓ ଭରଣପୋଷଣ ମାମଲା ରୁଜୁ କରିଥିଲେ। ପତ୍ନୀଙ୍କ ତର୍କ ଥିଲା ସେ ୨୦୧୫ରେ ଛାତ୍ର ଓ ପରେ ୱାର୍କ ଭିସାରେ ବ୍ରିଟେନରେ ବସବାସ କରୁଛନ୍ତି ଓ ପତି-ପତ୍ନୀ ଭାବେ ସେମାନଙ୍କ ଶେଷ ଠିକଣା ମଧ୍ୟ ବ୍ରିଟେନ ଥିଲା। ବ୍ରିଟିଶ କୋର୍ଟ ମେ ୨୦୨୫ରେ ପତିଙ୍କୁ ଭରଣ-ପୋଷଣ ଦେବାକୁ ଆଦେଶ ଦେଇଥିଲା। ହେଲେ ଅଲିପୁରର ନିମ୍ନ କୋର୍ଟ ଏହି ଆଦେଶ ଉପରେ ରୋକ ଲଗାଇ ଦେଇଥିଲେ। ଯେହେତୁ ପତି-ପତ୍ନୀ ପ୍ରଥମେ ଭାରତରେ ମାମଲା ରୁଜୁ କରିଥିଲେ ଓ ପତ୍ନୀଙ୍କର ବ୍ରିଟେନରେ ସ୍ଥାୟୀ ନାଗରିକତା ନାହିଁ ଏଣୁ ମାମଲା ବିଦେଶୀ କୋର୍ଟଙ୍କ ଅଧିକାର କ୍ଷେତ୍ରର ନୁହେଁ ବୋଲି କହି ବ୍ରିଟେନ କୋର୍ଟର ଆଦେଶକୁ ଓଲଟାଇ ଦେଇଥିଲେ। ଏଥିରେ ମାମଲା ହାଇକୋର୍ଟକୁ ପହଞ୍ଚିବା ପରେ କୋର୍ଟ ଜାଣିବାକୁ ପାଇଲେ ପତି ସ୍ୱୟଂ ବ୍ରିଟେନ କୋର୍ଟରେ ତାଙ୍କର ସାକ୍ଷ ଓ ପ୍ରମାଣ ଉପସ୍ଥାପନ କରିଥିଲେ। ଏଣୁ ସେ ସେଠାକାର ଆଇନଗତ ପ୍ରକ୍ରିୟାରେ ସେ ସାମିଲ ଥିବା ସ୍ପଷ୍ଟ ହୋଇଛି ବୋଲି କୋର୍ଟ କହିଛନ୍ତି। ଏହା ବ୍ୟତୀତ ହାଇକୋର୍ଟ ପତିଙ୍କ ସେହି ତର୍କକୁ ଖାରଜ କରିଦେଇଛନ୍ତି ଯେଉଁଥିରେ କୁହାଯାଇଥିଲା ବ୍ରିଟେନରେ ଛାଡପତ୍ରର ଆଧାର (ବିବାହ ସମ୍ପୂର୍ଣ୍ଣ ଭାଙ୍ଗିଯିବା) ଭାରତୀୟ ଆଇନ ଅନୁସାରେ ମାନ୍ୟ ନୁହେଁ। ଏଣୁ ହାଇକୋର୍ଟ ସୁପ୍ରିମକୋର୍ଟଙ୍କ ଏକ ପୁରୁଣା ରାୟର ଉଦାହରଣ ଦେଇ କହିଛନ୍ତି ଯେ ଯଦି ବୈବାହିକ ସମ୍ପର୍କ ସେହି ସ୍ତର ପର୍ଯ୍ୟନ୍ତ ବିଗିଡି ଯାଏ ଯେଉଁଥିରେ ସୁଧାର ସମ୍ଭବ ନ ହୁଏ ତେବେ ଏହାକୁ କ୍ରୁରତା ସହ ସମାନ ମନେ କରାଯିବ ଓ ଏହି ଆଧାରରେ ବିବାହ ବିଚ୍ଛେଦ ସମ୍ଭବ। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯଦ୍ୟାପି ହିନ୍ଦୁ ବିବାହ ଆଇନରେ ଜିଲ୍ଲା କୋର୍ଟର ଅର୍ଥ ଭାରତୀୟ କୋର୍ଟ ସହ ରହିଛି ତେବେ ବୈଶ୍ୱିକ ପରିପ୍ରେକ୍ଷରେ ବିଦେଶ କୋର୍ଟଙ୍କ ରାୟ ଉପରେ ପୂର୍ଣ୍ଣ କଟକଣା ଲଗା ଯାଇ ପାରିବନି।

# ୩୦ ଘଣ୍ଟାରେ ଅନୁଭୂତ ହେଲାଣି ୨୪ ଥର କମ୍ପନ : ବଡ଼ ଭୂମିକମ୍ପ ଚେତାବନୀ

କଚ୍ଛ : ଗୁଜରାଟ କଚ୍ଛ କ୍ଷେତ୍ରରେ ପୁଣି ଥରେ ପ୍ରକୋପ କରିଛି ପ୍ରକୃତି। ୨୬ ଡିସେମ୍ବର ଶୁକ୍ରବାର ପ୍ରତ୍ୟୁଷରେ ଯେତେବେଳେ ସାରା ଦେଶ ସୁପ୍ତ ଥିଲା ଅଚାନକ ମାଟି କମ୍ପିବାକୁ ଲାଗିଥିଲା। ରିକ୍ଟର ସ୍କେଲରେ ଏହି କମ୍ପନର ତୀବ୍ରତା ୪.୬ ଥିଲା। ଏଥି ଯୋଗୁ ସେପରି ବଡ଼ ଧରଣର କୌଣସି କ୍ଷୟକ୍ଷତି ହୋଇ ନଥିଲେ ମଧ୍ୟ ୨୦୦୧ର ସେହି ଭୟାନକ ଭୂମିକମ୍ପ ସ୍ମୃତିକୁ ତାଜା କରିଦେଇଛି। ଶୁକ୍ରବାର ସକାଳର କମ୍ପନ ପରେ ଏ ପର୍ଯ୍ୟନ୍ତ ୨୩ଥର ପରବର୍ତ୍ତି କମ୍ପନ ଅନୁଭୂତ ହେଲାଣି। ଏବେ ଭୂମିକମ୍ପ ଚିନ୍ତାର କାରଣ ନୁହେଁ ବରଂ ଏହା ପରେ ମାଟି ତଳେ ହେଉଥିବା ପରିବର୍ତ୍ତନ ବୈଜ୍ଞାନିକଙ୍କୁ ଆଶ୍ଚର୍ଯ୍ୟ କରିଛି। ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ କଚ୍ଛ ତଳେ ଏପରି ୩ଟି ଫଲ୍ଟ ଲାଇନ ସକ୍ରିୟ ହୋଇଯାଇଛି ଯାହା କୌଣସି ମୁହୂର୍ତ୍ତରେ ବଡ଼ ବିନାଶକୁ ଡାକିଆଣିପାରେ। ଟାଇମ୍ସ ଅଫ ଇଣ୍ଡିଆ ରିପୋର୍ଟ ଅନୁସାରେ ଶୁକ୍ରବାର ଭୋର ଭୂମିକମ୍ପ ପରେ ଏପର୍ଯ୍ୟନ୍ତ ୨୩ ଥର 'ଆଫ୍ଟର ସକ୍' ବା ପରବର୍ତ୍ତି କମ୍ପନ ହେଲାଣି। ଏହି କମ୍ପନ ନର୍ଥ ୱାଗଡ ଫଲ୍ଟରୁ ସୃଷ୍ଟି ହେଉଛି, ଯାହାକୁ ଅଞ୍ଚଳର ସକ୍ରିୟ ଭାଗ ମନେ କରାଯାଏ। ବୈଜ୍ଞାନିକଙ୍କ କହିବା କଥା ହେଉଛି ଏହି କମ୍ପନ ମାଟି ତଳେ ହେଉଥିବା ପରିବର୍ତ୍ତନ ଆଡକୁ ଇଶାରା କରୁଛି। ତେବେ ଆଶ୍ୱସ୍ତିର କଥା ଯାହା ଏହି ଛୋଟଛୋଟ କମ୍ପନ ଯୋଗୁ ମାଟି ତଳେ ଜମି ଥିବା ଶକ୍ତି ଧିରେ ଧିରେ ବାହାରକୁ ବାହାରି ଆସୁଛି। ଏଣୁ ନିକଟ ଭବିଷ୍ୟତରେ ସେପରି ବଡ଼ ଧରଣର ଭୂମିକମ୍ପ ବିପଦ ନାହିଁ ବୋଲି ଅନୁମାନ କରାଯାଉଛି। ହେଲେ ଏପରି ହେବନି ବୋଲି ମଧ୍ୟ ଶତ ପ୍ରତିଶତ ଗ୍ୟାରେଣ୍ଟି ଦେଇ ହେବନି ବୋଲି ବୈଜ୍ଞାନିକ କହୁଛନ୍ତି। କଚ୍ଛ ୟୁନିଭର୍ସିଟିର ଜିଓ ସାଇନ୍ସ ବିଭାଗ ପ୍ରଫେସର ଗୌରବ ଚୌହାନଙ୍କ ଅନୁସାରେ ଏଥରର ମାମଲା ପୂର୍ବ ମାମଲା ଠାରୁ ଭିନ୍ନ। କଚ୍ଛ ୧୦ରୁ ଅଧିକ ଫଲ୍ଟ ଲାଇନ ଉପରେ ଅବସ୍ଥିତ ଏକ ଅଞ୍ଚଳ। ହେଲେ ଏବେକା ତଥ୍ୟରୁ ଜଣାପଡୁଛି କଥରୋଲ ହିଲ, ଗୋରା ଡୋଙ୍ଗର ଓ ନର୍ଥ ୱାଗଡ ଫଲ୍ଟ ଲାଇନ ଏକାଠି ସକ୍ରିୟ ହୋଇଛି। ୨୦୨୫ ବର୍ଷ ଆରମ୍ଭରୁ ଏହି ୩ ଲାଇନରେ ହଲଚଲ ଦେଖାଯାଇ ଆସୁଛି, ଯାହା ଏକ ଗୁରୁତର ସଂକେତ ହୋଇ ପାରେ। ଏହି ଫଲ୍ଟ ଲାଇନମାନଙ୍କରେ ଏତେ ଶକ୍ତି ରହିଛି ଯେ ଏଥିରେ ଯଦି କୌଣସି ବଡ଼ ପରିବର୍ତ୍ତନ ହୁଏ ଏହାର ପ୍ରଭାବ କେବଳ ଗୁଜରାଟ ନୁହେଁ ସମ୍ପୂର୍ଣ୍ଣ ପଶ୍ଚିମ ଭାରତ ଉପରେ ପଡିବ। ୨୦୦୧ ମସିହାରେ ହୋଇଥିବା ୭.୭ ତୀବ୍ରତାର ଭୂମିକମ୍ପ ଏବେ ବି ଲୋକଙ୍କ ମନରୁ ଲିଭିନି। ସେତେବେଳେ କଚ୍ଛରେ ମେନଲ୍ୟାଣ୍ଡ ଫଲ୍ଟ ଭାଙ୍ଗି ଯାଇଥିଲା ,ହେଲେ ଏବେ ବିପଦ ନୂଆ ଅଞ୍ଚଳକୁ ସିଫ୍ଟ ହୋଇଯାଇଛି। ଏଣୁ ବୈଜ୍ଞାନିକମାନେ ଏହି ଭୂମିକମ୍ପକୁ ଶେଷ ସତର୍କତା ଭାବେ ଗ୍ରହଣ କରିବାକୁ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। କଡା ବିଲ୍ଡିଂ ନିର୍ମାଣ ନିୟମ ଓ ମକ ଡ୍ରିଲ ମାଧ୍ୟମରେ ଆମେ ବଡ଼ ଧରଣର କ୍ଷତିରୁ ବର୍ତ୍ତି ଯାଇ ପାରିବା। କଚ୍ଛ ମାଟି ତଳେ ଶୋଇଥିବା ୩ ଦାନବ କେବେ କଡ଼ ଲେଉଟାଇବେ ତାହା କେହି ଜାଣେନା। ଏଣୁ ସାବଧାନତା ହିଁ ଏକ ମାତ୍ର ସୁରକ୍ଷା ବୋଲି କୁହାଯାଇଛି।

# ନୋଏଡାରେ ଖୋଲିବ ଦେଶର ପ୍ରଥମ ଏଆଇ କ୍ଲିନିକ୍

ନୂଆଦିଲ୍ଲୀ: ନୋଏଡାସ୍ଥିତ ଗଭର୍ଣ୍ଣମେଣ୍ଟ ଇନିଷ୍ଟେଟ୍ୟୁଟ ଅଫ ମେଡିକାଲ ସାଇନ୍ସ (ଜିମସ୍) ରେ ଜାନୁୟାରୀ ୨ ତାରିଖ ଦିନ ଦେଶର ପ୍ରଥମ କୃତ୍ରିମ ବୁଦ୍ଧିମତା (ଏଆଇ) କ୍ଲିନିକ୍ ଆରମ୍ଭ ହେବାକୁ ଯାଉଛି। ଏହି କ୍ଲିନିକ୍ ସେଣ୍ଟର ଫର ମେଡିକାଲ ଇନୋଭେସନ ଅଧିନରେ କାମ କରିବ ଓ ସ୍ୱାସ୍ଥ୍ୟ ସେବାରେ ଆଧୁନିକ ଟେକ୍ନୋଲଜିର ମଞ୍ଚ ବନିବ। ଏହି ପଦକ୍ଷେପର ଉଦ୍ଦେଶ୍ୟ ଡାକ୍ତର ଓ ହେଲଥ୍ ଟେକ୍ ଷ୍ଟାର୍ଟଅପଙ୍କୁ ଏକାଠି ଆଣିବା। ଯାହାଦ୍ୱାରା ମେଡିକାଲ ଆଧାରିତ ଏଆଇ ସମାଧାନକୁ ହସ୍ପିଟାଲର ବାସ୍ତବିକ ପରିବେଶରେ ପରଖାଯିବା ସହ ଲାଗୁ କରାଯିବ।

ଏହି ପ୍ରୋଜେକ୍ଟରେ ଆଇଆଇଟି କାନପୁର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏହି ସଂସ୍ଥା ବୈଷୟିକ ମାର୍ଗଦର୍ଶନ ସହ ଶିକ୍ଷଣ ସହଯୋଗ ଓ ଷ୍ଟାର୍ଟଅପସ ଲାଗି ଇନକ୍ୟୁବେସନ ସପୋର୍ଟ କରିବ। ଏହାଦ୍ୱାରା ରିସର୍ଚ୍ଚ, ଟେକ୍ନୋଲଜି ଓ ହେଲଥ କେୟାର ମଧ୍ୟରେ ମଜଭୁତ ତାଳ ମେଳ ତିଆରି ହେବ। ଇଚ୍ଛୁକ ଷ୍ଟାର୍ଟଅପ ଓ ଇନୋଭେଟର୍ସଙ୍କ ଲାଗି ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି। ଜିମସ୍ ସିଏମଇ ସିଇଓ ଡା. ରାହୁଲ ସିଂହଙ୍କ ଅନୁସାରେ ଏହି ଏଆଇ କ୍ଲିନିକର ସଞ୍ଚାଳନ ଦେଶ ଓ ବିଦେଶର ଅନୁଭବୀ ଡାକ୍ତରଙ୍କ ଦେଖରେଖରେ ହେବ। ଏଥିରେ ଲଣ୍ଡନର ଡା. ଶିବା କୁମାର, ଚଣ୍ଡିଗଡ଼ର ଡା. ହର୍ଷ ଭୟାନଙ୍କ ସହିତ ଡା. ଦୀପ୍ତି ରୁଗ୍ ଓ ଡା. ଅର୍ଚ୍ଚନା ଆଦି ସାମିଲ ଅଛନ୍ତି। ସରକାରୀ ହସ୍ପିଟାଲରୁ ଆରମ୍ଭ ହେଉଥିବା ଦେଶର ପ୍ରଥମ ଏଆଇ କ୍ଲିନିକ୍ ସବୁ ମାସରେ ଡାକ୍ତର ଓ ଷ୍ଟାର୍ଟଅପଙ୍କ ମଧ୍ୟରେ ସହଯୋଗ ଗତିବିଦ୍ଧି, ବାସ୍ତବିକ୍ ରୋଗୀ ଓ ହସ୍ପିଟାଲରେ ଏଆଇ ଟେକନିକ୍ ର ପରୀକ୍ଷଣ ଏବଂ ଉପଯୋଗର ସ୍ୱଚ୍ଛ ପ୍ରକ୍ରିୟା। ରୋଗୀଙ୍କ ସୁରକ୍ଷା, ତଥ୍ୟର କୋପନୀୟତା ଓ ନୈତିକ ଏଆଇ ଉପଯୋଗ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏହି କ୍ଲିନିକ୍ ନା କେବଳ ଟେକ୍ନୋଲୋଜିକୁ ପ୍ରୋତ୍ସାହିତ କରିବ ବରଂ ଭବିଷ୍ୟତର ସ୍ୱାସ୍ଥ୍ୟ ସେବାକୁ ଉନ୍ନତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ସାବ୍ୟସ୍ତ ହୋଇପାରେ।

# 'ବିକାଶ ରାଜନୀତି କରନ୍ତି ନାହିଁ ରାହୁଲ : ଅମିତ ଶାହ

ନୂଆଦିଲ୍ଲୀ: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କଂଗ୍ରେସ ସାଂସଦ ଏବଂ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଉପରେ କଠୋର ଆକ୍ରମଣ କରିଛନ୍ତି। ଗୁଜରାଟର ଏକ କାର୍ଯ୍ୟକ୍ରମରେ ଶାହ କହିଛନ୍ତି ଯେ ରାହୁଲ ଗାନ୍ଧୀ କେବେ ବିକାଶ ରାଜନୀତି କରନ୍ତି ନାହିଁ ଏବଂ ସର୍ବଦା ସେ ସାଧାରଣ ପ୍ରସଙ୍ଗରୁ ଦୂରେଇ ରହନ୍ତି। କଂଗ୍ରେସ ମୋଦି ସରକାରଙ୍କ ପ୍ରତ୍ୟେକ ପଦକ୍ଷେପକୁ ବିରୋଧ କରିଛି। ଗୃହମନ୍ତ୍ରୀ କହିଛନ୍ତି ଯେ ସେ ଏକ ଅଜବ ପ୍ରଶ୍ନ ପଚାରିଛନ୍ତି: "ଆମେ ସବୁବେଳେ ନିର୍ବାଚନ କାହିଁକି ହାରୁ?" "ମୁଁ ତାଙ୍କୁ କହିଲି ଯେ ମୋର ଆପଣଙ୍କ ନିକଟରେ ଏହା ଅନୁରୋଧ ଯେ ଆପଣ ଯଦି ଏହି ଦୁଇଟି କାରଣ ବୁଝିଯାଆନ୍ତୁ ତେବେ ଆପଣ ଏହା ମଧ୍ୟ ବୁଝିପାରିବେ ଯେ କଂଗ୍ରେସ ନିର୍ବାଚନ କାହିଁକି ହାରେ।" ମୋଦିଙ୍କ ସରକାର ଖୋଜି ବାହାର କରିଦେଇଛି ଏବଂ ତାହା ପୁଣି ବିନା କୌଣସି ଆନ୍ଦୋଳନରେ। ଶାହ



ଶାହା କହିଛନ୍ତି ଯେ ୧୯୭୩ ରେ ଯେଉଁମାନଙ୍କୁ ଆପଣ ଭାରତ ଆଣିଥିଲେ, ସେମାନଙ୍କୁ ଆଜି କହିଛନ୍ତି, "ରାହୁଲ ବାବା, ଆପଣ ଏବେଠାରୁ ହାରିବାରୁ ଥକ୍କନ୍ତୁ ନାହିଁ। ବଙ୍ଗଳା ଏବଂ ତାମିଲନାଡୁରେ ପରାଜୟ ନିଶ୍ଚିତ, ଏବଂ ୨୦୨୯ ରେ, ବିଜେପି ପୁଣି ଥରେ ମୋଦିଙ୍କ ନେତୃତ୍ୱରେ ସରକାର ଗଠନ କରିବ। ଏହାର କାରଣ ହେଉଛି ଆମ ଦଳର ନୀତି, ଯାହା ସହିତ ଜନସାଧାରଣ ଜଡିତ ହୋଇଛନ୍ତି।" ଆମେ ରାମ ମନ୍ଦିର ନିର୍ମାଣ କଲୁ, ଆପଣ ପ୍ରତିବାଦ କଲେ। ଆମେ ପାକିସ୍ତାନ ଉପରେ ସର୍ଜିକାଲ୍ ଷ୍ଟ୍ରାଇକ୍ କଲୁ, ଆପଣ ପ୍ରତିବାଦ କଲେ।

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର ଅହମଦାବାଦରେ ଜାତୀୟ ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ଏହି ସମୟରେ, ସେ କହିଥିଲେ ଯେ ଏହି ୧୧ ବର୍ଷ ମଧ୍ୟରେ, ଏକ ସାମଗ୍ରିକ ଆଭିମୁଖ୍ୟ ସହିତ ଏକ ବିଶାଳ ସ୍ୱାସ୍ଥ୍ୟ ଇକୋସିଷ୍ଟମ ସୃଷ୍ଟି କରିବାର ପ୍ରୟାସ କରାଯାଇଛି। ଆମେ ପ୍ରଥମେ ସ୍ୱଚ୍ଛ ଭାରତ ମିଶନ ଆରମ୍ଭ କରିଥିଲୁ ଏବଂ ପ୍ରତ୍ୟେକ ଘରେ ଶୌଚାଳୟ ନିର୍ମାଣ ପାଇଁ ଏକ ଅଭିଯାନ ଆରମ୍ଭ କରିଥିଲୁ। ଯଦି ସହର, ଗାଁ ଏବଂ ସହର ସଫା ହୋଇଯାଏ ଏବଂ ଆଖପାଖ ସଫା ରହେ, ତେବେ ଅନେକ ରୋଗ ସୃଷ୍ଟି ହେବାରୁ ରୋକାଯାଇପାରିବ।

ସେ କହିଥିଲେ ଯେ ସ୍ୱଚ୍ଛ ଭାରତ ମିଶନରେ, ଆମେ ପ୍ରତ୍ୟେକ ଘରେ ଶୌଚାଳୟ ନିର୍ମାଣର ମିଶନ ହାତକୁ ନେଇଥିଲୁ ଏବଂ ସ୍ୱଚ୍ଛ ଭାରତ ଅଭିଯାନରେ ମଧ୍ୟ ଅଂଶଗ୍ରହଣ କରିଥିଲୁ। ଏହା ପରେ, ଫିଟ୍ ଇଣ୍ଡିଆ ଅସ୍ତିତ୍ୱ ପାଇଲା। ଯଦି ଆପଣ ଆପଣଙ୍କର ଅଭ୍ୟାସକୁ ଉନ୍ନତ କରନ୍ତି, ତେବେ ଅନେକ କାର୍ଯ୍ୟ ସଫଳ ହେବ।

# ନିରଜ ଚୋପ୍ରାଙ୍କ ରିସେପ୍ସନ୍‌ରେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୨୮।୧୨(ଏଜେନ୍ସି) : ବିବାହର ବର୍ଷକ ପରେ ନିରଜ ଚୋପ୍ରା ରିସେପ୍ସନ୍ ଭୋଜି ଦେଇଛନ୍ତି। ସେ ୨୦୨୫ ଜାନୁଆରୀ ମାସରେ ହିମାନିମୋରଙ୍କୁ ବିବାହ କରିଥିଲେ। ଏବେ ଦିଲ୍ଲୀର ଲିଲା ପ୍ୟାଲେସରେ ବିବାହ ରିସେପ୍ସନ୍ ଆୟୋଜିତ ହୋଇଛି। ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇଥିଲେ। ଶୁକ୍ରବାର କର୍ଣ୍ଣାଲରେ ହୋଇଥିବା ରିସେପ୍ସନ୍‌ରେ ହରିୟାଣା ମୁଖ୍ୟମନ୍ତ୍ରୀ ନୟାବ ସାଇନି ଯୋଗ ଦେଇଥିବା ବେଳେ ଦିଲ୍ଲୀରେ ହୋଇଥିବା ରିସେପସନ୍‌ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ ବହୁ ସେଲିବ୍ରିଟି ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ନବଦମ୍ପତିଙ୍କୁ ଆର୍ଶୀବାଦ କରିବା ସହ ସେମାନଙ୍କୁ ପ୍ରଭୁ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ଉପହାରରେ ଦେଇଥିଲେ। ଗୃହମନ୍ତ୍ରୀ ଅମିତ ଶାହ , ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ, ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ଅନେକ ପ୍ରମୁଖ ବ୍ୟକ୍ତି ମଧ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ଥିଲା। ନିରଜ ନିଜେ ଅତିଥିଙ୍କୁ ନିମନ୍ତ୍ରଣ କରିଥିଲେ। ଏହି ପାର୍ଟିରେ ମୋଟ ଦେଢଶହ ଜଣ ଭିଆଇପିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ନୂଆଦିଲ୍ଲୀର ସପ୍ତମ ଲୋକକଲ୍ୟାଣ ମାର୍ଗରେ ଥିବା ବାସଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିରଜ ଓ ହିମାନି ଭେଟିଥିଲେ। ସୋସିଆଲ ମିଡିଆରେ ପ୍ରଧାନମନ୍ତ୍ରୀଙ୍କ ସହ ଫଟୋ ମଧ୍ୟ ଭାଇରାଲ ହୋଇଥିଲା।

ନିରଜଙ୍କ ପତ୍ନୀ ହିମାନି ପୂର୍ବରୁ ଟେନିସ୍ ଖେଳୁଥିଲେ। ନ୍ୟୁହମ୍ପସ୍ୟାରର ଫ୍ରାଙ୍କଲିନ ପିୟର୍ସ ବିଶ୍ୱ ବିଦ୍ୟାଳରୁ କ୍ରୀଡା ପରିଚାଳନାରେ ଡିଗ୍ରୀ ହାସଲ କରିଛନ୍ତି। ସେ ଦିଲ୍ଲୀର ରିମାଣ୍ଡ ହାଉସରୁ ରାଜନୀତି ବିଜ୍ଞାନ ଏବଂ ଶାରୀରିକ ଶିକ୍ଷା ମଧ୍ୟ ଅଧ୍ୟୟନ କରିଛନ୍ତି। ନିରଜ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରଥମ ଭାରତୀୟ ଆଥଲେଟ୍। ସେ ଟୋକିଓ ଅଲିମ୍ପିକ୍ ୨୦୨୦ରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ମଧ୍ୟ ରୌପ୍ୟ ପଦକ ଜିତିଥିଲେ। କେବଳ ଏତିକି ନୁହେଁ ନିରଜ ଡାଇମଣ୍ଡ ଲିଗ୍‌ରେ ନିଜର ଚମକ ଦେଖାଇ ସ୍ୱର୍ଣ୍ଣ ହାତେଇ ଥିଲେ।

# ତ୍ରିରଙ୍ଗା ଧରିବାରୁ ପାକ୍ ଖେଳାଳି ବାସନ୍ଦ




ନୂଆଦିଲ୍ଲୀ, ୧୮।୧୨(ଏଜେନ୍ସି) : ଜଣେ ପାକିସ୍ତାନୀ ଖେଳାଳି ଜର୍ସି ପିନ୍ଧିବା ସହ ହାତରେ ତ୍ରିରଙ୍ଗା ଧରିଥିବାରୁ ତାଙ୍କୁ ଅନିଶ୍ଚିତ କାଳ ପାଇଁ ବାସନ୍ଦ କରାଯାଇଛି। ପାକିସ୍ତାନର କବାଡି ଖେଳାଳି ଉବାଇ ଦୁଲା ରାଜପୁତଙ୍କ ଉପରେ ଏଭଳି କଡା କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବାହାରିନରେ ଖେଳାଯାଇଥିବା ଏକ ଟୁର୍ଣ୍ଣାମେଣ୍ଟରେ ରାଜପୁତ ଭାରତୀୟ ଜର୍ସି ପରିଧାନ କରିଥିଲେ। ଯେଉଁଥି ପାଇଁ ତାଙ୍କୁ ଏପରି ଦଣ୍ଡ ମିଳିଛି। ବାହାରିନରେ ଏକ କବାଡି ପ୍ରତିଯୋଗିତା ଥିଲା। ଏଥିରେ ରାଜପୁତ ଭାଗ ନେଇଥିଲେ। ସେ ନିଜ ଦେଶର କବାଡି ଫେଡେରେସନରୁ ଅନୁମତି ନନେଇ ଦେଶ ବାହାରେ ଖେଳିଥିଲେ। ଏପରିକି ସେ ଭାରତୀୟ ଜର୍ସି ପିନ୍ଧିଥିଲେ। ତ୍ରିରଙ୍ଗା ପତାକା ମଧ୍ୟ ଧରିଥିଲେ। ଯାହାର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

# ବୈଭବ ସୂର୍ଯ୍ୟବଂଶୀ ଅଧିନାୟକ

ନୂଆଦିଲ୍ଲୀ, ୨୮।୧୨ (ଏଜେନ୍ସି) : ୧୯ ବର୍ଷରୁ କମ୍ ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଦେଇଛି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ। ଜାନୁଆରୀ ୧୫ ରୁ ଫେବୃଆରୀ ୬ ତାରିଖ ମଧ୍ୟରେ ୧୯ ବର୍ଷରୁ କମ୍ ବିଶ୍ୱ କପ୍ ଖେଳାଯିବ। ଜିମ୍ବାୱେ ଓ ନାମ୍ବିଆରେ ୧୯ ବର୍ଷରୁ କମ୍ ବିଶ୍ୱ କପ୍ ଖେଳାଯିବ। ଏହା ପୂର୍ବରୁ ଭାରତୀୟ ଯୁବ ଦଳ ଦ.ଆଫ୍ରିକା ବିପକ୍ଷରେ ଦିନିକିଆ ଶୃଙ୍ଖଳା ଖେଳିବ। ଏଥିରେ ୧୫ ବର୍ଷୀୟ ବୈଭବଙ୍କୁ ଅଧିନାୟକ ଦାୟିତ୍ୱ ପ୍ରଦାନ କରାଯାଇଛି। ଆହତ ସମସ୍ୟା ଯୋଗୁଁ ଆୟୁଷ ମହାତ୍ରେ ବାଦ୍ ପଡିବା ପରେ ବୈଭବଙ୍କ ଉପରେ ବିସିସିଆଇ ଭରସା କରିଛି। ବିଶ୍ୱ କପ୍ ଦଳର ଉପଅଧିନାୟକ ବିହାନ ମଲହୋତ୍ରା ମଧ୍ୟ ଦ.ଆଫ୍ରିକା ଶୃଙ୍ଖଳାରୁ ବାଦ୍ ପଡିଛନ୍ତି।

ଭାରତୀୟ ଦଳ : ବୈଭବ ସୂର୍ଯ୍ୟବଂଶୀ , ଆରୋନ ଜର୍ଜ, ବେଦାନ୍ତ ତ୍ରିବେଦୀ, ହରିବଂଶ ସିଂ, ଆରଏସ୍ ଆମ୍ବ୍ରିସ, କନିଷ୍କ ଚୌହାନ, ଖିଲାନ ଏ ପଟେଲ, ମହମ୍ମଦ ଇନାନ, ହେନିଲ ପଟେଲ, ଡି ଦୀପେସ, କ୍ରୀଷ୍ଣା କୁମାର ସିଂ, ଉଦ୍ଧବ ମୋହନ, ଯୁବରାଜ ଗୋହିଲ, ରାହୁଲ କୁମାର।

## ସଂପୁର ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଯୋଡ଼ାପଡା ,ସଂପୁର କ୍ଲବ ବିଜୟୀ

ବୋଲଗଡ,୨୮/୧୨(ସବ୍ୟୁ) : ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ୍ ଆନୁକୁଲ୍ୟରେ ଟାଙ୍ଗୀ ପଡ଼ିଆଠାରେ ପଞ୍ଚଦର୍ଶତମ ଲକ୍ଷ୍ମୀଧର ସ୍ମାରକୀ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣାମେଣ୍ଟ ରବିବାର ଚତୁର୍ଥ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ନକଆଉଟ୍ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣାମେଣ୍ଟରେ ବିଭିନ୍ନ ଜିଲ୍ଲାର ୧୬ ଟି ଦଳ ଅଂଶଗ୍ରହଣ କରିବାକୁ ଥିବା ବେଳେ ପର୍ଯ୍ୟାୟ କ୍ରମେ ଆଜି ଚାରି ଗୋଟି ଦଳ ମଧ୍ୟ ଖେଳ ଅନୁଷ୍ଠିତ ହୋଇଥିଲା । ଆଜିର ଚତୁର୍ଥ ଦିବସ ପ୍ରଥମ ମ୍ୟାଚରେ ଯୋଡ଼ାପଡା ଓ ହାଟବସ୍ତ କ୍ରିକେଟ କ୍ଲବ୍ ମଧ୍ୟରେ ମୁକାବିଲା ହୋଇଥିଲା। ହାଟବସ୍ତ କ୍ରିକେଟ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇ ୧୨ ଓଭରରେ ୯୬ରନ କରିଥିଲା । ଏହାର ଜବାବରେ ଯୋଡ଼ାପଡା ଦଳ ପ୍ରଥମ ମ୍ୟାଚରେ ୧୨ ଓଭର ସମସ୍ତ ଉଇକେଟ ବିନିମୟରେ ୭୩ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଫଳରେ ହାଟବସ୍ତ କ୍ରିକେଟ ଦଳ ୨୩ରନରେ ବିଜୟ ହୋଇଥିଲା । ସେହି କ୍ରମରେ ୨ୟ ମ୍ୟାଚରେ ସଂପୁର ଓ କଣ୍ଟାବଣିଆ କ୍ରିକେଟ ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ସଂପୁର କ୍ରିକେଟ ଦଳ ଟସ ଜିତି ବୋଲିଂ କରିବାର ନିଷ୍ପତି ନେଇଥିଲା । କଣ୍ଟାବଣିଆ କ୍ରିକେଟ ଦଳ ୧୦ ଓଭରରେ ୭୫ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ସଂପୁର କ୍ରିକେଟ ଦଳ ତାର ମୂଲ୍ୟବାନ ସମସ୍ତେ ଉଇକେଟ ହରାଇ ୨ଟି ବଲ ବାକିଥାଇ ୭୬ ରନ ସଂଗ୍ରହ କରି କରି ମ୍ୟାଚ ଜିତିଥିଲା । ଏହି ମ୍ୟାଚଟିକୁ ଆମ୍ପେୟର ଭାବେ ଭଗବାନ ମଙ୍ଗରାଜ ଓ ନାରାୟଣ ରଣସିଂହ ପରିଚାଳନା କରିଥିଲେ।ଆଜିରମ୍ୟାଚରେ



ମୁଖ୍ୟଅତିଥି ଭାବେ ଭଏସ ଅଫ ମେଡ଼ିଆ ରାଜ୍ୟ ସାମ୍ବାଦିକ ସଭାପତି ପ୍ରଭାତ କୁମାର ମିଶ୍ର,ମୁଖ୍ୟବକ୍ତା ଭାବେ ଡକ୍ଟର ମଧୁମିତା ଷଡ଼ଙ୍ଗୀ,ସମ୍ମାନିତ ଅତିଥିଭାବେ ଆମ ସରକାର ଖବର କାଗଜର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ଅନ୍ତର୍ଜାତୀକ ଯୁବ କ୍ରୀଡ଼ାବିତ ଶିବରାମ ସ୍ୱାଇଁ,ମାସୁକ ଖାନ,ସାମ୍ବାଦିକ ମାନସ ରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ।ଆୟୋଜକ କ୍ଲବର ସଦସ୍ୟ ଗାନ୍ଧୀ, ସାଗର, ଦିଲୀପ, ତ୍ରିନାଥ, ଚିନ୍ଟୁ, ରମେଶ, ରାଜା, ବିକ୍କୁ, ଚିନ୍ଟୁ, ପିଣ୍ଟୁ ପ୍ରମୁଖ ସହଯୋଗ କରିଥିଲେ।ପରିଶେଷରେ ପ୍ରମୁଖ ଆୟୋଜକ ବିଶ୍ୱଜିତ ସରୋଜ କୁମାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ

# ସ୍ପୋର୍ଟ୍ସ ହଷ୍ଟେଲ, ୱାଇବିସି ଚାମ୍ପିଅନ

ଭୁବନେଶ୍ୱର, ୨୮।୧୨(ସବ୍ୟୁ) : ପ୍ରଥମ ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲ ଟୁର୍ଣ୍ଣାମେଣ୍ଟର ମହିଳାରେ ସ୍ପୋର୍ଟ୍ସ ହଷ୍ଟେଲ ଏବଂ ପୁରୁଷରେ ଯୁବ ବାସ୍କେଟବଲ କ୍ଲବ ( ୱାଇବିସି) ଚାମ୍ପିଅନ ହୋଇଛି। ରବିବାର ୟୁନିଟ୍ ୧ ସ୍ଥିତ ବାସ୍କେଟବଲ ଗ୍ରାଉଣ୍ଡରେ ସ୍ପୋର୍ଟ୍ସ ହଷ୍ଟେଲ ଏବଂ ୟଙ୍ଗଟର୍ସ କ୍ଲବ ମଧ୍ୟରେ ଟାଇଟଲ ଲଢେଇ ହୋଇଥିଲା। ମହିଳା ବର୍ଗର ଏହି ମୁକାବିଲାରେ ସ୍ପୋର୍ଟ୍ସ ହଷ୍ଟେଲ ୪୦-୩୧ ପଏଣ୍ଟ ବ୍ୟବଧାନରେ ବିଜୟ ଲାଭ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ବିଜେତା ସ୍ପୋର୍ଟ୍ସ ହଷ୍ଟେଲର ଲିଜାଲିନ ସର୍ବାଧିକ ୧୯ ପଏଣ୍ଟ ସ୍କୋର କରିଥିଲେ। ୟଙ୍ଗଟର୍ସର ନଭ୍ୟା ୧୮ ପଏଣ୍ଟ ସ୍କୋର କରିଥିଲେ। ନଭ୍ୟା ତୁଆଲସିଂଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ମିନତୀ କୁଲଦୀପଙ୍କୁ ବେଷ୍ଟ ପ୍ରୋମିଜିଙ୍ଗ ପ୍ଲେୟାର ପୁରସ୍କାର ପ୍ରଦାନ କରାଯାଇଥିଲା।

ପୁରୁଷ ବର୍ଗର ଫାଇନାଲ ଯୁବ ବାସ୍କେଟବଲ କ୍ଲବ (ୱାଇବିସି) ଏବଂ କଟକ ବାସ୍କେଟବଲ ଆସୋସିଏସନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ୱାଇବିସି ୬୯-୬୫ ପଏଣ୍ଟ ବ୍ୟବଧାନରେ ବିଜୟ ଲାଭ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ବିଜୟ ଦଳର ସୁମୁନା ପାତ୍ର ୧୫ ପଏଣ୍ଟ ଏବଂ ସିବିଏ ଦଳର ରାମକୃଷ୍ଣ ବେହେରା ୨୪ ପଏଣ୍ଟ ସ୍କୋର କରିଥିଲେ। ଚାମ୍ପିଅନ ଦଳର ଭାଗିରଥୀ ଗୌତମଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଏବଂ ଶୁଭମ୍ ବେହେରାଙ୍କୁ ବେଷ୍ଟ ପ୍ରୋମିଜିଙ୍ଗ ପ୍ଲେୟାର ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଏକାମ୍ର ବିଧାୟକ ବାବୁ ସିଂ, ଭୁବନେଶ୍ୱର ବାସ୍କେଟବଲ ଆସୋସିଏସନ୍ ସଭାପତି ମକବୁଲ ଅଲ୍ଲୀ, ଓଡିଶା ବାସ୍କେଟବଲ ଆସୋସିଏସନ୍ ସଭାପତି ଜ୍ଞାନରଞ୍ଜନ ପରିଡା, ପୂର୍ବତନ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଖୋର୍ଦ୍ଧା ଜିଲ୍ଲା ବାସ୍କେଟବଲ ଆସୋସିଏସନ୍ ସମ୍ପାଦକ ପ୍ରଶାନ୍ତ ନାୟକ, ରୋହିତ କୁମାର ଏବଂ କ୍ରୀଡା ସଂଗଠକ ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।







# ସବ୍‌ଜୁନିୟର ନ୍ୟାସନାଲ ସଫ୍ଟଟେନିସ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୨୮।୧୨(ସବ୍ୟୁ) : ସ୍ଥାନୀୟ କେଟି ଗ୍ଲୋବାଲ ସ୍କୁଲ (ବରୁଣେଇ ଖୋର୍ଦ୍ଧା) ଠାରେ ୧୯ତମ ସବ୍‌ଜୁନିୟର ନ୍ୟାସନାଲ୍ସ ସଫ୍ଟଟେନିସ ଚାମ୍ପିଅନସିପ୍ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମ୍ମାନିତ ଅତିଥି ଭାବେ ସମାଜ ସେବୀ ବସନ୍ତ କୁମାର ବଡୁ, କେଟି ଗ୍ଲୋବାଲ ସ୍କୁଲର ପ୍ରତିଷ୍ଠାତା ସୋମଦତ୍ତ ଦେହୁରୀ, ସିଓଓ ସିଦ୍ଧାର୍ଥ ଶଙ୍କର ରାଉତ, ଆମେଚର ସଫ୍ଟଟେନିସ ଫେଡେରେସନ ଅଫ୍ ଇଣ୍ଡିଆ ସିଓଓ ହସମୁଖ ବେଗଡା ପରାମର୍ଶ ଦାତା ହର୍ଶଙ୍ଗ ଖୋଦାଧାର, ବିନୟ କୁମାର ସିଂ, ରାଜ୍ୟ ସଂଘ ସାଧାରଣ ସମ୍ପାଦକ ମହମ୍ମଦ ଆଜମ୍, ଉପସଭାପତି ରମେଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ପ୍ରତିଯୋଗିତାରେ ୨୨ ଟି ରାଜ୍ୟରୁ ୫୦୦ ରୁ ଉର୍ଦ୍ଧ୍ୱ ଖେଳାଳି ଅଫିସିଆଲ ଅଂଶଗ୍ରହଣ କରିଥିଲେ।

## ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ

# ୪ - ୦ ଗୋଲରେ ଓଡିଶା ପୋଲିସ, କଟକ ବିଜୟୀ

ଶରଣକୁଳ, ୨୮/୧୨(ସବ୍ୟୁ) : ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ଶରଣକୂଳ ସ୍ପୋଟସ ଆସୋସିଏସନ ଦ୍ୱାରା ଆୟୋଜିତ ସର୍ବଭାରତୀୟ ମହିଳା ଫୁଟବଲ ଟୁର୍ନାମେଣ୍ଟ ୪ର୍ଥ ଦିନର ୨ୟ ସେମିଫାଇନାଲ ଖେଳ ଓଡିଶା ପୋଲିସ, କଟକ ୪- ୦ ଗୋଲରେ ଏମଏଫସି, କୋଲକାତା, ୱେଷ୍ଟ ବେଙ୍ଗଲକୁ ହରାଇ ଫାଇନାଲରେ ପ୍ରବେଶ କରିଛି । ରବିବାର ବହୁ ସଂଖ୍ୟାରେ ମହିଳା ପୁରୁଷ ଦର୍ଶକଙ୍କ ଗହଣରେ ଅନୁଷ୍ଠିତ ପ୍ରଥମାର୍ଦ୍ଧ ଖେଳର ୨୪ତମ ମିନିଟରେ ଓଡିଶା ପୋଲିସ ଦଳର ମାଳତୀ ମୁଣ୍ଡାଙ୍କ ସୁନ୍ଦର ପାସକୁ ୯ନଂ ଜର୍ସି ଖେଳାଳି ମନୀଷା ନାୟକ ଗୋଲରେ ପରିଣତ କରି ଦଳକୁ ୧- ୦ ଗୋଲରେ ଆଗୁଆ ରଖିଥିଲେ । ପରେ ୩୨ ତମ ମିନିଟରେ ପୁଣି ଓଡିଶା ପୋଲିସ ଦଳର ୨୦ନଂ ଖେଳାଳି ଶ୍ରୀଜନ ତମନଙ୍କ ଗୋଲରେ ଦଳ ୨- ୦ ଗୋଲରେ ଆଗୁଆ ରହିଥିଲା । ଦ୍ୱିତୀୟାର୍ଦ୍ଧ ଖେଳରେ ଉଭୟ ଦଳ ଆକ୍ରମଣାତ୍ମକ ପ୍ରତିଆକ୍ରମାଣତ୍ମକ ଖେଳିଥିଲେ କିନ୍ତୁ ଖେଳର ୯ମ ମିନିଟରେ ଓଡିଶା ପୋଲିସ ଦଳର ୧୨ନଂ ଜର୍ସି ଖେଳାଳି ମାଳତୀ ମୁଣ୍ଡା ଏବଂ ୧୬ତମ ମିନିଟରେ ୯ନଂ ଖେଳାଳି ମନୀଷା ନାୟକଙ୍କ ପୁନଶ୍ଚ ଏକ ଗୋଲରେ ଦଳ ୪-୦ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥିଭାବେ ଓଡଗାଁ ବ୍ଲକ ଉନ୍ନୟନ ଅଧିକାରୀ ପ୍ରୀତିବାଳା ରଣା, ବିଶିଷ୍ଟ ବ୍ୟବସାୟୀ ସୁବାଷ ଚନ୍ଦ୍ର ପଣ୍ଡା, ସନ୍ତୋଷ କୁମାର ପାତ୍ର ଓ ତାପସ ରଞ୍ଜନ ପାଢୀଙ୍କ ସମେତ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଜ୍ୟୋର୍ତିମୟ ମହାନ୍ତି, ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର, ସହ ସମ୍ପାଦକ ଲିଙ୍ଗରାଜ ପାତ୍ର, କୋଷାଧକ୍ଷ ପ୍ରମୋଦ କୁମାର ପ୍ରଧାନ ଯୋଗଦେଇ ପଡିଆ ମଧରେ ଖେଳାଳିମାନଙ୍କ ସହ ପରିଚୟ ଆଦାନ ପ୍ରଦାନ ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

# ଲକ୍ଷ୍ମଣ କୋଚ୍ ହେବା ଖବର ମିଛ

ନୂଆଦିଲ୍ଲୀ, ୨୮।୧୨(ଏଜେନ୍ସି) : ଟିମ ଇଣ୍ଡିଆର ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ କାର୍ଯ୍ୟକାଳ ନେଇ ନାନା ଖବର ଶୁଣିବାକୁ ମିଳୁଛି। ନିକଟରେ ଗମ୍ଭୀରଙ୍କ ସ୍ଥାନରେ ଭିଭିଏସ୍ ଲକ୍ଷ୍ମଣ ଟେଷ୍ଟରେ କ୍ରିକେଟରେ କୋଚ ଦାୟିତ୍ୱ ତୁଲାଇବେ ବୋଲି ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ ଖଣ୍ଡନ କରିବା ସହ ଗମ୍ଭୀରଙ୍କୁ ସମର୍ଥନ କରିଛି। ଦ. ଆଫ୍ରିକା ବିପକ୍ଷ ଘରୋଇ ଟେଷ୍ଟରେ ଭାରତ ଶୋଚନୀୟ ଭାବରେ ପରାଜିତ ହେବା ପରେ ଲକ୍ଷ୍ମଣଙ୍କ ସହ ବିସିସିଆଇ କୋଚ୍ ପଦ ପାଇଁ ଯୋଗାଯୋଗ କରିଥିଲା ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଲକ୍ଷ୍ମଣ କୋଚ୍ ଦାୟିତ୍ୱ ଗ୍ରହଣ କରିବା ପରିବର୍ତ୍ତେ ସେଣ୍ଟର ଅଫ ଏକ୍ସିଲେନ୍ସର ଦାୟିତ୍ୱ ନେଇ ସନ୍ତୁଷ୍ଟ ଅଛନ୍ତି ବୋଲି କହିଥିଲେ। ଏହି ଖବର ଖୁବ୍ ଶୀଘ୍ର ଭାଇରାଲ ହୋଇଥିଲା । ଏ ସବୁ ଗୁଜବ ଉପରେ ବିସିସିଆଇ ପୂର୍ଣ୍ଣଚ୍ଛେଦ ପକାଇଛି। ଗମ୍ଭୀର ୩ ବର୍ଷ ପାଇଁ କୋଚ୍ ରହିବେ ବୋଲି ଚୁକ୍ତି କରିଛନ୍ତି। ତାଙ୍କ କାର୍ଯ୍ୟକାଳ ୨୦୨୭ ପର୍ଯ୍ୟନ୍ତ ରହିଛି। ପୂର୍ବରୁ ସିନିୟର ଖେଳାଳିଙ୍କ ସହ ଗମ୍ଭୀରଙ୍କ ମତଭେଦ ପାଇଁ ବାରମ୍ବାର ପ୍ରକାଶ ପାଇଥିଲା।

# ସର୍ବଭାରତୀୟ ମହାବୀର କପ କ୍ରିକେଟ : ୟୁନାଇଟେଡ଼ ଏକାଦଶ ଚାମ୍ପିଅନ

ସୋର, ୨୮।୧୨(ସବ୍ୟୁ) : ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ପଡିଆରେ ମହାବୀର କ୍ଲବ ଆନୁକୂଲ୍ୟରେ ୨୭ ତମ ସର୍ବଭାରତୀୟ ମହାବୀର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଉକିଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକକୁ ହରାଇୟୁନାଇଟେଡ଼ ଇଲେଭେନ ଗଞ୍ଜାମ ଚମ୍ପିୟାନ ହୋଇଛି । ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଉକିଳିକା ସ୍ପୋର୍ଟିଂ କ୍ଲବ ଭଦ୍ରକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ ରନ ସଂଗ୍ରହ କରିଥିଲା ।ଦଳ ତରଫରୁ ଦିନେଶ କୁମାର ବାରିକ ୪୭ ବଲରୁ ୪୩ ରନ ସଂଗ୍ରହ କରିଥିବା ବେଳେୟୁନାଇଟେଡ଼ ଇଲେଭେନ ଗଞ୍ଜାମ ବୋଲର ଆକାଶ ତ୍ରିପାଠୀ ୫ ଓଭର ବୋଲିଂ କରି ୧୯ ରନ ଦେଇ ୪ ଟି ଉଇକେଟ ଦଖଲ କରିଥିଲେ । ଜବାବରେୟୁନାଇଟେଡ଼ ଇଲେଭେନ ଗଞ୍ଜାମ ୧୫.୪ ଓଭରରେ ୫ ଉଇକେଟ ହରାଇ ୧୨୪ ରନ କରି ଚମ୍ପିୟାନ ହୋଇଥିଲା ।ୟୁନାଇଟେଡ଼ ୧୧ ଗଞ୍ଜାମ ଆକାଶ ତ୍ରିପାଠୀ ୫ ଓଭର ବୋଲିଂ କରି ୧୯ ରନ ଦେଇ ୪ ଉଇକେଟ ଅକ୍ତିଆର କରିଥିବା ବେଳେ ୨୧ ବଲରୁ ୨୦ ରନ୍ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବ କ୍ଲବର ପ୍ରାକ୍ତନ ସଭାପତି ଅଖିଳରାମ ଜେନାଙ୍କ



ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ସୋର ବିଧାୟକ ମାଧବ ଧଡ଼ା, ସମ୍ମାନିତ ଅତିଥିଭାବେ ଚନ୍ଦନ ଅଗ୍ରଓ୍ୱାଲ, ଶଙ୍କର୍ଷଣ ବାରିକ, ମୁକ୍ତିକାନ୍ତ ନାୟକ, ରଞ୍ଜିତ ମହାନ୍ତି, ମାଧବ ପାଣି, ମାଧବ ନାୟକ ପ୍ରମୁଖ ଯୋଗଦେଇ ବେଷ୍ଟ ବ୍ୟାଟ୍ସମ୍ୟାନ ଦିବ୍ୟଜ୍ୟୋତି ପଣ୍ଡା,ବେଷ୍ଟ ବୋଲର ପ୍ରିୟବ୍ରତ ଦାସ,ବେଷ୍ଟ ଅଲରାଉଣ୍ଡର ସୁମନ ଓଝା,ବେଷ୍ଟ ଫିଲଡର ବସନ୍ତ ମହାଳିକ,ମ୍ୟାନ ଅଫ ଦି ସିରିଜ ଆକ୍ରମ ଖାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।ଏଥି ସହିତ ଚମ୍ପିୟାନ ଏବଂ ରନର୍ସଅପ ଟିମକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା । ସମ୍ପାଦକ ବୀରେନ୍ଦ୍ର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ମ୍ୟାଚକୁ ଓସିଏ ଲେବୁଲ ଅମ୍ପାୟାର ରଂଜନ ମହାନ୍ତି ଏବଂ ପ୍ରାଣନାଥ ଜେନା ପରିଚାଳନା କରିଥିଲେ ।ଭାଷ୍ୟକାର ଭାବେ ଯଦୁନାଥ ଜେନା ଏବଂ ବାସୁଦେବ ଜେନା କାର୍ଯ୍ୟ ତୁଲାଇ ଥିବା ବେଳେ ସ୍କୋରର ଥିଲେ ଅନିରୁଦ୍ଧ ପଣ୍ଡା ଏବଂ ଅକ୍ଷୟ କୁମାର ଜେନା । ଅନ ଲାଇନ ସ୍କୋରର ଥିଲେ ବିଶ୍ୱନାଥ ଜେନା । ଏହି ମ୍ୟାଚକୁ ମାନସ କୁମାର ଜେନା,ଶ୍ରୀକାନ୍ତ ମଲ୍ଲିକ,ମାନସ କୁମାର ବେହେରା,ସତ୍ୟବ୍ରତ ଶଙ୍ଖୁଆ, ସନାତନ ବାରିକ, ଉତ୍ତମ କୁମାର ବେହେରା, ରବୀନ୍ଦ୍ର ଦାସ,ପ୍ରଶାନ୍ତ ଜେନା,ପୂର୍ଣ୍ଣଚନ୍ଦ୍ର ଜେନା, ମହେନ୍ଦ୍ର କୁମାର ଦେ,ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# କନ୍ତାଇଲୋ ପ୍ରିମିୟର ଲିଗ : ଫାଇନାଲରେ ଗୌଡ଼ିଆପଡ଼ା

ବୋଲଗଡ଼, ୨୮।୧୨(ସବ୍ୟୁ) :ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ କନ୍ତାଇଲୋ ଖେଳ ପଡିଆରେ ଚାଲିଥିବା ଅନଙ୍ଗ ନରେନ୍ଦ୍ର ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ଗୌଡ଼ିଆପଡ଼ା କ୍ରିକେଟ ଟିମ ୩ ୱିକେଟରେ ଲୋଧାଚୁଆ କ୍ରିକେଟ ଟିମକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଲୋଧାଚୁଆ ଟିମ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇ ୧୬ ଓଭରରେ ୧୪୫ ରନ ସଂଗ୍ରହ କରିଥିଲେ। ଜବାବରେ ଗୋଡ଼ିଆପଡ଼ା ଟିମ ୧୫.୫ ଓଭରରେ ୭ ୱିକେଟ ହରାଇ ଲକ୍ଷ ହାସଲ କରି ଫାଇନାଲରେ ପ୍ରବେଶ କରିଛନ୍ତି । ଅମ୍ପାୟାର ଭାବେ ଶିଶିର କୁମାର ସୁନ୍ଦରା ଏବଂ ପପୁ ନାୟକ ଖେଳ ପରିଚାଳନା କରିଥିଲେ। ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ଲୋତକ ପଟନାୟକ ଏବଂ ବିଜେପିର ପୂର୍ବତନ ପାଞ୍ଚଗଡ଼ ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆୟୋଜକ ଏବଂ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ସୋମବାର ଫାଇନାଲ ମ୍ୟାଚ ନରେନ୍ଦ୍ରପୁର କ୍ରିକେଟ ଟିମ ଏବଂ ଗୌଡ଼ିଆପଡ଼ା କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସାଗର ନାୟକ ସୁଚନା ଦେଇଛନ୍ତି ।



# ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍

# ସ୍ୱସ୍ତିକ ବିଜେତା

ଭୁବନେଶ୍ୱର, ୨୮।୧୨ (ସବ୍ୟୁ) : ଓଡିଶା ରାଜ୍ୟ ଚେସ୍ ଆସୋସିଏସନ୍ ପକ୍ଷରୁ ଓମ୍ ଗୁରୁକୁଳ ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ୧୩ ବର୍ଷରୁ କମ୍ ରାଜ୍ୟ ଓପନ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ୧ ର ସ୍ୱସ୍ତିକ ତ୍ରିପାଠୀ ୪.୫ ପଏଣ୍ଟ ସହ ଚାମ୍ପିଅନ ହୋଇଛନ୍ତି। ଓମ୍ ଶତପଥି ଦ୍ୱିତୀୟ, ନିରେକ ପରିଡା ତୃତୀୟ, ଆୟୁଷ ପରିଡା ଚତୁର୍ଥ, ସଗଂଶ ମିଶ୍ର ପଞ୍ଚମ, ଆଦିତ୍ୟ ଶଙ୍କର ବେହେରା ଷଷ୍ଠ, ବିନୟ ଆଶୁତୋଷ ମହାରଣା ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ୬,୯,୧୦,୧୨ ଓ ବାଳିକା ବର୍ଗରେ ୧୦ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ୫ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଓମ୍ ଗୁରୁକୁଳ ପବ୍ଲିକ ସ୍କୁଲର ପ୍ରିନସିପାଲ ମନୋରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡିଶା ରାଜ୍ୟ ଚେସ୍ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର କନୋଜ କୁମାର ବେହୁରା ଉପସ୍ଥିତ ଥିଲେ।



## ସର୍ବଭାରତୀୟ ଓପନ୍ କରାଟେ

# ଦ୍ୱିତୀୟ ଦିନ ୩ ଟି ବର୍ଗରେ ଭାଗ ନେଲେ ୩୦୦ ପ୍ରତିଯୋଗୀ

ଭୁବନେଶ୍ୱର, ୨୮।୧୨(ସବ୍ୟୁ) : ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ୧୫ତମ ଅଲଇଣ୍ଡିଆ ଓପନ କରାଟେ ପ୍ରତିଯୋଗିତା ଜାରି ରହିଛି। ପ୍ରତିଯୋଗୀତାର ଦ୍ୱିତୀୟ ଦିନ ଜୁନିୟର କ୍ୟାଡେଟ୍ ଓ ୧୩ ବର୍ଷରୁ କମ୍ ବର୍ଗରେ ମୋଟ ୩ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି ।ପ୍ରତିଯୋଗୀତାଙ୍କୁ ବିଜନ କୁମାର ଦଳବେହେରା, ଗୋପାଳ ଦାସ, ଏନ ବି ପଟ୍ଟନାୟକ, ସୁଭାଶିଷ ମହାପାତ୍ର, ଉମାକାନ୍ତ ବେହେରା, ଆଦିତ୍ୟ ମିଶ୍ର, ଦେବେନ୍ଦ୍ର ରାଣା, ମଣ୍ଟୁ ଯୋଗୀ , ସର୍ବେଶ ଅଗ୍ରୱାଲ, ସୁରେଶ ଚନ୍ଦ୍ର ଜାଲ, ଗୋପାଳଚନ୍ଦ୍ର ଦୀପ, ସୁବାଷ ଚନ୍ଦ୍ର ଦଳାଇ, ପ୍ରସନ୍ନ ପଟ୍ଟନାୟକ, ସୁମନ୍ତ ପଣ୍ଡା, ସିଦ୍ଧାର୍ଥ ଭୂୟାଁ, ଆଶୁତୋଷ ପଟ୍ଟନାୟକ, ଗୋପାଳ ଚନ୍ଦ୍ର କଅଁର, ପ୍ରଦୀପ କୁମାର ଦେ, ରୋନକ ପଟ୍ଟନାୟକ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଓଡିଶା ରାଜ୍ୟ କରାଟେ ସଂଘର ଉପଦେଷ୍ଟା ସନତ କୁମାର ନାୟକ ଏବଂ ସମାଜସେବୀ ଦୀପକ କୁମାର ନାୟକ ପୁରସ୍କାର ପ୍ରଦାନ କରିଥିଲେ।



ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି